# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଜାନୁୟାରୀ ୩/୨୦୧୯ (୨୦ ପୃଷ୍ଠା) Bhubaneswar, Thursday, January 3/ 2019 | ★★★★

୪୫ଶ ଭାଗ ୪୧ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୫/-



ODISHA ONE

# ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା
## BIJU SWASTHYA KALYAN YOJANA

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା

ସୁସ୍ଥ ଓଡ଼ିଶା, ସୁଖୀ ଓଡ଼ିଶା

ଓଡ଼ିଶା ସରକାର



DSPL-327

## RSBY କାର୍ଡଧାରୀଙ୍କ ପାଇଁ ବିଶେଷ ସୂଚନା

୧. ୧ ଜାନୁଆରୀ ୨୦୧୯ ଠାରୁ ସମସ୍ତ ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ବୀମା ଯୋଜନା **(RSBY)** କାର୍ଡଧାରୀ ବିଜୁ କୃଷକ କଲ୍ୟାଣ ଯୋଜନା **(BKKY) S-II** କାର୍ଡ ଦ୍ୱାରା ସବୁ ପ୍ରକାରର ଦେୟ ମୁକ୍ତ ସ୍ୱାସ୍ଥ୍ୟ ସେବା ସୁବିଧା ପାଇ ପାରିବେ ।

୨. ଯେଉଁ **(RSBY)** କାର୍ଡଧାରୀ ପରିବାର **(BKKY) S-II** କାର୍ଡ ପାଇ ନାହାନ୍ତି, ଉକ୍ତ ପରିବାର **(BKKY) S-II** କାର୍ଡ ସକାଶେ ପ୍ରଥମେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଅବସ୍ଥାପିତ ବିଜୁ କୃଷକ କଲ୍ୟାଣ ଯୋଜନା ସହାୟତା କେନ୍ଦ୍ର ସହ ଯୋଗାଯୋଗ କରନ୍ତୁ ।

**ଅଥବା**

କ) ଜିଲ୍ଲା କୃଷି କାର୍ଯ୍ୟାଳୟର ଉପ ନିର୍ଦ୍ଦେଶକ

ଖ) ଜିଲ୍ଲା ମୁଖ୍ୟ ଚିକିତ୍ସାଳୟଙ୍କ କାର୍ଯ୍ୟାଳୟରେ **District Coordinator**

ଗ) ନିଶୁଳ୍କ **Helpline ୧୫୫୩୬୯** ରେ ଯୋଗାଯୋଗ କରନ୍ତୁ ।




10001/13/0051/1819

ସୁସ୍ଥ ଓଡ଼ିଶା, ସୁଖୀ ଓଡ଼ିଶା



"କଂଗ୍ରେସ ପାଇଁ ଭାରତୀୟ ମୁସ୍‌ଲିମ୍ ମହିଳାଙ୍କ ଅପେକ୍ଷା ଇଟାଲୀ ମହିଳାଙ୍କ ସ୍ୱାର୍ଥ ବେଶି ଗୁରୁତ୍ୱପୂର୍ଣ୍ଣ।
-ସୁବ୍ରମଣ୍ୟମ୍ ସ୍ୱାମୀ, ଭାଜପା ଏମ୍‌ପି



## ସଂକ୍ଷେପରେ

### ଅଭିନେତ୍ରୀ ମୌସୁମୀ ଚାଟାର୍ଜୀ ଭାଜପାରେ ଯୋଗଦେଲେ



**ନୂଆଦିଲ୍ଲୀ,୨।୧:** ବର୍ଷୀୟାନ ଅଭିନେତ୍ରୀ ମୌସୁମୀ ଚାଟାର୍ଜୀ ବୁଧବାର ଭାଜପାରେ ସାମିଲ ହୋଇଛନ୍ତି। ସେ ଆଗାମୀ ଲୋକ ସଭା ନିର୍ବାଚନ ଲଢ଼ିପାରନ୍ତି ବୋଲି ଏକ ସୂତ୍ରରୁ ଜଣାପଡିଛି। ୨୦୦୪ରେ ସେ ପଶ୍ଚିମବଙ୍ଗରୁ କଂଗ୍ରେସ ଟିକେଟରେ ନିର୍ବାଚନ ଲଢ଼ି ହାରିଯାଇଥିଲେ। ଏହା ପରେ ସେ ସକ୍ରିୟ ରାଜନୀତିରୁ ଦୂରେଇ ଯାଇଥିଲେ। ମଙ୍ଗଳବାର ମୌସୁମୀ ଦିଲ୍ଲୀରେ ଭାଜପାର ଶୀର୍ଷ ନେତାଙ୍କୁ ଭେଟିଥିଲେ। ବୁଧବାର ପଶ୍ଚିମବଙ୍ଗ ଦାୟିତ୍ୱରେ ଥିବା ବରିଷ୍ଠ ଭାଜପା ନେତା କୈଳାସ ବିଜୟବର୍ଗୀୟଙ୍କ ଉପସ୍ଥିତିରେ ସେ ଦଳରେ ଯୋଗ ଦେଇଛନ୍ତି। ମୌସୁମୀ ଅନେକ ଚଳଚ୍ଚିତ୍ରରେ ଅଭିନୟ କରିଛନ୍ତି।

### ମାଲିରେ ସଂଘର୍ଷ: ୩୭ ନିହତ

**ବାମାକୋ,୨।୧(ଏଏଫ୍‌ପି):** କେନ୍ଦ୍ରୀୟ ମାଲିରେ ସଶସ୍ତ୍ର ଡୋଜୋନ ଶିକାରୀ ଏବଂ କୃଷକଙ୍କ ମଧ୍ୟରେ ସଂଘର୍ଷରୁ ୩୭ ଜଣଙ୍କ ମୃତ୍ୟୁ ଘଟିଛି। ମୋପ୍‌ଟି ଅଞ୍ଚଳର ବାଙ୍କାସ ନିକଟବର୍ତ୍ତୀ କୌଲଗନ ଗ୍ରାମରେ ମଙ୍ଗଳବାର ଏହି ସଂଘର୍ଷ ହୋଇଥିଲା। ଏହି ଆକ୍ରମଣରେ ଅନେକ ଆହତ ହୋଇଥିବାବେଳେ ବହୁ ଘର ଜଳିଯାଇଛି। ଡୋଜୋନ ଧର୍ମୀୟ ସମ୍ପ୍ରଦାୟର ଏହି ପାରମ୍ପରିକ ଶିକାରୀମାନେ ଗାଁ ମୁଖିଆ ଏବଂ ତାଙ୍କ ପରିବାରର ଅନ୍ୟ କେତେଜଣଙ୍କୁ ହତ୍ୟା କରିଛନ୍ତି। ଫୁଲାନି ସମ୍ପ୍ରଦାୟର ଗୋରୁ ଡୋଜୋନ ସମ୍ପ୍ରଦାୟଙ୍କ ଜମିରେ ଚରିବାକୁ କେନ୍ଦ୍ରକରି ଏହି ହିଂସାକାଣ୍ଡ ଘଟିଥିବା କୁହାଯାଉଛି। ଗତବର୍ଷ ଉକ୍ତ ଅଞ୍ଚଳରେ ବିଭିନ୍ନ ସମୟରେ ସଂଘର୍ଷ ଘଟି ୫୦୦ରୁ ଅଧିକ ସାଧାରଣ ଲୋକ ପ୍ରାଣ ହରାଇଥିବା ଜାତିସଂଘ ରିପୋର୍ଟରୁ ଜଣାପଡିଛି।

### ସିରିଆ ସଂଘର୍ଷରେ ୧୯ ମୃତ

**ବିରୁଟ୍,୨।୧(ଏଏଫ୍‌ପି):** ଉତ୍ତର ସିରିଆରେ ଜିହାଦୀ ଏବଂ ବିଦ୍ରୋହୀଙ୍କ ମଧରେ ସଂଘର୍ଷ ଘଟି ୧୯ ଜଣଙ୍କ ମୃତ୍ୟୁ ହୋଇଛି। ଅଲ୍‌କାଏଦା ସହ ସଂପୃକ୍ତ ହାୟତ ତହରିର ଅଲ-ଶାମ (ଏଚଟିଏସ୍) ସହ ବିଦ୍ରୋହୀ ଗୋଷ୍ଠୀର ସଂଘର୍ଷ ହୋଇଥିଲା। ଏହି ସଂଘର୍ଷରେ ୧୨ ଏଚଟିଏସ୍ ଯୋଦ୍ଧା ନିହତ ହୋଇଥିବାବେଳେ ଜିଙ୍କି ଗ୍ରୁପ୍‌ର ୫ ଜଣ ଏବଂ ଅନ୍ୟ ୨ ଜଣ ସାଧାରଣ ଜନତା ନିହତ ହୋଇଛନ୍ତି। ଏହି ସଂଘର୍ଷରେ ଅନ୍ୟ ୩୫ ଜଣ ଆହତ ହୋଇଛନ୍ତି।

### ଭାରତୀୟ ଡ୍ରୋନକୁ ଖସାଇଥିବା ପାକ୍ ଦାବି କଲା

**ଇସ୍‌ଲାମାବାଦ,୨।୧:** ନିୟନ୍ତ୍ରଣ ରେଖା ଅତିକ୍ରମ କରି ବାଗ୍ ସେକ୍ଟରରେ ଉଡୁଥିବା ଭାରତର ଏକ ଗୁପ୍ତଚର ଡ୍ରୋନକୁ ପାକିସ୍ତାନ ସୈନ୍ୟବାହିନୀ ଖସାଇଦେଇଥିବା ଦାବି କରିଛି। ପାକିସ୍ତାନର ଏହି ଦାବିକୁ ଭାରତୀୟ ସେନା ଅଗ୍ରାହ୍ୟ କରିଦେଇଛି। ପାକ୍ ସୈନ୍ୟବାହିନୀ ଜନସମ୍ପର୍କ ବିଭାଗର ମହାନିର୍ଦ୍ଦେଶକ ମେଜର ଜେନେରାଲ ଅସିଫ ଗଫୁର ଟ୍ୱିଟ୍ କରି ଏହା ଜଣାଇବା ସହ ଡ୍ରୋନ୍‌ର ଏକ ଫଟୋ ଛାଡିଛନ୍ତି। ପାକିସ୍ତାନର ଅଭିଯୋଗକୁ ଭାରତ ପକ୍ଷରୁ ଖଣ୍ଡନ କରାଯାଇଛି। ଏଭଳି କିଛି ଏଲ୍‌ଓସିରେ ଘଟି ନଥିବା ସେନାବାହିନୀ ପକ୍ଷରୁ କୁହାଯାଇଛି।

## ଇତିହାସର ଆଇନାରେ

### ଜାନୁୟାରୀ ୩ର ପ୍ରମୁଖ ଘଟଣା




୧୯୧୧ ଜାନୁୟାରୀ ୩ ତାରିଖରେ ରୁଷିୟାର ତୁର୍କିସ୍ତାନରେ ୭.୭ ତୀବ୍ରତାର ଭୂକମ୍ପ ହୋଇଥିଲା। ଏଥିରେ ଅଲମାଟିରେ ୪୫୨ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୭୭୦ରୁ ଊର୍ଦ୍ଧ୍ୱ କୋଠା ଧ୍ୱସ୍ତ ହୋଇଥିଲା।

୧୭୭୭ ଜାନୁୟାରୀ ୩ରେ ନ୍ୟୁଜର୍ସିର ପ୍ରିନ୍ସଟନଠାରେ ଆମେରିକା ବୈପ୍ଳବିକ ଯୁଦ୍ଧ ହୋଇଥିଲା। ଏହାକୁ 'ବ୍ୟାଟଲ୍ ଅଫ ପ୍ରିନ୍ସଟନ' କୁହାଯାଏ। ଜେନେରାଲ ଲର୍ଡ କର୍ନୱାଲିସ ୧୪୦୦ ବ୍ରିଟିଶ ସୈନ୍ୟଙ୍କୁ ଲ୍ୟୁଟ୍‌ନାଣ୍ଟ କଲୋନେଲ ଚାର୍ଲସ ମାଓହୁଡଙ୍କ ନେତୃତ୍ୱରେ ମୁତୟନ କରିଥିଲେ। ୧୯୭୬ ଡିସେମ୍ବର ୨୬ରେ ଟ୍ରେଣ୍ଟନ ଆକ୍ରମଣ ପରେ କଣ୍ଟିନେଣ୍ଟାଲ ଆର୍ମିର ଜେନେରାଲ ଜର୍ଜ ୱାଶିଂଟନ ନ୍ୟୁଜର୍ସିରେ ବ୍ରିଟିଶଙ୍କ ଉପରେ ଆକ୍ରମଣ ଲାଗି ନିଷ୍ପତ୍ତି ନେଇଥିଲେ।

# ରାଫାଲ ବୋମାରୁ ହାଇଡ୍ରାମା

ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ଫ୍ରାନ୍ସରୁ ୩୬ ରାଫାଲ ଯୁଦ୍ଧବିମାନ କିଣିବା ପାଇଁ କରିଥିବା ଚୁକ୍ତି ପୁରୁଣା ପାଠ। ହେଲେ ଆଗକୁ ସାଧାରଣ ନିର୍ବାଚନ ଥିବାରୁ ବର୍ଷ ଆରମ୍ଭରୁ ଏହି ପ୍ରସଙ୍ଗକୁ ନେଇ ବିତର୍କ ସୃଷ୍ଟି ହୋଇଛି। କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ବୁଧବାର କେନ୍ଦ୍ର ସରକାର ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିରୋଧରେ ସାଂଘାତିକ ଅଭିଯୋଗ ଆଣି ପୁଣିଥରେ ରାଫାଲ ବୋମା ନିକ୍ଷେପ କରିଛନ୍ତି। ଏହାକୁ ନେଇ ଉଭୟ ପାର୍ଲାମେଣ୍ଟ ବାହାରେ ଓ ଭିତରେ ହାଇଡ୍ରାମା ଦେଖିବାକୁ ମିଳିଛି। ଅଭିଯୋଗକୁ ସରକାର ଯେତେ ଖଣ୍ଡନ କଲେ ବି ଆଦୌ ମାନୁନାହାନ୍ତି ବିରୋଧୀ। ସେମାନଙ୍କ କେବଳ ଗୋଟିଏ ଜିଦ୍ 'ରାଫାଲ ଚୁକ୍ତିର ଜେପିସି ତଦନ୍ତ କରାଅ'।





"ବାୟୁସେନା ପାଇଁ ଜରୁରିକାଳୀନ ଭିତ୍ତିରେ ଯୁଦ୍ଧବିମାନ କିଣାଯିବାରେ ଆପତ୍ତି ନାହିଁ। କିନ୍ତୁ ରାଫାଲ ଚୁକ୍ତିରେ ସ୍ୱଚ୍ଛତା, ସାଧୁତା ଓ ପ୍ରକ୍ରିୟାକୁ ନେଇ ପ୍ରଶ୍ନ ରହିଛି। ତେଣୁ ଏହା ଡିଲ୍ ପଛରେ କ'ଣ ଅଛି ତାହା ଦେଶର ଜନସାଧାରଣ ଜାଣିବାକୁ ଚାହାନ୍ତି।
-କଳିକେଶ ନାରାୟଣ ସିଂଦେଓ, ବିଜେଡି ଏମ୍‌ପି

## 'ମୋଦିଙ୍କୁ ବ୍ଲାକ୍‌ମେଲିଂ କରୁଛନ୍ତି ପାରିକର'

**ନୂଆଦିଲ୍ଲୀ,୨।୧(ପି.ଟି.)**

ପୂର୍ବତନ ପ୍ରତିରକ୍ଷା ମନ୍ତ୍ରୀ ମନୋହର ପାରିକର ରାଫାଲ ଡିଲ୍‌କୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ବ୍ଲାକ୍‌ମେଲିଂ କରୁଛନ୍ତି। କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ବୁଧବାର ଏଭଳି ସାଂଘାତିକ ଅଭିଯୋଗ ଆଣିଛନ୍ତି। ରାହୁଲ କହିଛନ୍ତି, ଗୋଆ ମୁଖ୍ୟମନ୍ତ୍ରୀ ପାରିକର ଦେଶର ପ୍ରତିରକ୍ଷା ମନ୍ତ୍ରୀ ଥିବାବେଳେ ସମ୍ପୂର୍ଣ୍ଣ ରାଫାଲ ଚୁକ୍ତିର ଫାଇଲଗୁଡ଼ିକ ନିଜ ଶୟନକକ୍ଷରେ ରଖିଥିଲେ। ସେଥିରେ ରାଫାଲ ସମ୍ପର୍କିତ ସମସ୍ତ ତଥ୍ୟ ରହିଛି। ତେଣୁ ତାଙ୍କୁ କେହି ଡିଷ୍ଟର୍ବ କରିପାରିବେ ନାହିଁ। ଏହାକୁ ନେଇ ସେ ମୋଦିଙ୍କୁ ବ୍ଲାକ୍‌ମେଲିଂ କରୁଛନ୍ତି। ପାରିକର ନିଜେ ଫାଇଲ ରଖିବା କଥା କହୁଥିବା ଏକ କ୍ୟାବିନେଟ ବୈଠକରେ ସ୍ୱୀକାର କରିଛନ୍ତି। ଗୋଆର ଜଣେ କ୍ୟାବିନେଟ ମନ୍ତ୍ରୀ ସେନେଇ କହୁଥିବା ଟେପ୍ ତାଙ୍କ ନିକଟରେ ଅଛି। ଏଭଳି ଅନେକ ଟେପ୍ ଥାଇପାରେ। ପାରିକର ଯାହା କରୁଛନ୍ତି, ତାହା ପ୍ରଧାନମନ୍ତ୍ରୀଙ୍କୁ ଏକପ୍ରକାର ଧମକ ଦେବା ଓ ବ୍ଲାକ୍‌ମେଲିଂ କରିବା। ଏଠାରେ ପ୍ରଶ୍ନ ଉଠୁଛି, ପାରିକରଙ୍କ ବେଡ୍‌ରୁମ୍‌ରେ କ'ଣ ସବୁ ସୂଚନା ଅଛି। ସେଠାରେ କି କି ଫାଇଲ ଅଛି ଏବଂ ତାହା ନରେନ୍ଦ୍ର ମୋଦିଙ୍କ ଉପରେ କି ପ୍ରଭାବ ପକାଇପାରେ ବୋଲି ରାହୁଲ କହିଛନ୍ତି। ପ୍ରକାଶ ଯେ, ୫୮,୦୦୦ କୋଟି ଟଙ୍କାର ରାଫାଲ ଚୁକ୍ତିରେ ଦୁର୍ନୀତି ହୋଇଥିବା ଅଭିଯୋଗ ଆଣି କଂଗ୍ରେସ ଓ ବିରୋଧୀ ଦଳଗୁଡ଼ିକ ଏହାର ଯୁଗ୍ମ ସଂସଦୀୟ କମିଟି (ଜେପିସି) ତଦନ୍ତ ଦାବିରେ ଅଡିବସିଛନ୍ତି।

## ଜେପିସି ତଦନ୍ତ ଦାବିକଲା ଶିବସେନା


ଅରବିନ୍ଦ ସାୱନ୍ତ

**ନୂଆଦିଲ୍ଲୀ,୨।୧(ପି.ଟି.)**

ରାଫାଲ ଚୁକ୍ତି ଦୁର୍ନୀତିର ଜେପିସି ତଦନ୍ତ ଦାବିରେ ବିରୋଧୀ ଅଟଳ ଥିବାବେଳେ ବୁଧବାର ସେମାନଙ୍କ ସହ ସାମିଲ ହୋଇଛି ଭାଜପାର ଅମାନିଆ ସହଯୋଗୀ ଶିବସେନା। ଲୋକ ସଭାରେ ଏହି ପ୍ରସଙ୍ଗରେ ଶିବସେନା ସଦସ୍ୟ ଅରବିନ୍ଦ ସାୱନ୍ତ କହିଛନ୍ତି, ସରକାର ସବୁବେଳେ ସ୍ୱଚ୍ଛତା କଥା କହୁଛନ୍ତି। ହେଲେ ରାଫାଲ ଚୁକ୍ତିର ଜେପିସି ତଦନ୍ତ ଦାବିକୁ କାହିଁକି ପ୍ରତ୍ୟାଖ୍ୟାନ କରୁଛନ୍ତି। ଜେପିସି ତଦନ୍ତ କରାଯାଉ ଓ ସତ ପଦାକୁ ଆସିବାକୁ ଦିଆଯାଉ ବୋଲି ଅରବିନ୍ଦ ଦାବି କରିଛନ୍ତି।

## 'ରାଫାଲ ନେଇ ଆଲୋଚନା ହୋଇନି'

**ପଣଜୀ,୨।୧(ଆଇଏଏନ୍‌ଏସ୍)**

ଯେଉଁ ଅଡିଓ ଟେପ୍ କଥା କୁହାଯାଉଛି, ତାହା ସମ୍ପୂର୍ଣ୍ଣ ମିଛ। ଗୋଆର ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ସେ ରାଫାଲ ଫାଇଲ ସମ୍ପର୍କରେ କୌଣସି କ୍ୟାବିନେଟ ବୈଠକରେ କିଛି କହିନାହାନ୍ତି ବୋଲି ବୁଧବାର ଖଣ୍ଡନ କରିଛନ୍ତି ପୂର୍ବତନ ପ୍ରତିରକ୍ଷା ମନ୍ତ୍ରୀ ମନୋହର ପାରିକର। ସେ କହିଛନ୍ତି, କଂଗ୍ରେସ ମିଛ ତଥ୍ୟର ଆଶ୍ରୟ ନେଇ ସରକାରଙ୍କୁ ଟାର୍ଗେଟ କରିବା ପାଇଁ ବ୍ୟାକୁଳ ହୋଇଯାଇଛି। ସୁପ୍ରିମକୋର୍ଟଙ୍କ ରାୟ ପରେ କଂଗ୍ରେସର ମିଛ ଧରାପଡ଼ିଯିବା ପରେ ଏହି ଦଳ ଏଭଳି ଜାଲିଆତି କରୁଥିବା ପାରିକର ଅଭିଯୋଗ ଆଣିଛନ୍ତି।

ଏହା ପୂର୍ବରୁ କଂଗ୍ରେସ ମୁଖପାତ୍ର ରଣଦୀପ ସୁର୍ଜେୱାଲା ଗୋଆ ସ୍ୱାସ୍ଥ୍ୟମନ୍ତ୍ରୀ ବିଶ୍ୱଜିତ ରାଣେ ଏବଂ ଅନ୍ୟ ଜଣେ ଅଜ୍ଞାତ ବ୍ୟକ୍ତିଙ୍କ ମଧ୍ୟରେ ହୋଇଥିବା ବାର୍ତ୍ତାଳାପର ଅଡିଓ ଟେପ୍ ଜାରି କରିଥିଲେ। ସେଥିରେ ରାଣେ ସମ୍ପୃକ୍ତ ବ୍ୟକ୍ତିଙ୍କୁ କହୁଥିଲେ, ପାରିକର ରାଫାଲ ଫାଇଲ ନିଜ ବାସଭବନର ଶୟନକକ୍ଷରେ ରଖିଥିବା ଏକ କ୍ୟାବିନେଟ ମିଟିଂରେ ତାଙ୍କୁ କହିଛନ୍ତି।

**ପାରିକରଙ୍କ ସଫେଇ**



## ଲୋକ ସଭାରେ ଆଧାର ସଂଶୋଧନ ବିଲ୍ ଆଗତ

**ନୂଆଦିଲ୍ଲୀ,୨।୧(ପି.ଟି.)**

ମୋବାଇଲ ଫୋନ ଏବଂ ବ୍ୟାଙ୍କ ଆକାଉଣ୍ଟରେ ସ୍ୱେଚ୍ଛାକୃତ ଭାବେ ଆଧାର ସଂଯୋଗକୁ ଆଇନଗତ ସମର୍ଥନ ଦେବା ଲାଗି ବୁଧବାର ସରକାର ଲୋକ ସଭାରେ ଏହା ଉପରେ ସଂଶୋଧନ ବିଲ୍ ଆଣିଛନ୍ତି। ଘରୋଇ ସଂସ୍ଥା ଲାଗି ଆଧାର ବାଧ୍ୟତାମୂଳକ ନୁହେଁ ବୋଲି ସୁପ୍ରିମକୋର୍ଟ ରାୟ ଦେବା ପରେ ବ୍ୟାଙ୍କ ଏବଂ ମୋବାଇଲ ସେବା ପ୍ରଦାନକାରୀ କମ୍ପାନୀଗୁଡିକ ଅସୁବିଧାରେ ପଡିଥିଲେ। ଆଇନ ମନ୍ତ୍ରୀ ରବିଶଙ୍କର ପ୍ରସାଦ କହିଛନ୍ତି, ସଂଶୋଧନ ପ୍ରସ୍ତାବକୁ ନେଇ ବିରୋଧୀ ପ୍ରଶ୍ନ ଉଠାଇଥିବାବେଳେ ରାୟର ଅନୁପାଳନ ଲାଗି ପ୍ରସ୍ତାବିତ ସଂଶୋଧନ ଅଣାଯାଇଛି। ଏହାଦ୍ୱାରା ଗୋପନୀୟତା ଅଧିକାରର ଉଲ୍ଲଂଘନ ହେବ ନାହିଁ। ଖୁବ୍ ଶୀଘ୍ର ଡାଟା ସୁରକ୍ଷା ବିଲ୍ ଉପସ୍ଥାପନ କରାଯିବ।

## କଂଗ୍ରେସ ପାଖରେ ଜାଲ୍ ଅଡିଓ

**ପଣଜୀ,୨।୧(ଆଇଏଏନ୍‌ଏସ୍)**

ରାଫାଲ ଚୁକ୍ତି ସମ୍ପର୍କିତ ତଥାକଥିତ ଅଡିଓ ଜାତୀୟ ରାଜନୀତିରେ ଝଡ଼ ସୃଷ୍ଟି କରିଛି। ଏହି ପ୍ରସଙ୍ଗରେ କଂଗ୍ରେସର ନୂଆ ଅଭିଯୋଗ ପରେ ବୁଧବାର ସମ୍ପୃକ୍ତ ମନ୍ତ୍ରୀ ଏହାକୁ ଖଣ୍ଡନ କରିଛନ୍ତି। ଗୋଆର ସ୍ୱାସ୍ଥ୍ୟମନ୍ତ୍ରୀ ବିଶ୍ୱଜିତ୍ ରାଣେ କହିଛନ୍ତି, ମୁଖ୍ୟମନ୍ତ୍ରୀ ମନୋହର ପାରିକର ନିଜ ବେଡ୍‌ରୁମ୍‌ରେ ରାଫାଲ ଚୁକ୍ତିର ଫାଇଲ ରଖିଥିବା ନେଇ ଅଡିଓ ଜାଲିଆତି କରି ପ୍ରସ୍ତୁତ କରାଯାଇଛି। ପାରିକର ତାଙ୍କୁ ଫାଇଲ ସମ୍ପର୍କରେ କେବେ କିଛି କହି ନ ଥିଲେ। ଏକ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରି ବିଶ୍ୱଜିତ୍ କହିଛନ୍ତି, ସେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହଙ୍କ ସହ ଏନେଇ ଆଲୋଚନା କରିଛନ୍ତି। ଏକ ଜାତୀୟ ତଦନ୍ତକାରୀ ସଂସ୍ଥା ଦ୍ୱାରା ଏହାର ଯାଞ୍ଚ କରାଇବା ଲାଗି ଶାହଙ୍କୁ ସେ ଅନୁରୋଧ କରିଛନ୍ତି। ଶାସକ ଓ ବିରୋଧୀଙ୍କ କ୍ଷମତାଯୁଦ୍ଧରେ ତାଙ୍କୁ ବାଜି ଲଗାଯାଉଛି। ରାଫାଲକୁ ନେଇ କଂଗ୍ରେସ ଚାଞ୍ଚଲ୍ୟ ସୃଷ୍ଟି କରିବାକୁ ଚାହୁଁଛି ବୋଲି ବିଶ୍ୱଜିତ୍ ଅଭିଯୋଗ ଆଣିଛନ୍ତି।


ଗୋଆ ସ୍ୱାସ୍ଥ୍ୟମନ୍ତ୍ରୀ ବିଶ୍ୱଜିତ୍ ରାଣେ କହିଲେ

## ସୁପ୍ରିମକୋର୍ଟ ଗଲେ ଯଶୱନ୍ତ, ଅରୁଣ, ପ୍ରଶାନ୍ତ

**ନୂଆଦିଲ୍ଲୀ,୨।୧(ପି.ଟି.)**

ରାଫାଲ ଚୁକ୍ତିକୁ ନେଇ ଡିସେମ୍ବର ୧୪ରେ ସୁପ୍ରିମକୋର୍ଟ ଦେଇଥିବା ରାୟର ସମୀକ୍ଷା ପାଇଁ ସର୍ବୋଚ୍ଚ ଅଦାଲତଙ୍କ ଦ୍ୱାରସ୍ଥ ହୋଇଛନ୍ତି ପୂର୍ବତନ କେନ୍ଦ୍ରମନ୍ତ୍ରୀ ଯଶୱନ୍ତ ସିହ୍ନା ଓ ଅରୁଣ ଶୌରୀ। ଏହି ଦୁଇ ପୂର୍ବତନ ଭାଜପା ନେତା ବରିଷ୍ଠ ଆଇନଜୀବୀ ପ୍ରଶାନ୍ତ ଭୂଷଣଙ୍କ ସହ ମିଶି ଶୀର୍ଷ ଅଦାଲତରେ ଏକ ରିଭ୍ୟୁ ପିଟିଶନ ଦାଏର କରିଛନ୍ତି।

ଫ୍ରାନ୍ସରୁ ୩୬ ରାଫାଲ ଯୁଦ୍ଧବିମାନ କିଣିବା ପାଇଁ ହୋଇଥିବା ଚୁକ୍ତିରେ କୌଣସି ପ୍ରକାର ଅନିୟମିତତା ନାହିଁ। ତେଣୁ କେନ୍ଦ୍ର ସରକାରଙ୍କ ନିଷ୍ପତ୍ତିକୁ ନେଇ ସନ୍ଦେହ କରିବାର କିଛି କାରଣ ନାହିଁ ବୋଲି ଗତ ୧୪ ତାରିଖରେ ସୁପ୍ରିମକୋର୍ଟ ସ୍ପଷ୍ଟ କରିଥିଲେ। ଏହାସହ ୫୮ ହଜାର କୋଟି ଟଙ୍କାର ରାଫାଲ୍ ଚୁକ୍ତିକୁ ନେଇ କୋର୍ଟଙ୍କ ତତ୍ତ୍ୱାବଧାନରେ ସିବିଆଇ ତଦନ୍ତ ପାଇଁ ଦାଏର ଏକାଧିକ ପିଆଇଏଲ୍‌କୁ ଅଦାଲତ ଖାରଜ କରିଦେଇଥିଲେ। ଏହାର ଦିନକ ପରେ ରାୟର ଏକ ପାରାରେ ସଂଶୋଧନ ଆଣିବା ପାଇଁ କେନ୍ଦ୍ର ସରକାର ସୁପ୍ରିମକୋର୍ଟରେ ପିଟିଶନ ଦାଏର କରିଥିଲେ।


ଡିସେମ୍ବର ୧୪ ରାୟର ସମୀକ୍ଷା

## ପାକିସ୍ତାନ ପାଇଁ ୪ ଯୁଦ୍ଧଜାହାଜ ନିର୍ମାଣ କରୁଛି ଚାଇନା

**ବେଜିଂ,୨।୧**

ଚାଇନା ଏହାର ସବୁଦିନିଆ ବନ୍ଧୁ ପାକିସ୍ତାନ ପାଇଁ ୪ଟି ଅତ୍ୟାଧୁନିକ ଯୁଦ୍ଧଜାହାଜ ନିର୍ମାଣ କରୁଛି। ଭାରତ ମହାସାଗରରେ କ୍ଷମତା ସନ୍ତୁଳନ ଲାଗି ଦ୍ୱିପାକ୍ଷିକ ସାମରିକ ସହଯୋଗ ସ୍ୱରୂପ ଚାଇନା ପାକିସ୍ତାନକୁ ଅସ୍ତ୍ରଶସ୍ତ୍ର ସହ ୪ଟି ଯୁଦ୍ଧଜାହାଜ ଯୋଗାଇଦେବ। ଅତ୍ୟାଧୁନିକ ଡିଟେକ୍‌ସନ ସିଷ୍ଟମ ଓ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ଏହି ଯୁଦ୍ଧଜାହାଜ ଅନ୍ୟ ଜାହାଜ, ବୁଡାଜାହାଜ ଏବଂ ବିମାନ ଆକ୍ରମଣରୁ ନିଜକୁ ସୁରକ୍ଷା ଦେବାକୁ ସମର୍ଥ ବୋଲି ନିର୍ମାଣକାରୀ ସଂସ୍ଥା ଚାଇନା ଷ୍ଟେଟ୍ ସିପ୍‌ବିଲ୍ଡିଂ କର୍ପୋରେଶନ ପକ୍ଷରୁ କୁହାଯାଇଛି। ଚାଇନା ପାକିସ୍ତାନକୁ ସର୍ବାଧିକ ଅସ୍ତ୍ରଶସ୍ତ୍ର ଯୋଗାଇ ଆସୁଛି। ଉଭୟ ଦେଶ ମିଳିତ ଭାବେ ଜେଏଫ-ଥଣ୍ଡର ସିଙ୍ଗଲ୍ ଇଞ୍ଜିନ ଲଢୁଆ ବିମାନ ନିର୍ମାଣ କରୁଛନ୍ତି। ଯୁଦ୍ଧଜାହାଜ ମିଳିଯିବା ପରେ ପାକିସ୍ତାନ ନୌସେନାର ଶକ୍ତି ଯଥେଷ୍ଟ ବୃଦ୍ଧି ପାଇବ।

## ନିର୍ବାଚନ ଲାଗି ପ୍ରାର୍ଥୀ ଖୋଜୁଛି କଂଗ୍ରେସ

**ନୂଆଦିଲ୍ଲୀ,୨।୧**

ଲୋକ ସଭା ନିର୍ବାଚନ ପାଖେଇ ଆସୁଥିବାବେଳେ କଂଗ୍ରେସ ପକ୍ଷରୁ ପ୍ରାର୍ଥୀ ଖୋଜା ଆରମ୍ଭ ହୋଇଯାଇଛି। ବିଭିନ୍ନ ରାଜ୍ୟରେ ସମ୍ଭାବ୍ୟ ପ୍ରାର୍ଥୀଙ୍କ ସଂକ୍ଷିପ୍ତ ତାଲିକା ପ୍ରସ୍ତୁତି ଲାଗି ଦଳ ସ୍ଥାନୀୟ ନେତୃବୃନ୍ଦଙ୍କ ସହ ଆଲୋଚନା ଚଳାଇଛି। ନିକଟରେ ଶେଷ ହୋଇଥିବା ବିଧାନସଭା ନିର୍ବାଚନରେ ତିନୋଟି ମୁଖ୍ୟ ହିନ୍ଦୀଭାଷୀ ରାଜ୍ୟକୁ ଭାଜପାଠାରୁ ଛଡାଇ ନେଇଥିବା କଂଗ୍ରେସ ଆଗାମୀ ଲୋକ ସଭା ନିର୍ବାଚନରେ ନରେନ୍ଦ୍ର ମୋଦିଙ୍କୁ କ୍ଷମତାରୁ ହଟାଇବା ଲାଗି ପୂରାଦମ୍‌ରେ ପ୍ରସ୍ତୁତି ଆରମ୍ଭ କରିଦେଇଛି। ରଣଛାଡ, ଅଯୋଧ୍ୟା ରାମମନ୍ଦିର ଏବଂ ନିଯୁକ୍ତିକୁ କଂଗ୍ରେସ ମୁଖ୍ୟ ପ୍ରସଙ୍ଗ କରିଥିବା ବେଳେ ସମସ୍ତଙ୍କୁ ସାଙ୍ଗରେ ନେଇ ନିର୍ବାଚନ ବୈତରଣୀ ପାର ହେବାକୁ ଦଳ ସ୍ଥାନୀୟ ନେତାମାନଙ୍କ ସହ ପରାମର୍ଶ ଚଳାଇଛି। ଏହାବ୍ୟତୀତ ପ୍ରାର୍ଥୀଙ୍କ ଜିତିବା ସମ୍ଭାବନା ସମ୍ପର୍କରେ ଦଳୀୟ କର୍ମୀଙ୍କଠାରୁ ମତାମତ ସଂଗ୍ରହ ଲାଗି କଂଗ୍ରେସ ଆଭ୍ୟନ୍ତରୀଣ ଆପ୍ ଭିତ୍ତିକ ଫିଡ୍‌ବ୍ୟାକ ସିଷ୍ଟମ 'ଶକ୍ତି' ବ୍ୟବହାର କରୁଛି। ସୋମବାର ଗୁଜରାଟ କଂଗ୍ରେସ ସଭାପତି ଅମିତ ଚାୱଡା ସୌରାଷ୍ଟ୍ର ଓ କଚ୍ଛ ଅଞ୍ଚଳର ଦଳୀୟ ନେତାମାନଙ୍କୁ ଭେଟିଥିଲେ। ଗତ ୨୦୧୪ ନିର୍ବାଚନରେ କଂଗ୍ରେସ ଗୁଜରାଟରେ ସମସ୍ତ ୨୬ଟି ଯାକ ଆସନ ହରାଇଥିଲା। ତେବେ ଗତବର୍ଷ ବିଧାନସଭା ନିର୍ବାଚନରେ ୧୮୨ ଆସନରୁ କଂଗ୍ରେସ ୭୭ଟି ହାତେଇବାରେ ସଫଳ ହୋଇଥିଲା। ତେଣୁ ଆଗାମୀ ସାଧାରଣ ନିର୍ବାଚନରେ ଦଳ ଭଲ ଫଳାଫଳ କରିବା ଆଶା ରଖିଛି। କଂଗ୍ରେସ ରାଜ୍ୟ ସଭାପତି ଉକ୍ତ ଅଞ୍ଚଳର ୩୦ ବିଧାୟକଙ୍କ ସମେତ ଜିଲା ଓ ତାଲୁକ ସଭାପତିମାନଙ୍କୁ ଭେଟି ଆଲୋଚନା କରିଥିଲେ।

ସୌରାଷ୍ଟ୍ର ଅଞ୍ଚଳରେ ଦଳୀୟ କାର୍ଯ୍ୟକୁ ତଦାରଖ କରୁଥିବା ଏଆଇସିସି ସମ୍ପାଦକ ଜିତେନ୍ଦ୍ର ବାଘେଲ ଏବଂ ଦଳ ମୁଖପାତ୍ର ମନୀଷ ଦୋଷୀ ମଧ ଉପସ୍ଥିତ ଥିଲେ। ସ୍ଥାନୀୟ ନେତାଙ୍କ ସହ ପରାମର୍ଶ ପରେ ଚାୱଡା ତାଙ୍କ ରିପୋର୍ଟ ପାର୍ଟି ହାଇକମାଣ୍ଡଙ୍କୁ ପ୍ରଦାନ କରିବେ ବୋଲି ଦୋଶୀ କହିଛନ୍ତି।

## ଫୁର୍‌ସତ

# ସ୍ମୃତି ବିସ୍ମୟ ଧ୍ରୁବ

**ସିଙ୍ଗାପୁର:** ହଂକଂରେ ଡିସେମ୍ବର ୨୦ରୁ ୨୨ ତିନି ଦିନ ଧରି ଅନୁଷ୍ଠିତ ୱାର୍ଲ୍ଡ ମେମୋରି ଚାମ୍ପିୟନଶିପ୍ (ବିଶ୍ୱସ୍ତରୀୟ ସ୍ମୃତି ପ୍ରତିଯୋଗିତା)ର କିଡ୍‌ସ କ୍ୟାଟେଗୋରୀ (ଜୁନିୟର ବିଭାଗ)ରେ ସିଙ୍ଗାପୁରର ଭାରତୀୟ ବଂଶୋଦ୍ଭବ ଧ୍ରୁବ ମନୋଜ (୧୨) ସ୍ୱର୍ଣ୍ଣପଦକ ବିଜେତା ହୋଇଛନ୍ତି। ସେ ନାମ, ମୁହଁ ଏବଂ ମିଶ୍ରିତ ଶବ୍ଦଗୁଡ଼ିକୁ ସ୍ମରଣ କରିବା କ୍ଷେତ୍ରରେ ୫୬ ଫାଇନାଲିଷ୍ଟଙ୍କୁ ପଛରେ ପକାଇ ଏହି ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ନିକଟରେ ପ୍ରାଥମିକ ଶିକ୍ଷା ଶେଷ କରିଥିବା ଧ୍ରୁବ ଘଣ୍ଟାଏ ସମୟ ମଧ୍ୟରେ ୭ରୁ ଅଧିକ ଡେକ୍‌ର ଅଦଳବଦଳ କାର୍ଡ, ଅଧଘଣ୍ଟାରେ ୧,୫୫୫ ବାଇନାରୀ ନମ୍ବର ଏବଂ ୧୫ ମିନିଟ୍‌ରେ ୮୭ଟି ନାମ ଏବଂ ମୁହଁକୁ ସ୍ମରଣ କରି ସିଙ୍ଗାପୁରର ଜଣେ ମାତ୍ର ପ୍ରତିଯୋଗୀ ଭାବେ ଚାଇନା, ରୁଷିଆ, ଭାରତ, ତାଇୱାନ ଏବଂ ମାଲେସିଆର ୨୬୦ ପ୍ରତିଦ୍ୱନ୍ଦ୍ୱୀଙ୍କ ମଧ୍ୟରେ ଶ୍ରେଷ୍ଠ ସ୍ମରଣଶକ୍ତି ପ୍ରତିଭା ଭାବେ କୀର୍ତ୍ତିମାନ୍ ସ୍ଥାପନ କରିଛନ୍ତି। ବିଶେଷକରି ରୋମାନ୍ ମେମୋରି ଟେକ୍‌ନିକ୍ ଅନ୍ତର୍ଗତ ଏକ ପରିଚିତ ସ୍ଥାନର ବିଭିନ୍ନ ଦୃଶ୍ୟ (ମେମୋରି ପ୍ୟାଲେସ୍)କୁ ମନେରଖିବାରେ ସେ ମାଷ୍ଟର ବିବେଚିତ ହୋଇଛନ୍ତି।



ଧ୍ରୁବ୍ କହିଛନ୍ତି ଯେ, ସେ ଏହି ମେଗା ସ୍ମୃତି ଚ୍ୟାଲେଞ୍ଜ' ପ୍ରତିଯୋଗିତା ପାଇଁ ପ୍ରାଇମେରୀ ସ୍କୁଲ୍ ଲିଭିଙ୍ଗ୍ ପରୀକ୍ଷା ପରେ ଅକ୍ଟୋବରରୁ ପୂର୍ଣ୍ଣମାତ୍ରାରେ ନିଜର ପ୍ରସ୍ତୁତି ଆରମ୍ଭ କରିଥିଲେ। ଦୈନିକ ୬ ଘଣ୍ଟା କାର୍ଡ ଏବଂ ବାଇନାରୀ ନମ୍ବରକୁ ମନେରଖିବାକୁ ଅଭ୍ୟାସ କରୁଥିଲେ। ଏଥିରେ ତାଙ୍କୁ ତାଙ୍କ ବାପା (ତୈଳ ଏବଂ ଗ୍ୟାସ ଉଦ୍ୟୋଗର ପରିଚାଳନା ପରାମର୍ଶଦାତା) ମନୋଜ ପ୍ରଭାକର ଉତ୍ସାହିତ କରିଥିଲେ।

## 'ତାନାଜୀ' ଭୂମିକାରେ ଦେବଗନ

**ମୁମ୍ବାଇ:** ନୂଆବର୍ଷରେ ମହାପ୍ରତାପୀ ମରାଠା ଯୋଦ୍ଧା (ଛତ୍ରପତି ଶିବାଜୀଙ୍କ କମାଣ୍ଡର-ଇନ୍-ଚିଫ୍) ତାନାଜୀ ମାଲୁସାରେଙ୍କ ଭୟଙ୍କର ଲୁକ୍‌ରେ ସିନେମା ପରଦାରେ ଆବିର୍ଭାବ ହେବେ ଅଭିନେତା ଅଜୟ ଦେବଗନ। ୧୬୭୦ ସିଂହଗଡ଼ ଯୁଦ୍ଧ ବେଳେ ତାନାଜୀଙ୍କ ବୀରତ୍ୱ ଓ ପରାକ୍ରମ ଉପରେ ଆଧାରିତ ଏହି ଐତିହାସିକ ଚଳଚ୍ଚିତ୍ରରେ ଧଳା ଧୋତି, ପଗଡ଼ି ପିନ୍ଧିଥିବା ଦେବଗନ ଦଉଡ଼ି ସାହାଯ୍ୟରେ ଖଣ୍ଡା ଧରି ପାହାଡ଼ରେ ଯୁଦ୍ଧ କରୁଥିବା ଦେଖାଯାଇଛି। ମଣିକର୍ଣ୍ଣିକା ଏବଂ ଓମ୍ ରାଉତ୍‌ଙ୍କ ନିର୍ଦ୍ଦେଶିତ ଅଜୟ ଦେବଗନଙ୍କ 'ତାନାଜୀ' ଏକସଙ୍ଗେ ରିଲିଜ୍ ହେବ ବୋଲି ଜଣାଯାଇଛି।



# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଜାନୁୟାରୀ ୩/୨୦୧୯ | Bhubaneswar, Thursday, January 3/ 2019 | ପୃଷ୍ଠା-୧




**ଐଶ୍ୱର୍ଯ୍ୟାଙ୍କ ଆକ୍ଟିଂରେ ପ୍ରଭାବିତ ସାରା**

ଅଭିନୟ ଜଗତରେ ପ୍ରବେଶ କରିବା ପୂର୍ବରୁ ଐଶ୍ୱର୍ଯ୍ୟାଙ୍କ ଆକ୍ଟିଂ ଦ୍ୱାରା ପ୍ରଭାବିତ ହୋଇଥିଲେ ନବାଗତ ଅଭିନେତ୍ରୀ ସାରା ଅଲି ଖାଁ। ଏଥିପାଇଁ ସେ ଐଶ୍ୱର୍ଯ୍ୟାଙ୍କ ପ୍ରଶଂସାରେ ଶତମୁଖ।

୧୪

୧୭

**ଦେବାଶିଷଙ୍କ ସ୍ମରଣୀୟ ଶତକ**

ଦେବାଶିଷ ସାମନ୍ତରାୟଙ୍କ ଶତକ ସହାୟତାରେ ଓଡ଼ିଶା ନୂଆଦିଲ୍ଲୀରେ ଅନୁଷ୍ଠିତ ସର୍ଭିସେସ ବିପକ୍ଷ ରଣଜୀ ମ୍ୟାଚ୍‌କୁ ଡ୍ର ରଖିବାରେ ସଫଳ ହୋଇଛି ।



# ଖୋଲାନଦୀରେ ଡଙ୍ଗା ବୁଡ଼ି ଜଣେ ମୃତ, ୮ ନିଖୋଜ

**ହୁକିଟୋଲାରୁ ବଣଭୋଜି କରି ଫେରିବା ବେଳେ ଦୁର୍ଘଟଣା**

ମହାକାଳପଡ଼ା/ପାରାଦୀପ/କୁଜଙ୍ଗ ୨।୧(ଡିଏନଏ/ସ୍ୱ.ପ୍ର.)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଦେଇ ପ୍ରବାହିତ ମହାନଦୀର ଶାଖା ଖୋଲାନଦୀ ବାଲିଘାଟଠାରେ ବୁଧବାର ସନ୍ଧ୍ୟା ପ୍ରାୟ ସାଢେ ୭ଟାରେ ଏକ ଡଙ୍ଗା ବୁଡ଼ି ଦୁର୍ଘଟଣା ଘଟିଛି। ଏଥିରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବା ବେଳେ ୮ଜଣ ନିଖୋଜ ଅଛନ୍ତି। ନିଖୋଜଙ୍କ ମଧ୍ୟରେ ୬ ଜଣ ଶିଶୁ ଓ ୨ ମହିଳା ଅଛନ୍ତି। ମୃତ ମହିଳା ହେଲେ ପ୍ରଭାତି ସ୍ୱାଇଁ (୩୫)। ଏହି ଖବର ପ୍ରଚାରିତ ହେବା ପରେ ଘଟଣାସ୍ଥଳରେ ଲୋକଙ୍କ ଭିଡ଼ ଜମିଛି । ପ୍ରଶାସନ ପକ୍ଷରୁ ଦୁଇଟି ଟିମ୍ ପାରାଦୀପ ନିକଟସ୍ଥ ଚଉମୁହାଣିଠାରୁ ଉଦ୍ଧାର ନିମନ୍ତେ ଘଟଣାସ୍ଥଳକୁ ଯାଇଛନ୍ତି। ଏପରିକି ସ୍ଥାନୀୟ ଅଞ୍ଚଳର କେତେଜଣ ଲୋକ ତିନୋଟି ଡଙ୍ଗା ନେଇ ଉଦ୍ଧାର କାର୍ଯ୍ୟରେ ସାମିଲ ହୋଇଛନ୍ତି। ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଶୋକ ପ୍ରକାଶ କରିଛନ୍ତି। ଏଥିସହିତ ଉଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ଜିଲା ପ୍ରଶାସନ ଓ ଓଡ୍ରାଫ ଟିମ୍‌କୁ ନିର୍ଦ୍ଦେଶ ଦେଇଛନ୍ତି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ ଗଭୀର ଶୋକ ପ୍ରକାଶ କରିବା ସହ ମୃତକଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି। ଖବର ଲେଖା ହେବା ପର୍ଯ୍ୟନ୍ତ ଉଦ୍ଧାର କାର୍ଯ୍ୟ ଜାରି ରହିଛି।

ନୂଆବର୍ଷ ଅବସରରେ ବୁଧବାର ବଣଭୋଜି କରିବା ପାଇଁ ଜଗତ୍‌ସିଂହପୁର ଜିଲା କୁଜଙ୍ଗ ଥାନା ଅନ୍ତର୍ଗତ ହସିଣା ଗ୍ରାମର ୪୫ ପରିବାରର ପ୍ରାୟ ୫୫ଜଣ ମା' ମଙ୍ଗଳା ନାମକ ଏକ ଡଙ୍ଗାରେ କେନ୍ଦ୍ରାପଡ଼ା ଜିଲାର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ହୁକିଟୋଲାକୁ ବୁଲିବାକୁ ଯାଇଥିଲେ। ସେମାନେ ହୁକିଟୋଲା ଜେଟିରୁ ସନ୍ଧ୍ୟା ୬ଟାରେ ଡଙ୍ଗାରେ ଫେରୁଥିଲେ। ☞ପୃଷ୍ଠା-୨

# ଲୋକ ସଭାରେ ରାଫାଲ ଝଡ଼

- ରାହୁଲ-ଜେଟ୍‌ଲୀ ବାକ୍‌ଯୁଦ୍ଧ
- ଗୋଆ ମନ୍ତ୍ରୀଙ୍କ ଅଡିଓ ଟେପ୍ ବଜାଇବାକୁ ରାହୁଲଙ୍କୁ ମିଳିଲାନି ଅନୁମତି
- ଜେପିସି ତଦନ୍ତ ଦାବିରେ କଂଗ୍ରେସ ଅଟଳ
- ବାଚସ୍ପତିଙ୍କ ଆସନକୁ କାଗଜ ରକେଟ୍ ଫିଙ୍ଗିଲେ କଂଗ୍ରେସ ସଦସ୍ୟ



ନୂଆଦିଲ୍ଲୀ,୨।୧(ପି.ଟି./ଆଇଏଏନ୍ଏସ୍)

ରାଫାଲ ଚୁକ୍ତି ଦୁର୍ନୀତିକୁ ନେଇ ଲୋକ ସଭାରେ ବୁଧବାର ଝଡ଼ ଦେଖିବାକୁ ମିଳିଛି। କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ରାଫାଲ ଚୁକ୍ତି ସମ୍ପର୍କିତ ଗୋଆର ଜଣେ ମନ୍ତ୍ରୀଙ୍କ ଅଡିଓ ଟେପ୍ ଗୃହରେ ବଜାଇବା ପାଇଁ ଅନୁମତି ମାଗିଥିଲେ। ହେଲେ ବାଚସ୍ପତି ସୁମିତ୍ରା ମହାଜନ ଏଥିଲାଗି ଅନୁମତି ଦେଇ ନ ଥିଲେ। ଏହାକୁ ନେଇ ଏନ୍‌ଡିଏ ସରକାର ଉପରେ ରାହୁଲ ବର୍ଷିଥିଲେ। ସେପଟେ ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ ସରକାରଙ୍କ ପକ୍ଷରୁ ଜବାବ ରଖି ରାହୁଲଙ୍କ କଡ଼ା ମୁକାବିଲା କରିଥିଲେ। ରାହୁଲ ଏନ୍‌ଡିଏକୁ ବଦନାମ କରିବାର ପାଇଁ ବାରମ୍ବାର ମିଛର ଆଶ୍ରୟ ନେଉଥିବା ଜେଟ୍‌ଲୀ ଅଭିଯୋଗ ଆଣିଥିଲେ।

ରାହୁଲ ଲୋକ ସଭାରେ ରାଫାଲ ଚୁକ୍ତି ସମ୍ପର୍କିତ ଆଲୋଚନା ଆରମ୍ଭ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଟାର୍ଗେଟ କରିଥିଲେ। ସେ କହିଥିଲେ, ପାର୍ଲାମେଣ୍ଟକୁ ଆସି ରାଫାଲ ପ୍ରସଙ୍ଗରେ ପ୍ରଶ୍ନର ଉତ୍ତର ଦେବାକୁ ମୋଦିଙ୍କ ସତ୍‌ସାହସ ନାହିଁ। ଏଥିପାଇଁ ମୋଦି ନିଜ ରୁମ୍‌ରେ ଲୁଚିଛନ୍ତି। ନୂଆବର୍ଷରେ ମୋଦି ଏକ ସାକ୍ଷାତ୍‌କାରରେ କହିଥିଲେ ଯେ, ତାଙ୍କ ବିରୋଧରେ କୌଣସି ବ୍ୟକ୍ତିଗତ ଅଭିଯୋଗ ନାହିଁ। ସାରା ଦେଶ ପ୍ରଧାନମନ୍ତ୍ରୀଙ୍କୁ ସିଧାସଳଖ ପ୍ରଶ୍ନ କରୁଥିବାରୁ ମୋଦିଙ୍କ ଏହି କଥାରେ ସତ୍ୟତା ନାହିଁ ବୋଲି ରାହୁଲ ତାକୁ ପ୍ରତ୍ୟାଖ୍ୟାନ କରିଦେଇଥିଲେ। ଏକ ସୁପରିକଳ୍ପିତ ସାକ୍ଷାତ୍‌କାର ମୋଦି ୯୦ ମିନିଟ ଧରି କହିଥିଲେ। କିନ୍ତୁ ସେ ରାଫାଲ ସମ୍ପର୍କିତ ପ୍ରଶ୍ନର ଉତ୍ତର ଦେଇ ନ ଥିଲେ। ପ୍ରତିରକ୍ଷା ମନ୍ତ୍ରଣାଳୟର ଅଧିକାରୀମାନେ ୧୬୦୦ କୋଟି ଟଙ୍କାର ନୂଆ ମୂଲ୍ୟକୁ ବିରୋଧ କରିଥିବା କଥାରେ କିଛି ସତ୍ୟତା ନାହିଁ। ମୋଦି ତାଙ୍କର 'ପ୍ରିୟ ବନ୍ଧୁ' ଏବଂ ବିଫଳ ବ୍ୟବସାୟୀ' ଅନିଲ ଅମ୍ବାନୀଙ୍କୁ ଅନୁକମ୍ପା ଦେଖାଇଛନ୍ତି। ଗୋଆର ଜଣେ ମନ୍ତ୍ରୀ ରାଫାଲ ପ୍ରସଙ୍ଗରେ କହୁଥିବାବେଳର ଅଡିଓ ଟେପ୍ ଅଛି। ତାକୁ ଗୃହରେ ବଜାଇବାକୁ ଅନୁମତି ଦିଆଯାଉ ବୋଲି ରାହୁଲ କହିଥିଲେ। ଏହାସହ ରାହୁଲ ନିଜ ମୋବାଇଲ କାଢ଼ି ଟେପ୍ ବଜାଇବାକୁ ବାହାରିବାରୁ ଶାସକ ଦଳର ସଦସ୍ୟମାନେ ହୋହଲ୍ଲା କରିଥିଲେ।

ସେପଟେ ରାହୁଲଙ୍କୁ ଜବାବ ଦେବା ପାଇଁ ଅଣ୍ଟା ଭିଡ଼ିଥିଲେ ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ। ରାହୁଲ ଉକ୍ତ ଟେପ୍‌କୁ ସତ ବୋଲି ପ୍ରମାଣିତ କରିପାରିବେ କି ବୋଲି ଜେଟ୍‌ଲୀ ପ୍ରଶ୍ନ କରିଥିଲେ। ହେଲେ ରାହୁଲ ଏପରି କରିବେ ନାହିଁ ବୋଲି କହିଥିଲେ। ଫଳରେ ଜେଟ୍‌ଲୀ କହିଥିଲେ, ରାହୁଲ ଏହା ମିଛ ବୋଲି ଜାଣିଛନ୍ତି। ତେଣୁ ସେ ଏହାକୁ ସତ ବୋଲି ପ୍ରମାଣିତ କରିବାକୁ ଭୟ କରୁଛନ୍ତି। ଫ୍ରାନ୍ସ ରାଷ୍ଟ୍ରପତି ଇମାନ୍ୱେଲ ମାକ୍ରଁ ରାଫାଲର ମୂଲ୍ୟ ପ୍ରଘଟ କରିବା ପରେ ରାହୁଲ ଏକ ବାର୍ତ୍ତାଳାପର ଟେପ୍ ବଜାଇବାକୁ ଉଦ୍ୟମ କରୁଛନ୍ତି, ☞ପୃଷ୍ଠା-୨

## ୨୬ ଏମ୍‌ପି ନିଲମ୍ବିତ

- ଏଆଇଏଡିଏମ୍‌କେ, ଟିଡିପି ଏମ୍‌ପିଙ୍କ ବିଶୃଙ୍ଖଳିତ ଆଚରଣ
- ଗୃହରୁ ୫ କାର୍ଯ୍ୟଦିବସ ପାଇଁ ନିଲମ୍ବନ କଲେ ବାଚସ୍ପତି

ନୂଆଦିଲ୍ଲୀ,୨।୧(ଆଇଏଏନ୍ଏସ୍)

ଲୋକ ସଭାରେ ବିଶୃଙ୍ଖଳିତ ଆଚରଣ ପାଇଁ ବୁଧବାର ବାଚସ୍ପତି ସୁମିତ୍ରା ମହାଜନ ୨୬ ସଦସ୍ୟଙ୍କୁ ନିଲମ୍ବନ କରିଛନ୍ତି। ନିଲମ୍ବିତ ଏମ୍‌ପିମାନେ ଅଲ୍ ଇଣ୍ଡିଆ ଆନ୍ନା ଦ୍ରାବିଡ ମୁନେତ୍ରା କାଜାଗାମ୍ (ଏଆଇଏଡିଏମ୍‌କେ) ଏବଂ ତେଲୁଗୁ ଦେଶମ୍ ପାର୍ଟି (ଟିଡିପି) ସଦସ୍ୟ। ଏହି ଏମ୍‌ପିମାନେ ପୋଡିୟମ୍ ନିକଟକୁ ଯାଇ କାଗଜ ଚିରିବା ସହ ବାଚସ୍ପତିଙ୍କ ଆସନ ଆଡକୁ ଫିଙ୍ଗିଥିଲେ। ତେଣୁ ବାଚସ୍ପତି ସେମାନଙ୍କୁ ୫ଟି କାର୍ଯ୍ୟଦିବସ ପାଇଁ ଗୃହରୁ ଅନ୍ତର କରିବା ଲାଗି ଏଭଳି କାର୍ଯ୍ୟାନୁଷ୍ଠାନ ନେଇଛନ୍ତି।

କର୍ଣ୍ଣାଟକର କାବେରୀ ନଦୀ ଉପରେ ଏକ ଡ୍ୟାମ୍ ନିର୍ମାଣ ପାଇଁ ପ୍ରସ୍ତାବ ରହିଛି। ତାମିଲନାଡୁର ଶାସକ ଏଆଇଏଡିଏମ୍‌କେ ସଦସ୍ୟମାନେ ଲୋକ ସଭାରେ ଏହାର ପ୍ରତିବାଦ କରିଥିଲେ। ☞ପୃଷ୍ଠା-୨

## ୩ ବ୍ୟାଙ୍କ ମିଶ୍ରଣକୁ କ୍ୟାବିନେଟ ମଞ୍ଜୁରୀ

- ଗଠନ ହେବ ତୃତୀୟ ସର୍ବବୃହତ ବ୍ୟାଙ୍କ

ନୂଆଦିଲ୍ଲୀ,୨।୧

କେନ୍ଦ୍ର କ୍ୟାବିନେଟ ବ୍ୟାଙ୍କ ଅଫ୍ ବରୋଦା(ବିଓବି)ରେ ବିଜୟ ବ୍ୟାଙ୍କ ଏବଂ ଦେନା ବ୍ୟାଙ୍କର ମିଶ୍ରଣକୁ ବୁଧବାର ମଞ୍ଜୁରୀ ପ୍ରଦାନ କରିଛି। ବୈଠକ ଶେଷରେ କେନ୍ଦ୍ର ଆଇନ ମନ୍ତ୍ରୀ ରବିଶଙ୍କର ପ୍ରସାଦ ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ଏହି ମିଶ୍ରଣ ପରେ ଏସ୍‌ବିଆଇ ଓ ଆଇସିଆଇସିଆଇ ବ୍ୟାଙ୍କ ପରେ ଦେଶର ତୃତୀୟ ସର୍ବବୃହତ ବ୍ୟାଙ୍କ ହେବ। ବ୍ୟାଙ୍କିଙ୍ଗ ସେକ୍ଟରରେ ଚାଲିଥିବା ସଂସ୍କାରମୂଳକ କାର୍ଯ୍ୟକ୍ରମ ଅଧୀନରେ ସରକାର ଉକ୍ତ ପଦକ୍ଷେପ ନେଇଛନ୍ତି। ବ୍ୟାଙ୍କ ଅଫ୍ ବରୋଦାକୁ ବିଶ୍ୱ ସ୍ତରରେ ଋଣ ପ୍ରଦାନ କ୍ଷେତ୍ରରେ ପ୍ରତିଯୋଗିତାମୂଳକ କରିବା ଲାଗି ପ୍ରୟାସ କରାଯାଉଛି। ତେବେ ଏହି ମିଶ୍ରଣ ଯୋଗୁ କୌଣସି କର୍ମଚାରୀଙ୍କୁ ଛଟେଇ କରାଯିବ ନାହିଁ। ବରଂ ଦେନା ଓ ବିଜୟା ବ୍ୟାଙ୍କର କର୍ମଚାରୀଙ୍କୁ ବ୍ୟାଙ୍କ ଅଫ୍ ବରୋଦା ବ୍ୟାଙ୍କରେ ସାମିଲ କରାଯିବ। ଅନ୍ୟପକ୍ଷରେ ଏହି ମିଶ୍ରଣ ଯୋଗୁ ଶେୟାର ଅଦଳବଦଳ ଅନୁପାତକୁ ବିଓବି ଚୂଡାନ୍ତ ରୂପ ଦେଇଛି। ମିଶ୍ରଣ ଯୋଜନାନୁଯାୟୀ ବିଜୟା ବ୍ୟାଙ୍କର ପ୍ରତ୍ୟେକ ୧୦୦୦ ଶେୟାର ବଦଳରେ ବିଓବିର ୪୦୨ ଶେୟାର ମିଳିବ। ସେହିପରି ଦେନା ବ୍ୟାଙ୍କର ପ୍ରତ୍ୟେକ ୧୦୦୦ ଶେୟାରଧାରକଙ୍କୁ ବିଓବିର ୧୧୦ ଶେୟାର ଦିଆଯିବ। ଅନ୍ୟପକ୍ଷରେ ସରକାରଙ୍କ ଏହି ପଦକ୍ଷେପକୁ ବ୍ୟାଙ୍କ କର୍ମଚାରୀ, ଅଧିକାରୀ ବିରୋଧ କରିଛନ୍ତି। ସେମାନେ ଗତବର୍ଷ ଡିସେମ୍ବର ୨୧ରେ ଦେଶବ୍ୟାପୀ ବ୍ୟାଙ୍କ ଧର୍ମଘଟ ଡାକରା ମଧ୍ୟ ଦେଇଥିଲେ।

## ସଚିନଙ୍କ କୋଚ୍ ଆଚରେକରଙ୍କ ପରଲୋକ



ମୁମ୍ବାଇ, ୨।୧(ପି.ଟି.)

ଭାରତୀୟ କ୍ରିକେଟରେ ଦ୍ରୋଣାଚାର୍ଯ୍ୟ ଭାବେ ପରିଚିତ ତଥା ଭାରତ ରତ୍ନ ସଚିନ ତେନ୍ଦୁଲକରଙ୍କ କୋଚ୍ ରମାକାନ୍ତ ଆଚରେକରଙ୍କ ବୁଧବାର ପରଲୋକ ଘଟିଛି। ତାଙ୍କୁ ୮୭ ବର୍ଷ ହୋଇଥିଲା। ବାର୍ଦ୍ଧକ୍ୟଜନିତ କାରଣ ଯୋଗୁ ଆଚରେକର ଶେଷନିଃଶ୍ୱାସ ତ୍ୟାଗ କରିଛନ୍ତି ବୋଲି ତାଙ୍କ ପରିବାର ପକ୍ଷରୁ ପ୍ରକାଶ କରାଯାଇଛି। ସଚିନଙ୍କ ଆଦ୍ୟଗୁରୁ ଭାବେ ବିଶ୍ୱରେ ଖ୍ୟାତି ଅର୍ଜନ କରିଥିବା ଆଚରେକର ୧୯୯୦ରେ ଦ୍ରୋଣାଚାର୍ଯ୍ୟ ପୁରସ୍କାର ପାଇବା ସହ ୨୦୧୦ରେ 'ପଦ୍ମଶ୍ରୀ' ସମ୍ମାନରେ ସମ୍ମାନିତ ହୋଇଥିଲେ। ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିଥିବା ବିନୋଦ କାମ୍ବଲୀ, ପ୍ରବୀଣ ଆମ୍ରେ, ସମୀର ଦିଘେ, ଅଜିତ୍ ଅଗରକର, ସଞ୍ଜୟ ବାଙ୍ଗର, ରମେଶ ପାୱାର ଓ ବଲବିନ୍ଦର ସିଂ ସାନ୍ଧୁଙ୍କ ପରି ତାଙ୍କ ଶିଷ୍ୟ ତାଲିକା ବେଶ୍ ଲମ୍ବା। ଆଚରେକରଙ୍କ ବିୟୋଗରେ କ୍ରିକେଟ ମହଲରେ ଶୋକର ଛାୟା ଖେଳି ଯାଇଛି। ତାଙ୍କ ବିୟୋଗରେ ସବୁଠାରୁ ଅଧିକ ବ୍ୟଥିତ ହୋଇଛନ୍ତି ବିଶ୍ୱ ରେକର୍ଡଧାରୀ ମାଷ୍ଟର ବ୍ୟାଟ୍ସମ୍ୟାନ ସଚିନ ତେନ୍ଦୁଲକର।

(ଅଧିକ ରିପୋର୍ଟ ଓ ଫଟୋ ଖେଳ ପୃଷ୍ଠାରେ)



"କ୍ରିକେଟର ଏବିସିଡି ମୁଁ ତାଙ୍କଠାରୁ ଶିଖିଥିଲି, ସେ ପ୍ରସ୍ତୁତ କରିଥିବା ଭିତ୍ତି ଉପରେ ମୁଁ ଆଜି ଦଣ୍ଡାୟମାନ ହୋଇ ସଫଳତା ଅର୍ଜନ କରିପାରିଛି । ଜଣେ ଶିଷ୍ୟଭାବେ ଆଚରେକରଙ୍କ ଜୀବନର ଏକ ଅଂଶବିଶେଷ ହୋଇଥିବାରୁ ମୁଁ ଗର୍ବିତ।

-ସଚିନ ତେନ୍ଦୁଲକର

## ସାବରିମାଳା ମନ୍ଦିରରେ ୨ ମହିଳାଙ୍କ ପ୍ରବେଶ

ସାବରିମାଲା/ଥିରୁଭାନନ୍ତପୁରମ୍,୨।୧(ପି.ଟି.)

**ଇତିହାସ ରଚିଲେ**



- ବିରୋଧରେ ବିକ୍ଷୋଭ ପ୍ରଦର୍ଶନ, ଉତ୍ତେଜନା
- ଭାଜପା ଓ ବାମଦଳ କର୍ମୀଙ୍କ ମଧ୍ୟରେ ସଂଘର୍ଷ

କେରଳର ଭଗବାନ ଆୟାପ୍ପାଙ୍କ ସାବରିମାଲା ମନ୍ଦିରରେ ବୁଧବାର ୫୦ ବର୍ଷରୁ କମ୍ ବୟସର ୨ ମହିଳା ପ୍ରବେଶ କରି ଇତିହାସ ରଚିଛନ୍ତି। ହିନ୍ଦୁ ସଂଗଠନଗୁଡ଼ିକର ବିରୋଧ ସତ୍ତ୍ୱେ ସେମାନେ ନିଜକୁ କଳା ପୋଷାକରେ ଆବୃତ କରି ମନ୍ଦିରରେ ପ୍ରବେଶ କରିବା ସହ ଦୀର୍ଘଦିନର ପୁରୁଣା ପରମ୍ପରାକୁ ଭଙ୍ଗ କରିଛନ୍ତି। ତେବେ ଏହାକୁ ବିରୋଧ କରି ବିଭିନ୍ନ ସ୍ଥାନରେ ବିକ୍ଷୋଭ ପ୍ରଦର୍ଶନ ହେବା ସହ କେତେକ ସ୍ଥାନରେ ସଂଘର୍ଷ ଦେଖାଦେଇଛି। କେରଳ ସଚିବାଳୟ ସମ୍ମୁଖରେ ଭାଜପା ଯୁବମୋର୍ଚ୍ଚା କର୍ମୀ ଏବଂ ଶାସକ ବାମଦଳ କର୍ମୀଙ୍କ ମଧ୍ୟରେ ସଂଘର୍ଷ ହୋଇଥିଲା। ଉତ୍ତ୍ୟକ୍ତ ଲୋକଙ୍କୁ ଘଉଡାଇବାକୁ ଯାଇ ପୋଲିସ ଷ୍ଟନ୍ ଗ୍ରେନେଡ ଏବଂ ଲୁହବୁହା ବାଷ୍ପ ପ୍ରୟୋଗ ସହ ପାଣି ମାଡ଼ କରିଥିଲା। ଉତ୍ତ୍ୟକ୍ତ ଲୋକଙ୍କ ଢେଲାମାଡ଼ରେ କେତେଜଣ ପୋଲିସ କର୍ମଚାରୀ ଆହତ ହୋଇଛନ୍ତି।

ସାବରିମାଲା ମନ୍ଦିରରେ ସବୁ ବୟସ ବର୍ଗର ମହିଳାମାନଙ୍କ ପ୍ରବେଶ ଲାଗି ସୁପ୍ରିମକୋର୍ଟ ଅନୁମତି ଦେଇଥିଲେ ମଧ୍ୟ ସ୍ଥାନୀୟ ଲୋକ ଏବଂ ହିନ୍ଦୁ ସଂଗଠନଗୁଡିକର ବିରୋଧ ଯୋଗୁ ତିନିମାସ ହେଲା ଉକ୍ତ ମନ୍ଦିରରେ ମହିଳା ପ୍ରବେଶ କରିପାରି ନ ଥିଲେ। କନକଦୁର୍ଗା (୪୪) ଏବଂ ବିନ୍ଦୁ(୪୨) ପ୍ରଥମ ☞ପୃଷ୍ଠା-୬

## ତହସିଲ୍ ଅଫିସ୍ ଡାଟାଏଣ୍ଟ୍ରି ଅପରେଟର୍‌ଙ୍କୁ ମିଳିବ ଅଧିକ ୪ହଜାର

ଭୁବନେଶ୍ୱର, ୨।୧(ବ୍ୟୁରୋ)

ରାଜ୍ୟର ବିଭିନ୍ନ ତହସିଲ ଅଫିସ୍‌ରେ କାର୍ଯ୍ୟରତ ଡାଟାଏଣ୍ଟ୍ରିଅପରେଟରମାନେ ମାସିକ ପାରିଶ୍ରମିକ ରାଶି ସହିତ ଅଧିକ ୪ହଜାର ଟଙ୍କାର ପ୍ରୋତ୍ସାହନ (ଇନ୍‌ସେଣ୍ଟିଭ୍) ରାଶି ପାଇବେ । ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା ଏ ସମ୍ପର୍କିତ ପ୍ରସ୍ତାବକୁ ଅନୁମୋଦନ କରିବାପରେ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଉକ୍ତ ପ୍ରସ୍ତାବ ଦିଆଯାଇଥିଲା। ଡାଟାଏଣ୍ଟ୍ରି ଅପରେଟରମାନେ ପୂର୍ବରୁ ମାସିକ ପାରିଶ୍ରମିକ ରାଶି ୮,୮୮୦ ଟଙ୍କା ପାଉଥିଲେ। ସେମାନଙ୍କୁ ମିଳିବାକୁ ଥିବା ପ୍ରୋତ୍ସାହନ ରାଶି ତହସିଲ୍ ଆଦାୟ କରୁଥିବା ୟୁଜର୍ସ ଫି'ରୁ ଭରଣା କରାଯିବ।

## ଆଣ୍ଡାମାନ ଉପକୂଳରେ ଘୂର୍ଣ୍ଣିବଳୟ

- ୫ରୁ ଶୀତ କମିବ
- ୯ରୁ ପୁଣି ବଢ଼ିବ
- ୧୦ ଡିଗ୍ରୀ ତଳେ ୧୭ ସହର
- ଫୁଲବାଣୀରେ ୪.୫ ଡିଗ୍ରୀ

ଭୁବନେଶ୍ୱର, ୨।୧(ବ୍ୟୁରୋ)

ଗତ କିଛିଦିନ ହେବ ପ୍ରବଳ ଶୀତ ଲହରି ସମଗ୍ର ରାଜ୍ୟକୁ କବଳିତ କରିଛି। ଶୀତ ପ୍ରକୋପରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ବୁଧବାର ରାଜ୍ୟର ୧୭ଟି ସହରର ସର୍ବନିମ୍ନ ତାପମାତ୍ରା ୧୦ ଡିଗ୍ରୀ ତଳେ ରହିଛି। ଆଉ ଦୁଇଦିନ ଶୀତ ଜାରି ରହିବ। ୫ ତାରିଖରୁ ପାରଦ ଉପର ମୁହାଁ ହେବ। ପବନର ଦିଗ ବଦଳିଯିବ। ବର୍ତ୍ତମାନ ଉତ୍ତର-ପଶ୍ଚିମ ଦିଗରୁ ବାୟୁ ପ୍ରବାହ ହେଉଥିବା ବେଳେ ୫ ତାରିଖରୁ ଉତ୍ତର-ପୂର୍ବ ଦିଗରୁ ବହିବ। ଏଥିଯୋଗୁ ସର୍ବନିମ୍ନ ତାପମାତ୍ରାରେ ୩ରୁ ୪ ଡିଗ୍ରୀ ଯାଏ ବୃଦ୍ଧି ଘଟିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଆଣ୍ଡାମାନ ନିକଟରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଆସନ୍ତା ୫ ତାରିଖରେ ଏହା ଲଘୁଚାପରେ ପରିଣତ ହେବ। ୮ ତାରିଖ ସୁଦ୍ଧା ଲଘୁଚାପ ଘୂର୍ଣ୍ଣିଝଡରେ ପରିଣତ ହେବାର ସମ୍ଭାବନା ରହିଛି। ଏହା ବାଂଲାଦେଶ ଅତିକ୍ରମ କରିବା ସମ୍ଭାବନା ରହିଛି ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଓଡିଶା ଉପରେ ଏହାର କୌଣସି ପ୍ରଭାବ ପଡିବ ନାହିଁ। ☞ପୃଷ୍ଠା-୬

**ଆଜିର ସମ୍ପାଦକୀୟ**

ପକ୍ଷୀମାନଙ୍କ ଭାଷାଜ୍ଞାନ

**ଆଜିର ମନ୍ତବ୍ୟ**

ଗାନ୍ଧୀ ପରିବାର କେବଳ ଟଙ୍କାକୁ ବୁଝେ, ଜାତୀୟ ସୁରକ୍ଷାକୁ ନୁହେଁ।

–ଅରୁଣ ଜେଟ୍‌ଲୀ, ଅର୍ଥମନ୍ତ୍ରୀ

**କିଛି ତଥ୍ୟ**

୨୦୧୮-୧୯ ଆର୍ଥିକ ବର୍ଷର ଏପ୍ରିଲ-ନଭେମ୍ବର ସମୟ ମଧ୍ୟରେ ଦେଶରୁ ମର୍ଚ୍ଚାଣ୍ଡାଇଜ ରପ୍ତାନି ୧୧.୫% ବୃଦ୍ଧି ଘଟି ୨୧୭.୫ ବିଲିୟନ ଡଲାର ଛୁଇଁଛି।

– ବାଣିଜ୍ୟ ମନ୍ତ୍ରଣାଳୟ

## ଆଜିଠୁ ପକ୍ଷୀ ଗଣନା

- ୬ରୁ କୁମ୍ଭୀର, ୧୯ରେ ଡଲଫିନ୍ ଗଣନା

ଭୁବନେଶ୍ୱର, ୨।୧(ବ୍ୟୁରୋ)

ଗୁରୁବାରଠାରୁ ରାଜ୍ୟର ବିଭିନ୍ନ ଅଞ୍ଚଳରେ ପକ୍ଷୀ ଗଣନା ଆରମ୍ଭ ହେବ। ଏଥିପାଇଁ ବନ ବିଭାଗ ପକ୍ଷରୁ ପ୍ରସ୍ତୁତି ଶେଷ ହୋଇଛି। ୩ ତାରିଖରେ ନନ୍ଦନକାନନ ସମେତ ରାଜ୍ୟର ସମସ୍ତ ବନ୍ୟପ୍ରାଣୀ ଡିଭିଜନ୍‌ରେ ପକ୍ଷୀ ଗଣନା କରାଯିବ। ୪ତାରିଖରେ ଚିଲିକା ଓ ୬ ତାରିଖରେ ଭିତରକନିକା ଏବଂ ହୀରାକୁଦ ବନଖଣ୍ଡରେ ପକ୍ଷୀ ଗଣନା ହେବ। ଏଥିପାଇଁ ଚିଲିକା, ଭିତରକନିକା, ପୁରୀ, ଚନ୍ଦକା, ସମ୍ବଲପୁର ଆଦି ଅଞ୍ଚଳରେ ସ୍ୱତନ୍ତ୍ର ସୁରକ୍ଷା କ୍ୟାମ୍ପ ତିଆରି କରାଯାଇଛି। ପ୍ରାୟ ୧ ହଜାରରୁ ଊର୍ଦ୍ଧ୍ୱ ବନ କର୍ମଚାରୀ, ପକ୍ଷୀପ୍ରେମୀ, ସାମାଜିକ କର୍ମୀ ଗଣନା କାର୍ଯ୍ୟକ୍ରମରେ ନିୟୋଜିତ ହୋଇଛନ୍ତି। ସେହିପରି ଆସନ୍ତା ୬ରୁ ୧୪ ତାରିଖ ପର୍ଯ୍ୟନ୍ତ କୁମ୍ଭୀର ଗଣନା କାର୍ଯ୍ୟକ୍ରମ ହେବ। ୬ରୁ ୧୪ ତାରିଖ ପର୍ଯ୍ୟନ୍ତ ଭିତରକନିକାରେ ଗଣନା ହେବାକୁ ଥିବା ବେଳେ ୯ତାରିଖରୁ ୧୧ତାରିଖ ପର୍ଯ୍ୟନ୍ତ ମହାନଦୀ, ଘୋଡ଼ାହାଡ଼ ଓ ଶିମିଳିପାଳରେ ଥିବା ବିଭିନ୍ନ ନଦୀରେ କୁମ୍ଭୀର ଗଣନା ହେବ। ଏ ସମସ୍ତ ଗଣନା ପରେ ୧୯ତାରିଖରେ ☞ପୃଷ୍ଠା-୨

# ବିଦ୍ୟୁତ୍ ଫାଶରେ ପଡ଼ି ମାଖନା ହାତୀ ମୃତ

ଢେଙ୍କାନାଳ ଅଫିସ/ସାତମାଇଲ (ଡି.ଏନ୍.ଏ.), ୨।୧

ଢେଙ୍କାନାଳ ଜିଲା ହିନ୍ଦୋଳ ବନାଞ୍ଚଳ ଅନ୍ତର୍ଗତ ଦୁଦୁରକୋଟ ଗ୍ରାମ ନିକଟ କଞ୍ଚାମାଣ୍ଡିଆ ପାହାଡ଼ରେ ଜନ୍ତୁ ଶିକାର ପାଇଁ ବିଛାଯାଇଥିବା ବିଦ୍ୟୁତ୍ ତାରରେ ଛନ୍ଦି ହୋଇ ଏକ ଅଣ୍ଡିରା ମାଖନା ହାତୀ (ଯାହାର ଦାନ୍ତ ନ ଥାଏ) ପ୍ରାଣ ହରାଇଛି। ବୁଧବାର ଭୋର୍ ସମୟରେ ସ୍ଥାନୀୟ ବାସିନ୍ଦା ଜଙ୍ଗଲକୁ ଶୌଚ ହେବାକୁ ଯାଇଥିବାବେଳେ ହାତୀ ମରିପଡ଼ିଥିବା ଦେଖି ବନ ବିଭାଗକୁ ସୂଚନା ଦେଇଥିଲେ। ଡିଏଫ୍ଓ ସୁଦର୍ଶନ ପାତ୍ର, ଏସିଏଫ୍ ଜିତେନ୍ଦ୍ରନାଥ ଦାସ ପହଞ୍ଚି ପ୍ରାଥମିକ ତଦନ୍ତ କରିଛନ୍ତି। ବ୍ୟବଚ୍ଛେଦ ପରେ ମୃତଦେହ ପୋତିଦିଆଯାଇଛି। ହାତୀର ଆନୁମାନିକ ବୟସ ୩୫ବର୍ଷ ହେବ ବୋଲି ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ମଙ୍ଗଳବାର ବିଳମ୍ବିତ ରାତିରେ ବିଦ୍ୟୁତ୍ ଫାଶରେ ପଡ଼ିଯିବାପରେ ହାତୀଟି ଗର୍ଜନ କରିଥିଲା। ଭୟଭୀତ ଗ୍ରାମବାସୀ ଜଙ୍ଗଲକୁ ଯିବାକୁ ସାହସ ଜୁଟାଇ ପାରିଲେନି। ଫଳରେ ହାତୀର ମୃତ୍ୟୁ ହୋଇଯାଇଥିବା ଅଞ୍ଚଳବାସୀ କହିଛନ୍ତି। ହିନ୍ଦୋଳ ବନାଞ୍ଚଳ ଶିକାରୀଙ୍କ ଅବାଧ ଚରାଭୂଇଁ ପାଲଟିଛି। ଲାଭଜନକ ବ୍ୟବସାୟରେ ପରିଣତ ହୋଇଛି ଜନ୍ତୁ ଶିକାର। ବିଦ୍ୟୁତ୍ ତାର ବିଛାଇ



**ବାର୍‌ହା ଶିକାର ଲାଗି ବିଛାଯାଇଥିଲା ତାର**

ବନ୍ୟପ୍ରାଣୀଙ୍କୁ ମାରୁଛନ୍ତି ଶିକାରୀ। ବନ ବିଭାଗ ପକ୍ଷରୁ ପାଟ୍ରୋଲିଂ କରାଯାଉ ନ ଥିବାରୁ ଏପରି ବେଆଇନ କାର୍ଯ୍ୟ ବଢ଼ିଚାଲିଛି। ଅପରପକ୍ଷେ ଖାଦ୍ୟ ଅନ୍ୱେଷଣରେ ହାତୀପଲ ଜନବସତିମୁହାଁ ହେଉଛନ୍ତି। ସୂଚନା ଦିଆଯିବା ସତ୍ତ୍ୱେ ହାତୀଙ୍କୁ ଘଉଡ଼ାଇବା ଦିଗରେ ବନ କର୍ମଚାରୀ ପଦକ୍ଷେପ ନେଉ ନ ଥିବା ଅଭିଯୋଗ ହେଉଛି। ଏହାକୁ ନେଇ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏ ନେଇ ଏସିଏଫ୍ କୁହନ୍ତି, ବାର୍‌ହା ଶିକାର ଉଦ୍ଦେଶ୍ୟରେ ବିଦ୍ୟୁତ୍ ତାର ବିଛା ଯାଇଥିଲା। ଅଭିଯୁକ୍ତଙ୍କୁ ଧରିବାକୁ ଉଦ୍ୟମ ଆରମ୍ଭ ହୋଇଛି ବୋଲି ସେ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ଜିଲାରେ ଗତ ୫ବର୍ଷରେ ୭୬ ହାତୀ ପ୍ରାଣ ହରାଇଛନ୍ତି। ☞ପୃଷ୍ଠା-୨


CBSE Exam Mate

ପୃଷ୍ଠା-୧୩



NECC NATIONAL EGG CO-ORDINATION COMMITTEE 02.01.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 69 | 118 | 128 |
| CTC | 70 | 119 | 129 |
| DKL | 74 | 124 | 134 |
| BDK | 75 | 126 | 136 |
| BLS | 77 | 128 | 138 |
| ANG | 75 | 126 | 136 |

*Conditions Apply

Eggs Retail Price- 56/-Dozen

Issued in the Interest of Consumers

## ଜନ୍ମଦିନର ଶୁଭେଚ୍ଛା

ନାମ: ..........................................
ବୟସ:..........................................
ଜନ୍ମ ତାରିଖ: ...................................


ଈଶା
ପରିବାରବର୍ଗ


ଶୁଜି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# classified


real estate

## SALE

Penguin homes Pvt. Ltd. land required for housing project in Bhubaneswar/ Cuttack. Contact: 9937254467, 7008107711. D-65238

ହଂସପାଳ 100' କେନାଲ ପିଚୁରାସ୍ତାକୁଲାଗି 9,75,000/ରେ ଘରବାରି, ଇଲେକ୍ଟ୍ରିସିଟି, ପାଚେରିଥାଇ ଜାଗା କିଣି ତୁରନ୍ତ ଘର କରନ୍ତୁ: 9437033320. D-65306

ଭୁବନେଶ୍ୱର GITA College ନିକଟରେ 1200 sqft. 3,99,000/-ରେ plot ମିଳୁଛି। 8280224744. D-64398

ଭୁବନେଶ୍ୱର ହଂସପାଳ, ବାଲିଅନ୍ତା, ଭିଙ୍ଗାରପୁରରେ 100 ଫୁଟ ପିଚୁରୋଡକୁ ଲାଗି ପ୍ଲଟ ବିକ୍ରିହେବ। 8093465134, 9437003399. D-65426

ଭୁବନେଶ୍ୱର ସୁନ୍ଦରପଦା Indus Engineering କଲେଜ backside sqft.- 199/-ରେ ପ୍ଲଟ ମିଳୁଅଛି। 8338932027. D-65312

Plot sale Rs.450/- 2km. from Gudiapokhari road side BDA area Bhubaneswar. 7978632259. D-59844

**Prime land on Puri Konark Marine drive on NH 2800 sqft. Cost 35 lakhs (Negotiable). Contact: 9778579645.** D-10303

For sale Paradeep town 11000 sqft. gharabari plot with boundarywall in residential area. Contact M: 9938219434. D-10255

## GENERAL

## SALE

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-65301



to-let

2 bed room apartment at Acropolis (near SUM Hospital) Bhubaneswar. Contact: 9437015037. D-65429


healthcare

Fully refreshed/ relaxed body massage by expert therapist, Shastri Nagar. 7377984773. D-65282

Rejuvenate and Ayurvedic full body massage by smart therapist. 9114402304. D-65283

Ayurvedic full body massage ladies/ gents smart experts therapist. 9114697517. D-64675

Experience full body massage with us by expert Enquiry: 06742597822, 7377048581. D-65277

Herbal full body massage by smart/ expert therapist. Contact: 8338067247. D-65278

Newly opening ayurvedic massage smart therapist, Shree herbal. 7750020754. D-65279

Improving your health, skin care through expert therapist, excellent offer. 9668374480. D-65280

Pamper yourself this Mansoon professional massage. Contact Purple Orchid. 9776598888. D-65281

Herbal full body massage with refreshment by well trained therapist. 7381239385. D-65284

Ayurvedic full body massage ladies/ gents experts therapist. 8338097451 . D-64677


astrology

ପଣ୍ଡିତ ଶ୍ରୀ ରାଜକିଶୋର ଷଡ଼ଙ୍ଗୀ ଲୀଳାବତୀସୂତ୍ର, ପ୍ରତ୍ୟଙ୍ଗିରାତନ୍ତ୍ର ବିଭିନ୍ନ ସମସ୍ୟାର ପ୍ରତିକାର। 9937924141, 9437405379. D-60934

ଘରେ ବସି ୩ ଘଣ୍ଟାରେ ତୁଫାନୀ କଳା ଇଲାମର ଚମତ୍କାର ପାଆନ୍ତୁ ସ୍ପେଶାଲିଷ୍ଟ ଆୟତିକରଣ, ପ୍ରେମବିବାହ, ଶତ୍ରୁମୁକ୍ତି, ଗଡାଧନ ପ୍ରାପ୍ତି, ଲଟେରି ନମ୍ବର ଗ୍ୟାରେଣ୍ଟି। 9521878410. D-10341

## AFFIDAVIT

By virtue of affidavit before Notary Public, Bhubaneswar, I Seema Bali changing my name to Gauri Hans. Henceforth I shall be known as Gauri Hans for all purpose. D-62147

By virtue of an affidavit before Notary, Bhubaneswar, I, Sayed Azad, 40 years, S/o. Sayed Mohammed Yahya, R/o. Nayasahi, PO-Danagohir, Pipili, Dist. Puri hereby declare that my name was wrongly mentioned in Aadhaar Card No: 934557271984 as 'Sayed Mohammed Akhtar Jamal' instead of 'Sayed Azad' and has now been corrected. D-64678

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ପ୍ରଥମ ଜନ୍ମଦିନ ଶୁଭେଚ୍ଛା


(ସୁଇଟ)

**ଅର୍ପି ଆଦ୍ୟାସା**

ଆଜି ତୋର ପ୍ରଥମବର୍ଷ ଜନ୍ମଦିନ, ଆଗକୁ ତୋର ଚଲାପଥ କୁସୁମିତ ହେଉ, ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ଏତିକି ପ୍ରାର୍ଥନା। ଶୁଭେଚ୍ଛା ସହ: ବାବା, ମା, ବଡ଼ବାପା, ବଡ଼ମାମା, ପାପା, ମାମା, ତିତିଲ, ଲିଟିଲ୍, ସୋନାଲି, ସୋନୁ, ବନ୍ଧୁ ଓ ପରିବାରବର୍ଗ। ଧ-୧୪୫୬୩

## ଜନ୍ମଦିନ ଶୁଭେଚ୍ଛା


(Suji)

**Gayatri Moharana**
**Balipahad, Cuttack**

ତୋର ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥ ତୋତେ ଦୀର୍ଘାୟୁ ଏବଂ ଖୁସିରେ ରଖନ୍ତୁ। ତୋର ଚଲାପଥ କୁସୁମିତ ହେଉ ଏତିକି ପ୍ରଭୁଙ୍କ ଚରଣାରବିନ୍ଦରେ ପ୍ରାର୍ଥନା। ଶୁଭେଚ୍ଛା ସହ: ବାପା, ବୋଉ, ନାନା, ଜିଜୁ, ଭାଇ, ଫନ, ସିଲା, ପ୍ରିୟବ୍ରତ, ପ୍ରକାଶ ଓ ସାଙ୍ଗମାନେ, ପରିବାରବର୍ଗ। ଧ-୧୦୨୫୨

## ଆଡ୍‌ଭୋକେଟ ଗୀତାଞ୍ଜଳୀ ବସ୍ତିଆଙ୍କ ଆଇନରେ ପିଏଚ୍.ଡି. ଲାଭ



ଆଇନଜୀବୀ **ଗୀତାଞ୍ଜଳି ବସ୍ତିଆ** ଉତ୍କଳ ବିଶ୍ୱବିଦ୍ୟାଳୟରୁ ଆଇନରେ ଅବସରପ୍ରାପ୍ତ ପ୍ରଫେସର (ଡକ୍ଟର) ପୂର୍ଣ୍ଣଚନ୍ଦ୍ର ପତି, ମଧୁସୂଦନ ଆଇନ ମହାବିଦ୍ୟାଳୟ, କଟକ, ଉତ୍କଳ ବିଶ୍ୱବିଦ୍ୟାଳୟ ଓ ପୂର୍ବତନ ପ୍ରଫେସର ନିରଞ୍ଜନ ପାଣି, ଲୋକ ପ୍ରଶାସନ ବିଭାଗ, ଉତ୍କଳ ବିଶ୍ୱବିଦ୍ୟାଳୟ (Co-Guide)ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପିଏଚ୍.ଡ଼ି. ଡିଗ୍ରୀ ଲାଭ କରିଛନ୍ତି। ତାଙ୍କର ସନ୍ଦର୍ଭ **"Alternate System of Adjudication of Service Disputes: A Study of State Administrative Tribunal in Orissa"**, ପୂର୍ବତନ ପ୍ରଫେସର **(Dr.) R.C. Borpatra Gohain,** ଆଇନ ବିଭାଗ, ଗୌହାଟୀ ବିଶ୍ୱବିଦ୍ୟାଳୟ ଓ ବର୍ତ୍ତମାନର Advocate General, Assam ଏବଂ ପ୍ରଫେସର ଏସ୍.ଆର୍. ତ୍ରିପାଠୀ, ସ୍କୁଲ ଅଫ୍ ଲ, ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଅଛି। ଡ. ଗୀତାଞ୍ଜଳି ବସ୍ତିଆ, ଗୋପିନାଥପଡ଼ା ଗ୍ରାମ, ଆଠଗଡ଼, କଟକ ଜିଲ୍ଲା ନିବାସୀ ସ୍ୱର୍ଗତ ଗଙ୍ଗାଧର ବସ୍ତିଆ, ପୂର୍ବତନ ସହକାରୀ ପ୍ରଧାନ ଶିକ୍ଷକ, ଉତ୍କଳ ୟୁନିଭରସିଟି ହାଇସ୍କୁଲ, ବାଣୀବିହାର ଓ ପ୍ରଧାନ ଶିକ୍ଷକ ନହରକଣ୍ଟା ଉଚ୍ଚ ବିଦ୍ୟାଳୟ, ନହରକଣ୍ଟା, ପୂର୍ବତନ ରାଜ୍ୟ ସଭାପତି ଅଲ୍ ଇଣ୍ଡିଆ ଫରୱାର୍ଡ ବ୍ଲକ, ଓଡ଼ିଶା ଶାଖା ଓ ସ୍ୱର୍ଗତା କମଳା ବସ୍ତିଆଙ୍କର କନ୍ୟା। ଅଧୁନା ସେ ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ସଦସ୍ୟା ଓ ରାଜ୍ୟ ବିଜୁ ଜନତା ଦଳ ମହିଳା ମୋର୍ଚ୍ଚାର କାର୍ଯ୍ୟକାରୀ ସଭାପତି ଭାବେ କାର୍ଯ୍ୟରତ। ଧ-୧୦୩୪୩

## ଦ୍ୱିତୀୟ ଜନ୍ମବାର୍ଷିକ ଶୁଭେଚ୍ଛା



**ଇଭାଂଶୀ (ଈଶା)**
**ଗଙ୍ଗାମାତା ବଗିଚା, ପୁରୀ**

ଆଜି ପବିତ୍ର ଜନ୍ମଦିନରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ କରୁଣା ତୋ ଉପରେ ରହୁ ଓ ତୋତେ ଦୀର୍ଘାୟୁ, ଯଶସ୍ୱୀ, ବିଦୂଷୀ ଓ ଭଲ ମଣିଷରେ ପରିଣତ କରନ୍ତୁ। ଶୁଭେଚ୍ଛା ସହ: ବାବା, ବୋଉ, ପାପା, ମାମା, ଜେଜେବାପା, ଜେଜେମା, ଅଜା, ଆଈ, ମଉସା, ମାଉସୀ, ପିଉସା, ନାନୀ, ମାମୁ, ମାଇଁ ଓ ସମସ୍ତ ଶୁଭାକାଂକ୍ଷୀ। ଧ-୬୪୦୨୭

**ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ବିବାହ ଶୁଭେଚ୍ଛା ଟ୩୧୫/- (ଫଟୋ ସହ) ଏବଂ ଟ୨୧୦/- (ବିନା ଫଟୋ)ରେ। ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।**

ପ୍ରଥମ ପୃଷ୍ଠାରୁ...

## ଖୋଲାନଦୀରେ ଡଙ୍ଗା...


ଚିନ୍ତାରେ ନିଖୋଜ ଥିବା ବ୍ୟକ୍ତିଙ୍କ ସମ୍ପର୍କୀୟ।

ଖୋଲାନଦୀ ଦେଇ ଫେରିବା ବେଳେ ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ବଡିଘର ପଞ୍ଚାୟତ ଅଧୀନ ନିପାଣିଆ ଗ୍ରାମର ବାଲିଘାଟ ବାଙ୍କମୁଣ୍ଡରେ ପାରାଦୀପ ପଟୁ ଆସୁଥିବା ଏକ ଡଙ୍ଗା ନିକଟତର ହୋଇଯାଇଥିଲା। ଏହାଦେଖି ଦୁର୍ଘଟଣା ଭୟରେ ଯାତ୍ରୀମାନେ ଡଙ୍ଗାର ଗୋଟିଏ ପାର୍ଶ୍ୱକୁ ଚାଲି ଯାଇଥିଲେ । ଏହି ସମୟରେ ଉଚ୍ଚ ଜୁଆର ଥିବାରୁ ଡଙ୍ଗାରେ ପାଣି ପଶି ବୁଡି ଯାଇଥିଲା । ଫଳରେ ହସିଣା ଗ୍ରାମର ଅକ୍ଷୟ ସ୍ୱାଇଁଙ୍କ ସ୍ତ୍ରୀ ପ୍ରଭାତି ଭାସି ଯାଇ ମୃତ୍ୟୁବରଣ କରିଥିଲେ । ସେହି ଗ୍ରାମର ଘୁଙ୍ଗୁର ସାହୁଙ୍କ ଝିଅ, ନରହରି ତରେଇଙ୍କ ପୁଅ ଓ ସ୍ତ୍ରୀ, ଅକ୍ଷୟ ସ୍ୱାଇଁଙ୍କ ପୁଅ, ଭଗବାନ ସ୍ୱାଇଁଙ୍କ ପୁଅ, ମଣ୍ଟୁ ସାହୁଙ୍କ ଝିଅ ନିଖୋଜ ଅଛନ୍ତି । ଅନ୍ୟ ୨ ନିଖୋଜଙ୍କ ପରିଚୟ ଜଣାପଡିନାହିଁ।

ସୂଚନାଯୋଗ୍ୟ ଯେ, ଏହି ଡଙ୍ଗାରେ ୩୨ ଜଣ ବସିବାର କ୍ଷମତା ଥିବାବେଳେ ସେଥିରେ ୫୫ରୁ ଊର୍ଦ୍ଧ୍ୱ ଯାତ୍ରୀ ବସିଥିଲେ। ଦୁର୍ଘଟଣା ଘଟିଥିବା ଡଙ୍ଗାରେ ଲାଇଫ୍ ଜ୍ୟାକେଟର କୌଣସି ବ୍ୟବସ୍ଥା ନ ଥିବାବେଳେ ଆବଶ୍ୟକ କାଗଜପତ୍ର ମଧ୍ୟ ନ ଥିବା ଜଣାପଡିଛି। ଖବର ଲେଖା ହେବା ବେଳକୁ କେନ୍ଦ୍ରାପଡ଼ା ଜିଲାପାଳ ଦାଶରଥୀ ଶତପଥୀ, ଏସ୍‌ପି ନୀତିଶେଖର, ଉପଜିଲାପାଳ ସଞ୍ଜୟ କୁମାର ମିଶ୍ର, ମହାକାଳପଡ଼ା ତହସିଲଦାର, ଜମ୍ବୁ ମେରାଇନ୍ ଥାନା ଆଇଆଇସି ପ୍ରିୟବ୍ରତ ଦାସ, ବନ ବିଭାଗ ଅଧିକାରୀ ପଦ୍ମନାଭ ରାଉତ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ତଦାରଖ କରୁଛନ୍ତି। ନିପାଣିଆ ଗ୍ରାମର ଦେବୁ ଦାସ ଓ ବିଭୂ ଭୁଷଣ ଦାସଙ୍କ ସମେତ ୪୦ରୁ ଊର୍ଦ୍ଧ୍ୱ ଲୋକ ଉଦ୍ଧାର କାର୍ଯ୍ୟରେ ସାମିଲ ହୋଇଛନ୍ତି। ଅପରପକ୍ଷରେ କୁଜଙ୍ଗ ତହସିଲଦାର ରମେଶ ଚନ୍ଦ୍ର ପଣ୍ଡା ହସିଣା ଗ୍ରାମକୁ ଯାଇ ସବିଶେଷ ବୁଝିବା ସହ ଉଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ଉଦ୍ୟମ ଚଳାଇଛନ୍ତି । ଉଦ୍ଧାର ହୋଇଥିବା ଲୋକଙ୍କୁ ମହାକାଳପଡ଼ା ବିଧାୟକ ଅତନୁ ସବ୍ୟସାଚୀ ନାୟକ କମ୍ବଳ ଓ ବସ୍ତ୍ର ପ୍ରଦାନ କରିଥିବା ଜଣାପଡିଛି । ଆବଶ୍ୟକ କ୍ଷମତାଠାରୁ ଅଧିକ ଲୋକଙ୍କୁ ଡଙ୍ଗାରେ ଅସୁରକ୍ଷିତ ଭାବେ ନେବା ଆଣିବା କରାଯାଉଥିବାରୁ ଏଭଳି ଦୁର୍ଘଟଣା ଘଟୁଥିବା ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି।

## ୨୬ ଏମ୍‌ପି ନିଲମ୍ବିତ

ଅନ୍ୟପକ୍ଷରେ ଆନ୍ଧ୍ରପ୍ରଦେଶର ଶାସକ ତେଲୁଗୁ ଦେଶମ୍ ପାର୍ଟି (ଟିଡିପି) ଏମ୍‌ପିମାନେ ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ଦାବିରେ ଗୃହରେ ହଟ୍ଟଗୋଳ କରିଥିଲେ। ରାଫାଲ ଚୁକ୍ତିକୁ ନେଇ ଗୃହରେ ଆଲୋଚନା କରାଯିବାକୁ ଥିବାବେଳେ ଉଭୟ ଦଳର ସଦସ୍ୟମାନେ ବାଚସ୍ପତିଙ୍କ ପୋଡିୟମ୍ ନିକଟରେ ଏକତ୍ରିତ ହୋଇ ସ୍ଲୋଗାନ ଦେଇଥିଲେ। କିଛି ସମୟ ମଧ୍ୟରେ ବିକ୍ଷୋଭରତ ସଦସ୍ୟମାନେ କାଗଜ ଚିରି ବାଚସ୍ପତିଙ୍କ ଆସନ ଆଡ଼କୁ ଫିଙ୍ଗିଥିଲେ। ଏହାକୁ ନେଇ ବାଚସ୍ପତି ସେମାନଙ୍କୁ ଚେତାବନୀ ଦେଇଥିଲେ ହେଁ ସଦସ୍ୟମାନେ ତାଙ୍କ କଥା ଶୁଣି ନ ଥିଲେ। ଫଳରେ ଗୃହକାର୍ଯ୍ୟରେ ବାଧାସୃଷ୍ଟି କରୁଥିବା ସଦସ୍ୟମାନଙ୍କ ନାମ ବାଚସ୍ପତି ପଢ଼ିବାରେ ଲାଗିଲେ। ଏହାସହ ସେମାନଙ୍କୁ କ୍ରମାଗତ ୫ ଦିନ ଧରି ଗୃହରୁ ନିଲମ୍ବନ କରାଯାଉଛି ବୋଲି ସେ ଘୋଷଣା କରିଥିଲେ। ଏଥିସହିତ ବାଚସ୍ପତି ଗୃହକୁ ଦିନକ ପାଇଁ ସ୍ଥଗିତ ଘୋଷଣା କରିଥିଲେ। ପରେ ନିଲମ୍ବିତ ଏଆଇଏଡିଏମ୍‌କେ ସଦସ୍ୟମାନେ ପାର୍ଲାମେଣ୍ଟ ପରିସରରେ ଏକ ଶୋଭାଯାତ୍ରା କରି ସରକାର ବିରୋଧୀ ସ୍ଲୋଗାନ ଦେଇଥିଲେ। ଉପବାଚସ୍ପତି ଏମ୍. ଥାମ୍ବିଦୁରାଇ (ଏଆଇଏଡିଏମ୍‌କେ ସଦସ୍ୟ) କହିଛନ୍ତି, ତାଙ୍କ ଦଳର ସଦସ୍ୟମାନେ ବାଚସ୍ପତିଙ୍କୁ ସମାଲୋଚନା କରିନାହାନ୍ତି। ଏନ୍‌ଡିଏ ସରକାର ତାମିଲନାଡୁ ପାଇଁ କିଛି କରି ନ ଥିବାରୁ ସେମାନେ କେନ୍ଦ୍ର ବିରୋଧରେ ସ୍ଲୋଗାନ ଦେଉଥିଲେ।

## ବିଦ୍ୟୁତ୍ ଫାଶରେ ପଡ଼ି ...

ସେମାନଙ୍କ ମଧ୍ୟରୁ କେବଳ ବିଦ୍ୟୁତ୍ ଆଘାତରେ ମୃତ୍ୟୁ ସଂଖ୍ୟା ହେଉଛି ୧୮। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି, ୨୦୧୮ ଜାନୁୟାରୀରୁ ବର୍ତ୍ତମାନ ସୁଦ୍ଧା ୧୫ ହାତୀଙ୍କ ଜୀବନ ଗଲାଣି। ସେଥିରୁ ବିଦ୍ୟୁତ୍ ଆଘାତରେ ମରିଛନ୍ତି ୧୦। ଗତ ଅକ୍ଟୋବର ୨୭ରେ ଢେଙ୍କାନାଳ ସଦର ବନାଞ୍ଚଳ କମଳାଙ୍ଗ ଗ୍ରାମ ନିକଟରେ ବେସରକାରୀ ନିର୍ମାଣକାରୀ ସଂସ୍ଥାକୁ ଟଣାଯାଇଥିବା ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ୭ ହାତୀଙ୍କ ମୃତ୍ୟୁ ଘଟିଥିଲା। ଏଥିପୂର୍ବରୁ ୨୦୧୮ ଜୁନ୍ ୪ରେ ସଦର ରେଞ୍ଜ ଇଚ୍ଛାପୁରରେ ଗୋଟିଏ ମାଈ ହାତୀ ଏବଂ ଅଗଷ୍ଟ ୩୧ରେ ହିନ୍ଦୋଳ ରେଞ୍ଜ ଖାରବେଡ଼ାରେ ଏକ ବୟସ୍କ ଦନ୍ତାହାତୀ ବିଦ୍ୟୁତ୍ ଆଘାତରେ ପ୍ରାଣ ହରାଇଥିଲେ। ନୂତନ ବର୍ଷ ଆରମ୍ଭରୁ ପୁଣି ଥରେ ହାତୀମୃତ୍ୟୁ ପରିବେଶବିତ୍‌ଙ୍କୁ ମର୍ମାହତ କରିଛି।

# ମନେ ପଡ଼ନ୍ତି

### ପ୍ରଥମ ଶ୍ରାଦ୍ଧବାର୍ଷିକୀ

ଶ୍ରଦ୍ଧାଞ୍ଜଳି



**✓ ଶଶାମଣି ବେଉରା**
**ମଞ୍ଚେଶ୍ୱର, ଭୁବନେଶ୍ୱର**

ଆବିର୍ଭାବ - ୧୯.୦୬.୧୯୫୯
ତିରୋଧାନ - ୧୫.୧୨.୨୦୧୭

ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।

ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ସହ : ତୁମର ହତଭାଗ୍ୟ ସ୍ୱାମୀ- ସୂର୍ଯ୍ୟମଣୀ ବେଉରା, ପୁଅ, ଝିଅ, ବୋହୂ, ଜ୍ୱାଇଁ, ନାତିନାତୁଣି, ବନ୍ଧୁ ଓ ପରିବାର ବର୍ଗ

ଧ-୬୫୨୮୫

### ପ୍ରଥମ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତ ଶଶାଙ୍କ ଶେଖର ସାମନ୍ତ**

ଅବସରପ୍ରାପ୍ତ ମୁଖ୍ୟଯନ୍ତ୍ରୀ
ଜଳସମ୍ପଦ ବିଭାଗ, ଓଡ଼ିଶା

ଆବିର୍ଭାବ: ୩୦.୦୫.୧୯୪୨
ତିରୋଧାନ: ୧୫.୧୨.୨୦୧୭

ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।

ଶୋକ ସନ୍ତପ୍ତ ପରିବାର ବର୍ଗ, ବନ୍ଧୁ ଓ ଆତ୍ମୀୟ ସ୍ୱଜନ

ଧ-୬୪୫୪୯



**ପ୍ରିୟାଂଶୁ ମିଶ୍ର**

ଆବିର୍ଭାବ : ୨୨.୦୨.୨୦୦୨
ତିରୋଧାନ : ୨୫.୧୨.୨୦୧୮

ଚକ୍ରତୀର୍ଥ ରୋଡ଼, ପୁରୀ

ଆମେ ତୋ ପାଇଁ ଆକାଶର ତାରା ହେବା ପୂର୍ବରୁ, ତୁ ଏବେ ହୋଇଗଲୁ ଆକାଶର ତାରା। ଭାଙ୍ଗିଯାଇଛି ସ୍ୱପ୍ନ। ଧୂଳିସାତ ହୋଇଯାଇଛି ଆଶା ଓ ବିଶ୍ୱାସ। ତୁ ଯେଉଁଠି ଥା', ଭଲରେ ଥା। ଭଗବାନ ତୋର ଅମର ଆତ୍ମାକୁ ଅମ୍ଳାନ ରଖନ୍ତୁ।

ତୋର ହତଭାଗ୍ୟ :
ପାପା-ମମି, ବାପା-ବୋଉ
ପରିବାର ଓ ସାଇ ଇଣ୍ଟର ନ୍ୟାସ୍‌ନାଲ୍ ସ୍କୁଲର ସାଙ୍ଗସାଥି

ଧ-୧୬୦୩୧

### ଏକାଦଶାହ ଉପଲକ୍ଷେ



**✓ଯୁଗଳ କିଶୋର ଦାସ**
ଦଉତୋଟା, ପୁରୀ

ଆବିର୍ଭାବ-୧୦.୧୦.୧୯୩୧
ତିରୋଧାନ-୨୪.୧୨.୨୦୧୮

ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା, ଆପଣଙ୍କ ଦ୍ୱାରା ଲବ୍ଧ ହୋଇଥିବା ସ୍ନେହ, ଶ୍ରଦ୍ଧା, ଆଶୀର୍ବାଦ, ଶିକ୍ଷା, ଆଦର୍ଶ ଓ ସରଳ ଜୀବନ ଯାପନ ନିତି ଆମମାନଙ୍କ ପାଇଁ ପ୍ରେରଣାର ଉତ୍ସ ହେଉ।

ଶୋକସନ୍ତପ୍ତ:
ପରିବାର ବର୍ଗ, ଆତ୍ମୀୟସ୍ୱଜନ ଓ ବନ୍ଧୁବର୍ଗ।

ଧ-୬୫୩୧୭

### ପ୍ରଥମ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତ ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ**

ବ୍ରିଟ କଲୋନୀ, ନୟାପଲ୍ଲୀ, ଭୁବନେଶ୍ୱର, ଖୋର୍ଦ୍ଧା

ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା। ଶ୍ରଦ୍ଧାଞ୍ଜଳି ସହ: ଧର୍ମପତ୍ନୀ- ସାବିତ୍ରୀ, ପୁତ୍ର- ବୁବୁ ଓ ଟୁବୁ, ପୁତ୍ରବଧୂ- ଏଲି ଓ ରୂପାଲୀ, ପୁତ୍ରୀ- ମାମି, ଟମି, ନିନି, ମନି ଓ ନମି, ଜାମାତା- ଟୁଟୁ, କୁନା, କୁକା, ଲିକି ଓ ବପୁନ ଏବଂ ନାତି-ନାତୁଣୀମାନେ। ଧ-୧୦୩୪୦

Your Classified Advertisement published in Dharitri will be listed free in Dharitri Online Edition: **www.dharitri.com**

## ଲୋକ ସଭାରେ ...

ଯାହା ମିଛ ବୋଲି ସେ ଜାଣିଛନ୍ତି। ଏହି ବ୍ୟକ୍ତି ବାରମ୍ବାର ମିଛ କହୁଛନ୍ତି ବୋଲି ଜେଟ୍‌ଲୀ ଅଭିଯୋଗ ଆଣିଥିଲେ। ରାଫାଲ ଚୁକ୍ତିକୁ ନେଇ ଦୁର୍ନୀତି ହୋଇଥିବା ଅଭିଯୋଗ ଆଣି କଂଗ୍ରେସ ଏହାର ଯୁଗ୍ମ ସଂସଦୀୟ କମିଟି (ଜେପିସି) ତଦନ୍ତ ଦାବି କରୁଥିବାବେଳେ ଏହି ପ୍ରସଙ୍ଗରେ ଗୃହରେ ଏଭଳି ହାଇଡ୍ରାମା ଦେଖିବାକୁ ମିଳିଥିଲା। ଅନ୍ୟପକ୍ଷରେ ଜେପିସି ତଦନ୍ତ ଦାବିକୁ ସରକାର ପ୍ରତ୍ୟାଖ୍ୟାନ କରିଦେଇଥିଲେ। ସୁପ୍ରିମକୋର୍ଟ ଏହି ପ୍ରସଙ୍ଗରେ ସନ୍ତୋଷ ବ୍ୟକ୍ତ କରିବା ପରେ ଜେପିସି ତଦନ୍ତ ଅନାବଶ୍ୟକ ବୋଲି ଜେଟ୍‌ଲୀ କହିଥିଲେ। ଏହାକୁ ନେଇ କଂଗ୍ରେସ ସଦସ୍ୟମାନେ ସରକାର ବିରୋଧୀ ସ୍ଲୋଗାନ ଦେବା ସହ କାଗଜରେ ରକେଟ୍ ତିଆରି କରି ବାଚସ୍ପତିଙ୍କ ଆସନ ଆଡ଼କୁ ଫିଙ୍ଗିଥିଲେ। ବାଚସ୍ପତି ସୁମିତ୍ରା ମହାଜନ ଏଥିରେ ବିରକ୍ତିଭାବ ପ୍ରକାଶ କରି 'ଆପଣମାନେ ଏବେ ବି ଛୋଟପିଲା କି' ବୋଲି ପ୍ରଶ୍ନ କରିଥିଲେ। ଏଥିରେ ଜେଟ୍‌ଲୀ କହିଥିଲେ, କଂଗ୍ରେସ ସଦସ୍ୟମାନେ ସମ୍ଭବତଃ ରାଫାଲ ସହ ଯୁଦ୍ଧବିମାନ ଯୋଗାଣ ଦୌଡ଼ରେ ଥିବା ୟୁରୋ ଫାଇଟର୍ କଥା ମନେପକାଇ କାଗଜରକେଟ୍ ଫିଙ୍ଗଛନ୍ତି। ହଟ୍ଟଗୋଳ ଜାରି ରହିବାରୁ ବାଚସ୍ପତି ରାହୁଲଙ୍କୁ ଉକ୍ତ ଟେପ୍‌ରେ ଥିବା ବାର୍ତ୍ତାଳାପର ସତ୍ୟତା ପ୍ରତିପାଦିତ କରିବାକୁ କହିଥିଲେ। ଏହାସହ ଗୃହରେ କୌଣସି ଟେପ୍ ନ ବଜାଇବାକୁ ତାଙ୍କୁ ତାଗିଦ କରିଥିଲେ। ଏହାକୁ ନେଇ ରାହୁଲ କହିଥିଲେ, ସେମାନେ ଏତେ ଭୟଭୀତ। ମୁଁ କୌଣସି ଟେପ୍ ବଜାଇବି ନାହିଁ। ଯଦି ତାହା ସମସ୍ତଙ୍କୁ ଆମୋଦିତ କରିବ ତେବେ ସେ ବାର୍ତ୍ତାଳାପକୁ ପଢ଼ି ଶୁଣାଇବେ। ଉଭୟ ପକ୍ଷ ମଧ୍ୟରେ ବାକ୍‌ଯୁଦ୍ଧ ଲୋକ ସଭାକୁ ସରଗରମ କରିଥିବାବେଳେ ବାଚସ୍ପତି ଗୃହକୁ ସ୍ଥଗିତ ଘୋଷଣା କରିଥିଲେ।

## ଆଜିଠୁ ପକ୍ଷୀ ...

ଡଲଫିନ୍ ଗଣନା ହେବ। ସେହିପରି ଅଲିଭ୍ ରିଡ୍‌ଲେ ସୁରକ୍ଷା ପାଇଁ ବ୍ୟବସ୍ଥା ହୋଇଛି। ବର୍ତ୍ତମାନ ସୁଦ୍ଧା ପାଖାପାଖି ୪୫ଟି ବେଆଇନ ବୋଟ୍ ଜବତ କରାଯିବା ସହିତ ୪୦୦ରୁ ଊର୍ଦ୍ଧ୍ୱ ଆଇନ ଉଲ୍ଲଂଘନକାରୀଙ୍କୁ ଗିରଫ କରାଯାଇଥିବା ପିସିସିଏଫ୍ (ବନ୍ୟପ୍ରାଣୀ) ତଥା ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ସନ୍ଦୀପ ତ୍ରିପାଠୀ କହିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**

ଆଜିର ଚନ୍ଦ୍ର ବାଧକାଧିପତି ଶନିଙ୍କ ନକ୍ଷତ୍ରରେ ଦୁଃସ୍ଥାନଗତ ହେତୁ 'ବିଷସ୍ୟ ବିଷ ମୌଷଧି' ଭଳି ମନ୍ଦ ବଦଳରେ ସୁଫଳ ପାଇବେ। କୌଣସି ବନ୍ଧୁଙ୍କ ନିକଟରେ ବହୁତ ଦିନରୁ ରହିଥିବା ଅର୍ଥ ପାଇବେ। ଆଇନ ଅଦାଲତ ଓ ସାଙ୍ଗଠନିକ କ୍ଷେତ୍ରରୁ ସୁନାମ ମିଳିବ। କର୍ମକ୍ଷେତ୍ରରେ ବିରୋଧୀ ପକ୍ଷ ଦୁର୍ବଳ ରହିବେ, ଯଦ୍ୱାରା ଆପଣଙ୍କ କାର୍ଯ୍ୟସାଧନ ପାଇଁ କିଛି ଅସୁବିଧା ରହିବ ନାହିଁ।

**ବୃଷ**

ଆପଣଙ୍କର ଧନାଧିପତି ବୁଧ, ଭାଗ୍ୟାଧିପତିଙ୍କ ପୃଷ୍ଠଦେଶରେ ଦୃଷ୍ଟି ଅନ୍ତରାଳେ ରହିଥିବାରୁ 'ହଁ' ପ୍ରତିଶ୍ରୁତି କେବଳ ପାଇପାରନ୍ତି। ପ୍ରତ୍ୟେକ କ୍ଷେତ୍ରରେ ଆପଣଙ୍କ ଚେଷ୍ଟା ଅବ୍ୟାହତ ରହିଲେ ମଧ୍ୟ ଆଜିହିଁ ପାଇଲେ ପାଇଲା ପରି ହେବ। ଅବଶ୍ୟ କର୍ମକ୍ଷେତ୍ରରେ ଭଲ ସମ୍ପର୍କଥିବା ସହକର୍ମୀ କିମ୍ବା ନିଜ ପରିସରର ବନ୍ଧୁଙ୍କ ଦ୍ୱାରା କିଛିଟା ଉପକୃତ ହେବେ।

**ମିଥୁନ**

ରାଶ୍ୟାଧିପ ବୁଧ ପରସ୍ପର ବିରୋଧୀ ଗ୍ରହଙ୍କ ସାନ୍ନିଧ୍ୟରେ ରହି ରୋଗପୀଡ଼ା, ଋଣ ଓ ଶତ୍ରୁତା ଭଳି ପରିସ୍ଥିତିର ସମ୍ମୁଖୀନ କରାଇପାରନ୍ତି। ଏଣେ ଅଚାନକ ବନ୍ଧୁଙ୍କ ସହ ଯାତ୍ରା କରିବା ପାଇଁ ଅନୁରୋଧକୁ ଇଚ୍ଛା ନ ଥିଲେ ମଧ୍ୟ ବରଦାସ୍ତ କରିପାରିବେ ନାହିଁ। ଅବଶ୍ୟ କର୍ମକ୍ଷେତ୍ରରେ ପୂର୍ବର ସ୍ଥିତି ଅକ୍ଷୁଣ୍ଣ ରହିବା ସହ ପାରିବାରିକ କ୍ଷେତ୍ର ସାମାନ୍ୟ କମ୍‌ଜୋର ରହିପାରେ।

**କର୍କଟ**

ସ୍ୱସ୍ଥାନହନ୍ତା ବୃହସ୍ପତି ଓ ମଙ୍ଗଳଙ୍କ ସ୍ୱସ୍ଥାନ ପ୍ରତି ଦୃଷ୍ଟିର ଅଭାବ ସନ୍ତାନ ହେତୁକ ନୈରାଶ୍ୟଭାବ ଅନୁଭବରେ ଆସିପାରେ। ମନକୁ ବୁଝାଇ ଆଗାମୀ କର୍ମପନ୍ଥା ସ୍ଥିର କଲେ କେତେକାଂଶରେ ଉପକୃତ ହେବ। ତଥାପି ଘରେ ବନ୍ଧୁମିଳନ, ଶୁଭଖବର, ଅର୍ଥପ୍ରାପ୍ତିର ସୂଚନାରୁ ଖୁସି ରହିପାରନ୍ତି। ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରିବା ଭଲ ହେବ।

**ସିଂହ**

କେନ୍ଦ୍ର ଓ କୋଣଭାବରେ ତିନିତିନି ଗ୍ରହ ଅବସ୍ଥାନ କରି ଆପଣଙ୍କ ଆଶା ଓ ଅଭିଳାଷକୁ ପୂରଣ କରିବା ପଥ କୁସୁମିତ କରିପାରନ୍ତି। ବିଭିନ୍ନ କାରଣ ପୃଷ୍ଠଭୂମିରେ ଘର କିମ୍ବା ନିଜର ପରିବେଶ ଶାନ୍ତିପ୍ରଦ ହୋଇନପାରେ। ଘରଭଡ଼ା, ଗୃହସୀମା, ଚୁକ୍ତିପତ୍ର, ଆଲୋଚନାକୁ କେନ୍ଦ୍ରକରି ସାମାନ୍ୟ ଝଗଡ଼ା ସୃଷ୍ଟିର ଆଶଙ୍କା ରହିଛି। ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ।

**କନ୍ୟା**

ତୃତୀୟଭାବସ୍ଥ ଗ୍ରହ ପ୍ରଭାବରୁ ଏକାଧିକ ବନ୍ଧୁ ଆପଣଙ୍କ କାର୍ଯ୍ୟରେ ସହଯୋଗ କରିପାରନ୍ତି। ସୁବିଧା ସୁଯୋଗର ସଦ୍‌ବ୍ୟବହାର ଉପରେ ଆପଣଙ୍କ ସଫଳତା କିମ୍ବା ବିଫଳତା ନିର୍ଭର କରିବ। କିନ୍ତୁ ବ୍ୟବସାୟ କ୍ଷେତ୍ରରେ ଠକାମିର ଶିକାର ହୋଇ ଅନୁଶୋଚନା କରିପାରନ୍ତି।

**ତୁଳା**

ଆଜି ଚନ୍ଦ୍ରଙ୍କ ସମେତ ତିନୋଟି ଗ୍ରହ ପ୍ରଭାବରୁ କଥାରେ ମନ ମୋହିବେ, ପରହେବ ଆପଣାର ଏବଂ ଚେଷ୍ଟା କରୁଥିବା ଦିଗରୁ ଅର୍ଥ ନିଶ୍ଚିତ ପ୍ରାପ୍ତି ହେବ। କିନ୍ତୁ ପଚାରିବା ପୂର୍ବରୁ ଗପିବା ନ ଡାକିଲେ ମଧ୍ୟ ଆସିବା ଓଲଟାଫଳ ଦେଇପାରେ। ଚେଷ୍ଟା କରୁଥିବା କାମଟିକୁ ଶେଷ କରିପାରିବେନି ମାତ୍ର ଶେଷ ପର୍ଯ୍ୟାୟକୁ ନେଇପାରିବେ।

**ବିଛା**

ଆଜିର ଗ୍ରହ ସମ୍ପର୍କ ପ୍ରଭାବରେ ଆପଣ ଭାବିଥିବେ ଗୋଟିଏ କଥା, କହିଲା ବେଳକୁ ଏପଟସେପଟ ହୋଇଯାଇପାରେ। ଯାହାର ପରିଣାମ ସ୍ୱରୂପ ସୁଯୋଗ ହରାଇବେ ଏବଂ ନୈରାଶ୍ୟରେ ଅନୁତାପ କରିବେ। ବାଣିଜ୍ୟ, ବ୍ୟବସାୟରେ ପ୍ରତିବନ୍ଧକ ଦୂରେଇଯିବ ଓ ଲାଭ ମଧ୍ୟ କମିବ ନାହିଁ। ସ୍ୱାର୍ଥସାଧନର ଆଶା ରଖି ବନ୍ଧୁମାନେ ପାଖେଇ ଆସିପାରନ୍ତି।

**ଧନୁ**

ଅସଫଳତା ଓ ଅସୁସ୍ଥ ଚିନ୍ତାଧାରାର ପରିଣାମ କର୍ମହାନି ଓ କଳହର କାରଣ ହେବାର ଆଶଙ୍କା ସୃଷ୍ଟି କରିବ। ଅବଶ୍ୟ କଚେରି ମାମଲା ସପକ୍ଷରେ ଯିବ ଏବଂ ପ୍ରତିଯୋଗିତାରେ ସଫଳତା ପାଇ ଖୁସି ହୋଇପାରନ୍ତି। କାଠ, ପଥର, ଲୁହା, ସିମେଣ୍ଟ ବ୍ୟବସାୟୀମାନଙ୍କ ପାଇଁ ଦିନଟି ବହୁତ ଭଲ। ନୂତନ ଯୋଜନା ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ।

**ମକର**

ଏକାଧିକ ଚିନ୍ତାର ଅନୁପ୍ରବେଶ ମାନସିକ ସ୍ଥିତିକୁ ଏପଟ ସେପଟ କରିଦେଇପାରେ। ଚତୁର୍ଥ ସ୍ଥାନ ପ୍ରତି ପାପଗ୍ରହର ଦୃଷ୍ଟି ବନ୍ଧୁସମ୍ପର୍କ, ପରିବାର, କର୍ମକ୍ଷେତ୍ରରେ ଭୁଲ୍ ଧାରଣା ସୃଷ୍ଟି କରାଇବ। ଛୋଟ ଛୋଟ କାମ ହାତକୁ ନେଲେ ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି। ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କତା ଏବଂ ଅନୁକୂଳ ପରିସ୍ଥିତିରେ ସମାଧାନ ପାଇଁ ଚେଷ୍ଟା କରିବେ।

**କୁମ୍ଭ**

ଦୁଇ ପାଖରେ ପାପଗ୍ରହାକ୍ରାନ୍ତ ଆପଣଙ୍କ ରାଶି ଘରୁ ଏବଂ ବାହାରୁ ସମସ୍ୟା ଓ ସମାଲୋଚନାକୁ ଆମନ୍ତ୍ରଣ କରିବ। ସାମାନ୍ୟ ବିଳମ୍ବିତ ସମୟ ହେଲେ ମଧ୍ୟ କାର୍ଯ୍ୟ ସାଧିତ ହେବାରୁ ସାମୟିକ ଆଶ୍ୱସ୍ତି ମିଳିପାରେ। ପୂର୍ବରୁ ସାହାଯ୍ୟ ପାଇଁ ପ୍ରତିଶ୍ରୁତି ଦେଇଥିବା ଜଣେ ବନ୍ଧୁଙ୍କ ସହଯୋଗରୁ ସୁଫଳର ଆଶା କରାଯାଇପାରେ। ଆନୁଷ୍ଠାନିକ କାମ, ସଭାସମିତି, କଳା, ସାହିତ୍ୟ, ଭ୍ରମଣ ରାଜନୀତି, ପ୍ରଶାସନ ପାଇଁ ଭଲ।

**ମୀନ**

ଆପଣଙ୍କ ରାଶି ପାଇଁ ମଙ୍ଗଳକାରକ ମଙ୍ଗଳଗ୍ରହ, ବନ୍ଧୁମାନଙ୍କ ସହଯୋଗରେ ବିବାଦ ଅବସାନ ଘଟାଇବେ। ଜମିଜମା କାରବାର, ଅଗ୍ନି ତଥା ବିଦ୍ୟୁତ୍ ସମ୍ପର୍କିତ ଯାନ୍ତ୍ରିକ ଉପକରଣ ବ୍ୟବସାୟ, କୃଷି,ପଶୁ ପ୍ରଭୃତିରେ ସଫଳତା ପ୍ରଦାନ କରିବେ। କିନ୍ତୁ କର୍ମକ୍ଷେତ୍ର ଓ ପରିବାର ଭିତରେ ଘଟି ଯାଉଥିବା ଘଟଣାଗୁଡ଼ିକ ସକାଶେ ଦୁଶ୍ଚିନ୍ତା ବଢ଼ିଯାଇପାରେ ।

ଆଜି ପୌଷ କୃଷ୍ଣ ତ୍ରୟୋଦଶୀ ଗୁରୁବାର, ଜାନୁୟାରୀ ୩ ତାରିଖ, ରାଶି, ନକ୍ଷତ୍ର-ଅନୁରାଧା/ବିଛା, ଦିବା ଘ୧୨ ।୦୧ମି. ଗତେ ଜ୍ୟେଷ୍ଠା/ବିଛା, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ୧୦ ।୩୧ମି. ଗତେ ଘ୧୧ ।୫୨ମି. ମଧ୍ୟେ, ଘ୧ ।୧୩ମି. ଗତେ ଘ୨ ।୩୫ମି. ମଧ୍ୟେ ଅମୃତବେଳା। ସକାଳ ଘ୭ ।୪୯ମି. ମଧ୍ୟେ ଘ୧୧ ।୫୨ମି. ଗତେ ଘ୧ ।୧୩ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୧ ।୧୨ମି. ଗତେ ଘ୨ ।୩୪ମି. ମଧ୍ୟେ ରାହୁକାଳ।

## ସଂକ୍ଷେପରେ

### ସୋସିଆଲ ମିଡିଆରେ ରାଜ୍ୟପାଳ

**ଭୁବନେଶ୍ୱର, ୨।୧(ବ୍ୟୁରୋ):** ଇଂଲିଶ ନୂଆ ବର୍ଷ ୨୦୧୯ ଆରମ୍ଭରୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କୁ ସୋସିଆଲ ମିଡିଆ ପ୍ଲାଟଫର୍ମରେ ଦେଖିବାକୁ ମିଳିଛି। ଟୁଇଟରରେ @GovernorOdisha ଏବଂ ଫେସ୍‌ବୁକ୍‌ରେ GovernorOdisha ମାଧ୍ୟମରେ ରାଜ୍ୟପାଳ ସାଧାରଣ ଜନତାଙ୍କ ସହିତ ଯୋଡ଼ିହେବେ। ଏହା ମାଧ୍ୟମରେ ରାଜ୍ୟପାଳଙ୍କ ବିଭିନ୍ନ କାର୍ଯ୍ୟକ୍ରମ ଓ ବିଭିନ୍ନ ପ୍ରସଙ୍ଗରେ ସୂଚନା ମିଳିପାରିବ। ଅଧିକରୁ ଅଧିକ ଜନସାଧାରଣ ଏଇ ଦୁଇ ସୋସିଆଲ ମିଡିଆ ପ୍ଲାଟଫର୍ମ ଯଥା ଫେସ୍‌ବୁକ୍ ଓ ଟୁଇଟର ମାଧ୍ୟମରେ ରାଜ୍ୟପାଳଙ୍କ ସହ ଯୋଡ଼ିହେବାକୁ ରାଜଭବନ ପକ୍ଷରୁ ଅନୁରୋଧ କରାଯାଇଛି।

ପୂର୍ବତନ ଲୋକପାଳଙ୍କ ପରଲୋକ

### ହାଇକୋର୍ଟରେ ଫୁଲ୍ କୋର୍ଟ ରେଫରେନ୍ସ

**କଟକ ଅଫିସ, ୨।୧:** ଶୀତ ଅବକାଶ ପରେ ବୁଧବାର ଥିଲା ହାଇକୋର୍ଟର ପ୍ରଥମ କାର୍ଯ୍ୟଦିବସ। କିନ୍ତୁ ହାଇକୋର୍ଟ କାର୍ଯ୍ୟକ୍ଷମ ହୋଇପାରି ନ ଥିଲା। କାରଣ ରାଜ୍ୟର ପୂର୍ବତନ ଲୋକପାଳ ଜଷ୍ଟିସ କୃଷ୍ଣପ୍ରସାଦ ମହାପାତ୍ରଙ୍କ ପରଲୋକ ଯୋଗୁ ପୂର୍ବାହ୍ନ ୧୧ଟାରେ ଫୁଲ୍ କୋର୍ଟ ରେଫରେନ୍ସ ଘୋଷଣା କରାଯାଇଥିଲା। ସୂଚନାଥାଉକି, ଗତ ଡିସେମ୍ବର ୨୮ରେ ଜଷ୍ଟିସ ମହାପାତ୍ରଙ୍କ ମୃତ୍ୟୁ ଘଟିଥିଲା। ଜଷ୍ଟିସ ମହାପାତ୍ର ୧୯୮୪ରୁ ୧୯୯୦ ମଧ୍ୟରେ ହାଇକୋର୍ଟରେ ବିଚାରପତି ଭାବେ କାର୍ଯ୍ୟ କରିଥିଲେ। ଏହା ପରେ ୧୯୯୭ରୁ ୨୦୦୨ ମଧ୍ୟରେ ଲୋକପାଳ ଭାବେ ସେ ଦାୟିତ୍ୱ ନିର୍ବାହ କରିଥିଲେ।

ସରକାରୀ ଡାଏରୀରେ ତ୍ରୁଟି

### ଦୁଃଖ ପ୍ରକାଶ କଲା ସାଧାରଣ ପ୍ରଶାସନ ବିଭାଗ

**ଭୁବନେଶ୍ୱର, ୨।୧(ବ୍ୟୁରୋ):** ଚଳିତ ବର୍ଷ ସରକାରୀ ଡାଏରୀରେ ଜାନୁୟାରୀ ଓ ଫେବୃୟାରୀ ମାସକୁ ପୃଥକ୍ କରୁଥିବା ପୃଷ୍ଠାରେ ଭୁଲକ୍ରମେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ରଚିତ ବଦଳରେ କବିବର ରାଧାନାଥ ରାୟଙ୍କ ନାମ ପ୍ରକାଶିତ ହୋଇଛି। ଏହି ଭୁଲ ପାଇଁ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ(ଜି.ଏ. ଆଣ୍ଡ ପି.ଜି.) ବିଭାଗ ଦୁଃଖ ପ୍ରକାଶ କରିଛି। ବିଭାଗୀୟ ଅତିରିକ୍ତ ଶାସନ ସଚିବ ଅବନୀକାନ୍ତ ପଟ୍ଟନାୟକ ବୁଧବାର ଏକ ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି, ଏହା ସମ୍ପୂର୍ଣ୍ଣ ଭାବେ ଅନିଚ୍ଛାକୃତ ଏବଂ ପ୍ରାକ୍ ମୁଦ୍ରଣ ସଂଶୋଧନ ଜନିତ ତ୍ରୁଟି। ଏହାଦ୍ୱାରା ଓଡ଼ିଶାର ବରପୁତ୍ରମାନଙ୍କ ପ୍ରତି ଅପମାନ କରାଯିବାର କୌଣସି ଅଭିପ୍ରାୟ ନାହିଁ। ଏହି ଅନିଚ୍ଛାକୃତ ତ୍ରୁଟି ପାଇଁ ସାଧାରଣ ପ୍ରଶାସନ ବିଭାଗ ଓ ସାଧାରଣ ଅଭିଯୋଗ ବିଭାଗ ଗଭୀର ଦୁଃଖ ପ୍ରକାଶ କରୁଛି।

ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ପ୍ରସଙ୍ଗ

### ଆନ୍ଦୋଳନରୁ କ୍ଷାନ୍ତ ରହିବାକୁ ଗୃହ ବିଭାଗର ନିବେଦନ

**ଭୁବନେଶ୍ୱର, ୨।୧(ବ୍ୟୁରୋ):** ରାଜ୍ୟର ବିଭିନ୍ନ ସ୍ଥାନରେ ସ୍ଥାୟୀ ହାଇକୋର୍ଟ ବେଞ୍ଚ ସ୍ଥାପନ କରିବା ପାଇଁ ଆନ୍ଦୋଳନ ଜାରି ରହିଛି। ବିଭିନ୍ନ ସଙ୍ଗଠନ ଦ୍ୱାରା କରାଯାଉଥିବା ଏହି ଆନ୍ଦୋଳନ କାରଣରୁ ସରକାରୀ କାମ ବାଧାପ୍ରାପ୍ତ ହେଉଛି। ତେଣୁ ଲୋକଙ୍କ ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଉକ୍ତ ଆନ୍ଦୋଳନରୁ ଓହରିବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ନିବେଦନ କରାଯାଇଛି। ଗୃହ ବିଭାଗ ପକ୍ଷରୁ ଏ ନେଇ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ରାଜ୍ୟ ସରକାର ପଶ୍ଚିମ ଏବଂ ଦକ୍ଷିଣ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ସ୍ଥାପନ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ। ଏଥିପାଇଁ ରାଜ୍ୟ ସରକାର ଉଦ୍ୟମ ଜାରି ରଖିଛନ୍ତି। ବିଜୁ ପଟ୍ଟନାୟକଙ୍କ ମୁଖ୍ୟମନ୍ତ୍ରୀତ୍ୱ ସମୟରୁ ପ୍ରାୟ ୩ ଦଶନ୍ଧି ଧରି ଏହି ପ୍ରଚେଷ୍ଟା ଜାରି ରହିଛି। ରାଜ୍ୟ ପକ୍ଷରୁ ଏନେଇ କେନ୍ଦ୍ରକୁ ବହୁବାର ଅନୁରୋଧ କରାଯାଇଛି। ଏଥିସହିତ ସ୍ଥାୟୀ ବେଞ୍ଚ ସ୍ଥାପନା ନେଇ ଆବଶ୍ୟକ ସମସ୍ତ ଭିତ୍ତିଭୂମି ଓ ମାନବ ସମ୍ବଳ ଯୋଗାଇଦେବା ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତି ମଧ୍ୟ ଦେଇଛନ୍ତି। ସ୍ଥାୟୀ ବେଞ୍ଚ ସ୍ଥାପନା ସମ୍ପର୍କିତ ନିଷ୍ପତ୍ତି କେନ୍ଦ୍ର ସରକାର ଓ ପାର୍ଲାମେଣ୍ଟ ନେଇଥାଏ ବୋଲି ରାଜ୍ୟ ପକ୍ଷରୁ କୁହାଯାଇଛି। ଅପରପକ୍ଷରେ ରାଜ୍ୟର ପଶ୍ଚିମାଞ୍ଚଳରେ ଜାରି ରହିଥିବା ଆନ୍ଦୋଳନ ଦ୍ୱାରା ବିଭିନ୍ନ ସର୍ବସାଧାରଣ ସଭା, ସରକାରୀ ଏବଂ ଅଦାଲତର ବହୁ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ତେଣୁ ଉକ୍ତ ସଙ୍ଗଠନଗୁଡ଼ିକ ଆନ୍ଦୋଳନରୁ କ୍ଷାନ୍ତ ରୁହନ୍ତୁ। ଏଥିସହିତ ସାଧାରଣ ଜନତାଙ୍କ ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ବିଭିନ୍ନ ଅଦାଲତ, ସରକାରୀ କାର୍ଯ୍ୟାଳୟ ଏବଂ ଜନସେବା କେନ୍ଦ୍ର କାର୍ଯ୍ୟ ପରିଚାଳନା ପାଇଁ ପୂର୍ଣ୍ଣ ସହଯୋଗ କରନ୍ତୁ ବୋଲି ଗୃହ ବିଭାଗ ପକ୍ଷରୁ ଅନୁରୋଧ କରାଯାଇଛି।




# ‘ପୁରୀରୁ ମୋଦି ପ୍ରାର୍ଥୀ ହେବାର ୯୦% ସମ୍ଭାବନା’

**ଭୁବନେଶ୍ୱର, ୨।୧(ବ୍ୟୁରୋ)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବର୍ଷ ଆରମ୍ଭରୁ ଏକ ଖବର ସରବରାହ ସଂସ୍ଥାକୁ ଦେଇଥିବା ସାକ୍ଷାତ୍‌କାରକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ଆସନ୍ତା ସାଧାରଣ ନିର୍ବାଚନରେ ମୋଦି ପୁରୀ ଲୋକ ସଭା ଆସନରୁ ପ୍ରାର୍ଥୀ ହୋଇପାରନ୍ତି ବୋଲି ପୁଣି ଆଲୋଚନା ଆରମ୍ଭ ହୋଇଛି। ଉକ୍ତ ସାକ୍ଷାତ୍‌କାରରେ ମୋଦି ପୁରୀରୁ ପ୍ରାର୍ଥୀ ହେବା ନେଇ କୌଣସି ସ୍ପଷ୍ଟ ସୂଚନା ଦେଇନାହାନ୍ତି। ହେଲେ ଭାଜପା ବିଧାୟକ ପ୍ରଦୀପ ପୁରୋହିତ ବୁଧବାର ଦେଇଥିବା ମନ୍ତବ୍ୟ ଉକ୍ତ ଘଟଣାକୁ ଆହୁରି ରୋଚକ କରିଛି।

ପ୍ରଦୀପ କହିଛନ୍ତି ଯେ, ଭାଜପା ଦ୍ୱାରା ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ଭାବେ ଘୋଷିତ ହେବା ପରେ ମୋଦି ପୁରୀ ଆସି ଜଗନ୍ନାଥଙ୍କ ଆଶୀର୍ବାଦ ନେଇଥିଲେ। ବିଜୟୀ ହେବା ପରେ ମଧ୍ୟ ମହାପ୍ରଭୁଙ୍କ ଆଶିଷ ଭିକ୍ଷା କରିଥିଲେ। ରେଲୱେଠାରୁ ଆରମ୍ଭ କରି ପ୍ରତ୍ୟେକ କ୍ଷେତ୍ରରେ ମୋଦି ଓଡ଼ିଶାକୁ ଯଥେଷ୍ଟ ପ୍ରାଧାନ୍ୟ ଦେଇଥିଲେ। ତାଙ୍କ ଲୁକ୍ ଇଷ୍ଟ କାର୍ଯ୍ୟସୂଚୀରେ ଓଡ଼ିଶା ସର୍ବାଗ୍ରେ ରହିଛି। ୨୦୧୪ରେ ବାରାଣସୀ ଭଳି ଏକ ପବିତ୍ର ସ୍ଥାନରୁ ମୋଦି ପ୍ରାର୍ଥୀ ହୋଇଥିଲେ। ପୁରୀ ମଧ୍ୟ ସେହିପରି ଏକ ପବିତ୍ର ସ୍ଥାନ, ଯାହାକୁ ମୋଦି ବହୁତ ଭଲ ପାଇଥାନ୍ତି। ତେଣୁ ପୁରୀରେ ମୋଦି ଲଢ଼ିବା ୯୦% ସମ୍ଭାବନା ରହିଥିବା ପୁରୋହିତ କହିଛନ୍ତି।

ପ୍ରଦୀପଙ୍କ ଏହି ବକ୍ତବ୍ୟକୁ ସମାଲୋଚନା କରି ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି ଯେ, ଭାଜପାର ପାଦ ତଳୁ ଚାରିଆଡ଼େ ମାଟି ଖସୁଛି। ତେଣୁ ଭୟଭୀତ ହୋଇ ମୋଦି ବାରାଣସୀ ଛାଡି ପୁରୀରେ ଲଢ଼ିବା କଥା ଚିନ୍ତା କରୁଛନ୍ତି। ଓଡ଼ିଶାରେ ତାଙ୍କର ପାଦତଳେ ମାଟି ନାହିଁ। ହେଲେ କାଳେ ସେ ଲଢ଼ିଲେ ଦଳ କିଛି ସିଟ୍ ପାଇବ, ସେଥିପାଇଁ ମୋଦି ଏପରି ଚେଷ୍ଟା କରୁଥିବା ନିରଞ୍ଜନ କହିଛନ୍ତି। ବିଜେଡି ପକ୍ଷରୁ ମଧ୍ୟ ପ୍ରତିକ୍ରିୟା ପ୍ରକାଶ ପାଇଛି। ଦଳର ମୁଖପାତ୍ର ସମୀର ରଞ୍ଜନ ଦାଶ କହିଛନ୍ତି ଯେ, ଗଣତନ୍ତ୍ରରେ କିଏ କେଉଁଠି ଲଢ଼ିବେ, ସେ ଅଧିକାର ସମସ୍ତଙ୍କର ରହିଛି। ମୋଦି କେଉଁଠାରୁ ବି ପ୍ରାର୍ଥୀ ହୁଅନ୍ତୁ, କୌଣସି ଅସୁବିଧା ନାହିଁ। ବିଜୁ ଜନତା ଦଳ ବିକାଶର ବାର୍ତ୍ତା ନେଇ ନିର୍ବାଚନ ଜିତି ଆସିଛି। ଚଳିତ ବର୍ଷ ହେବାକୁ ଥିବା ସାଧାରଣ ନିର୍ବାଚନରେ ମଧ୍ୟ ବିକାଶକୁ ଆୟୁଧ କରି ନିର୍ବାଚନ ଲଢ଼ାଯିବ। ତେଣୁ ବିଜେଡି ଉପରେ କାହାର ଲଢ଼ିବା, ନ ଲଢ଼ିବା ପ୍ରସଙ୍ଗ ପ୍ରଭାବ ପକାଇବ ନାହିଁ।

# କଂଗ୍ରେସର ଘୃଣ୍ୟ ଚେହେରାର ପର୍ଦ୍ଦାଫାଶ ହୋଇଛି: ବସନ୍ତ

**ଭୁବନେଶ୍ୱର, ୨।୧(ବ୍ୟୁରୋ)**

ସୋହରାବୁଦ୍ଦିନ ଏନ୍‌କାଉଣ୍ଟର ମାମଲାରେ ସିବିଆଇର ସ୍ୱତନ୍ତ୍ର କୋର୍ଟର ରାୟ ପରେ କଂଗ୍ରେସର କୁତ୍ସିତ ଚେହେରା ଭାରତର ୧୩୦କୋଟି ଲୋକଙ୍କ ଆଗରେ ଧରାପଡି ଯାଇଛି। ୨୦୧୦ରେ କଂଗ୍ରେସ କର୍ମକର୍ତ୍ତାଙ୍କ ନିର୍ଦ୍ଦେଶରେ ସିବିଆଇ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହଙ୍କୁ ରାଜନୈତିକ ଆକ୍ରୋଶ ରଖି ଗିରଫ କରିଥିଲା ବୋଲି ରାଜ୍ୟ ଭାଜପା ସଭାପତି ବସନ୍ତ ପଣ୍ଡା କହିଛନ୍ତି। ଏଥିରୁ କଂଗ୍ରେସର ଘୃଣ୍ୟ ଚେହେରାର ପର୍ଦ୍ଦାଫାଶ ହୋଇଛି ବୋଲି ସେ କହିଛନ୍ତି।

ଭାଜପା ମୁଖ୍ୟାଳୟରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ବସନ୍ତ କହିଛନ୍ତି, କଂଗ୍ରେସ ଦଳ ବିଶେଷଭାବେ ଗାନ୍ଧୀ ପରିବାର ସିବିଆଇ ଓ ଅନ୍ୟାନ୍ୟ ସାମ୍ବିଧାନିକ ସଂସ୍ଥାକୁ ନିଜର ରାଜନୈତିକ ଫାଇଦା ପାଇଁ ବିଭିନ୍ନ ସମୟରେ ବ୍ୟବହାର କରି ଆସିଛନ୍ତି। ଆତଙ୍କବାଦୀଙ୍କୁ ସମର୍ଥନ କରି ସୋନିଆ ଗାନ୍ଧୀ ଏବଂ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂ ଗୁଜରାଟର ତତ୍କାଳୀନ ଗୃହମନ୍ତ୍ରୀ ଅମିତ ଶାହଙ୍କୁ ସିବିଆଇ ଦ୍ୱାରା ଗିରଫ କରିବାର ଚକ୍ରାନ୍ତ କରିଥିଲେ। ମୁମ୍ବାଇ ହାଇକୋର୍ଟ, ସୁପ୍ରିମକୋର୍ଟ ଏବଂ ଏକ ସ୍ୱତନ୍ତ୍ର କୋର୍ଟଙ୍କ ରାୟ କଂଗ୍ରେସର ମୁଖା ଖୋଲିଦେଇଛି। ସ୍ୱତନ୍ତ୍ରକୋର୍ଟଙ୍କ ରାୟରୁ ଏହା ପ୍ରମାଣିତ ହୋଇଛି ଯେ, ସୋନିଆ ଗାନ୍ଧୀ ସିବିଆଇକୁ ମାଧ୍ୟମ କରି ଶାହଙ୍କ ବିରୋଧରେ ବିଭିନ୍ନ ପ୍ରମାଣ ସୃଷ୍ଟି କରିବା ପାଇଁ ଷଡଯନ୍ତ୍ର କରିଥିଲେ। ୨୦୧୦ ଅକ୍ଟୋବରରେ ଶାହଙ୍କୁ ମୁକ୍ତ କଲାବେଳେ ନ୍ୟାୟାଳୟ ଉଲ୍ଲେଖ କରିଥିଲେ କି, ବିନା ସାକ୍ଷ୍ୟ ପ୍ରମାଣରେ କାହା ବିରୋଧରେ ଅଭିଯୋଗ ଆଣି କୌଣସି ମାମଲାରେ କାହାକୁ ଅଭିଯୁକ୍ତ ବୋଲି କୁହାଯାଇ ପାରିବ ନାହିଁ। ସେହିପରି ୨୦୧୪ ଡିସେମ୍ବର ୩୦ରେ ସିବିଆଇର ସ୍ୱତନ୍ତ୍ର ଜଜ୍ ଶାହଙ୍କର ମୁକ୍ତି ବିରୋଧରେ ଶୁଣାଣି କରି ୨୦୧୦ରେ ଉଚ୍ଚନ୍ୟାୟାଳୟ ଦେଇଥିବା ରାୟକୁ ଦୋହରାଇବା ସହିତ ଶାହଙ୍କ ବିରୋଧରେ ଅଣାଯାଇଥିବା ଅଭିଯୋଗକୁ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି ବସନ୍ତ କହିଛନ୍ତି।

## ପିପିଲି ପୀଡ଼ିତାଙ୍କୁ ନ୍ୟାୟ ଦାବିରେ ନବୀନ ନିବାସ ଘେରାଉ ଉଦ୍ୟମ

# ଭାଜପା ମହିଳା କର୍ମୀ-ପୋଲିସ ଧସ୍ତାଧସ୍ତି

**ଭୁବନେଶ୍ୱର, ୨।୧(ବ୍ୟୁରୋ)**

ପିପିଲି ଗଣବଳାତ୍କାର ଏବଂ ହତ୍ୟା ମାମଲାରେ ପୀଡ଼ିତାଙ୍କୁ ନ୍ୟାୟ ପ୍ରଦାନ ଦାବିରେ ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ବୁଧବାର ନବୀନ ନିବାସ ଘେରାଉ ଉଦ୍ୟମ କରାଯାଇଥିଲା। ମାତ୍ର ଏୟାରପୋର୍ଟ ଟ୍ରାଫିକ ଛକରେ ସୁରକ୍ଷା ଦାୟିତ୍ୱରେ ଥିବା ପୋଲିସ ଏବଂ ମହିଳା ମୋର୍ଚ୍ଚା କର୍ମୀଙ୍କ ମଧ୍ୟରେ ଧସ୍ତାଧସ୍ତି ପରିସ୍ଥିତି ସୃଷ୍ଟି ହୋଇଥିଲା। କଡ଼ା ସୁରକ୍ଷା ବ୍ୟବସ୍ଥାକୁ କର୍ମୀମାନେ ଖାତିର ନ କରି ନବୀନ ନିବାସ ଆଡକୁ ଅଗ୍ରସର ହେବାବେଳେ ମହିଳା ପୋଲିସ କର୍ମଚାରୀମାନେ ସେମାନଙ୍କୁ ଅଟକାଇଥିଲେ। ଏହି ସମୟରେ ଭାଜପା କର୍ମୀ ଏବଂ ପୋଲିସ ମଧ୍ୟରେ



ଭାଜପା ମହିଳା ମୋର୍ଚ୍ଚା କର୍ମୀଙ୍କୁ ପୋଲିସ ଅଟକାଇବାକୁ ଚେଷ୍ଟା କରୁଛି।

ଠେଲାପେଲା ହୋଇଥିଲା। ସୁରକ୍ଷା ଦାୟିତ୍ୱରେ ଥିବା ପୁରୁଷ ପୋଲିସ ଅଫିସରମାନେ ମଧ୍ୟ ମହିଳା କର୍ମୀଙ୍କୁ ବଳପୂର୍ବକ ଅଟକାଇଥିଲେ। ପରବର୍ତ୍ତୀ ସମୟରେ ବିକ୍ଷୋଭକାରୀଙ୍କୁ ପୋଲିସ ଭ୍ୟାନରେ ଅନ୍ୟତ୍ର ନେଇଯାଇ ଅଟକ ରଖିବା ପରେ ଛାଡିଥିଲା। ଏହି ଘଟଣାକୁ ଭାଜପା ମହିଳା ମୋର୍ଚ୍ଚା ତରଫରୁ ବିରୋଧ କରାଯାଇଛି।

ଗତ ମଙ୍ଗଳବାର ମଧ୍ୟ ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ନବୀନ ନିବାସ ଘେରାଉ ଉଦ୍ୟମ କରାଯାଇଥିଲା। ମହିଳାଙ୍କ ପ୍ରତି ଅସମ୍ମାନକୁ ବରଦାସ୍ତ କରାଯିବନି। ନବୀନ ନିବାସଠୁ ଆରମ୍ଭ କରି ସଚିବାଳୟ ପର୍ଯ୍ୟନ୍ତ ସବୁ ସ୍ଥାନରେ ରାଜ୍ୟର ମୁଖିଆଙ୍କୁ ବିରୋଧ କରାଯିବ ବୋଲି ଭାଜପା ମହିଳା ମୋର୍ଚ୍ଚା ଚେତାବନୀ ଦେଇଛି। ମନ୍ତ୍ରୀ ପ୍ରଦୀପ ମହାରଥୀଙ୍କୁ ବହିଷ୍କାର ଏବଂ ପୀଡ଼ିତାଙ୍କୁ ନ୍ୟାୟ ଦେବା ପାଇଁ ସିବିଆଇ ତଦନ୍ତ କରିବାକୁ ଦଳ ଦାବି କରିଛି।

# ମଣ୍ଡିରେ ପଡ଼ିଛି ୪ହଜାର ବସ୍ତା ଧାନ

**ନୂଆପଡା ଅଫିସ, ୨।୧**

- ସୀମାନ୍ତରୁ ଛତିଶଗଡ଼ ଧାନ ଚାଲାଣକୁ ପ୍ରୋତ୍ସାହନ
- ପ୍ରବଳ ଶୀତରେ ରାତିରେ ଜଗିଛନ୍ତି ଚାଷୀ
- ଯୋଗାଣ ବିଭାଗ କହିଲା ଆଜି ଉଠିବ ଧାନ

ରାଜ୍ୟ ସରକାର ସବୁବେଳେ ଚାଷୀଙ୍କୁ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ଠିକ୍ ଭାବେ ପ୍ରଦାନ କରିବାକୁ ଆନୁଷଙ୍ଗିକ ବ୍ୟବସ୍ଥା କରିଥିବା କହୁଥିବାବେଳେ ଏହା ଛତିଶଗଡ ସୀମାନ୍ତରେ କାର୍ଯ୍ୟକାରୀ ହୋଇପାରୁନାହିଁ। ବିଭାଗୀୟ ଅଧିକାରୀମାନଙ୍କ ଲାଭଖୋର ମନୋବୃତ୍ତି ଯୋଗୁ ବ୍ୟବସାୟୀ, ମିଲ ମାଲିକ ଚକ୍ରାନ୍ତ କରି ଚାଷୀଙ୍କୁ ହଇରାଣ କରୁଥିବା ଅଭିଯୋଗ ହେଉଛି। ମଣ୍ଡିଗୁଡିକୁ ଅଧିକାରୀ, ମିଲର୍ସ ଆସୁ ନାହାନ୍ତି। ଚାଷୀମାନେ ଦିନରାତି ପ୍ରବଳ ଶୀତରେ ଧାନକୁ ମଣ୍ଡିରେ ରହି ଜଗୁଥିବାବେଳେ ଶେଷରେ ନିରୁତ୍ସାହିତ ହୋଇ କଟନୀଛଟନୀ କରି ମିଲର୍ସଙ୍କ ହାତରେ ଟେକି ଦେଉଛନ୍ତି। ଅନ୍ୟପଟେ ବ୍ୟବସାୟୀମାନେ ଘର ଘର ବୁଲି ଧାନ କିଣି ପଡୋଶୀ ଛତିଶଗଡକୁ ଚାଲାଣ କରୁଥିବା ଅଭିଯୋଗ ହେଉଛି। ଏଭଳି ଉଦାହରଣ ଓଡ଼ିଶା ଛତିଶଗଡ଼ ସୀମାନ୍ତରେ ଥିବା ଖରିଆରରୋଡ ମଣ୍ଡିରେ ଦେଖିବାକୁ ମିଳିଛି।

ଓଡ଼ିଶାରେ କୁଇଣ୍ଟାଲ ପିଛା ଧାନ ମୂଲ୍ୟ ୧୭୫୦ଟଙ୍କା ହୋଇଥିବାବେଳେ ପଡୋଶୀ ଛତିଶଗଡରେ ୨୫୦୦ଟଙ୍କା ରହିଛି। ଏହାର ସୁଯୋଗ ନେଇ ଜିଲାର ବ୍ୟବସାୟୀ, ମିଲ ମାଲିକମାନେ ଗାଁକୁ ଗାଁ ବୁଲି ଚାଷୀଙ୍କଠାରୁ ଧାନ କିଣି ସିଧା ଛତିଶଗଡ଼କୁ ଚାଲାଣ କରି ମାଲାମାଲ ହେଉଛନ୍ତି। ଅନ୍ୟପଟେ ଚାଷୀମାନେ ମଣ୍ଡିକୁ ଧାନ ଆଣିଲେ ସେମାନଙ୍କୁ ବିଭିନ୍ନ ବାହାନା କରି କର୍ତ୍ତୃପକ୍ଷ ଏବଂ ମିଲ ମାଲିକମାନେ ଧାନ ଉଠାଉନାହାଁନ୍ତି। ଚାଷୀମାନଙ୍କୁ ଧାନଆଣିବାକୁ ମଣ୍ଡି ଅଧିକାରୀ ଟୋକନ ଦେଇଥିଲେ। ସେହି ଅନୁସାରେ ୪୯ଜଣ ଚାଷୀ ବୁଧବାର ମଣ୍ଡିକୁ ଧାନ ଆଣିଥିଲେ। ହେଲେ ଚାଷୀଙ୍କ ଅଭିଯୋଗ ଅନୁସାରେ ଅଧିକାରୀ (ସେବା ସମବାୟ ସମ୍ପାଦକ)ଆସି ନ ଥିଲେ। ଚାଷୀମାନଙ୍କ ବାରମ୍ବାର ଅନୁରୋଧ ପରେ ମଧ୍ୟ ସେ ସେଠାରେ ପହଞ୍ଚି ନ ଥିଲେ। ତେବେ ବିଭାଗୀୟ ଅଧିକାରୀଙ୍କ ତଥ୍ୟ ଅନୁସାରେ ୪୯ଜଣ ଚାଷୀ ୪ହଜାର ବସ୍ତା ଧାନ ଆଣିଥିଲେ। ସନ୍ଧ୍ୟା ଯାଏଁ କୌଣସି ଅଧିକାରୀ ନ ଆସିବାରୁ ବାଧ୍ୟହୋଇ ରାତିସାରା ଜଗିଥିଲେ। ଏହା ଅଧିକାରୀମାନଙ୍କ ଚକ୍ରାନ୍ତ ବୋଲି ସ୍ଥାନୀୟ ଖୋପେଡରାର ଚାଷୀ ବୁଲୁ ସତନାମୀ, କଲ୍ୟାଣପୁରର ରାମସିଂ ମାଝି, ଆମସେନାର ରାମଲାଲ ପଟେଲ କହିଛନ୍ତି। ଚାଷୀଙ୍କୁ ଖୋଲା ବଜାରରେ ବିକ୍ରି କରିବାକୁ ବାଧ୍ୟ କରାଯାଉଛି। ଯଦ୍ୱାରା ଚାଷୀମାନଙ୍କଠାରୁ ବ୍ୟବସାୟୀମାନେ ଧାନ କିଣି ଛତିଶଗଡକୁ ଚାଲାଣ କରି ମାଲାମାଲ ହେବେ ବୋଲି କହିଛନ୍ତି। ଏହା ଉପରେ ସମବାୟ ସମ୍ପାଦକ କାନ୍ତିଲାଲ ସାହୁଙ୍କୁ ପଚାରିବାରେ ବୁଧବାର ମିଲମାଲିକ ଆସି ନ ଥିବାରୁ ଏଭଳି ସମସ୍ୟା ହୋଇଛି। ଅନ୍ୟପଟେ ଜିଲା ଯୋଗାଣ ଅଧିକାରୀ ଅଶୋକ ଦାସଙ୍କୁ ପଚାରିବାରେ ଏହା ସମବାୟ ବିଭାଗର ଦାୟିତ୍ୱ। ଏହା ଉପରେ ସେ ତୁରନ୍ତ ପଦକ୍ଷେପ ନେବେ ବୋଲି କହିଛନ୍ତି। ଗୁରୁବାର ସବୁ ଧାନ ଉଠାଣ କରାଯିବ ବୋଲି କହିଛନ୍ତି। ଏହି ପରିପ୍ରେକ୍ଷୀରେ ନୂଆପଡା ବିକାଶ ଅଭିଯାନର ସଭାପତି ରାହୁଲ ଯାଦବ ସମ୍ପୃକ୍ତ ସମ୍ପାଦକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ କରିବାକୁ ଦାବି କରାଯିବ ବୋଲି କହିଛନ୍ତି।

## କେଉଁ ଦଳରେ ଯୋଗଦେବି ସ୍ଥିର କରିନି: ଦିଲୀପ

**ରାଉରକେଲା ଅଫିସ, ୨।୧**

ପୂର୍ବତନ ବିଧାୟକ ଦିଲୀପ ରାୟ ବୁଧବାର ମଧ୍ୟାହ୍ନ ୧୨ଟାରେ ଏକ ସ୍ୱତନ୍ତ୍ର ବିମାନ ଯୋଗେ ଆସି ରାଉରକେଲା ଏୟାର ଷ୍ଟ୍ରିପରେ ପହଞ୍ଚିଛନ୍ତି। ସେ ରାଉରକେଲାରେ ପହଞ୍ଚିବା ପରେ ତାଙ୍କୁ ସମର୍ଥକମାନେ ସ୍ୱାଗତ କରିଥିଲେ। ବିଧାୟକ ପଦ ଓ ଭାଜପାରୁ ଇସ୍ତଫା ପରେ କିଛିଦିନ ବିଦେଶ ଗସ୍ତରେ ଥିବା ରାୟ ରାଉରକେଲା ଫେରିବା ପରେ ତାଙ୍କ ପରବର୍ତ୍ତୀ କାର୍ଯ୍ୟପନ୍ଥା ନେଇ ସହରବାସୀଙ୍କ ମଧ୍ୟରେ ଉତ୍ସୁକତା ପ୍ରକାଶ ପାଇଥିଲା। ଏୟାର ଷ୍ଟ୍ରିପ ବାହାରେ ଉପସ୍ଥିତ ଖବରଦାତାଙ୍କୁ ରାୟ କହିଥିଲେ ମୁଁ କେଉଁ ପାର୍ଟିରେ ଯୋଗ ଦେବି କି ନ ଦେବି ସେ ନେଇ ମନ ସ୍ଥିର କରିନି। ମୋ ଶୁଭେଚ୍ଛୁ ଓ ସମର୍ଥକଙ୍କ ସହ ପ୍ରଥମେ ଆଲୋଚନା କରିବି, ତା’ପରେ ଯାଇ ଯାହା କିଛି ନିଷ୍ପତ୍ତି ନେବି। ଏନେଇ ବିଜୟ ମହାପାତ୍ରଙ୍କ ଟିପ୍ପଣୀ ପ୍ରସଙ୍ଗ ଉଠାଯିବାରୁ ସେ କହିଥିଲେ ତାଙ୍କ ସହ ଏଯାଏ କଥା ହୋଇନି। ଯେବେ ନିଷ୍ପତ୍ତି ନେବି ତା ପୂର୍ବରୁ ଆପଣମାନଙ୍କୁ ଜଣାଇବି ବୋଲି ରାୟ କହିଛନ୍ତି।






## ସୁନା ବେପାରୀଙ୍କ ଘରୁ ଚୋରି ଘଟଣା: ରୋଷେୟା ଗିରଫ

# ୫୪୧.୯୮୦ ଗ୍ରାମ୍ ସୁନା, ୮.୫ ଲକ୍ଷ ଟଙ୍କା ଜବତ

**ବ୍ରହ୍ମପୁର ଅଫିସ, ୨।୧**

ବ୍ରହ୍ମପୁର ବଡବଜାର ଥାନାଞ୍ଚଳ ପାଟରାସାହିରୁ ଜଣେ ସୁନା ବେପାରୀଙ୍କ ଘରୁ ଚୋରି ଘଟଣାରେ ପୋଲିସ ଉକ୍ତ ବେପାରୀଙ୍କ ଘରେ କାର୍ଯ୍ୟ କରୁଥିବା ରୋଷେୟାଙ୍କୁ ବୁଧବାର ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଜଣକ ହେଲେ ରାଜସ୍ଥାନ ପାଲି ଜିଲା ରୋହିତ୍ ଥାନାଅଞ୍ଚଳ ରାଣା ଗ୍ରାମର ଶ୍ରବଣ କୁମାର (୪୦)। ତାଙ୍କୁ ଆସିକା ଅଞ୍ଚଳରୁ ପୋଲିସ ବୁଧବାର ଗିରଫ କରିଛି। ତାଙ୍କ ନିକଟରୁ ଚୋରି ହୋଇଥିବା ଟଙ୍କାରୁ ୮ ଲକ୍ଷ ୫୦ ହଜାର ଟଙ୍କା ଏବଂ ସୁନାରୁ ୫୪୧.୯୮୦ ଗ୍ରାମ୍ ସୁନା ଅଳଙ୍କାର ଉଦ୍ଧାର କରାଯାଇଛି। ଏ ନେଇ ବୁଧବାର ସନ୍ଧ୍ୟାରେ ବ୍ରହ୍ମପୁର ପୋଲିସ ଜିଲା କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏସ୍‌ପି ପିନାକ ମିଶ୍ର ଏହି ସୂଚନା ଦେଇଛନ୍ତି।



ଉଦ୍ଧାର ହୋଇଥିବା ଟଙ୍କା ଓ ସୁନା ଅଳଙ୍କାର।

ପ୍ରକାଶଯେ, ବଡବଜାର ଥାନାଅଞ୍ଚଳ ପାଟରାସାହିରେ ରାଜସ୍ଥାନ ସିରୋହୀ ଜିଲାର ଭରତ ଶାହ ନାମକ ଜନୈକ ସୁନା ବେପାରୀ ଭଡାରେ ରହିଆସୁଥିଲେ। ରାଜସ୍ଥାନରୁ ସୁନା ଅଳଙ୍କାର ଆଣି ପାଟରାସାହି ଘରେ ରଖିବା ସହିତ ବିଭିନ୍ନ ଅଞ୍ଚଳର ସୁନା ବେପାରୀଙ୍କ ସହିତ ବ୍ୟବସାୟ କରୁଥିଲେ। ଡିସେମ୍ବର ଆରମ୍ଭରେ ସେ କୌଣସି କାର୍ଯ୍ୟରେ ରାଜ୍ୟ ବାହାରକୁ ଯାଇଥିବା ବେଳେ ୮ ତାରିଖ ରାତିରେ ତାଙ୍କ ଘର ଆଲମିରାରୁ ୧୧୦୦ ଗ୍ରାମ୍ ସୁନା ଅଳଙ୍କାର ଏବଂ ନଗଦ ୧୦ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ଚୋରି ହୋଇଯାଇଥିଲା। ଭରତଙ୍କ ଗୁମାସ୍ତା ଜିତେନ୍ଦ୍ର ସିଂହ ଉକ୍ତ ଦିନ ସନ୍ଧ୍ୟାରେ ଗାଧୋଇବାକୁ ଯାଇଥିବା ବେଳେ ତାର ସୁଯୋଗ ନେଇ ରୋଷେୟା ଶ୍ରବଣ କୌଶଳ କ୍ରମେ ଆଇରନ୍ ଚେଷ୍ଟର ଚାବି ନେଇଯାଇଥିଲେ। ତାଲା ଖୋଲି ଶ୍ରବଣ ସୁନା ଅଳଙ୍କାର ଓ ଟଙ୍କା ଚୋରି କରିନେଇ ଯାଇଥିବା ଜାଣିବାକୁ ପାଇବା ପରେ ଜିତେନ୍ଦ୍ର ବଡବଜାର ଥାନାରେ ଏତଲା ଦେଇଥିଲେ। ପୋଲିସ ନଂ. ୨୦୪/୧୮ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା।

ଏସ୍‌ପି ପିନାକ ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ଏସ୍‌ପି ଶାନ୍ତନୁ ଦାସ, ପ୍ରଭାତ ରାଉତରାୟ, ବଡବଜାର ଆଇଆଇସି ସୁରେଶ କୁମାର ତ୍ରିପାଠୀ ଏବଂ ଆସିକା ଥାନା ଆଇଆଇସି ସନ୍ତୋଷ କୁମାର ଜେନାଙ୍କୁ ନେଇ ଦୁଇଟି ଟିମ୍ ଗଠନ କରାଯାଇଥିଲା। ଗୋଟିଏ ଟିମ୍ ରାଜସ୍ଥାନ ଏବଂ ଅନ୍ୟ ଏକ ଟିମ୍ ଗଞ୍ଜାମ ଜିଲାରେ ରାଜସ୍ଥାନ ବେପାରୀଙ୍କ ଦ୍ୱାରା କାରବାର ଚାଲିଥିବା ସୁନା ଦୋକାନୀଙ୍କ ନିକଟରେ ପହଞ୍ଚି ତଦନ୍ତର ବିଭିନ୍ନ ଦିଗକୁ ନେଇ ତଥ୍ୟ ହାସଲ କରିଥିଲା। ବୁଧବାର ପୋଲିସ ବିଶେଷ ସୂତ୍ରରୁ ଖବର ପାଇ ଶ୍ରବଣ କୁମାରଙ୍କୁ ଗିରଫ କରିଥିଲା।

ମଣିଷ କେବେ ବି ନିଜ ପ୍ରଚେଷ୍ଟାରେ ନିଜକୁ ମଣିଷଠାରୁ ଅଧିକ କିଛି କରିପାରିବ ନାହିଁ। ମାନେ, ଦିବ୍ୟ ମଣିଷ କରିପାରିବ ନାହିଁ। .. ମଣିଷର ପ୍ରକୃତି ଭିତରକୁ ଦିବ୍ୟ ପ୍ରକୃତି ଅବତରଣ କଲା ପରେ ହିଁ ମଣିଷର ଆଧାର ଦିବ୍ୟଗୁଣ ସମ୍ପନ୍ନ ହୋଇଥାଏ। -ଶ୍ରୀଅରବିନ୍ଦ





ପରିବେଶ ପରିଚିନ୍ତା

ମାନେକା ଗାନ୍ଧୀ

# ପକ୍ଷୀମାନଙ୍କ ଭାଷାଜ୍ଞାନ

ମୋର ଜଣେ ବନ୍ଧୁ ମୁମ୍ବାଇରେ କୁଆମାନଙ୍କୁ ଖାଇବାକୁ ଦିଅନ୍ତି। ସେ ସେମାନଙ୍କୁ ନାଁ ଧରି ଡାକିଲେ ସେମାନେ ଆସି ଖାଆନ୍ତି। ସେ ଡାକିଲେ କୁଆମାନେ ତାଙ୍କ କଥା ଶୁଣନ୍ତି ଓ ବୁଝିପାରନ୍ତି କିନ୍ତୁ କୁଆମାନଙ୍କ କଥାର ଗୋଟିଏ ଶବ୍ଦ ବି ସେ ବୁଝିପାରନ୍ତି ନାହିଁ। ମୁଁ ଭାବେ ସେପରି ସିଦ୍ଧି ମୋର ଥାଆନ୍ତା କି! ପୁରାଣ ଓ ମଧ୍ୟଯୁଗୀୟ ସାହିତ୍ୟରେ ପକ୍ଷୀମାନଙ୍କର ଭାଷାକୁ ସ୍ୱର୍ଗୀୟ ବୋଲି ବିଚାର କରାଯାଏ। ପକ୍ଷୀମାନେ ପ୍ରାଣୀମାନଙ୍କ ସହ ଭାବର ଆଦାନପ୍ରଦାନ କରିପାରନ୍ତି- କୁଆମାନେ ଗଧିଆମାନଙ୍କୁ ଶିକାର କରିବା ପାଇଁ ବାଟ କଢ଼େଇ ନେଇଯାନ୍ତି। ସେମାନେ ଶିକାର କରି ଖାଇବା ପରେ ଯାହା ବଳକା ରହେ ତାକୁ କୁଆମାନେ ଖାଆନ୍ତି। ଗ୍ରେଟର ହନିଗାଇଡ୍ ପକ୍ଷୀ ଭାଲୁମାନଙ୍କୁ ଡାକି ଜଙ୍ଗଲରେ ଥିବା ମହୁଫେଣା ଆଡ଼କୁ ନେଇଯାନ୍ତି। ଭାଲୁମାନେ ଫେଣା ଭାଙ୍ଗି ମହୁ ଖାଇବା ପରେ ଯାହା ବଳେ ତାକୁ ଏହି ପକ୍ଷୀମାନେ ଖାଆନ୍ତି।

ସ୍କାଣ୍ଡିନାଭିଆ ପୁରାଣରେ ପକ୍ଷୀମାନଙ୍କ ଭାଷା ବୁଝିବା କ୍ଷମତାକୁ ଚରମ ଜ୍ଞାନ ବୋଲି ବିଚାର କରାଯାଏ। ଏହି ପୁରାଣରେ ବର୍ଣ୍ଣିତ ଦେବତା ଓଡିନଙ୍କର ଦୁଇଟି କୁଆ ଥିଲେ ଯେଉଁମାନେ ପୃଥିବୀ ସାରା ବୁଲି ମନୁଷ୍ୟ ସମାଜରେ କେଉଁଠି କ'ଣ ଘଟୁଛି ସେ ଖବର ନେଇ ଓଡିନଙ୍କୁ ଦେଉଥିଲେ। ସ୍ୱିଡେନର କିମ୍ବଦନ୍ତୀୟ ରାଜା ଡ୍ୟାଗ୍ ଦ ୱାଇଜ୍‌ଙ୍କର ଗୋଟିଏ ଘରଚଟିଆ ଥିଲା। ସେ ରାଜ୍ୟ ସାରା ବୁଲି ଖବର ସଂଗ୍ରହ କରି ରାଜାଙ୍କୁ ଦେଉଥିଲା। ପୋଏଟିକ୍ ଏଡ୍ଡା ଓ ଭଲସୁଙ୍ଗା ସାଗା (ବୀରଗାଥା) ଅନୁସାରେ, ନବମ ଶତାବ୍ଦୀର ସ୍କାଣ୍ଡିନାଭୀୟ ବୀର ସିଗର୍ଡ ପକ୍ଷୀମାନଙ୍କ ଭାଷା ବୁଝିପାରୁଥିଲେ। ଶତ୍ରୁମାନେ ତାଙ୍କୁ ମାରିବାକୁ ଚକ୍ରାନ୍ତ କରୁଛନ୍ତି ବୋଲି ପକ୍ଷୀମାନଙ୍କ କଥାବାର୍ତ୍ତାରୁ ବୁଝିପାରି ଏକଦା ସେ ନିଜର ଜୀବନ ରକ୍ଷା କରିପାରିଥିଲେ।

ଜାସନ ହେଉଛନ୍ତି ପ୍ରାଚୀନ ଗ୍ରୀକ୍ ପୁରାଣର ଜଣେ ବୀର, ଯେ କି ଦେବଦୂତ ହର୍ମିସଙ୍କ ଉତ୍ତରାଧିକାରୀ। ସେ ସୁବର୍ଣ୍ଣ ମେଷଚର୍ମ (ଗୋଲ୍‌ଡେନ୍ ଫ୍ଲିସ୍)ର ସନ୍ଧାନ କରିବା ବିଷୟ ଗ୍ରୀକ୍ ସାହିତ୍ୟରେ ବର୍ଣ୍ଣନା ଅଛି। ୩୦୦୦ ବର୍ଷ ତଳେ ସେ ବୀରମାନଙ୍କର ଏକ ଦଳକୁ ଏକତ୍ରିତ କରି ଆର୍ଗୋ ନାମକ ଏକ ଜାହାଜରେ ଦୁଃସାହସିକ ଯାତ୍ରା କରିଥିଲେ। ସେଥିପାଇଁ ସେମାନଙ୍କୁ ଆର୍ଗୋନଟ୍‌ସ କୁହାଯାଏ। ଜାସନଙ୍କ ଜାହାଜ ଆର୍ଗୋର ସମ୍ମୁଖଭାଗ ଡୋଡୋନା କବର ସ୍ଥଳୀରୁ ଆନୀତ ଓକ୍ କାଠରେ ତିଆରି ହୋଇଥିଲା ଏବଂ ସେ ପକ୍ଷୀମାନଙ୍କ ଭାଷା କହିପାରୁଥିଲେ। ଇହୁଦୀମାନଙ୍କ ଧାର୍ମିକ ସାହିତ୍ୟ ଟାଲ୍‌ମୁଡ ଅନୁସାରେ ରାଜା ସଲୋମନଙ୍କ ଅସାଧାରଣ ଜ୍ଞାନର ରହସ୍ୟ ହେଉଛି ଦେବତାମାନେ ତାଙ୍କୁ ପକ୍ଷୀମାନଙ୍କ ଭାଷା ବୁଝିବାର କ୍ଷମତା ଦେଇଥିଲେ। ପବିତ୍ର କୋରାନରେ ମଧ୍ୟ ସୁଲେମାନ (ସଲୋମନ) ଓ ଡାଭିଡଙ୍କ କଥା ବର୍ଣ୍ଣିତ ଅଛି, ଯେଉଁମାନେ ପକ୍ଷୀମାନଙ୍କ ଭାଷା ଜାଣିଥିଲେ।

କନ୍‌ଫରେନ୍ସ ଅଫ୍ ବାର୍ଡସ (ପକ୍ଷୀମାନଙ୍କ ସମ୍ମିଳନୀ) ହେଉଛି ଏକ ସୁଫି କବିତା, ଯାହାକୁ ଦ୍ୱାଦଶ ଶତାବ୍ଦୀର ପାରସ୍ୟ କବି ଅଟ୍ଟାର ଅଫ୍ ନିଶାପୁର ଲେଖିଥିଲେ। କବିତାର ଆରମ୍ଭରେ ବିଶ୍ୱର ପକ୍ଷୀମାନଙ୍କ ଏକ ସମ୍ମିଳନୀ ବିଷୟ ବର୍ଣ୍ଣନା କରାଯାଇଛି, ଯେଉଁଥିରେ କିଏ ସେମାନଙ୍କର ରାଜା ହେବ ସେ ବିଷୟରେ ନିଷ୍ପତ୍ତି ନିଆଯାଇଥିଲା। ସବୁଠାରୁ ବିଜ୍ଞ ପକ୍ଷୀ ହୁପୁ କହିଲେ ଯେ, ଏ ନିଷ୍ପତ୍ତି ନେବା ପାଇଁ ସିମର୍ଗ (ପୌରାଣିକ ଫିନିକ୍ସ ବଂଶର ଏକ ଦୟାଳୁ ପକ୍ଷୀ)କୁ ଦାୟିତ୍ୱ ଦିଆଯାଉ। ଏହି କବିତାରେ ପକ୍ଷୀମାନଙ୍କ ଯାତ୍ରା ଓ ଯାତ୍ରାକାଳରେ ସେମାନେ ଅର୍ଜନ କରିଥିବା ନୈତିକ ଜ୍ଞାନ ବିଷୟ ବର୍ଣ୍ଣିତ ହୋଇଛି।

ପକ୍ଷୀଭାଷା ବୁଝିବା କ୍ଷମତାରୁ ହିରୋ ବା ବୀରର ଅବଧାରଣା ଆସିଛି। ଯାଦୁକରୀ ରୂପାନ୍ତର ମାଧ୍ୟମରେ ବା କୌଣସି ଭଲକାମ କରିବାର ପୁରସ୍କାର ସ୍ୱରୂପ ସେମାନଙ୍କୁ ଏହି ଜ୍ଞାନ ମିଳିଥାଏ। ଇହୁଦୀମାନଙ୍କ ଜ୍ୟୋତିଷ, ଯାଦୁବିଦ୍ୟା ଓ ପକ୍ଷୀଭାଷା ବା ସବୁଜ ଭାଷା ବୁଝିବା କ୍ଷମତାକୁ ଗୁପ୍ତବିଦ୍ୟା ଓ ଚରମଜ୍ଞାନ ଭାବେ ବିବେଚନା କରାଯାଉଥିଲା। କୁହାଯାଏ ଏହି ଭାଷାକୁ ଇଜିପ୍ଟର ପକ୍ଷୀମୁଣ୍ଡିଆ ଦେବତା ଥୋଥ୍ ଲେଖିଥିଲେ। ଇଜିପ୍ଟୀୟମାନେ ହେରୋଗ୍ଲିଫିକ୍ ଲିପିକୁ ପକ୍ଷୀମାନଙ୍କ ଲିପି ବୋଲି ବିଶ୍ୱାସ କରନ୍ତି। ଦେଶୀ ଆମେରିକୀୟ ଭାରତୀୟ ପରମ୍ପରାରେ ଡାମରା କୁଆର ଯାଦୁଶକ୍ତି ଅଛି ଏବଂ ସେ ସ୍ୱର୍ଗର ବାର୍ତ୍ତାବହ।

ବ୍ୟାକରଣ ହେଉଛି ଭାଷାର ସାର। କେବଳ ଶବ୍ଦର ଅର୍ଥ ଜାଣିବା ଯଥେଷ୍ଟ ନୁହେଁ, ବାକ୍ୟ ଗଠନ ଓ ବାକ୍ୟରେ ଶବ୍ଦଗୁଡ଼ିକ କିପରି ବ୍ୟବହାର କରାଯାଏ ତାହା ଜାଣିବା ଆବଶ୍ୟକ। କେବଳ ମଣିଷର ଏହି କ୍ଷମତା ଅଛି ବୋଲି କୁହାଯାଏ। ବର୍ତ୍ତମାନ ବୈଜ୍ଞାନିକମାନେ ପ୍ରମାଣ କଲେଣି ଯେ, ଗାୟକ ପକ୍ଷୀମାନଙ୍କର ବି ଏହି କ୍ଷମତା ରହିଛି। ଆମ ପରି ସେମାନେ ବୟୋଜ୍ୟେଷ୍ଠମାନଙ୍କଠାରୁ ଭାଷା ଶିକ୍ଷା କରିଥାନ୍ତି। ସେମାନେ ଏହି କ୍ଷମତାର ବିକାଶ କରିବାକୁ ଅଭ୍ୟାସ କଲାବେଳେ ନୂଆ ନୂଆ ଗୀତ ଓ ସ୍ୱର ବି ବାହାର କରିଥାନ୍ତି ଏବଂ କେତେଟା ପିଢ଼ି ପରେ ତାହା ନୂଆ ଉପଭାଷା (ଡାୟାଲେକ୍ଟ) ରୂପେ ଆତ୍ମପ୍ରକାଶ କରେ।

୨୦୦୯ରୁ ଆରମ୍ଭ ହୋଇଥିବା ଏକ ପରୀକ୍ଷଣରେ ଗବେଷକ ଫେହର ଓ ତାଙ୍କ ସହଯୋଗୀମାନେ ନୂଆକରି ଅଣ୍ଡାରୁ ଛୁଆ ଫୁଟିଥିବା କିଛି ଜେବ୍ରା ଫିଞ୍ଚ୍ ପ୍ରଜାତିର ଗାୟକ ପକ୍ଷୀ ଶାବକଙ୍କୁ ନେଇ ଧ୍ୱନି-ନିରୁଦ୍ଧ (ସାଉଣ୍ଡ ପ୍ରୁଫ୍) ପ୍ରକୋଷ୍ଠରେ ରଖିଲେ। ସେମାନଙ୍କ ଭାଷା ବିକାଶର ଗୁରୁତ୍ୱପୂର୍ଣ୍ଣ ସମୟରେ ହିଁ ନେଇ ସେମାନଙ୍କୁ ଏପରି ଆବଦ୍ଧ ପ୍ରକୋଷ୍ଠରେ ରଖାଗଲା। ଅର୍ଥାତ୍ ସଂଗୀତ-ବିହୀନ ଏକ ଦୁନିଆରେ ସେମାନଙ୍କୁ ରଖାଗଲା। କିନ୍ତୁ ସେମାନଙ୍କୁ ଗୀତର ରେକର୍ଡ ବଜାଇ ନିଜର ସଂଗୀତ ନିଜେ ବିକାଶ କରିବାର ସୁଯୋଗ ଦିଆଗଲା। ଏହି ଗୀତରେ ବନ୍ୟ ପକ୍ଷୀମାନଙ୍କ ପାରମ୍ପରିକ ସଂଗୀତଠାରୁ କମ୍ ସାଙ୍ଗୀତିକତା ଥିଲା। ପାରମ୍ପରିକ ସଂଗୀତର ତାଳ, ଲୟ ଏଥିରେ କିଛି ନ ଥିଲା। କିନ୍ତୁ ସମୟକ୍ରମେ ସେହି ପକ୍ଷୀମାନେ ଅନେକାଂଶରେ ସେମାନଙ୍କ ପ୍ରଜାତିର ବନ୍ୟ ଗାୟକ ପକ୍ଷୀମାନଙ୍କ ପରି ସଂଗୀତର ବିକାଶ କରିପାରିଲେ। ଏଥିରୁ ମନେହୁଏ ସେମାନଙ୍କ ଭିତରେ ସେମାନଙ୍କ ଭାଷାର ବ୍ୟାକରଣ ଓ ଗଠନ ବୁଝିବାର କ୍ଷମତା ରହିଥିଲା।

ନେଚର ପତ୍ରିକାରେ ପ୍ରକାଶିତ କେଣ୍ଟାରୋ ଆବେ ଓ ଡାଇ ୱଟାନାବେଙ୍କ ଏକ ଅନୁଧ୍ୟାନ ପ୍ରକାଶ ପାଇଛି, ଯେଉଁଥିରେ ବେଙ୍ଗଲିଜ୍ ଫିଞ୍ଚ୍ ପ୍ରଜାତିର ଗାୟକ ପକ୍ଷୀଙ୍କ ବିଷୟରେ ବର୍ଣ୍ଣନା କରାଯାଇଛି। ଏକ ଗାୟକ ପକ୍ଷୀମାନେ ନିଜ ସଂଗୀତ ସହ ଅନ୍ୟ ସଂଗୀତ ଉପରେ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି (ଆମେ ଏହାକୁ ସଂଗୀତ କହୁଛୁ କିନ୍ତୁ ଏହା ବାସ୍ତବରେ ସାଧାରଣ ବାର୍ତ୍ତାଳାପ)। ଗବେଷକମାନେ ସେହି ଏକା ଗୀତକୁ ବାରମ୍ବାର ବଜାଇଚାଲିଲେ ଏବଂ ଦେଖାଗଲା ଯେ ପକ୍ଷୀମାନେ କିଛି ସମୟ ପରେ ଆଉ ତା' ଉପରେ କିଛି ଆଗ୍ରହ ଦେଖାଇଲେ ନାହିଁ କିମ୍ବା କିଛି ପ୍ରତିକ୍ରିୟା ପ୍ରକାଶ କଲେ ନାହିଁ। ତା'ପରେ ଗବେଷକମାନେ ଗୀତଟିକୁ ଟିକେ ବଦଳାଇ ବଜାଇବାରୁ ପକ୍ଷୀମାନେ ତା' ଉପରେ ପ୍ରତିକ୍ରିୟା ପ୍ରକାଶ କଲେ। ଗବେଷକମାନେ କେତେକ ବ୍ୟାକରଣର ନିୟମ ଉଦ୍ଭାବନ କରି ପକ୍ଷୀମାନଙ୍କୁ ଶିକ୍ଷା ଦେଲେ ଏବଂ ଏହି ନିୟମଗୁଡ଼ିକୁ ଅନୁସରଣ କରୁଥିବା ୫୦ଟି ଗୀତ ସୃଷ୍ଟି କଲେ। ସେମାନେ ଗୀତଗୁଡ଼ିକୁ ଏକ ଘଣ୍ଟା ଧରି ପକ୍ଷୀମାନଙ୍କ ଆଗରେ ବଜାଇଲେ, ଯେପରି ଶିକ୍ଷକ ପିଲାମାନଙ୍କୁ ଅଭ୍ୟାସ କରାନ୍ତି। ତା'ପରେ ସେମାନେ ପାଞ୍ଚ ମିନିଟ୍ ଅପେକ୍ଷା କରି ଏକ ନୂଆ ଗୀତ ବଜାଇଲେ, ଯାହା ପୂର୍ବୋକ୍ତ ବ୍ୟାକରଣର ନିୟମକୁ ଅନୁସରଣ କରୁଥିଲା କିମ୍ବା କରୁ ନ ଥିଲା। ପକ୍ଷୀମାନେ ବ୍ୟାକରଣର ନିୟମକୁ ଠିକ୍‌ଭାବେ ଅନୁସରଣ କରୁଥିବା ଗୀତ ଉପରେ ପ୍ରତିକ୍ରିୟା ପ୍ରକାଶ କଲେ ଓ ଅନ୍ୟ ଗୀତ ବଜାହେଲା ବେଳେ କେବଳ ଡେଣା ଫଡ଼ଫଡ଼ କଲେ। ସୁତରାଂ ପକ୍ଷୀମାନେ ନୂଆ ବ୍ୟାକରଣର ନିୟମକୁ ଗ୍ରହଣ କରିନେଇ ସାରିଥିଲେ।

କେଉଁ ଜୈବ ଚାଳନ ଶକ୍ତି ବଳରେ ପକ୍ଷୀମାନେ ନୂଆ ବ୍ୟାକରଣ ଶିଖିପାରିଲେ ? ଆମ ମସ୍ତିଷ୍କରେ ଏକ ସ୍ୱତନ୍ତ୍ର ସ୍ଥାନ ଅଛି, ଯାହା ଭୁଲ୍ ଶବ୍ଦ ସଂଯୋଜନା ଶୁଣିଲେ ତାହାକୁ ଗ୍ରହଣ କରିବାକୁ ଦିଏ ନାହିଁ। ବ୍ରୋକାଜ୍ ରିଜିୟନ ନାମକ ମସ୍ତିଷ୍କର ଏହି ଅଞ୍ଚଳ ହିଁ ଆମକୁ ବ୍ୟାକରଣ ବୁଝିବାର କ୍ଷମତା ଦେଇଥାଏ। ବୈଜ୍ଞାନିକମାନଙ୍କ ମତରେ ଗାୟକ ପକ୍ଷୀ ଫିଞ୍ଚ୍‌ମାନଙ୍କ ମସ୍ତିଷ୍କରେ ବି ଅନୁରୂପ ବ୍ୟବସ୍ଥା ଅଛି। ସୁତରାଂ ପକ୍ଷୀମାନଙ୍କର ସ୍ୱତନ୍ତ୍ର ଭାଷା ଅଛି। କିନ୍ତୁ ଦୁର୍ଭାଗ୍ୟ, ଆମେ ତାହା ବୁଝିପାରୁ ନାହୁଁ।

Email: gandhim@nic.in

## ଏଇ ଭାରତରେ

ପ୍ରଯୁକ୍ତିବିଦ୍ୟା ପ୍ରୟୋଗରେ ସମାଜ ଆଧୁନିକତାର ଶିଡି ଚଢ଼ି ଚାଲିଥିଲେ ମଧ୍ୟ ଅନ୍ଧବିଶ୍ୱାସ ଏବେ ବି ଅନେକଙ୍କ ଜୀବନକୁ ଜାବୁଡ଼ି ଧରିଛି। ଅନ୍ଧବିଶ୍ୱାସରେ ପଡ଼ି ମଣିଷ ବିବେକହୀନ କାର୍ଯ୍ୟ କରିବସେ, ଯାହାର ନଜିର ଅନେକ ଦେଖିବାକୁ ମିଳିଛି। ଏହିଭଳି ଘଟଣା ଏକ ଦମ୍ପତିଙ୍କ ଦ୍ୱାରା ଘଟିଛି, ଯାହା ଅନେକଙ୍କୁ ହତଚକିତ କରିଦେଇଛି। କାରଣ ସେମାନେ ତାନ୍ତ୍ରିକ କଥାରେ ବିଶ୍ୱାସ କରି ନିଜର ଏକମାସର ଶିଶୁପୁତ୍ରକୁ ରାଞ୍ଚିର ଶିଶୁ କଲ୍ୟାଣ କମିଟି (ସିଡବ୍ଲ୍ୟୁସି)କୁ ହସ୍ତାନ୍ତର କରିଛନ୍ତି। ପଶ୍ଚିମବଙ୍ଗର ଉକ୍ତ ଦମ୍ପତିଙ୍କୁ କିଛିଦିନ ତଳେ ଜଣେ ତାନ୍ତ୍ରିକ କହିଥିଲେ, ଜନ୍ମ ହେବାକୁ ଥିବା ନୂତନ ଶିଶୁ ପରିବାର ପାଇଁ ସମସ୍ୟା ଆଣିବ। ଶିଶୁପୁତ୍ର ଜନ୍ମ ହେବା ପରେ ସେମାନଙ୍କର ବଡ଼ପୁଅ ହଠାତ୍ ଅସୁସ୍ଥ ହୋଇପଡ଼ିଲା। ତେଣୁ ତାନ୍ତ୍ରିକ କଥା ସତ ବୋଲି ବିଶ୍ୱାସ କରି ଦମ୍ପତି ଶିଶୁଟିକୁ ସିଡବ୍ଲ୍ୟୁସିକୁ ଦେଇଥିଲେ। ସିଡବ୍ଲ୍ୟୁସି ପକ୍ଷରୁ ସେମାନଙ୍କୁ ଯେତେ ବୁଝାଇଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ଗତ ୧୫ ଦିନ ଧରି ଶିଶୁପୁତ୍ରକୁ ଏବେ କରୁଣା ନାମକ ଏକ ଚାଇଲ୍ଡ କେୟାର ସଂସ୍ଥାରେ ଲାଳନପାଳନ କରାଯାଉଛି। ସିଡବ୍ଲ୍ୟୁସିକୁ ଗୋଟିଏ କଥା ଆଶ୍ୱାସନା ଦେଇଛି ଯେ, ଶିଶୁପୁତ୍ରକୁ ତାଙ୍କ ମା'ବାପା ଅନ୍ୟ କେଉଁଠି ଛାଡ଼ିନାହାନ୍ତି, ନଚେତ୍ ନିଷ୍ପାପ ଶିଶୁର ଜୀବନ ପ୍ରତି ବିପଦ ସୃଷ୍ଟି ହୋଇଥାନ୍ତା। ୨୦୧୭ ନିୟମାବଳୀ ଅନୁସାରେ ଦମ୍ପତି ଚାହିଁଲେ ସେମାନଙ୍କ ଶିଶୁପୁତ୍ରକୁ ୬୦ ଦିନ ମଧ୍ୟରେ ଫେରାଇ ନେଇ ପାରିବେ। ମାତ୍ର ଏହାପରେ ଶିଶୁ ଉପରେ ସେମାନଙ୍କର କୌଣସି ଅଧିକାର ରହିବ ନାହିଁ ବୋଲି କରୁଣା ପକ୍ଷରୁ ସୂଚନା ଦିଆଯାଇଛି।

## ଚିରନ୍ତନୀ

ଅତି ପ୍ରିୟ ପଥ ତବ ହେଲା ଯେବେ
କଣ୍ଟକେ ଆକୀର୍ଣ୍ଣ
ଦିଅ ଅନୁମତି ନିଜ ପଥ ନିଜେ
ଖୋଜୁ ହେ ନବୀନ!
(ପ୍ରାଚୀନ ଓ ନବୀନ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | | E | 2 | | C | | | | | 6 | |
| 4 | | | | 0 | | D | | | 3 | | | | 2 | A |
| | | D | | 1 | | | 3 | | | E | 4 | | | |
| 3 | | | 2 | 7 | | | A | 5 | 6 | 0 | | C | | |
| A | 9 | | | | 6 | E | | | 2 | | 8 | 0 | | |
| | | | E | | | | 7 | | | | | | | 9 |
| E | D | | | | | | | 0 | | 4 | | 8 | | |
| | 1 | 9 | A | | | | | | | 6 | | 4 | | 7 |
| 2 | | 3 | | 4 | | | | | | | C | D | 5 | |
| C | | | | | | 6 | | 9 | | | 7 | 3 | | |
| | C | | | 8 | | | | 1 | | 3 | | A | | |
| 7 | | | | | | | D | 3 | C | | | | | 5 |
| 1 | | | B | | | | | 8 | | 9 | A | | | 2 |
| | 6 | | 0 | | | | | E | 8 | 5 | B | | | 3 |
| | | | 4 | D | | | | | | | 2 | E | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 7 | 0 | D | E | 3 | C | 2 | 4 | 1 | B | A | 9 | 8 | 5 | 6 |
| 1 | 3 | E | 5 | B | 8 | C | 9 | A | 0 | 7 | 6 | 2 | 4 | D |
| B | 4 | 5 | 1 | A | D | 6 | 3 | E | 8 | 2 | C | 0 | 7 | 9 |
| A | 9 | 6 | 2 | 4 | 7 | 8 | 0 | D | 3 | E | 5 | 1 | C | B |
| 2 | C | 8 | 6 | 0 | 9 | 5 | B | 7 | D | 1 | 4 | E | A | 3 |
| 3 | 6 | 0 | 4 | 1 | A | 7 | 5 | B | 9 | D | 8 | C | E | 2 |
| E | 2 | A | 3 | 7 | 0 | 4 | 1 | 8 | C | 6 | B | D | 9 | 5 |
| 9 | 8 | C | D | 6 | 5 | 0 | 2 | 3 | E | 4 | A | 7 | B | 1 |
| 4 | 1 | B | 8 | 9 | E | D | C | 6 | 2 | 5 | 7 | A | 3 | 0 |
| 5 | D | 7 | B | C | 2 | E | A | 9 | 1 | 3 | 0 | 4 | 6 | 8 |
| 6 | A | 3 | C | 8 | 1 | 9 | D | 2 | 4 | B | E | 5 | 0 | 7 |
| D | 5 | 2 | 0 | E | 6 | 1 | 7 | C | A | 9 | 3 | B | 8 | 4 |
| 8 | 7 | 1 | A | 5 | B | 3 | E | 4 | 6 | 0 | D | 9 | 2 | C |
| C | B | 9 | 7 | D | 4 | A | 6 | 0 | 5 | 8 | 2 | 3 | 1 | E |
| 0 | E | 4 | 9 | 2 | 3 | B | 8 | 5 | 7 | C | 1 | 6 | D | A |

ଗତକାଲିର ଉତ୍ତର



ଡ. ସୁବାସ ଚନ୍ଦ୍ର ପାତ୍ର

# ସୀମିତ ବଳୟର ଜୀବନ

ଆଶ୍ୱାସନା କିପରି ବିଡ଼ମ୍ବନାରେ ରୂପାନ୍ତରିତ ହୋଇପାରେ ତାହା ଅନ୍ତତଃ ବିଜ୍ଞାନର ବରଦାନକୁ ବିଶ୍ଳେଷଣ କଲେ ଜାଣିହେବ। ମଣିଷ ଯେତେବେଳେ ସବୁ କାମ ପାଇଁ ତା' ହାତ ଓ ଗୋଡ଼ ଉପରେ ନିର୍ଭର କରୁଥିଲା, ସେତେବେଳେ ସେ ଭାବୁଥିଲା କିଛି ଗୋଟାଏ ବିକଳ୍ପ ବସ୍ତୁ ବା ଯନ୍ତ୍ରପାତି ମିଳିଯାନ୍ତା କି? ଯଦ୍ୱାରା ଏ ଶାରୀରିକ ପରିଶ୍ରମ ଖାଲି କମିଯାଆନ୍ତା ନାହିଁ ଉଦ୍‌ବୃତ୍ତ ସମୟକୁ ସେ ଆଉ କିଛି ସୂକ୍ଷ୍ମକାମରେ ଲଗାଇ ଏକ ସମୃଦ୍ଧ ଜୀବନଯାପନ କରନ୍ତା। ଘଟଣାକ୍ରମେ ବିଜ୍ଞାନ ତା'ର ମନୋବାଞ୍ଛା ପୂରଣ କଲା। ନିଜର ବୁଦ୍ଧି ଓ ବୈଜ୍ଞାନିକ ଯନ୍ତ୍ରପାତି ସୌଜନ୍ୟରେ ସେ ହାତଗୋଡ଼କୁ ବ୍ୟବହାର କଲା, କିନ୍ତୁ ବିଡ଼ମ୍ବନାକ୍ରମେ ସେ ସମୃଦ୍ଧ ହେଲା ସତ, କିନ୍ତୁ ଭିନ୍ନ ଭାବରେ ଦିନକୁ ଦିନ ସେ 'ଗରିବ' ହେବାକୁ ଲାଗିଲା- ଆର୍ଥିକ ପୁଞ୍ଜି ବୃଦ୍ଧି ହେବା ସହ ଅନୁଭୂତିର ପୁଞ୍ଜି ହ୍ରାସ ପାଇଲା। ଇନ୍ଦ୍ରିୟାତୀତ ଅନୁଭୂତି ଦୂରର କଥା, ଅନେକ ସାଧାରଣ ଇନ୍ଦ୍ରିୟକୈନ୍ଦ୍ରିକ ଅନୁଭୂତିରୁ ବି ସେ ବଞ୍ଚିତ ହେଲା, ଅର୍ଥାତ୍ ତା'ର ଆଖି, କାନ, ନାକ, ଜିଭ ଅନେକ ଅନୁଭୂତିର 'ସ୍ୱାଦ' ନ ପାଇ ଦିନକୁ ଦିନ 'ଦରିଦ୍ର' ହେବାକୁ ଲାଗିଲେ।

ପ୍ରସଙ୍ଗକ୍ରମେ ମହାପାତ୍ରବାବୁଙ୍କ ପ୍ରତିବାଦର ଅବତାରଣା। ପୁଅର ଆଗ୍ରହକୁ ପ୍ରତ୍ୟାଖ୍ୟାନ କରି ନ ପାରି ଭୁବନେଶ୍ୱରରୁ ବେଙ୍ଗାଲୁରୁ ଉଡ଼ାଜାହାଜରେ ଆସି କିପରି 'ବଞ୍ଚିତ' ହେଲେ ତାହା ହିଁ ଏହି ପ୍ରତିବାଦର କେନ୍ଦ୍ରବିନ୍ଦୁ। ପୁଅକୁ କହିଲେ, ''ଏକ ଘଣ୍ଟା ପଇଁଚାଳିଶ ମିନିଟ୍‌ରେ ଭୁବନେଶ୍ୱରରୁ ବେଙ୍ଗାଲୁରୁ ଆସି ମୁଁ ପାଇଲି କ'ଣ ? ଦେଖିଲି କ'ଣ ? କ'ଣ ଲାଭ ହେଲା ? ଖାଲି କିଛି ସମୟ ବଞ୍ଚିଲା ଯାହା। ଉଡ଼ାଜାହଜ ଭିତରେ କେତେଜଣ ପରିଚାରିକା, ପାଖରେ ନିଜ ନିଜ ଇଲେକ୍ଟ୍ରୋନିକ ପୃଥିବୀରେ ହଜିଯାଇଥିବା କିଛି ସହଯାତ୍ରୀ, ଆଉ ବାହାରେ ଭାସମାନ ବାଦଲ ଓ ନୀଳ ଆକାଶ, ଯାହା ମୁଁ ପୃଥିବୀରେ ଠିଆ ହୋଇ ଅନେକବାର ଦେଖେ। ଅଥଚ ରେଳଗାଡ଼ିରେ ଆସିଥିଲେ ମୁଁ ଚିଲିକା ଦେଖିଥାନ୍ତି, ଆନ୍ଧ୍ର, ତାମିଲନାଡୁ, କର୍ନାଟକ ଲୋକଙ୍କର ଘରଦ୍ୱାର, ଚାଷବାସ, ଗଛଲତା, ପୋଷାକ ପରିଚ୍ଛଦ ତଥା ବିଭିନ୍ନ କିସମର ସହଯାତ୍ରୀଙ୍କର ଭାଷା, ଖାଦ୍ୟ, କଥୋପକଥନ ସଂସ୍ପର୍ଶରେ ଆସି କିଛି ଜାଣିଥାନ୍ତି, ଶିଖିଥାନ୍ତି। ତୁ ଅଧିକ ପଇସା ଖର୍ଚ୍ଚ କଲୁ, ମୁଁ ଅନ୍ୟ ଭାବରେ 'ଦରିଦ୍ର' ହେଲି ?'' ମହାପାତ୍ରବାବୁଙ୍କ କଥା ପିଲାଳିଆ, ପୁରୁଣାକାଳିଆ ମନେହୋଇ ପାରେ। କିନ୍ତୁ ଏହା ଭିତରେ ବି ଜୀବନର ସତ୍ୟ ଲୁକ୍କାୟିତ।

କହିବା ବାହୁଲ୍ୟ ଯେ ମହାପାତ୍ରବାବୁଙ୍କର ଅଭିଯୋଗ ଏକ ସଂକେତ ମାତ୍ର। ଆଜି ଆଧୁନିକ ମଣିଷ ସ୍କୁଲପିଲାଙ୍କ ୟୁନିଫର୍ମ ପରି ପ୍ରାୟତଃ ସକାଳୁ ସଞ୍ଜ ଏକା ଜିନିଷ ଦେଖେ, ଶୁଣେ, ଶୁଙ୍ଘେ ବା ସ୍ୱାଦକରେ। ଇନ୍ଦ୍ରିୟକୈନ୍ଦ୍ରିକ ଅନୁଭୂତିରେ ଭିନ୍ନତା ନାହିଁ ବା ସେ ପ୍ରକାର କିଛି ଦୃଶ୍ୟ ବା ରଙ୍ଗ ଯାହା ହଳଦୀବସନ୍ତର ହୋଇପାରେ, ଶିମୁଳି ଫୁଲର ହୋଇପାରେ ଅବା ଗାଈଟିର ବାଛୁରୀକୁ ଜନ୍ମ ଦେବାର ଦୃଶ୍ୟ ହୋଇପାରେ ଅବା ସେମିତି କିଛି ଶବ୍ଦ ଯାହା ଡାହୁକର ବା ପେଚାର ରାବ ଅବା ବାଉଁଶ ଗଛ ସହ ବାଉଁଶ ଗଛର ଘଷି ହେବାର ଶବ୍ଦ ଅବା ଖିରି ପାଇଁ ଉଦ୍ଦିଷ୍ଟ ବାସ୍ନା ଚାଉଳର ଧାନକେଣ୍ଡାର ସୁଗନ୍ଧ, ଗୋବରିଆ ପୋକର ଦୁର୍ଗନ୍ଧ ଅବା ଘରେ ତିଆରି ଖଜୁରିଗୁଡ଼ର ସ୍ୱାଦ- ଏମିତି ଅନେକ 'କଥା' ଆମ ଆଖି, କାନ, ନାକ, ଜିଭ ପାଇଁ ନିବୁଜ ବହିପରି। ଆଉ ଇନ୍ଦ୍ରିୟ ତଥା ବିଜ୍ଞାନ ଅବମାନନାକାରୀ ଘଟଣା ବା ଅନୁଭୂତି ଯାହା ଭୂତ, ପ୍ରେତ, ଡାହାଣୀ ସମ୍ପର୍କିତ ସେ ସବୁ ଅନୁଭୂତିର ଦାବିଦାର ବା ସମର୍ଥକ ହେବା ତ ଦୂରର କଥା ଅନ୍ତତଃ ତାହା ଅନ୍ୟ ତୁଣ୍ଡରୁ ଶୁଣିବାର ସୌଭାଗ୍ୟ ବି ଆଜି ଅନେକଙ୍କର ନାହିଁ। ଅବଶ୍ୟ ବିଜ୍ଞାନର ଆଶୀର୍ବାଦକ୍ରମେ ବହୁ ବିକଳ୍ପ ଦୃଶ୍ୟ ବା ଅନୁଭୂତି ଆଜି ଉପଲବ୍ଧ କିନ୍ତୁ ଦୁଃଖର କଥା ଆଜିର ଯୁବପିଢ଼ି ବାସ୍ତବ ଦୃଶ୍ୟ ବା ଅନୁଭୂତିକୁ ଅଙ୍ଗେ ନିଭେଇବା ବା ତା'ର ସାକ୍ଷୀ ହେବା ପରିବର୍ତ୍ତେ ତା'ର ଛାଇ, ତା'ର ଚିତ୍ରଜଗତରେ ଅଧିକ ମଗ୍ନ ରହି ବାସ୍ତବ ପୃଥିବୀ ପରିବର୍ତ୍ତେ ଅର୍ଦ୍ଧ-ବାସ୍ତବ ପୃଥିବୀରେ ଅଧିକ ସକ୍ରିୟ ରହୁଛନ୍ତି ଅର୍ଥାତ୍ ସତ୍ୟ ଅପେକ୍ଷା ଅର୍ଦ୍ଧସତ୍ୟର ଅନୁଧାବନକୁ ସେମାନେ ପ୍ରାଧାନ୍ୟ ଦେଇ ଜୀବନଯାପନ କରିବାକୁ ହିତକର ମଣୁଛନ୍ତି।

ବିଜ୍ଞାନ କାନ୍ଧରେ ଲାଉହୋଇ ମଣିଷ ତା'ର ସ୍ୱାଭାବିକ ଗତିଶୀଳତା, ଦୁଃସାହସିକତା, ମାଡ଼ିଯିବାପଣ ହରେଇ ଦିନକୁ ଦିନ ନିଜକୁ ଅଧିକ ଅସୁରକ୍ଷିତ ମଣି ଦୂରରେ ଥାଇ ବି କିପରି ପାଖରେ ରହିବ, ପାଖଲୋକଙ୍କ ଛାଇରେ ବଞ୍ଚିବ, ତା'ଠୁ ସାହାଯ୍ୟ ପାଇ ଅଧିକ 'ନିରାପଦ' ଜୀବନ ଯାପନ କରିବ ସେହି ଚିନ୍ତା ତାକୁ ଘାରିଛି। ଅର୍ଥାତ୍ ଶିକାଗୋ ହେଉ ଅବା ବେଙ୍ଗାଲୁରୁ ବିଜ୍ଞାନର ସୌଜନ୍ୟକ୍ରମେ ସେ ନିଜ ଘରଲୋକରୂପକ ବରଗଛର ଛାଇରେ ବଢ଼ି ନିଜକୁ ନିରାପଦ ମଣୁଛି ଏବଂ ଘରଲୋକ ବି ତାକୁ ବରଗଛତଳର ଦୂବଘାସରେ ପରିଣତ କରି ତାକୁ ଯେ ବଢ଼ିବାକୁ ଦେଉନାହାନ୍ତି, ତା'ର ସ୍ୱାଧୀନତା, ସ୍ୱାଧୀନ ଚିନ୍ତନକୁ ଲୋପକରି ସେମାନଙ୍କୁ ନିଜ ନିଜର ଗୋଟିଏ ଜେରକ୍ସ କପିରେ ପରିଣତ କରୁଛନ୍ତି, ସେ କଥା କେହି ଭାବୁନାହାନ୍ତି। ବିଜ୍ଞାନକୁ ଉପଯୋଗ କରି ଉଭୟ ବାପା ମା' ଓ ପିଲାଛୁଆ ପରସ୍ପରର ଗୋଲାମ ହୋଇ ବଞ୍ଚୁଛନ୍ତି। କେବେ ବି କୌଣସି ବାପା, ମା' ପିଲାମାନଙ୍କୁ କହୁନାହାନ୍ତି ତୁ ସ୍ୱାଧୀନ ହୋଇ ଯା, ଦୁଃସାହସୀ ହୁଅ, ଆଗକୁ ମାଡ଼ି ଯା, ସଂକଟକୁ ମୁକାବିଲା କର, ଆମେ ନାହୁଁ ବୋଲି ଭାବ, ବିପଦ ସହ ଖେଳିବା ଶିଖ। ବରଂ ଓଲଟି କହୁଛନ୍ତି, 'ତୁ କିଛି ଚିନ୍ତା କରନା, ମୁଁ ଯେ ପର୍ଯ୍ୟନ୍ତ ଅଛି ତୋ ପାଦରେ କଣ୍ଟା ଫୋଡ଼ିବନି।' କି ପ୍ରକାର ସୁରକ୍ଷାକବଚ ! କି ପ୍ରକାର ନିରାପତ୍ତାର ପ୍ରତିଶ୍ରୁତି !

ଅଥଚ ଅଭିଭାବକମାନେ ଯେତେବେଳେ ପିଲାଛୁଆଙ୍କର ଅଯଥା ସୁରକ୍ଷାକବଚ ସାଜୁ ନ ଥିଲେ, ବିଜ୍ଞାନର ଛାୟାରେ ସେମାନଙ୍କ ଉପରେ କାୟା ବିସ୍ତାର କରୁ ନ ଥିଲେ, ପିଲାମାନେ କେତେ କଥା କରି ପକାଉଥିଲେ। ବିଶିଷ୍ଟ ଐତିହାସିକ ଡ. ମନ୍ମଥନାଥ ଦାସଙ୍କ ଜୀବନୀରୁ ଏକ ଉଦାହରଣ। ୧୯୩୮ ମସିହାରେ ବାଲେଶ୍ୱର ଜିଲାସ୍କୁଲରେ ଅଷ୍ଟମ ଶ୍ରେଣୀରେ ପଢ଼ିଲାବେଳେ ସେ ଖବରକାଗଜରୁ ଜାଣିଲେ ଗାନ୍ଧିଜୀ ପୁରୀର ଡେଲାଙ୍ଗ ଆସୁଛନ୍ତି। ସେ ଓ ତାଙ୍କ ସହପାଠୀ ତ୍ରିଲୋଚନ ସେନାପତି ଦୁହେଁ ଟ୍ରେନରେ ଯାଇ ଡେଲାଙ୍ଗରେ ପହଞ୍ଚିଥିଲେ। ସଭାସ୍ଥଳ ଜନାକୀର୍ଣ୍ଣ। ଗାନ୍ଧୀଙ୍କୁ ପାଖରେ ଦେଖିପାରିଲେନି। ମନ ଖରାପ କରି ପଡିଆରେ ଘୂରି ବୁଲୁଛନ୍ତି, ସେହି ସମୟରେ କଂଗ୍ରେସ ଦଳର ଜଣେ ଯୁବକର୍ମୀ ତାଙ୍କ ମନସ୍ତାପର କାରଣ ଜାଣି ତା'ର ପ୍ରତିକାରର ଉପାୟ ବତାଇଲେ। କହିଲେ, ଯଦି କାଲି ଭୋର ବେଳେ ପଡ଼ିଆ ନିକଟସ୍ଥ ସେହି ପୋଖରୀକୂଳକୁ ସେ ଆସିପାରିବେ, ଯେଉଁଠି ପାଖ କୁଡ଼ିଆଘରେ ଗାନ୍ଧୀ ରହୁଛନ୍ତି ଏବଂ ଲୁଗା ସଫା କରିବାକୁ ସେ ପୋଖରୀ ତୁଠକୁ ଭୋରୁ ଆସନ୍ତି ତାହାଲେ ନିକଟରୁ ଗାନ୍ଧୀଙ୍କୁ ଦେଖିହେବ। ବାଳକ ମନ୍ମଥ ରାଜିହେଲେ। ରାତିଯାକ ଡେଲାଙ୍ଗ ଷ୍ଟେଶନରେ ପଡ଼ିରହି ଭୋର ୪ଟା ୩୦ରେ ସେଇ ପୋଖରୀ ପାଖରେ ପହଞ୍ଚିଲେ। ଭଦ୍ରଲୋକ ଜଣକ ସତକୁ ସତ ସେଇ ପୋଖରୀ ପାଖରେ ପହରା ଦେଉଥିଲେ। ପୋଖରୀ ପାଣିରେ ପଶି, ଗୋଡ଼ରେ କଣ୍ଟାବାଡ଼ର ଆଘାତ ଖାଇ ଅପେକ୍ଷାକୃତ ନିକଟରୁ ଡ. ଦାସ ଗାନ୍ଧୀଙ୍କୁ ଦର୍ଶନ କଲେ। ଆଜି ଏ କଥା କେଉଁ ପିଲା ଭାବିବ ନାହିଁ, ଆଉ ଯଦି ସେମିତି କିଛି ମହତ୍ କାମ ପାଇଁ ସେ ଯାଇଥିବ ଫେରିଲେ ପଚରାଯିବ ତୁ କାହା ଅନୁମତିରେ ଯାଇଥିଲୁ ? ଯେତିକି ପାଠ ନଷ୍ଟ ହେଲା ତାହା ଭରଣା କରିବ କିଏ ?

ମୋ- ୯୪୩୭୩ ୭୬୨୧୯

## ପାଠକ ଶ୍ରେଷ୍ଠ ବିଚାରକ

### କଟକ ବନଖଣ୍ଡ ଚୁପ୍

ମହାଶୟ,

ଯାଜପୁର ଜିଲ୍ଲା ଧର୍ମଶାଳା ତହସିଲ ଅନ୍ତର୍ଗତ ଅଞ୍ଜିରା ମୌଜାର କାଲୁଣିଗଡା ନିକଟରେ ଶତାଧିକ ଏକର ଜଙ୍ଗଲ ଜମିକୁ ଦୀର୍ଘ ୩୦ ବର୍ଷ ହେଲା ଜବରଦଖଲ କରି ଏକ ବେଆଇନ ଶିଳ୍ପ ଚାଲିଛି। ଏହା କଟକ ବନଖଣ୍ଡ ଡାଳିଯୋଡା ଫରେଷ୍ଟ ଅନ୍ତର୍ଗତ। ଜଙ୍ଗଲ ଜମିରେ ଚାଲିଥିବାରୁ ଏହି ଶିଳ୍ପକୁ ସରକାରୀ ସ୍ୱୀକୃତି କିମ୍ବା ପରିବେଶ ମଞ୍ଜୁରି ମିଳିନାହିଁ। ଏଥିପାଇଁ ସରକାର ଲକ୍ଷଲକ୍ଷ ଟଙ୍କାର ଟିକସ ହରାଉଥିବା ବେଳେ ଲୋକେ ମଧ୍ୟ ଏହି କାରଖାନାର ପ୍ରଦୂଷଣ କୁପ୍ରଭାବରେ ନାହିଁ ନ ଥିବା ଦୁର୍ଦ୍ଦଶା ଭୋଗୁଛନ୍ତି। ଏହି ଜମିର ଶାବକ ରେକର୍ଡ ଅନୁଧ୍ୟାନ କରାଯାଇ ତୁରନ୍ତ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ମୁଖ୍ୟମନ୍ତ୍ରୀ ଓ ମୁଖ୍ୟ ଶାସନ ସଚିବଙ୍କ ଦୃଷ୍ଟି ଆକର୍ଷଣ ପରେ କାର୍ଯ୍ୟାନୁଷ୍ଠାନ ପାଇଁ କଟକ ବନଖଣ୍ଡ ଅଧିକାରୀଙ୍କୁ ନିର୍ଦ୍ଦେଶ ଆସିଥିଲେ ବି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ।

ସତୀଶ କୁମାର ବିଶ୍ୱାଳ, ଯାଜପୁର

### ଲୋପପାଉଛି ଘରଚଟିଆ

ଆଗରୁ ଦେଖିବାକୁ ମିଳୁଥିଲା ଘରଚଟିଆ ପ୍ରତ୍ୟେକ ଗାଁଗହଳିରେ ରହୁଥିଲେ। ଏବେ ଆଉ ଦେଖିବାକୁ ମିଳୁନି। କାରଣ ଲୋକେ ନଡ଼ାଛପର ନ କରି ପକ୍କାଘର କରୁଛନ୍ତି। ସେମାନଙ୍କ ରହିବା ପାଇଁ ଅସୁବିଧା ହେଉଛି। କାରଣ ଘରଚଟିଆମାନେ ନଡ଼ାଛପର ଘରେ ରହିବାକୁ ବେଶି ପସନ୍ଦ କରନ୍ତି। ଆମେ ସମସ୍ତେ ଘରଚଟିଆକୁ ପୁଣିଥରେ ମନେ ପକାଇବା ଏବଂ ତାଙ୍କ ରହିବା ପାଇଁ ସୁବିଧା କରିବା ଉଚିତ।

ସାରଥି ମଲ୍ଲିକ, ଅମରପାଲି, ବୀର ମହାରାଜପୁର, ସୋନପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଯେଉଁଠି ମନା ସେଇଠି ମନ



ଅଞ୍ଜନ ଚାନ୍ଦ

ସେ ଦିନର ସକାଳଟା ଖୁବ୍ ସୁନ୍ଦର ଥିଲା। କାଣିଚାଏ କୁହୁଡ଼ି ଦୂର ଦିଗ୍‌ବଳୟରେ ଦିଶୁ ନ ଥିଲା। ନୀଳ ଆକାଶରେ କେତୋଟି କୁନି ମେଘ ସୂର୍ଯ୍ୟଙ୍କ ରଙ୍ଗକୁ ମୁହଁରେ ମାଖି ଫୁଲେଇ ହେଉଥିଲେ। ଶୀତଳ କୋମଳ ପରିବେଶ। ଦୁଇବନ୍ଧୁ ପଦଚାରଣ କରି ରାଜାଙ୍କ ଉଆସ ପାଖରେ ପହଞ୍ଚିଲେ। ସେଠାରେ ପତ୍ରଗହଳ ଗଛଟିଏ ଫଳ ବିଭବରେ ମଣ୍ଡିତ ହୋଇଛି। ଗଛ ତଳେ ଗହଳ ଚହଳ। ବ୍ୟବସାୟୀମାନେ ରାଜପ୍ରତିନିଧିଙ୍କୁ ଉଚିତ ମୂଲ୍ୟ ଦେଇ ଫଳସବୁ କିଣି ନେଉଛନ୍ତି। ସେମାନଙ୍କଠାରୁ ଫଳ କିଣିବା ପାଇଁ ପ୍ରଜାମାନେ ଗହଳି କରିଛନ୍ତି। ସେତେବେଳେ ଆସୁଛି ନାଗରାବାଲା। ନାଗରା ବଜାଇ କହୁଛି- ଖାଅନା, ଏ ଫଳ ଖାଅନା। ଫଳରେ ବିଷ ଅଛି। ଯିଏ ଖାଇବ ଧୀରେ ଧୀରେ ମରିଯିବ। ପ୍ରଜାମାନେ ଶୁଣୁଛନ୍ତି। ତଥାପି ଫଳ କିଣି ଖାଇବାରେ ଲାଗିଛନ୍ତି।

ଜଣେ ବନ୍ଧୁ କହୁଛନ୍ତି, ଏ ଲୋକଗୁଡ଼ାକ କି ମୂର୍ଖ ! ଆମ ରାଜା କେତେ ଭଲ। ଫଳ ବିକ୍ରି ହୋଇ ସହସ୍ର ସ୍ୱର୍ଣ୍ଣମୁଦ୍ରା ରାଜକୋଷକୁ ଯାଉଛି। ଅଥଚ ପ୍ରଜାଙ୍କ ମଙ୍ଗଳ ପାଇଁ ସେ ଫଳ ଖାଇବାକୁ ବାରଣ କରୁଛନ୍ତି। ଲୋକମାନେ ନ ଶୁଣିଲେ ସେ ଆଉ କ'ଣ କରିବେ ? ଅନ୍ୟ ବନ୍ଧୁ କହିଲେ, ରାଜା ଯଦି ସତରେ ପ୍ରଜାଙ୍କ ମଙ୍ଗଳ ଚାହୁଁଛନ୍ତି ତେବେ ବିଷ ଫଳର ଏ ଗଛଟିକୁ ମୂଳରୁ କାଟିଦେଉନାହାନ୍ତି କାହିଁକି ?

ପିଲାଦିନେ ଦେଖିଛି, ଆମ ଗାଁ ପାଖ ବସ୍ତିରେ ବିଡ଼ି ପ୍ରସ୍ତୁତି କୁଟୀରଶିଳ୍ପରେ ପରିଣତ ହୋଇଥିଲା। ଘରେ ଘରେ ବୁଢ଼ାଠାରୁ ଛୋଟ ପିଲା ଓ ସ୍ତ୍ରୀଲୋକମାନେ ଏକାଠି ବସି ବିଡ଼ି ମୋଡୁଥିଲେ। ସୂତାରେ ବଣ୍ଡଲ କରି ହାଟକୁ ବିକ୍ରି ପାଇଁ ନେଉଥିଲେ। ତା'ପରେ ପଲିଥିନ ପ୍ୟାକେଟ୍ ଆସିଲା। କେତେଜଣ ସହରରୁ କାଗଜ ଛାପି ତା' ଭିତରେ ପୂରାଇଲେ। କାଗଜରେ ବିଡ଼ିର ନାମ, ଦାମ୍ ସହିତ ଗୋଟେ ଟୋପିପିନ୍ଧା ଲୋକ କିମ୍ବା ଗୋଖର ସାପର ଛବି ଥିବା କଥା ମନେପଡୁଛି। କଲେଜକୁ ଯିବା ପରେ ସିଗାରେଟ୍ ସହିତ ପରିଚୟ। ସେତେବେଳେ ପିଲାମାନେ ମୁଣ୍ଡରେ ହିପ୍ପି, ଛିଟରଙ୍ଗର ଚିପା ଶାର୍ଟ, ଭେଲବଟମ୍ ପ୍ୟାଣ୍ଟ, ଚଉଡ଼ା ବେଲ୍ଟ, ହିଲ୍ ଜୋତା ସହିତ ମୁହଁରେ ସିଗାରେଟ୍ ଧରି ହିରୋ ସାଜୁଥିଲେ।

ବିଡ଼ି ଓ ସିଗାରେଟ୍‌ର ବହୁଦିନ ପରେ ଗୁଟ୍‌ଖାର ଆବିର୍ଭାବ। ସକାଳେ ପାନ ଦୋକାନରେ ଝୁଲୁଥିବା ପ୍ୟାକେଟ୍‌ଗୁଡ଼ିକ ସଞ୍ଜବେଳକୁ ଉଭାନ ହୋଇଯାଏ। ତମାଖୁ, ଗୁଟ୍‌ଖାର ବହୁଳ ବ୍ୟବହାରକୁ ଦେଖି ସରକାର ଚିନ୍ତାରେ ପଡ଼ିଲେ। ବୈଧାନିକ ସତର୍କତାକୁ ବଡ଼ ଅକ୍ଷରରେ ଲେଖିବା ବ୍ୟବସ୍ଥା କରାଇଲେ। ଲୋକମାନେ ଡରିଯିବା ପରି ଭୟଙ୍କର ଚିତ୍ର ଦେଖାଇଲେ। କାନ୍ଥବାଡ଼, ଗଣମାଧ୍ୟମରେ ବିଜ୍ଞାପନ ଦେଲେ। ସର୍ବସାଧାରଣ ସ୍ଥାନରେ ସିଗାରେଟ୍ ଟାଣିଲେ ଦୁଇଶହ ଟଙ୍କା ଫାଇନ କଲେ।

ଏଇ ଶେଷକଥାଟି ପାଇଁ ଗଣ୍ଡଗୋଳ ଉପୁଜିଲା। ଧୂମପାୟୀମାନେ ଆପତ୍ତି କଲେ। ସର୍ବସାଧାରଣ ଜାଗାରେ ତ ସିଗାରେଟ୍ ବିକ୍ରି ହେଉଛି। ତାକୁ କିଣି ଟାଣିବା ପାଇଁ କେଉଁ ଅସର୍ବସାଧାରଣ ଜାଗାକୁ ଯିବୁ? ଘରେ ସ୍ତ୍ରୀ, ପିଲାମାନେ ଅଛନ୍ତି। ସେଠାରେ ଟାଣି ହେବନି। 'ଏଠାରେ ସିଗାରେଟ୍ ଟାଣନ୍ତୁ' ଏମିତି କୌଣସି ନିର୍ଦ୍ଦିଷ୍ଟ ସ୍ଥାନ ବି ନାହିଁ। ଆମେ କ'ଣ ସିଗାରେଟ୍ ଟାଣିବା ପାଇଁ ସହର ଛାଡ଼ି ବଣଜଙ୍ଗଲକୁ ଯିବୁ ନା ଦଶ ଟଙ୍କାର ସିଗାରେଟ୍ ପାଇଁ ହଜାରେ ଟଙ୍କାର ହୋଟେଲ ରୁମ୍ ବୁକ୍ କରିବୁ ? ଦୁଇଶହ ଟଙ୍କାର ଫାଇନ୍ କଥା ଶୁଣି କେତେଜଣ ପୋଲିସବାବୁ ଖୁସି ହୋଇଯାଇଥିଲେ। ବାଟଘାଟରେ ଦୁଇଚାରିଟା ସିଗାରେଟ୍ ପିଆଳିକୁ ଧରିପାରିଲେ ହାତଖର୍ଚ୍ଚ ଉଠିଯିବ। ଠିକ୍ ସେତିକିବେଳେ ଚତୁର ସାମ୍ବାଦିକମାନେ ପୋଲିସ ପୋଷାକରେ ଥାଇ ମହାରାଜାଙ୍କ ଠାଣିରେ ସିଗାରେଟ୍ ଟଣା ହେଉଥିବାର ଫଟୋଚିତ୍ର ଖବରକାଗଜରେ ବାହାର କଲେ। ଏବେ ପଦପଦବୀ ଭୁଲି ସମସ୍ତେ ଛକରେ ସିଗାରେଟ୍ ଟାଣୁଛନ୍ତି। ସେ ନିୟମଟି କୁଆଡ଼େ ଗଲା ତାକୁ କେହି ଖୋଜୁନାହାନ୍ତି।

ସ୍ୱେଚ୍ଛାସେବୀ ସଙ୍ଗଠନଗୁଡ଼ିକ ସରକାରୀ ଅର୍ଥ ସାହାଯ୍ୟ ପାଇ ସ୍କୁଲଗୁଡ଼ିକରେ ଘୂରିବୁଲି ନିଶା ନିବାରଣ ସଚେତନତା ସୃଷ୍ଟି କରୁଛନ୍ତି। କୋମଳମତି ପିଲାମାନେ ଯେଉଁ ଶବ୍ଦ ଆଗରୁ କେବେ ଶୁଣି ନ ଥିଲେ, ଯେଉଁ ଦ୍ରବ୍ୟକୁ ଜାଣି ନ ଥିଲେ ତାହା ସେମାନଙ୍କଠାରୁ ଶୁଣୁଛନ୍ତି ଓ ଜାଣୁଛନ୍ତି। ସେଇଟା କ'ଣ ? କେମିତି ଲାଗେ ? ଏ ପ୍ରଶ୍ନ ସେମାନଙ୍କୁ ଉତ୍ସୁକ କରୁଛି।

ନିଷେଧ ପ୍ରତି ଆକର୍ଷିତ ହେବା ମଣିଷର ସହଜାତ ପ୍ରକୃତି। ବାରମ୍ବାର ସତର୍କ କରିବା ପରେ ମଧ୍ୟ ପିଲାମାନେ ନିଆଁ ସହିତ ଖେଳନ୍ତି। ଜଳାଶୟ ପ୍ରତି ଆକର୍ଷିତ ହୁଅନ୍ତି। ଖୋଲା ପଡ଼ିଥିବା ଘରକୁ ଛାଡ଼ି ଯେଉଁ ଘରେ ତାଲା ପଡ଼ିଛି, ସେଠାରେ କ'ଣ ଅଛି ଜାଣିବାକୁ ମନ ଉଚ୍ଛନ୍ନ ହୁଏ। ଏହି ସ୍ୱାଭାବିକ ସୂତ୍ରକୁ ହିଁ ନିଶା ବେପାରୀମାନେ ନିଜ ଦ୍ରବ୍ୟର ପ୍ରଚାର କାର୍ଯ୍ୟରେ ବିନିଯୋଗ କରୁଛନ୍ତି ଏବଂ ଆମ ସରକାର ସେମାନଙ୍କୁ ସେଥିରେ ଭୂରପୂର ସହଯୋଗ କରୁଛନ୍ତି।

ଏବେ ପଲିଥିନକୁ ନେଇ ସବୁଠି ଚର୍ଚ୍ଚା। 'ନୋ ପ୍ଲାଷ୍ଟିକ୍, ନୋ ପଲିଥିନ୍' ସ୍ଲୋଗାନ ଦିଆଯାଉଛି। ଅଥଚ ସେ ଦୁଇଟି ଆମ ଜନଜୀବନ ସହିତ ଏତେ ଜଡ଼ିତ ଯେ, ଯେଉଁଠି ଯେତେବେଳେ ଆଖିବୁଜି ହାତ ବୁଲାନ୍ତୁ ପ୍ଲାଷ୍ଟିକ କିମ୍ବା ପଲିଥିନରେ ନିଶ୍ଚୟ ବାଜିବ। ପଲିଥିନ୍‌ର ବହୁଳ ବ୍ୟବହାର ଆମ ହାତରୁ ହାଟଥଳି କାଢ଼ିନେଇଛି। ସେ ଅଭ୍ୟାସ ସହଜରେ ଫେରିବ ନାହିଁ। ବିନା ପଲିଥିନରେ ମାଛ, ମାଂସ କେମିତି ଆସିବ? ଏ ଯେମିତି ଏକ ଅସମାହିତ ପ୍ରଶ୍ନ ଏବଂ ସବୁଠାରୁ ଆଶ୍ଚର୍ଯ୍ୟଜନକ ହେଉଛି ପଲିଥିନ ମୁଣାକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରାଯିବା ପରେ ବି ତାହା ବଜାରକୁ ଏତେ ସଂଖ୍ୟାରେ କେଉଁଠୁ ଆସୁଛି?

ବନ୍ଧୁ ମଧୁ ମହାନ୍ତିଙ୍କୁ ମଧୁମେହ। ତାଙ୍କ ସ୍ତ୍ରୀ ମିଠା ଖାଇବାକୁ ଭଲ ପାଆନ୍ତି ନାହିଁ। ପିଲାମାନେ ଦୂରରେ ରହି ପାଠ ପଢୁଛନ୍ତି। ଅଥଚ ଫ୍ରିଜ୍‌ରେ ମିଠା ଅଛି ଅତିଥି ଅଭ୍ୟାଗତଙ୍କ ପାଇଁ। ସ୍ତ୍ରୀ ସ୍ୱାମୀଙ୍କ ଭଲ ଚାହାନ୍ତି। ବାରମ୍ବାର କୁହନ୍ତି, ତୁମେ ମିଠା ଖାଇବ ନାହିଁ। ସେ ଯେତେବେଳେ କୁହନ୍ତି ସେତେବେଳେ ମଧୁ ମହାନ୍ତିଙ୍କ ମନରେ ମିଠା ଖାଇବାର ଇଚ୍ଛା ପ୍ରବଳ ହୁଏ। ନିଶା ନିବାରଣ ପାଇଁ ବୈଧାନିକ ସତର୍କତା ଓ ସରକାରୀ ବିଜ୍ଞାପନଗୁଡ଼ିକ କାହିଁକି କେଜାଣି ଠିକ୍ ସେମିତି ମନେହୁଏ।

ମୋ: ୯୪୩୭୨୯୬୮୬୫

## ୨୫ ବର୍ଷ ତଳର ଧରିତ୍ରୀ

୩ ଜାନୁୟାରୀ ୧୯୯୪

- ଭାରତ ଓ ସିରିଆ ମଧ୍ୟରେ ଦ୍ୱିପାକ୍ଷିକ ଶିକ୍ଷା ଏବଂ ସାଂସ୍କୃତିକ ସହଯୋଗ ଲାଗି ଏକ ରାଜିନାମା ସ୍ୱାକ୍ଷରିତ।
- ଆଫଗାନିସ୍ତାନରେ ରାଷ୍ଟ୍ରପତି ବୁର୍‌ହାନୁଦ୍ଦିନ ରାବାନୀଙ୍କ ସରକାରୀ ବାହିନୀ ଏବଂ ବିଦ୍ରୋହୀ ପୂର୍ବତନ କମ୍ୟୁନିଷ୍ଟ ଜେନେରାଲ ଦୋସ୍ତୁମ୍ ସମର୍ଥକ ଗୋଷ୍ଠୀ ମଧ୍ୟରେ ସଂଘର୍ଷରେ ୭୦ ନିହତ।

# ଏସ୍‌ସିବିରେ ବହୁମୂଲ୍ୟ ଚିକିତ୍ସା ମାଗଣା ହେବ

## ■ ସଚିବାଳୟରେ ଉଚ୍ଚସ୍ତରୀୟ ବୈଠକ

**କଟକ ଅଫିସ, ୨।୧:** ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ରାଜ୍ୟ ସରକାର ଆଉ ଏକ ବଡ଼ ପଦକ୍ଷେପ ଗ୍ରହଣ କରିବାକୁ ଯାଉଛନ୍ତି। ନିଦାନ ଓ ସହାୟ ଯୋଜନାରେ କେତେକ ଦୁରାରୋଗ୍ୟର ମାଗଣା ଚିକିତ୍ସା କରାଯାଉଛି। ଏବେ ସେଥିରେ ଯୋଡ଼ି ହେବାକୁ ଯାଉଛି ଆଉ କିଛି ବହୁମୂଲ୍ୟ ଚିକିତ୍ସା। ଏସ୍‌ସିବି ମେଡିକାଲରେ ଏହିସବୁ ଚିକିତ୍ସା ମାଗଣାରେ କରାଯିବ। ଏଥିନିମନ୍ତେ ବୁଧବାର ସଚିବାଳୟରେ ଉଚ୍ଚସ୍ତରୀୟ ବୈଠକ ବସି ନିଷ୍ପତ୍ତି ନିଆଯାଇଛି। ମାଗଣା ହେବାକୁ ଥିବା ଚିକିତ୍ସାଗୁଡ଼ିକ ମଧ୍ୟରେ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି ବିଭାଗରେ ହେଉଥିବା ଡବଲ୍ ପ୍ରୋସିଜିଓର ଏଣ୍ଟେରେସ୍କୋପି, କାର୍ଡିଓଲୋଜି ବିଭାଗରେ ହେଉଥିବା ପିଟିସିଏ ୱିଥ୍ ଷ୍ଟେଣ୍ଟିଂ, ଟ୍ରାନ୍ସଫ୍ୟୁଜନମେଡିସିନରଏସ୍‌ଡିପିଓହୃଦ୍‌ବକ୍ଷଶଲ୍ୟବିଭାଗରଓପନ୍‌ହାର୍ଟସର୍ଜରୀରହିଛି।

ଡବଲ୍ ପ୍ରୋସିଜିଓର ଏଣ୍ଟେରେସ୍କୋପି ପରୀକ୍ଷା ପାଇଁ ରୋଗୀଙ୍କୁ ୟୁଜର୍ସ ଫି ବାବଦରେ ୧୦ ହଜାର ଟଙ୍କା ଦେବାକୁ ପଡ଼ିଥାଏ। ଏହି ଚିକିତ୍ସା ପଦ୍ଧତି ମାଧ୍ୟମରେ ରୋଗୀଙ୍କ ଅନ୍ତନଳୀରେ ଥିବା ସମସ୍ୟା ଡାକ୍ତର ଠାବ କରିଥାନ୍ତି। ୨୦୧୮ ଜାନୁୟାରୀରୁ ଡିସେମ୍ବର ମଧ୍ୟରେ ଏସ୍‌ସିବି ମେଡିକାଲରେ ୬୦ ଜଣ ରୋଗୀ ଡବଲ୍ ପ୍ରୋସିଜିଓର ଏଣ୍ଟେରେସ୍କୋପି ଚିକିତ୍ସା କରାଇଛନ୍ତି। ସେହିପରି କାର୍ଡିଓଲୋଜି ବିଭାଗରେ ହେଉଥିବା ପିଟିସିଏ ୱିଥ୍ ଷ୍ଟେଣ୍ଟିଂ ଚିକିତ୍ସା ପାଇଁ ରୋଗୀଙ୍କୁ ୩୦ହଜାର ଟଙ୍କା ୟୁଜର୍ସ ଫି ଆକାରରେ ଦେବାକୁ ପଡୁଛି। ରୋଗୀଙ୍କ ହାର୍ଟ ଭିତରେ ଥିବା ଧମନୀରେ ସମସ୍ୟା ଉପୁଜିଲେ ଏହି ଚିକିତ୍ସାର ଆବଶ୍ୟକତା ପଡ଼ିଥାଏ। ଗତବର୍ଷ ଜାନୁୟାରୀରୁ ଡିସେମ୍ବର ମଧ୍ୟରେ ଏସ୍‌ସିବିରେ ୮୧୪ ଜଣ ରୋଗୀ ଏହି ଚିକିତ୍ସା ପାଇଛନ୍ତି। ଟ୍ରାନ୍ସଫ୍ୟୁଜନ ମେଡିସିନ ବିଭାଗରେ ଏସ୍‌ଡିପି ଚିକିତ୍ସାକୁ ମଧ୍ୟ ମାଗଣା କରାଯିବ। ରକ୍ତଦାତାଙ୍କ ରକ୍ତରୁ କେବଳ ପ୍ଲେଟ୍‌ଲେଟ୍ କାଢିବା ପାଇଁ ଏହି ଚିକିତ୍ସା ପଦ୍ଧତିର ବ୍ୟବହାର କରାଯାଇଥାଏ। ବିଶେଷକରି କ୍ୟାନସର ରୋଗୀଙ୍କ କ୍ଷେତ୍ରରେ ଏହି ଚିକିତ୍ସାର ବହୁଳ ବ୍ୟବହାର କରାଯାଇଥାଏ। ଏହି ଚିକିତ୍ସା ପଦ୍ଧତି ପାଇଁ ରୋଗୀଙ୍କୁ ୧୦ ହଜାର ଟଙ୍କା ୟୁଜର୍ସ ଫି ଆକାରରେ ଦେବାକୁ ପଡ଼ିଥାଏ। ଗତବର୍ଷ ଜାନୁୟାରୀରୁ ଡିସେମ୍ବର ମଧ୍ୟରେ ୨୫ ଜଣ ରୋଗୀଙ୍କ କ୍ଷେତ୍ରରେ ଏହି ଚିକିତ୍ସା କରାଯାଇଛି। ସେହିପରି ଗୁରୁତ୍ୱପୂର୍ଣ୍ଣ ଓପନ ହାର୍ଟ ସର୍ଜରୀକୁ ମଧ୍ୟ ସମ୍ପୂର୍ଣ୍ଣ ମାଗଣା କରାଯିବା ପାଇଁ ସରକାର ଯୋଜନା କରୁଛନ୍ତି। ଓପନ୍ ହାର୍ଟ ସର୍ଜରୀ ପାଇଁ ୟୁଜର୍ସ ଫି ଆକାରରେ ରୋଗୀଙ୍କୁ ୧୦ ହଜାର ଟଙ୍କା ଦେବାକୁ ପଡ଼ିଥାଏ। ଗତବର୍ଷ ଏସ୍‌ସିବିରେ ୧୫୦ ଜଣ ରୋଗୀଙ୍କ ଓପନ୍ ହାର୍ଟ ସର୍ଜରୀ କରାଯାଇଛି। ତେଣୁ ଉପରୋକ୍ତ ବହୁମୂଲ୍ୟ ଚିକିତ୍ସାଗୁଡ଼ିକୁ ସମ୍ପୂର୍ଣ୍ଣ ମାଗଣା କରିବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି। ଏ ନେଇ ପ୍ରକ୍ରିୟା ଆରମ୍ଭ ହୋଇଥିବା ଏସ୍‌ସିବି ଅଧୀକ୍ଷକ ପ୍ରଫେସର ଡାକ୍ତର ପି.କେ. ଦେବତା କହିଛନ୍ତି।

### ■ ଖଣିଜସମ୍ପଦ ଭରା ୪ ଜିଲାରେ ଉନ୍ନୟନମୂଳକ ପ୍ରକଳ୍ପ

# ୮୯୦୬ କୋଟି ଟଙ୍କା ମଞ୍ଜୁର

## ଭିତ୍ତିଭୂମି, ଶିକ୍ଷା, ସ୍ୱାସ୍ଥ୍ୟ, ଜୀବିକାର୍ଜନ ପାଇଁ ଖର୍ଚ୍ଚ ହେବ

ଭୁବନେଶ୍ୱର,୨।୧(ବ୍ୟୁରୋ)

ଖଣିଜସମ୍ପଦଭରା କେନ୍ଦୁଝର, ଯାଜପୁର, ମୟୂରଭଞ୍ଜ ଏବଂ ସୁନ୍ଦରଗଡ଼ ଆଦି ଜିଲାର ଶିକ୍ଷା, ସ୍ୱାସ୍ଥ୍ୟ, ଦକ୍ଷତା ବିକାଶ, ଆଦିବାସୀ ଶିକ୍ଷା ଇତ୍ୟାଦି କ୍ଷେତ୍ରରେ କାର୍ଯ୍ୟକାରୀ ହେବାକୁ ଥିବା ପ୍ରକଳ୍ପଗୁଡିକ ପାଇଁ ଓଡ଼ିଶା ଖଣିଜସମ୍ପଦଭରା ଅଞ୍ଚଳ ଉନ୍ନୟନ ନିଗମ(ଓମ୍‌ବାଡକ୍) ଏବଂ ଡିଷ୍ଟ୍ରିକ୍ଟ ମିନେରାଲ ଫଣ୍ଡ(ଡିଏମ୍‌ଏଫ୍)ର ଓଭରସାଇଟ ଅଥରିଟି ବୁଧବାର ୮୯୦୬ କୋଟି ଟଙ୍କା ଅନୁମୋଦନ କରିଛନ୍ତି। ବୁଧବାର ରାଜ୍ୟ ଅତିଥି ଭବନରେ ଓଭରସାଇଟ ଅଥରିଟି ବୈଠକ ଅନୁଷ୍ଠିତ ହୋଇଥିଲା। ନିର୍ଦ୍ଧାରିତ ସମୟରେ ପ୍ରକଳ୍ପ କାର୍ଯ୍ୟ ଶେଷ କରିବା ଉପରେ କର୍ତ୍ତୃପକ୍ଷ ଗୁରୁତ୍ୱ ଦେଇଛନ୍ତି। ପ୍ରକଳ୍ପ କାର୍ଯ୍ୟ ଦାୟିତ୍ୱରେ ଥିବା ବିଭାଗଗୁଡ଼ିକ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ ନିର୍ଦ୍ଦେଶ ଦେଇଛନ୍ତି। ସୁପ୍ରିମ କୋର୍ଟଙ୍କ ନିର୍ଦ୍ଦେଶ ମୁତାବକ ସେହି ଅର୍ଥ ଖର୍ଚ୍ଚ କରାଯିବ। ଏହି ଅର୍ଥ ଖଣିଜ ଅଞ୍ଚଳଗୁଡ଼ିକରେ ମେଗା ପାଇପ ଜଳପ୍ରକଳ୍ପ, ପ୍ରତ୍ୟେକ ଘରକୁ ପାନୀୟ ଜଳ, ଭିତ୍ତିଭୂମିର ବିକାଶ, ସ୍ୱାସ୍ଥ୍ୟସେବା, ରୋଗ ପରୀକ୍ଷା ବ୍ୟବସ୍ଥାରେ ଉନ୍ନତି, ଜୀବନଧାରଣ ମାନରେ ଉନ୍ନତି, ଦକ୍ଷତା ଏବଂ ବୈଷୟିକ ଶିକ୍ଷା, ପ୍ରଦୂଷଣ ମାତ୍ରା କମ୍ କରିବା, ଉଚ୍ଚଶିକ୍ଷାରେ ଉନ୍ନତି ଆଣିବା କ୍ଷେତ୍ରରେ ଖର୍ଚ୍ଚ କରାଯିବ।

ଏହି ବୈଠକରେ ଓମ୍‌ବାଡକ ଅଧ୍ୟକ୍ଷ ଜଷ୍ଟିସ ଏ.କେ. ପଟ୍ଟନାୟକଙ୍କ ସୁପାରିସ ପ୍ରକଳ୍ପଗୁଡିକର କାର୍ଯ୍ୟକାରୀ କରିବା ଦିଗରେ ଗୁରୁତ୍ୱ ଦିଆଯାଇଛି। ଇସ୍ପାତ ଓ ଖଣି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ରାଜ କିଶୋର ଶର୍ମା କହିଥିଲେ, ଯୋଡ଼ା ଓ ବଡ଼ବିଲ ସର୍କଲରେ ଖଣିଜ ପଦାର୍ଥ ପରିବହନ ଧାର୍ଯ୍ୟଲକ୍ଷ୍ୟଠାରୁ କମ୍ ରହିଛି। ୨୦୧୭-୧୮ରେ ଏନ୍‌ଇଆରଆଇ ଧାର୍ଯ୍ୟ କରିଥିବା ୧୨୯ ନିୟୁତ ଟନ୍ ବଦଳରେ ଓଡ଼ିଶାରେ ୧୦୨ ନିୟୁତ ଟନ୍ ଖଣିଜ ପଦାର୍ଥ ପରିବହନ କରାଯାଇଛି। ୨୦୧୮-୧୯ରେ ଏନ୍‌ଇଆରଆଇ ୧୫୩ ନିୟୁତ ଟନ୍ ଧାର୍ଯ୍ୟ କରିଛି। ତେବେ ଏହି ବର୍ଷ ଧାର୍ଯ୍ୟଲକ୍ଷ୍ୟଠାରୁ କମ ପରିବହନ କରାଯିବ। ଖଣି ଅଞ୍ଚଳ ଓ ପରିବହନ ଅଞ୍ଚଳରେ ହେଉଥିବା ପ୍ରଦୂଷଣକୁ ମାପିବା ପାଇଁ ଅଟୋମେଟିକ ଏୟାର କ୍ୱାଲିଟି ମନିଟରିଂ ସେଣ୍ଟର ବ୍ୟବସ୍ଥା କରାଯାଇଛି ବୋଲି ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସଦସ୍ୟ ଦେବିଦତ୍ତ ବିଶ୍ୱାଳ ବୈଠକରେ ସୂଚନା ଦେଇଥିଲେ। ଖଣି ଅଞ୍ଚଳରେ ବାୟୁରେ ଧୂଳିକଣା ପ୍ରତି କ୍ୟୁବିକ ମିଟରରେ ୧୦୦ ମାଇକ୍ରୋଗ୍ରାମ୍ ତଳେ ରହୁଛି। ଭଦ୍ରସାହି ଛକ ନିକଟରେ ଧୂଳିର ମାତ୍ରା ନିର୍ଦ୍ଧାରିତ ସୀମାଠାରୁ ଅଧିକ ରହୁଥିବା ସେ ସୂଚନା ଦେଇଥିଲେ। ଏହି ବୈଠକରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅସୀତ କୁମାର ତ୍ରିପାଠୀଙ୍କ ସମେତ ବିଭିନ୍ନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ସଚିବ, ଅତିରିକ୍ତ ସଚିବ ଓ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ।

# ଜଙ୍ଗଲରୁ ମିଳିଲା ଛାତ୍ରୀଙ୍କ ଝୁଲନ୍ତା ମୃତଦେହ

■ ୨୨ ଦିନ ହେବ ନିଖୋଜ ଥିଲେ

■ ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ

ଆର୍.ଉଦୟଗିରି,୨।୧(ଡି.ଏନ୍.ଏ.)

ଗଜପତି ଜିଲା ଆର.ଉଦୟଗିରି ଥାନା ଛେଲିଗଡ଼ରେ ରହି ପାଠ ପଢୁଥିବା ରାମଗିରି ଅଞ୍ଚଳର ଜଣେ ଛାତ୍ରୀଙ୍କ ମୃତଦେହ ପୋଲିସ ଜଙ୍ଗଲରୁ ମିଳିଛି। ନିଖୋଜର ୨୨ଦିନ ପରେ ପାତ୍ରବସା ଜଙ୍ଗଲର ଏକ ଜାମୁଗଛରୁ ତାଙ୍କର ଝୁଲନ୍ତା ଗଳିତ ମୃତଦେହ ଉଦ୍ଧାର କରାଯାଇଛି । ଝିଅକୁ ବଳାତ୍କାର ପରେ କେହି ମାରି ଟାଙ୍ଗି ଦେଇଥିବା ତାଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି।

ପ୍ରକାଶ ଯେ, ସଂପୃକ୍ତ ଛାତ୍ରୀ ଅନ୍ୟ ୨ ଛାତ୍ରୀଙ୍କ ସହ ଛେଳିଗଡରେ ଘରଭଡା ନେଇ ରହୁଥିଲେ। ସେ ଗାଁ ନିକଟ ଏକ ସ୍କୁଲରେ ପଢୁଥିଲେ। ଡିସେମ୍ବର ୧୦ରେ ୨ ଛାତ୍ରୀ ସ୍କୁଲକୁ ଯାଇଥିବାବେଳେ ସଂପୃକ୍ତ ଛାତ୍ରୀ ଜଣକ କୌଣସି କାରଣରୁ ମେସ୍‌ରେ ରହିଥିଲେ। ସ୍କୁଲରୁ ଛାତ୍ରୀଦ୍ୱୟ ମେସ୍‌କୁ ଫେରି ସହପାଠିନୀଙ୍କ କୌଣସି ଖୋଜଖବର ନ ପାଇ ତାଙ୍କ ପରିବାର ଲୋକଙ୍କୁ ଜଣାଇଥିଲେ। ପରିବାର ଲୋକେ ଛେଳିଗଡରେ ପହଞ୍ଚି ପଚରାଉଚରା କରିବା ପରେ ତାଙ୍କର କୌଣସି ପତ୍ତା ମିଳି ନ ଥିଲା। ୨୪ ତାରିଖରେ ପରିବାର ଲୋକେ ଆର୍.ଉଦୟଗିରି ଥାନାରେ ଅଭିଯୋଗ କରିଥିଲେ। ମାତ୍ର ପୋଲିସ ଏନେଇ କୌଣସି ତତ୍ପରତା ଦେଖାଇ ନ ଥିଲା। ବୁଧବାର ପାତ୍ରବସା ଗ୍ରାମର ଜଣେ ମହିଳା ଆର.ଉଦୟଗିରି ଥାନାକୁ ଫୋନ କରି ନିକଟସ୍ଥ ଜଙ୍ଗଲରେ ଥିବା ଏକ ଜାମୁଗଛରେ ଜଣେ ଝିଅର ମୃତଦେହ ଝୁଲୁଥିବା ଜଣାଇଥିଲେ। ପୋଲିସ ଏବଂ ଏସ୍‌ଡିପିଓ ଅନିଲ କୁମାର ପ୍ରଧାନ ମୃତଦେହ ଜବତ କରିଥିଲେ।ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। କେସ ନଂ.୧/୨୦୧୯।

ଛାତ୍ରୀଙ୍କ ବାପା ଅଭିଯୋଗ କରିଛନ୍ତି ଯେ, ରାମଗିରି ଟିଆର କଲୋନୀର ଜଣେ ଯୁବକ ସହ ମୋ ଝିଅର ପ୍ରେମ ସମ୍ପର୍କ ଥିଲା। ସେ ବଳାତ୍କାର କରିବା ପରେ ମୋ ଝିଅକୁ ମାରି ଟାଙ୍ଗି ଦେଇଛନ୍ତି। ମାତ୍ର ପୋଲିସ କହିଛି ମୃତଦେହ ବ୍ୟବଚ୍ଛେଦ ପରେ ପ୍ରକୃତ ତଥ୍ୟ ଜଣାପଡ଼ିବ । ଗତ ୨୪ ତାରିଖରୁ ଏ ନେଇ ଅଭିଯୋଗ ହୋଇଥିଲା । ପୋଲିସ ତଦନ୍ତରେ ଢିଲା ଯୋଗୁ ଏପରି ଘଟିଲା ବୋଲି ନାବାଳିକାଙ୍କ ମାମୁ ଅଭିଯୋଗ କରିଛନ୍ତି।

### ବିଜେଡି ପୋଷ୍ଟରରେ ପୂର୍ତ୍ତ ସଚିବଙ୍କ ଫଟୋ ଲାଗିବା ଘଟଣା

# ପ୍ରଶାସନକୁ ରାଜନୈତିକ କାର୍ଯ୍ୟରେ ଲଗାଉଛି ବିଜେଡି: ଭାଜପା

**ଭୁବନେଶ୍ୱର, ୨।୧(ବ୍ୟୁରୋ):** ବିଜେଡିର ଏକ ପୋଷ୍ଟରରେ ରାଜ୍ୟ ସରକାରଙ୍କ ପୂର୍ତ୍ତ ସଚିବ ନଳିନୀ ପ୍ରଧାନଙ୍କ ପୋଷ୍ଟର ଲାଗାଯିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ବିଜେଡି ଏବଂ ରାଜ୍ୟ ସରକାରଙ୍କ ମଧ୍ୟରେ କୌଣସି ପ୍ରଭେଦ ନାହିଁ। ପ୍ରଶାସନକୁ ରାଜନୈତିକ କାର୍ଯ୍ୟରେ ଲଗାଯାଉଛି। ଦଳୀୟ ସମାବେଶରେ ସରକାରୀ ସଚିବଙ୍କ ଫଟୋ ଲଗାଯିବା ଗଣତନ୍ତ୍ରର ହତ୍ୟା ବୋଲି ଭାଜପା ଅଭିଯୋଗ କରିଛି।

ବୁଧବାର ଭାଜପା ମୁଖ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ମୁଖପାତ୍ର ପୀତାମ୍ବର ଆଚାର୍ଯ୍ୟ କହିଛନ୍ତି, ପୂର୍ତ୍ତ ସଚିବ ଏବେ ବିଜେଡିର ଟ୍ରେଜେରର୍‌ଭାବେ କାର୍ଯ୍ୟ କରୁଛନ୍ତି। ଦକ୍ଷତା ନୁହେଁ ବରଂ ଡିଲ୍ ମାଧ୍ୟମରେ ଏବଂ କଳାପାହାଡମାନଙ୍କ ସହାୟତାରେ ୨୦୧୩ରେ ୨୨ ଜଣ ମୁଖ୍ୟଯନ୍ତ୍ରୀଙ୍କୁ ଉପେକ୍ଷା କରାଯାଇ ନଳିନୀ ପ୍ରଧାନଙ୍କୁ ପୂର୍ତ୍ତ ବିଭାଗର ସଚିବ ଭାବେ ଅବସ୍ଥାପିତ କରାଯାଇଥିଲା। ୨୦୧୮ରେ ଅବସର ନେବାପରେ ସରକାର ପୁଣିଥରେ ନଳିନୀଙ୍କ ଚାକିରି ଅବଧିକୁ ବର୍ଷେ ବଢାଇ ନିଜ ଦଳୀୟ କାର୍ଯ୍ୟରେ ଲଗାଯାଉଛନ୍ତି। ରାଜ୍ୟରେ ଅନେକ ଦକ୍ଷ ସଚିବ ଥିବା ସତ୍ତ୍ୱେ ନଳିନୀଙ୍କୁ କାହିଁକି ଏତେ ଗୁରୁତ୍ୱ ଦିଆଯାଉଛି ତାହା ବଡ ପ୍ରଶ୍ନବାଚୀ ସୃଷ୍ଟି କରିଛି ବୋଲି ପୀତାମ୍ବର ପ୍ରଶ୍ନ କରିଛନ୍ତି। ନଳିନୀ ପୂର୍ତ୍ତ ସଚିବ ଦାୟିତ୍ୱରେ ଥିବା ବେଳେ ୮ରୁ ଅଧିକ ପୋଲ ଭୁଶୁଡି ରେକର୍ଡ ସୃଷ୍ଟି କରିଛି । ଖୋଦ୍ ରାଜଧାନୀ ଭୁବନେଶ୍ୱରର ବମିଖାଲ ଫ୍ଲାଏଓଭର ଦୁଇଥର ଭୁଶୁଡିବା ନଳିନୀଙ୍କ ଦକ୍ଷତାକୁ ସ୍ପଷ୍ଟ କରୁଛି । ବମିଖାଲ ଫ୍ଲାଏଓଭର କରୁଥିବା ପଣ୍ଡା ଇନ୍ଫ୍ରା ସହ ଶାସକ ଦଳର ନେତା ଓ ସଚିବ ମିଶି ଯୌଥ ବ୍ୟବସାୟ କରୁଥିଲେ ବୋଲି ସେ ଅଭିଯୋଗ କରିଛନ୍ତି। ବର୍ତ୍ତମାନ ଆଗାମୀ ନିର୍ବାଚନକୁ ଦୃଷ୍ଟିରେ ରଖି ନଳିନୀଙ୍କ ମାଧ୍ୟମରେ ନିର୍ବାଚନୀ ପାଣ୍ଠି ଆଦାୟ କରାଯାଉଛି ଏହାକୁ ରାଜ୍ୟବାସୀ ବୁଝିଲେଣି ବୋଲି ପୀତାମ୍ବର କହିଛନ୍ତି । ଏନେଇ ବିଜେଡି ମୁଖପାତ୍ର ସମୀର ଦାଶ କହିଛନ୍ତି, ଏହି କଥା ସାମ୍ନାକୁ ଆସିବାପରେ ଖୋଦ୍ ପୂର୍ତ୍ତ ସଚିବ ମଧ୍ୟ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଆମେ ଭାବୁଛୁ ବିରୋଧୀ ଜାଣିଶୁଣି ଏପରି କରିଥାଇପାରନ୍ତି।

## ଖଟିରେ ଖଟିରେ...

### ନାଁ ଯାଉଛି

**କେ**ତେ ଲଡୁ ଖାଇବା କଥା ଖାଇଯାଅ, ଏଥର ଆଉ ତୁମ ଖେଳ ନ ଚାଲେ। ଟିକେ କ'ଣ ହେଲାମାନେ ମାଳ, ତୋଡା, ଧୂପ ନେଇ କ'ଣ ଧାଇଁ ଆସୁଛ ମୁଖିଆଙ୍କୁ ବନ୍ଦେଇବ ବୋଲି, ସେସବୁ ଛାଡ଼। କାହିଁକି ନା ଆଗକୁ ନା ଇଏ ଆଉ ତୁମ ମୁଖିଆ ଥିବେ ନା ତୁମର ରଙ୍ଗ ଦେଖିବାକୁ ପଡ଼ିବ। ଏମିତିରେ ବି ତ ଆଉ କିଛିଦିନ କଥା, ଏ ରଙ୍ଗ ଆଉ ତୁମର ନ ଥିବ। ତୁମେଗୁଡା ଏଠି ସରକାରୀ ଚାକିରି ଖଣ୍ଡେ ଖଣ୍ଡେ କରି ଫୁଲ, ଧୂପ ଧରି ଧାଇଁ ଆସୁଛ ନେତାମାନଙ୍କ ସେବା କରିବାକୁ। ଯଦି ଏତେ ନୂଆ ବରଷର ଶୁଭେଚ୍ଛା ଜଣାଇବାକୁ ଇଚ୍ଛା ଯାଉନା ଜଗନ୍ନାଥ କି ମହାଦେବଙ୍କୁ ଫୁଲ ଦେଇ ପୂଜା କରି ଆସିବ, ତୁମ ପିଲାମାନେ ହେଲେ କିଛି ଶିଖିବେ। ଆମ ରାଇଜ ମୁଖିଆଳୟରେ ଜଣେ ମନ୍ତ୍ରୀ ମହାଶୟଙ୍କ କକ୍ଷ ଆଗରେ ସରକାରୀ ବାବୁମାନଙ୍କ ଲମ୍ବା ଧାଡ଼ି ଲାଗିଥାଏ। ସେଠାରେ ଥିବା ଅଧିକାଂଶଙ୍କ ହାତରେ ଖାଲି ନାଲି ଗୋଲାପ ଫୁଲ ତୋଡ଼ା ରହିଥାଏ। ଏମିତି ଗହଳି ଯେ, ଯା' ଆସ ପାଇଁ ବି ରାସ୍ତା ନ ଥାଏ। ଜଣେ ସରକାରୀ ବାବୁ ଯିବାକୁ ଚାହିଁଲା ବେଳକୁ ଏତେ ଗହଳି ଯେ, ଯାଇପାରୁ ନ ଥିଲେ। ସେଥିରୁ ତାଙ୍କର ଜଣେ ସରକାରୀ ବନ୍ଧୁଙ୍କ ହାତରେ ଫୁଲତୋଡା ଦେଖି ତାଙ୍କୁ ଆଡୁସାଡୁ କରି ବହେ ଶୁଣେଇଦେଲେ। ଶେଷରେ କହିଦେଲେ, ମନ୍ତ୍ରୀଙ୍କୁ ଯଦି ଫୁଲ ତୋଡା ଖଣ୍ଡେ ଖଣ୍ଡେ ନ ଦବ ତୁମ ପିଲାମାନେ ବଡ ସ୍କୁଲ, କଲେଜରେ ମାଗଣା ପାଠ ପଢ଼ିବେ କେମିତି। ତୁମ କେତେଟାଙ୍କ ପାଇଁ ଆମ ଜାତିଟାର ନାଁ ଯାଉଛି।

### ସମ୍ଭାଳିବ ତ

**ନୂ**ଆ ବରଷରୁ ରାଜନୀତି ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ରାଜଧାନୀ ଭୁବନେଶ୍ୱର ଖଟିଗୁଡାକ ଏହି ଚର୍ଚ୍ଚାରୁ ବାଦ୍ ଯିବ ବା କିପରି। ମାଉସୀମା ଛକ ଓମ୍‌ଫେଡ ଚା' ଦୋକାନ ଖଟିରେ ପାପୁଲି ଦଳର ଚର୍ଚ୍ଚା ବେଶି। ନୂଆ ବରଷ ସକାଳୁ ଜଣେ ଖଟି ମେମ୍ବର କହିଲେ, ପବନ କରି ପାପୁଲି ମୁଖିଆ ବର୍ଷଟାକୁ ପାରି ହୋଇଗଲେ। ଏହା ସହଜେ ପାପୁଲି ବାଲାଙ୍କ ଦେହରେ ଯିବ କେମିତି। ସେଠାରେ ଉପସ୍ଥିତି ଥିବା ପାପୁଲି ଦଳିଆଟି କହିଲା, କ'ଣ ପବନ କଲେ କିଓ। ସେ କ'ଣ କଥା ସମ୍ରାଟଙ୍କଠାରୁ ଅଧିକ ପବନ କରନ୍ତି। ଉତ୍ତର ମିଳିଲା- କହିଥିଲେ ଆଗୁଆ ପ୍ରାର୍ଥୀ ତାଲିକା ଘୋଷଣା କରାଯିବ। ଜୁଲାଇ, ଅଗଷ୍ଟ ସରକି ଡିସେମ୍ବର ସରିଗଲାଣି। ଆସିକି ଜାନୁୟାରୀ ମାସ ହେଲାଣି, କାହିଁକି ପ୍ରାର୍ଥୀ ତାଲିକା ଘୋଷଣା କରୁନାହାନ୍ତି। ଏକଥା ଶୁଣି ପୁନଶ୍ଚ ପାପୁଲି ଦଳିଆ କହିଲା, ଆରେ ଏମିତି ତାଲିକା କଥା କହିଲେ, ସବୁ ଆଶାୟୀ ବାନ୍ଧି ହୋଇ ରହିବେ, ଏପଟ ସେପଟ ହେବେ ନାହିଁ। ତେଣୁ ଘୋଷଣା କରୁନାହାନ୍ତି। ନିର୍ବାଚନ ପାଖେଇଲେ ଠିକ୍ ଲୋକକୁ ପ୍ରାର୍ଥୀ କରାଯିବ। ଏକଥା ଶୁଣି ପ୍ରଶ୍ନ ପଚାରିଥିବା ବ୍ୟକ୍ତି କହିଲେ, ଠିକ୍ ଲୋକଙ୍କୁ ବାହାଘର ବେଳେ ଟିକେଟ୍ ଦେବେ। ଆଉ ଭୁଲ୍ ଲୋକମାନେ ଯେଉଁ କାମ କରିବେ, ତାକୁ ସମ୍ଭାଳିବ ତ।



## ସଂକ୍ଷେପରେ

### ବାଇକ ମୁହାଁମୁହିଁ ଧକ୍କା, ୧ ମୃତ, ୩ ଗୁରୁତର

ଚଣ୍ଡିଖୋଲ, ୨।୧(ଡି.ଏନ୍.ଏ.)- ୧୬ ନଂ ଜାତୀୟ ରାଜପଥ କଡ଼ ବଡ଼ଚଣା ଥାନା ସମ୍ମୁଖରେ ବୁଧବାର ସନ୍ଧ୍ୟାରେ ୨ବାଇକ୍ ମୁହାଁମୁହିଁ ଧକ୍କାରେ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୩ ଜଣ ଗୁରୁତର ହୋଇଛନ୍ତି। ମୃତକ ଜଣଙ୍କ ବଡ଼ଚଣା ଥାନା ଅନ୍ତର୍ଗତ ଚଣ୍ଡିତଳ ଗ୍ରାମର ଶୁଭ୍ରଜିତ୍ ସାହୁ (୨୫)। ପୋଲିସ ବାଇକ୍ ୨ଟି ଜବତ କରି ତଦନ୍ତ ଚଳାଇଛି। ପ୍ରକାଶ ଯେ, ବଡ଼ଚଣା ଛକ ଏବଂ ଚଣ୍ଡିଖୋଲ ଆଡୁ ଶୁଭ୍ରଜିତ୍, ବଡ଼ଚଣା ଗ୍ରାମର ନିରଞ୍ଜନ ସାମଲ, ଚଣ୍ଡିତଳ ଗ୍ରାମର ବିଶ୍ୱଜିତ ସାହୁ ଏବଂ ବୈରୀ ଗ୍ରାମର ପ୍ରଭାତ ସ୍ୱାଇଁ ବାଇକରେ ଦ୍ରୁତ ଗତିରେ ବାଇକ୍‌ରେ ଆସୁଥିଲେ। ବଡ଼ଚଣା ଥାନା ସମ୍ମୁଖରେ ଉଭୟଙ୍କ ମଧରେ ମୁହାଁ ମୁହିଁ ଧକ୍କା ହୋଇଥିଲା। ଫଳରେ ୪ ଗୁରୁତର ହୋଇଥିଲେ। ଗୁରୁତର ଅବସ୍ଥାରେ ସେମାନଙ୍କୁ ପ୍ରଥମେ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରୁ ୩ଜଣଙ୍କୁ କଟକ ସ୍ଥାନାନ୍ତର କରାଯାଇଥିବାବେଳେ ଶୁଭ୍ରଜିତ୍‌ଙ୍କର ସେଠାରେ ମୃତ୍ୟୁ ଘଟିଥିବା ଜଣାପଡିଛି। ପ୍ରଭାତ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସାଧୀନ ଅଛନ୍ତି।

### ମଦ ଜବତ, ଜଣେ ଗିରଫ

ଧର୍ମଶାଳା, ୨।୧(ଡି.ଏନ୍.ଏ.)- ଧର୍ମଶାଳା ବ୍ଲକ ଜେନାପୁର ଥାନା ଅନ୍ତର୍ଗତ ମର୍ଜିତାପୁର ଗ୍ରାମରେ ମଙ୍ଗଳବାର ବିଳମ୍ବିତ ରାତିରେ ପୋଲିସ ଚଢ଼ାଉକରି ବିଦେଶୀ ମଦ ଜବତ କରିବା ସହ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣଙ୍କ ମର୍ଜାପୁର ଗ୍ରାମର ଭିକାରୀ ଦାସ। ଭିକାରୀ ଚୋରାମଦ କାରବାର କରୁଥିବା ଖବର ପାଇ ଥାନାଅଧିକାରୀ ସୁସାନ୍ତ ଦାସ ଚଢ଼ାଉକରିଥିଲେ। ଚଢ଼ାଉବେଳେ ୫୮ ଲିଟର ବିଦେଶୀମଦ ଜବତ କରିବା ସହ ଭିକାରୀଙ୍କୁ ଗିରଫ କରିଥିଲେ। ଏ ନେଇ ପୋଲିସ ଏକ ମାମଲା (୧/୧୯) ରୁଜୁକରି ଭିକାରୀଙ୍କୁ ବୁଧବାର ଚଣ୍ଡିଖୋଲ କୋର୍ଟ ଚାଲାଣ କରିଛି।

■ ବିଦ୍ୟୁତ୍ ସଂଯୋଗ ବେଳେ ଶ୍ରମିକ ମୃତ୍ୟୁ ଘଟଣା

# ଠିକାଦାରଙ୍କ ପକ୍ଷରୁ ଦୋଷ ଲୁଚାଇବାକୁ ପ୍ରୟାସ

ରସୁଲପୁର,୨।୧(ଡି.ଏନ୍.ଏ.)

ରସୁଲପୁର ବ୍ଲକ ଅନ୍ତର୍ଗତ ବାରବାଟୀ ପଞ୍ଚାୟତ ବେତଣ୍ଡା ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ପ୍ରକଳ୍ପକୁ ସୋମବାର ଅପରାହ୍ନରେ ବିଦ୍ୟୁତ୍ ସଂଯୋଗ ସମୟରେ ଏକ ଦୁର୍ଘଟଣା ଘଟିଥିଲା। ଉକ୍ତ ଦୁର୍ଘଟଣାରେ ଜଣେ ନିରୀହ ଶ୍ରମିକଙ୍କ ମୃତ୍ୟୁ ଘଟିଥିଲା। ମୃତ ଯୁବକ କେନ୍ଦୁଝର ଜିଲା ରାଇସୁଆଁ ଥାନା ଅନ୍ତର୍ଗତ ଦାନୁଆପୁର ଗ୍ରାମର ଚତୁର୍ଭୂଜ ସେଠୀଙ୍କ ପୁଅ ଦିନବନ୍ଧୁ(୨୫) ବୋଲି ଜଣା ପଡ଼ିଥିଲା। ଘଟଣା ପରଦିନ ମୃତ ଯୁବକଙ୍କ ପରିବାର ଲୋକେ ଧର୍ମଶାଳା ଥାନାରେ ପହଞ୍ଚି ଅଭିଯୋଗ କରିଥିଲେ। ପୋଲିସ ଏ ସମ୍ପର୍କରେ ଏକ ଅପମୃତ୍ୟୁ ମାମଲା(ନଂ.୧/୧୮) ରୁଜୁ କରିଥିଲା। ପରେ ଶବ ବ୍ୟବଚ୍ଛେଦ କରି ପରିବାରକୁ ହସ୍ତାନ୍ତର କରିଥିଲା। ତେବେ ଏହି ଘଟଣା ପାଇଁ ଠିକାଦାରଙ୍କ ତ୍ରୁଟିକୁ ହିଁ ସ୍ଥାନୀୟ ଗ୍ରାମବାସୀ ଦାୟୀ କରିଛନ୍ତି। ବିଦ୍ୟୁତ କାର୍ଯ୍ୟ ମରାମତି କରିବା ବେଳେ ଠିକାସଂସ୍ଥା ପକ୍ଷରୁ ଶ୍ରମିକଙ୍କୁ ଆବଶ୍ୟକୀୟ ସୁରକ୍ଷା ସରଞ୍ଜାମ ପ୍ରଦାନ କରାଯାଇ ନ ଥିବାରୁ ଏଭଳି ଘଟଣା ଘଟିଲା ବୋଲି କୁହାଯାଉଛି। ଏ ଦିଗରେ ତଦନ୍ତ କରାଯାଇ ଠିକା ସଂସ୍ଥା ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ସାଧାରଣରେ ଦାବି ହେଉଛି।

ପ୍ରକାଶ ଯେ ଧର୍ମଶାଳା ଥାନା ଅଧିନସ୍ଥ ମା' ପଳାଶବୁଢ଼ି ଇଲେକ୍ଟ୍ରିକାଲ ଆଣ୍ଡ ସିଭିଲ କନ୍‌ଷ୍ଟ୍ରକ୍ସନ ଠିକା ସଂସ୍ଥାର ଠିକାଦାର ପ୍ରକାଶ ନାୟକ ବିଦ୍ୟୁତ ସଂଯୋଗ ଦାୟିତ୍ୱ ନିର୍ବାହ କରୁଛନ୍ତି। ଠିକା ସଂସ୍ଥା ପକ୍ଷରୁ ଜଳ ଯୋଗଣ କେନ୍ଦ୍ରକୁ ବିଦ୍ୟୁତ ସଂଯୋଗ ପାଇଁ ଖୁଣ୍ଟ ପକାଇବା କାର୍ଯ୍ୟ କରାଯାଉଥିଲା। ଏହି କାର୍ଯ୍ୟକୁ ଶୀଘ୍ର ଶେଷ କରିବା ଆଳରେ ଠିକାଦାର ସ୍ୱଳ୍ପ ଅର୍ଥ ବ୍ୟୟକରି ଅଧିକା କାର୍ଯ୍ୟ ହାସଲ କରିବାକୁ ଅନଭିଜ୍ଞ ଶ୍ରମିକଙ୍କୁ କାର୍ଯ୍ୟରେ ନିୟୋଜିତ କରିଥିଲେ। କେନ୍ଦୁଝର ଜିଲାରୁ ଶ୍ରମିକମାନଙ୍କୁ ଆଣି ବିପଦପୂର୍ଣ୍ଣ କାମରେ ବ୍ୟବହାର କରୁଥିଲେ। ଘଟଣାର ପାରିପାର୍ଶ୍ୱିକ ସ୍ଥିତିକୁ ଅନୁଧ୍ୟାନ କଲେ ମୃତ ଶ୍ରମିକ ଜଣକ ସୁରକ୍ଷା ଦିଗପ୍ରତି ଧ୍ୟାନ ନ ଦେଇ କାର୍ଯ୍ୟ କରିବା ଯୋଗୁ ଏଭଳି ଘଟଣା ଘଟିଲା ବୋଲି ଜଣାପଡ଼ିଛି। ଶ୍ରମିକ ଜଣକ କାର୍ଯ୍ୟ କରୁଥିବାବେଳେ ସୁରକ୍ଷା ସ୍ୱରୂପ ଗ୍ଲୋବ୍ସ, ହେଲମେଟ, ଜୋତା, ଡିସ୍ଚାର୍ଜ୍ ରଡ, ବେଲଟ୍ ଆଦି ବ୍ୟବହାର କରି ନ ଥିଲେ। ଘଟଣାସ୍ଥଳରେ କାର୍ଯ୍ୟକୁ ତଦାରଖ କରିବା ପାଇଁ ଠିକାଦାରଙ୍କ ପକ୍ଷରୁ ଲାଇସେନ୍ସପ୍ରାପ୍ତ ବୈଷୟିକ ଅଧିକାରୀ ମଧ୍ୟ ନିୟୋଜିତ କରାଯାଇ ନ ଥିଲା। ଏଥିପାଇଁ ଠିକାଦାରଙ୍କୁ ଦାୟୀ କରାଯାଉଥିବାବେଳେ ଠିକାଦାର ନାୟକ ଏହାକୁ ମାନିବାକୁ ନାରାଜ। ନିଜ ମୁଣ୍ଡର ଦୋଷ ଖସେଇବାକୁ ଯାଇ ବିଦ୍ୟୁତ ବିଭାଗ ପକ୍ଷରୁ ଲାଇନ୍ ଚାର୍ଜ କରାଯିବାରୁ ଏଭଳି ଘଟିଲା ବୋଲି ସଫେଇ ଦେଉଛନ୍ତି। ଅପରପକ୍ଷରେ ବିଦ୍ୟୁତ ବିଭାଗଠାରୁ କୌଣସି ଅନୁମତି ନିଆ ନ ଯାଇ ଏଭଳି କାର୍ଯ୍ୟ କରାଯାଉଥିଲା ବୋଲି ବିଭାଗ କହୁଛି। ହେଲେ ଠିକାଦାରଙ୍କ ବିରୋଧରେ ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାରେ କାହିଁକି ବିଳମ୍ବ ଘଟୁଛି। ଏହାକୁ ନେଇ ସାଧାରଣରେ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ଦିଗରେ ବିଦ୍ୟୁତ ବିଭାଗ ଓ ଥାନା ଅଧିକାରୀଙ୍କ ତଦନ୍ତରେ ଶିଥିଳତା ଠିକାଦାରଙ୍କ ପାଇଁ ସୁଯୋଗ ସୃଷ୍ଟି କରୁଛି। ଏହି ଆଳରେ ଠିକାଦାରର ଦୋଷ ଲୁଚି ଯାଉଛି। ଫଳରେ ଦୈନିକ ପେଟପାଟଣା ପାଇଁ ଦାଦନ ଘଟୁଥିବା ଶ୍ରମିକଙ୍କ ଜୀବନ ଅକାଳରେ ଚାଲି ଯାଉଛି। ସେମାନଙ୍କୁ ଉପଯୁକ୍ତ ନ୍ୟାୟ ମିଳି ପାରୁ ନାହିଁ। ଏଥିପ୍ରତି ଗୁରୁତ୍ୱ ଦିଆଯିବା ସହ ଘଟଣାର ନିରପେକ୍ଷ ତଦନ୍ତ କରାଯିବାକୁ ସାଧାରଣରେ ଦାବି ହେଉଛି। ଏଠାରେ ଘଟିଥିବା ଦୁର୍ଘଟଣା ଓ ଶ୍ରମିକମାନଙ୍କର ସୁରକ୍ଷା ଦିଗ ସମ୍ପର୍କରେ ଠିକାଦାର ପ୍ରକାଶ ନାୟକଙ୍କୁ ପଚାରିବାରୁ ସେ ଘଟଣାକୁ ଆଡେଇ ଯିବାକୁ ଚେଷ୍ଟା କରିବା ସହ ସବୁ ଠିକ୍ ଥିଲା ବୋଲି କହିଛନ୍ତି।

# ପୋଲରୁ ଖସି ୨ ବାଇକ୍ ଆରୋହୀ ମୃତ, କ୍ଷତିପୂରଣ ଦାବିରେ ରାସ୍ତାରୋକୋ

ଧର୍ମଶାଳା, ୨।୧(ଡି.ଏନ୍.ଏ.)

ଧର୍ମଶାଳା କବାଟବନ୍ଧ ରାସ୍ତାର ଇମାମ୍‌ନଗର ଗ୍ରାମ ନିକଟସ୍ଥ କୁଆରିଆଁ ପୋଲଉପରୁ ମଙ୍ଗଳବାର ବିଳମ୍ବିତ ରାତିରେ ଭାରସାମ୍ୟ ହରାଇ ବାଇକ୍ ଖସିପଡିବା ଫଳରେ ଦୁଇଜଣଙ୍କ ମୃତ୍ୟୁ ଘଟିଛି। ମୃତ ବାଇକ ଆରୋହୀ ଜେନାପୁର ଥାନା ଅନ୍ତର୍ଗତ ବାରମାଣ ଗ୍ରାମର ଟୁକୁନା ସାମଲ(୨୬) ଓ ପ୍ରକାଶ ଦେଉରୀ (୨୪)। ସ୍ଥାନୀୟ ଗ୍ରାମବାସୀ ପୋଲରେ ପ୍ରୋଟେକ୍ସନ୍ ୱାଲ୍, ମୃତ ଯୁବକଙ୍କ ପରିବାରକୁ ସହାୟତା ଏବଂ ୪ ବର୍ଷ ହେବ ନିର୍ମାଣଧୀନ ପୋଲର କାର୍ଯ୍ୟ ତ୍ୱରାନ୍ୱିତ କରିବା ଦାବିରେ ଧାରଣା ଦେଇଥିଲେ। ଥାନାଅଧିକାରୀ ଉମାକାନ୍ତ ନାୟକ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ସହିତ ତୁରନ୍ତ ପ୍ରୋଟେକ୍ସନ୍ ୱାଲ୍ ନିର୍ମାଣ କରିବା ଓ ନୂତନ ପୋଲ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ପୂର୍ତ୍ତ ବିଭାଗକୁ ଜଣାଇଥିଲେ। ତହସିଲଦାର ରେଡକ୍ରସ ପାଣ୍ଠିରୁ ଉଭୟ ମୃତକଙ୍କ ପରିବାରକୁ ସହାୟତା ଯୋଗାଇ ଦେବା ପାଇଁ ଫୋନ୍ ଯୋଗେ ପ୍ରକାଶ କରିବା ପରେ ରାସ୍ତା ଅବରୋଧ ହଟିଥିଲା। ପ୍ରକାଶ ଯେ, ଜାରକା ମେଳଣ ପଡ଼ିଆରେ ଚାଲିଥିବା ଧର୍ମଶାଳା ମହୋତ୍ସବ ଦେଖି ବାଇକ୍ ଯୋଗେ ଟୁକୁନା ଓ ପ୍ରକାଶ ଫେରୁଥିଲେ। କୁଆରିଆଁ ପୋଲ ଉପରେ ଭାରସାମ୍ୟ ହରାଇ ବାଇକ୍ ସହିତ ୩୦ଫୁଟ ତଳକୁ ଖସିପଡିଥିଲେ। ଏ ସମ୍ପର୍କରେ ନଦୀରେ ମାଛମାରୁଥିବା କେତେଜଣ ଜାଲୁଆ ସ୍ଥାନୀୟ ଗ୍ରାମବାସୀଙ୍କୁ ଜଣାଇଥିଲେ। ଘଟଣାସ୍ଥଳରେ ଟୁକୁନାର ମୃତ୍ୟୁ ଘଟିଥିବା ବେଳେ ଗୁରୁତର ଅବସ୍ଥାରେ ପ୍ରକାଶଙ୍କୁ ଗ୍ରାମବାସୀ ପୋଲିସ ସହାୟତାରେ ଉଦ୍ଧାରକରି ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲେ। ସେଠାରୁ ତାଙ୍କୁ କଟକ ସ୍ଥାନାନ୍ତରିତ କରାଯିବାବାଟରେ ପ୍ରକାଶଙ୍କ ମୃତ୍ୟୁ ହୋଇଥିଲା। ଏ ନେଇ ପୋଲିସ ଏକ ମାମଲା (୧/୧୯) ରୁଜୁକରି ଶବ ବ୍ୟବଚ୍ଛେଦ ପାଇଁ ବଡ଼ଚଣା ପଠାଇ ଘଟଣାର ତଦନ୍ତ କରୁଅଛି। କୁଆରିଆଁ ପୋଲର ଉଭୟ ପାର୍ଶ୍ୱକୁ ନୂତନ ପୋଲନିର୍ମାଣ ପାଇଁ ଠକାଦାର ପ୍ରୋଟେକ୍ସନ ୱାଲ ଭାଙ୍ଗି ଦେଇଥିବାରୁ ଏପରି ହୋଇଥିବା ସ୍ଥାନୀୟଲୋକେ କହିଛନ୍ତି ।

■ ଧର୍ମଶାଳା ମହୋତ୍ସବର ନବମ ସନ୍ଧ୍ୟା

# ମନମୋହିଲା ଗୋଟିପୁଅ ନୃତ୍ୟ



ପୁରୀ ସାକ୍ଷୀଗୋପାଳ କଳାକାରଙ୍କ ଦ୍ୱାରା ପରିବେଷିତ ଗୋଟିପୁଅ ନୃତ୍ୟ ।

ଧର୍ମଶାଳା, ୨।୧(ଡି.ଏନ୍.ଏ.)

ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜାରକାଠାରେ ଆୟୋଜିତ ଧର୍ମଶାଳା ମହୋତ୍ସବର ବୁଧବାର ନବମ ସନ୍ଧ୍ୟାରେ ଗୋଟିପୁଅ ନୃତ୍ୟ ଓ ବଲିଉଡ କଣ୍ଠଶିଳ୍ପୀଙ୍କ ସଙ୍ଗୀତ ଗାନ ଦର୍ଶକଙ୍କ ଆକର୍ଷଣର କେନ୍ଦ୍ର ପାଲଟିଛି । ସନ୍ଧ୍ୟାର ପ୍ରଥମାର୍ଦ୍ଧରେ ପୁରୀ ଜିଲାର ସାକ୍ଷୀଗୋପଳ କଳାକାରଙ୍କ ଦ୍ୱାରା ପରିବେଷିତ ଗୋଟିପୁଅ ନୃତ୍ୟ ବେଶ ମନଛୁଆଁ ରହିଥିଲା। ପରେ ବଲିଉଡ ନାଇଟ୍‌ର କଳାକାର ସୋହିନୀ ମିଶ୍ର, ନିରଜ୍ ବକ୍ସି, ମନସ୍ୱନୀ ପଟ୍ଟନାୟକ, ପୂର୍ଣ୍ଣଚନ୍ଦ୍ର ପଣ୍ଡା ଏବଂ ଡ୍ୟାନ୍ସଗ୍ରୁପ୍‌ଙ୍କ ଦ୍ୱାରା ନୃତ୍ୟ ଓ ସଙ୍ଗୀତ ପରିବେଷଣ କରାଯାଇଥିଲା। ବିଶେଷ କରି ମହମ୍ମଦ ରଫିକ୍, କିଶୋର କୁମାର, ମୁକେଶ ଓ ଲତା ମଙ୍ଗେସକରଙ୍କ ପୁରୁଣା ଚଳଚ୍ଚିତ୍ର ଗୀତରେ ଶ୍ରୋତା ଓ ଦର୍ଶକଙ୍କୁ ମୁଗ୍ଧ କରିପାରିଥିବା ଜଣାପଡିଛି। ଅପରପକ୍ଷେ ମହୋତ୍ସବ ପଡ଼ିଆରେ ପଡିଥିବା ବିଭିନ୍ନ କିସମର ଷ୍ଟଲଗୁଡିକରେ ଲୋକଙ୍କ ଗହଳି ପରିଲକ୍ଷିତ ହୋଇଥିଲା। ପୂଜା କମିଟି ସଭାପତି ଜଳଧର ମହାନ୍ତି, ଉପସଭାପତି ଇନ୍ଦ୍ରମଣି ନାୟକ, ସମ୍ପାଦକ ସତ୍ୟପ୍ରିୟ ମହାନ୍ତି, ସୁଦୀପ୍ତ ସ୍ୱାଇଁ, ରାମଚନ୍ଦ୍ର ମଲିକ, ଅନିରୁଦ୍ଧ ନାୟକ, କାଶୀନାଥ ସାହୁ ପ୍ରମୁଖ ମହୋତ୍ସବ ପରିଚାଳନାରେ ସହଯୋଗ କରିଥିଲେ। ଗୁରୁବାର ଓଲିଉଡ ନାଇଟ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି ।




- ଭୀଷଣ ଶୀତ ହେଉଥିବା ସମୟରେ ଯଥାସମ୍ଭବ ଘର ଭିତରେ ରୁହନ୍ତୁ।
- ଯାତାୟତ କରୁଥିବା ସମୟରେ ଯଥେଷ୍ଟ ଶୀତବସ୍ତ୍ର ପରିଧାନ କରନ୍ତୁ। ମୁଣ୍ଡରେ ଟୋପି/ମଫଲର ଏବଂ ପାଦରେ ଜୋତାମୋଜା ବ୍ୟବହାର କରନ୍ତୁ।
- ଏକୁଟିଆ ରହୁଥିବା ବୟସ୍କ ବ୍ୟକ୍ତି ତଥା ଶିଶୁମାନଙ୍କ ପ୍ରତି ବିଶେଷ ଧ୍ୟାନ ଦିଅନ୍ତୁ।
- ଜେନେରେଟର କିମ୍ବା ଷ୍ଟୋଭ ବ୍ୟବହାର କରୁଥିଲେ ନିର୍ଗତ ବିଷାକ୍ତ ଧୂଆଁକୁ ଘର ବାହାରକୁ ଯିବାର ବ୍ୟବସ୍ଥା କରନ୍ତୁ।
- ଯଥାସମ୍ଭବ ଗରମ ଖାଦ୍ୟ ଖାଆନ୍ତୁ ଓ ଉଷୁମ ପାଣି ପିଅନ୍ତୁ। ଅତି ଥଣ୍ଡା ପାଣିର ବ୍ୟବହାର କରନ୍ତୁ ନାହିଁ।
- ଶୀତ ଦାଉରୁ ରକ୍ଷା ପାଇବା ପାଇଁ ନିଆଁ ପୋଉଁଥିଲେ ବା ବୈଦ୍ୟୁତିକ ଉପକରଣର ବ୍ୟବହାର କରୁଥିଲେ ସମ୍ଭାବ୍ୟ ଅଗ୍ନିକାଣ୍ଡ ପ୍ରତି ସତର୍କ ରୁହନ୍ତୁ।
- ଗୃହପାଳିତ ପଶୁ ଓ ପକ୍ଷୀମାନଙ୍କୁ ରାତିରେ ବାହାରେ ରହିବାକୁ ଦିଅନ୍ତୁ ନାହିଁ। ଥଣ୍ଡାରୁ ରକ୍ଷା ପାଇବା ପାଇଁ ସେମାନଙ୍କୁ ଘୋଡାଇ ରଖନ୍ତୁ।
- ଶୀତ ଯୋଗୁଁ ଯଦି ଅସୁସ୍ଥ ଅନୁଭବ କରୁଥାନ୍ତି, ତେବେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ।
- ଆପଣଙ୍କ ଅଞ୍ଚଳରେ ଶୀତ ପ୍ରବାହ ସମ୍ବନ୍ଧରେ ଜାଣିବା ପାଇଁ ଟି.ଭି., ରେଡ଼ିଓ ଓ ସମ୍ବାଦପତ୍ରରେ ଦିଆଯାଉଥିବା ସୂଚନା ପ୍ରତି ଧ୍ୟାନ ଦିଅନ୍ତୁ।

ସଚେତନତା ଓ ସତର୍କତା ହିଁ ସୁରକ୍ଷା

ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ
ରାଜୀବ ଭବନ, ଭୁବନେଶ୍ୱର

24007/13/0016/1819



ଧରିତ୍ରୀ DHARITRI
ଭୁବନେଶ୍ୱର, ଗୁରୁବାର, ୩ ଜାନୁୟାରୀ, ୨୦୧୯



ଭଗବାନ କାହାକୁ ପୂର୍ଣ୍ଣ ନିର୍ଭରଶୀଳ କରିନାହାନ୍ତି। ଦରିଦ୍ର କେବଳ ଧନୀ ଉପରେ ନିର୍ଭର କରେ ନାହିଁ। ଧନୀ ମଧ୍ୟ ଦରିଦ୍ର ଉପରେ ନିର୍ଭର କରେ।
- ପଣ୍ଡିତ ନୀଳକଣ୍ଠ ଦାସ



## ସଂକ୍ଷେପରେ

### ବିଞ୍ଝାରପୁର କଂଗ୍ରେସର ବୁଥ୍‌ଚାଲ ଅଭିଯାନ

**ବିଞ୍ଝାରପୁର, ୨୧(ଡି.ଏନ.ଏ):** ବିଞ୍ଝାରପୁର କଂଗ୍ରେସ କମିଟି ପକ୍ଷରୁ ବୁଧବାର ବୁଥଚାଲ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଞ୍ଝାରପୁର ୨୬ ନମ୍ବର ଜୋନ ଅନ୍ତର୍ଗତ କଏଣା-ରଘୁନାଥପୁର ପଞ୍ଚାୟତର ରଘୁନାଥପୁର ଗ୍ରାମରେ ୨୬ନଂ ଜୋନର ସଭାପତି କିଶୋର ଚନ୍ଦ୍ର ଦାସ ସଭାପତିତ୍ୱରେ ହୋଇଥିବା ସଭାରେ ମୁଖ୍ୟ ଅତିଥିରୂପେ ବରିଷ୍ଠ କଂଗ୍ରେସ ନେତା ମନୋରଞ୍ଜନ ଦାସ, ଗୋବିନ୍ଦ ଚନ୍ଦ୍ର ପରିଡା, ଭୁବନାନନ୍ଦ ସାମଲ, ପ୍ରଦ୍ୟୁମ୍ନ ପାତ୍ର, ମନୋଜ ସାମଲ, ପ୍ରବୋଧ ଦାସ, କୁଞ୍ଜବିହାରୀ ବେହେରା ପ୍ରମୁଖ ଯୋଗଦେଇ କିପରି ତୃଣମୂଳସ୍ତରରୁ କଂଗ୍ରେସକୁ ସୁଦୃଢ କରାଯାଇ ପାରିବ ସେ ସମ୍ପର୍କରେ ଆଲୋଚନା କରିଥିଲେ। ଆଗାମୀ ଦିନରେ ଏକାଠି ହୋଇ ଜନସାଧାରଣଙ୍କ ନିକଟରେ ପହଞ୍ଚି ସୁଖଦୁଖରେ ସାମିଲ ହୋଇପାରିଲେ କଂଗ୍ରେସ ଦଳ ସୁଦୃଢ ହୋଇପାରିବ ବୋଲି ସଭାରେ ମତପ୍ରକାଶ ପାଇଥିଲା।

### କେଡିଏମ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ, ମହିଶରା ବିଜୟୀ

**ଧର୍ମଶାଳା, ୨୧(ଡି.ଏନ୍.ଏ.):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ମଧୁପୁରଗଡ଼ ପଞ୍ଚାୟତ ଇନ୍ଦପଡ଼ିଆରେ କଳ୍ପତରୁ ଦାସ ମେମୋରିଆଲ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ୧୨ ନମ୍ବର ଜୋନ୍ ସ୍ତରୀୟ ମ୍ୟାଚ୍ ବୁଧବାର ଆରମ୍ଭ ହୋଇଛି । ଅତିଥିଭାବେ ଧର୍ମଶାଳା ବ୍ଲକ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ ଯୋଗଦେଇ ଖେଳର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଆୟୋଜିତ ମ୍ୟାଚ୍‌ରେ ବୃନ୍ଦାଦେଇପୁର ଦଳ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୭ ଉଇକେଟ୍ ହରାଇ୧୧୬ ରନ୍ ସଂଗ୍ରହ କରିଥିଲା। ଜବାବରେ ମହିଶରା ଦଳ ୧୦.୫ ଓଭରରେ ୬ ଉଇକେଟ୍ ହରାଇ ବିଜୟୀ ହୋଇଥିଲା। ଅବିନାଶ ସାମଲ ଓ ନାରାୟଣ ପାଳ ଖେଳ ପରିଚାଳନା କରିଥିଲେ। ବାସୁଦେବ ମିଶ୍ର ଓ ପ୍ରକାଶ ଧଳ ସ୍କୋର୍‌ରେ ସହାୟତା କରିଥିଲେ। ଗୁରୁବାର ୨ଟି କ୍ୱାର୍ଟର ଫାଇନାଲ ମ୍ୟାଚ୍ ଜେନାପୁର ସହିତ ସାହାଣୀଢିହ ଓ ଅଣ୍ଡିଆ ସହିତ ପୁରୁଣା ବୋଉଳମାଳ ଦଳ ମଧ୍ୟରେ ଅନୁଷ୍ଠିତ ହେବ।

### ପତ୍ରିକା ଯୁଗସୂର୍ଯ୍ୟ ଉନ୍ମୋଚିତ

**ଚଣ୍ଡିଖୋଲ, ୨୧(ଡି.ଏନ୍.ଏ.):** ବଡ଼ଚଣା ବ୍ଲକ ଅନ୍ତର୍ଗତ ଉଦୟଗିରିସ୍ଥିତ ଶୋଭନୀୟ ଶିକ୍ଷାଶ୍ରମ ପରିସରରେ ବୁଧବାର ଅନ୍ତର୍ଜାତୀୟ ଶୋଭନୀୟ ଉତ୍ସବର ଦ୍ୱିତୀୟ ଦିବସ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ପୂର୍ତ୍ତ ଓ ଖଣି ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ଯୋଗଦେଇ ଫଟୋ ଚିତ୍ର ପ୍ରଦର୍ଶନୀର ଉଦ୍‌ଘାଟନ କରିବା ସହ ଦେଶର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଯୁବ ପ୍ରତିଭାଙ୍କୁ ଅଶୋଭନୀୟତା ଆନ୍ଦୋଳନରେ ସାମିଲ ହୋଇ ଏକ ନୂତନ ଦିଗ୍‌ଦର୍ଶନ ଦେବାକୁ ଆହ୍ୱାନ ଦେଇଥିଲେ। ଶୋଭନୀୟ ଶିକ୍ଷାଶ୍ରମର ଅଧ୍ୟକ୍ଷା ଅରୁନ୍ଧତୀ ଦେବୀଙ୍କ ସଭାପତିତ୍ୱରେ ସମ୍ମାନିତ ଅତିଥିଭାବେ ଓଡ଼ିଶା ସରକାରଙ୍କ ମୁଖ୍ୟ ସଚେତକ ଅମର ପ୍ରସାଦ ଶତପଥୀ ଯୋଗଦେଇଥିଲେ। ଅତିଥିଭାବେ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟର ପ୍ରଫେସର ଦିନେଶ ପ୍ରସାଦ ସ୍ୱାଇଁ, ରେଭେନ୍ସା ବିଶ୍ୱବିଦ୍ୟାଳୟର ପ୍ରଫେସର ଦେବୀଲାଲ ମିଶ୍ର, ମାନସ ରଞ୍ଜନ ଜେନା ଏବଂ ରୁକ୍ମିଣୀ ଦେବୀ ଯୋଗଦେଇଥିଲେ। ଅତିଥିମାନଙ୍କ ଦ୍ୱାରା ଅନୁଷ୍ଠାନର ପତ୍ରିକା ଯୁଗସୂର୍ଯ୍ୟ ଉନ୍ମୋଚିତ ହୋଇଯାଇଛି। କୁମାର ଭାଇଙ୍କ ରଚନାରୁ ଚେତନାପଦ ପଥପ୍ରାନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

## ■ ବିସ୍ଥାପନ ବିରୋଧୀ ଜନମଞ୍ଚ ପାଳିଲା ସ୍ମୃତି ସମାରୋହ

# ଆଦିବାସୀଙ୍କ ଅଧିକାରକୁ ଛଡ଼ାଇ ନିଆଯାଇଛି

**କଳିଙ୍ଗନଗର, ୨୧(ଡି.ଏନ.ଏ.)**

ଆଦିବାସୀମାନଙ୍କ ଅଧିକାରକୁ ଛଡାଇ ନିଆଯାଇଛି। ନିଜର ଭିଟାମାଟିକୁ କମ୍ପାନୀ କର୍ତ୍ତୃପକ୍ଷ ଜୋର ଜବରଦସ୍ତ ଅଧିଗ୍ରହଣ କରି ଶିଳ୍ପ ପ୍ରତିଷ୍ଠା କରିଛି । ପ୍ରକୃତିକୁ ଭଲପାଇ ପ୍ରକୃତି କୋଳରେ ବଞ୍ଚିବାକୁ ଚାହୁଁଥିବା ଆଦିବାସୀ ଆଜି ଟାଟା କମ୍ପାନୀର ଚକ୍ରବ୍ୟୂହରେ ଫଶି ଯାଇଛନ୍ତି। ତେଣୁ ନିଜର ଦାବି ହାସଲ ପାଇଁ ସଂଗ୍ରାମ ଜାରି ରହିବ ବୋଲି କଳିଙ୍ଗନଗର ବୀରଭୂମିଠାରେ ବିସ୍ଥାପନ ବିରୋଧୀ ଜନମଞ୍ଚର ତ୍ରୟୋଦଶ ସମାରୋହ ଉତ୍ସବରେ ବକ୍ତାମାନେ ମତପୋଷଣ କରିଛନ୍ତି। ପୋସ୍କୋ ବିରୋଧୀ ଜନମଞ୍ଚର ଆବାହକ ପ୍ରଶାନ୍ତ ପାଇକରାଏ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ ଯେ, କଳିଙ୍ଗନଗର ଅଞ୍ଚଳରେ କାରଖାନା ପ୍ରତିଷ୍ଠା ପାଇଁ ଏବେ ଲମ୍ଫାଧାଡ଼ି ଦେଖିବାକୁ



ଶହୀଦ ସ୍ମୃତିସ୍ତମ୍ଭ ନିକଟରେ ପ୍ରତିବାଦର ପତାକା।



ପାରମ୍ପରିକ ନୃତ୍ୟ ପ୍ରଦର୍ଶନ କରି ଆଦିବାସୀ ମହିଳାମାନେ ଶୋଭାଯାତ୍ରାରେ ଆସୁଛନ୍ତି।

ମିଳିଛି। ଏଥିରେ ଆଦିବାସୀମାନେ ଶୋଷିତ ହେଉଛନ୍ତି। କୃଷି ଛାଡି ଆଜି କାରଖାନାରେ ଠିକାଦାରଙ୍କ ପାଖରେ ଦିନ ମଜୁରୀଆ ଭାବେ କାର୍ଯ୍ୟ କରୁଛନ୍ତି। କଳିଙ୍ଗନଗରରେ ଶିଳ୍ପ ସଂସ୍ଥା ଗଢି ଉଠିଛି ସତ କିନ୍ତୁ ଏଥିରେ କେତେକ ମୁଷ୍ଟିମେୟ ଓ ପ୍ରଭାବଶାଳୀ ରାଜନେତା ଫାଇଦା ଉଠାଉଛନ୍ତି । ହେଲେ ଭିଟାମାଟି ହରାଇଥିବା ଆଦିବାସୀମାନଙ୍କ ବିନାଶ ଘଟିଛି। ଆଜିର ଦିନରେ ୧୩ଜଣ ଆଦିବାସୀଙ୍କୁ ଗୁଳିକରି ବିଭତ୍ସ ଭାବେ ହତ୍ୟା କରାଯାଇଥିଲା । ଏହି ଘଟଣାର ତଦନ୍ତ କରିଥିବା ପିକେ କମିଶନ ତାଙ୍କ ରିପୋର୍ଟରେ ଆଦିବାସୀଙ୍କ ଉପରେ ଦୋଷ ଲଦି ଦେଇ ପୋଲିସ ପ୍ରଶାସନ ନିଜର ସୁରକ୍ଷା ପାଇଁ ଆକ୍ରମଣ କରିଥିବା ଦର୍ଶାଇଛନ୍ତି। ଯାହାକି ଦୁଃଖଦାୟକ। ଏପରି କି ନିହତ ଆଦିବାସୀଙ୍କ ହାତ ପାପୁଲି କାଟି ନେଲେ। ପରବର୍ତ୍ତି ସମୟରେ କଟା ହାତ ପାପୁଲିର ଡିଏନ୍ଏ ଟେଷ୍ଟ କରି ପରିବାରବର୍ଗଙ୍କୁ ହସ୍ତାନ୍ତର କରିବାକୁ ଦାବି ହୋଇଥିଲା। ହେଲେ ସରକାର ଏଥିପ୍ରତି କର୍ଣ୍ଣପାତ କରି ନାହାନ୍ତି। ସେହି କଟା ହାତ ପାପୁଲିକୁ ଗୁଣ୍ଡା ଲଗାଇ ସୁରକ୍ଷିତ ସ୍ଥାନରୁ ଅନ୍ୟତ୍ର ଫିଙ୍ଗି ଦେବାକୁ ବାରମ୍ବାର ଉଦ୍ୟମ କରାଯାଉଛି। ଯାହାକି ଆଦିବାସୀଙ୍କ ମାନବାଧିକାରକୁ ଉଲ୍ଲଂଘନ ହେଉଛି ବୋଲି ପାଇକରାଏ କହିଥିଲେ। ଆର୍‌ପିଆଇ(ରିପବ୍ଲିକ ପାର୍ଟି ଅଫ ଇଣ୍ଡିଆ)ର ଓଡିଶା ମୁଖ୍ୟ ଅବଦୁଲ ୱାଲି, ହୋ ସମାଜର ଲଛମନ ତିୟୁ, ଅଜୟ କାଲୁଣ୍ଡିଆ, ସର୍ବଭାରତୀୟ ଆଦିବାସୀ ସମାଜର ଓଡିଶା ମୁଖ୍ୟ ମାନଗୋବିନ୍ଦ ବେତ୍ରା ପ୍ରମୁଖ ଅତିଥି ଭାବେ ଯୋଗଦେଇ ଆଦିବାସୀମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରି ସରକାରଙ୍କ ଶିଳ୍ପ ପ୍ରୀତିକୁ କଡ଼ା ସମାଲୋଚନା କରିଥିଲେ। ବିସ୍ଥାପିତ ବିରୋଧୀ ଜନମଞ୍ଚର ସଭାପତି ଅମରସିଂ ବାନରା, ସମ୍ପାଦକ ରବୀନ୍ଦ୍ର ଜାରିକା, ଚାନ୍ଦିଆ ସରପଞ୍ଚ ସ୍ୱର୍ଣ୍ଣଲତା ବାନରା, ସମିତିସଭ୍ୟା ଝରଣା ମହନ୍ତ, ନଟି ଆଙ୍ଗରାଇ, ବିରେନ ଜାମୁଦା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପ୍ରାୟ ୨ ହଜାରରୁ ଉର୍ଦ୍ଧ୍ୱ ଆଦିବାସୀ ଚମ୍ପାକୋଇଲିରୁ ଏକ ଶୋଭାଯାତ୍ରା ବାହାରି ବୀରଭୂମିକୁ ବିଭିନ୍ନ ପାରମ୍ପରିକ ପୋଷାକ ପିନ୍ଧି ସରକାର ଓ କମ୍ପାନୀ ବିରୋଧୀ ନାରା ଦେଇ ଆସିଥିଲେ। ଏହାପରେ ବୀରଭୂମିର ଶହୀଦସ୍ତମ୍ଭ ନିକଟରେ ଆଦିବାସି ପରମ୍ପରା ଅନୁସାରେ ପୂଜାର୍ଚ୍ଚନା କରାଯାଇଥିଲା।

## 'କାଳିଆ' ଯୋଜନାର ସଫଳ କାର୍ଯ୍ୟକାରିତା ପାଇଁ ନିର୍ଦ୍ଦେଶ



କାଳିଆ ଯୋଜନା ପାଇଁ ପ୍ରଶାସନ ପକ୍ଷରୁ ଆୟୋଜିତ ବୈଠକ।

**ଯାଜପୁର ଅଫିସ, ୨୧**

ରାଜ୍ୟରେ କୃଷି ସମୃଦ୍ଧିକୁ ତ୍ୱରାନ୍ୱିତ କରିବା ସହ ଦାରିଦ୍ର୍ୟ ହ୍ରାସ ଦିଗରେ ସହାୟକ ହେବା ଉଦ୍ଦେଶ୍ୟରେ ଓଡ଼ିଶା ସରକାର 'କାଳିଆ'(କୃଷକଙ୍କ ଜୀବିକା ଓ ଆୟ ବୃଦ୍ଧି ପାଇଁ ସହାୟତା) ଯୋଜନା ଆରମ୍ଭ କରିଛନ୍ତି। ଗତ ୩୧ ତାରିଖରେ ମୁଖ୍ୟମନ୍ତ୍ରୀ ଏହି ଯୋଜନାର ଶୁଭାରମ୍ଭ କରିଥିବାବେଳେ ଯାଜପୁର ଜିଲାରେ ଏହାର କାର୍ଯ୍ୟକାରିତା ନେଇ ଜିଲା ପ୍ରଶାସନ ତତ୍ପରତା ପ୍ରକାଶ କରିଛି। ଜିଲାରେ ଏହା କିପରି ଠିକ୍ ଭାବେ କାର୍ଯ୍ୟକାରୀ କରାଯିବ ସେଥିପାଇଁ ଜିଲାପାଳ ରଞ୍ଜନ କୁମାର ଦାସଙ୍କ ଅଧ୍ୟକ୍ଷତାରେ ବୁଧବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଏହି ଯୋଜନାରେ ଯେପରି ସମସ୍ତ ଯୋଗ୍ୟ ହିତାଧିକାରୀ ଅନ୍ତର୍ଭୁକ୍ତ ହେବେ ସେଥିପାଇଁ ସମ୍ପୃକ୍ତ ଅଧିକାରୀ/କର୍ମଚାରୀ ଯତ୍ନବାନ ହେବାକୁ ଜିଲାପାଳ ତାଗିଦ କରିଛନ୍ତି। ଏହି ଯୋଜନା ସମ୍ପର୍କରେ ବ୍ୟାପକ ଜନ ସଚେତନତା ସୃଷ୍ଟି କରିବା ଉପରେ ଜିଲାପାଳ ଗୁରୁତ୍ୱାରୋପ କରି ପ୍ରତି ପଞ୍ଚାୟତରେ ଯୋଜନା ସମ୍ପର୍କିତ ପୋଷ୍ଟର, ବ୍ୟାନର, ହୋର୍ଡିଂ ଲଗାଇବା, ୱାଲ ପେଣ୍ଟିଂ କରାଇବା ସହିତ ବସ୍, ଅଟୋଗୁଡ଼ିକରେ ଭିନାଇଲ୍ ଷ୍ଟିକର ଲଗାଇବା ପାଇଁ ବିହିତ ପଦକ୍ଷେପ ନେବାକୁ କହିଛନ୍ତି। ଏପରିକି କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କଠାରୁ ଫର୍ମ ଗ୍ରହଣ ଓ ଅଭିଯୋଗ ଗ୍ରହଣ ନିମନ୍ତେ ପ୍ରତି ଗ୍ରାମ ପଞ୍ଚାୟତରେ ଯଥାକ୍ରମେ ସବୁଜ ଓ ଲାଲ ବାକ୍ସ ବ୍ୟବସ୍ଥା କରିବାକୁ କୁହାଯାଇଛି।

### ଛତିଆ ବଜାରରେ ପୁଣି ଉତ୍ତେଜନା

**ଚଣ୍ଡିଖୋଲ/ଛତିଆ, ୨୧(ଡି.ଏନ୍.ଏ.)**

ବୈରୀ ଥାନା ଅନ୍ତର୍ଗତ ଛତିଆ ବଜାରରେ ଗତ କାର୍ତ୍ତିକେଶ୍ୱର ଭସାଣି ସମୟରେ ଅମରେଶ୍ୱର ବଜାର ଓ ଉପର ବଜାର ମଧ୍ୟରେ ଦେଖାଦେଇଥିବା ବିବାଦ ପୁଣି ଉଜ୍ଜିବିତ ହୋଇଛି। ବୁଧବାର ପୁରୁଣା ଘଟଣାକୁ କେନ୍ଦ୍ର କରି ଅମରେଶ୍ୱର ବଜାରରେ ଗୋଟିଏ ଗୋଷ୍ଠୀର କେତେଜଣ ଲୋକ ଅନ୍ୟ ଗୋଷ୍ଠୀର ଜଣଙ୍କୁ ମାଡ଼ ମାରିବା ଫଳରେ ଛତିଆ ବଜାରରେ ଉତ୍ତେଜନା ପରିସ୍ଥିତି ଲାଗି ରହିଛି । ଏହାକୁ ଦୃଷ୍ଟିରେ ରଖି ପୋଲିସ ପକ୍ଷରୁ ଏକ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯାଇଛି । ଏ ସମ୍ପର୍କରେ ବୈରୀ ଥାନାଧିକାରୀ ନିରଞ୍ଜନ ଶବରଙ୍କୁ ପଚାରିବାରେ ଏ ବାବଦରେ କୌଣସି ମାମଲା ରୁଜୁ ହୋଇନାହିଁ। ସ୍ଥିତି ଉପରେ ସେ ନଜର ରଖିଥିବା କହିଛନ୍ତି । ପକାଶ ଯେ, ଉକ୍ତ ଗୋଷ୍ଠୀ ସଂଘର୍ଷରେ ଉଭୟ ଗୋଷ୍ଠୀର ୫ ଜଣ ଆହତ ହୋଇଥିବା ବେଳେ ପୋଲିସ ୫ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ।

## ଜନସେବା ଅଧିକାର ଆଇନ ସମ୍ପର୍କିତ ସଚେତନତା କର୍ମଶାଳା

**ରସୁଲପୁର, ୨୧(ଡି.ଏନ୍.ଏ.)**

ରସୁଲପୁର ବ୍ଲକ ସମ୍ମିଳନୀ କକ୍ଷରେ ବୁଧବାର ପୂର୍ବାହ୍ନରେ ଜନସେବା ଅଧିକାର ଆଇନ ସମ୍ପର୍କିତ ସଚେତନତା କର୍ମଶାଳା ସ୍ଥାନୀୟ ତହସିଲଦାର ସରୋଜ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ପଞ୍ଚାୟତ ସମିତି ଅଧ୍ୟକ୍ଷା ସାରତୀ ଜେନା ମୁଖ୍ୟଅତିଥି ଭାବରେ ଯୋଗଦେଇ କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ। ଉକ୍ତ ଉତ୍ସବରେ ମୁଖ୍ୟବକ୍ତା ଭାବରେ ରସୁଲପୁର ବିଡିଓ ଉମାକାନ୍ତ ପରିଡ଼ା ଯୋଗଦେଇ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥି ଭାବରେ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଯତିନ୍ଦ୍ର ମୋହନ ସାହୁ, ଜିଲା କ୍ରୀଡ଼ା ଅଧିକାରୀ ଫକୀର ମୋହନ ଟୁଡୁ, ସହକାରୀ ଜିଲାପାଳ ଉମେଶ ଲେଙ୍କା, ମାନବ ସମ୍ବଳ ପରିଚାଳନା ସଂସ୍ଥାର ଜିଲା ନୋଡାଲ ଅଧିକାରୀ ସୁଧାଂଶୁ ଶେଖର ଦାସ ପ୍ରମୁଖ ଯୋଗଦେଇ ଓଡ଼ିଶା ଲୋକସେବା ଅଧିକାର ଅଧିନିୟମ-୨୦୧୨ସମ୍ପର୍କରେ ବୁଝାଇ କହିଥିଲେ। ଏହି ନିୟମ ଅଧିନରେ ରାଜ୍ୟ ସରକାରଙ୍କ ୨୫ଟି ବିଭାଗର ୩୪୦ଟି ସେବା ପରିସରଭୂକ୍ତ ରହିଛି। ଏହି ସେବାରୁ ଲାଭ ଉଠାଇବା ପାଇଁ ପ୍ରତ୍ୟେକ ନାଗରିକ ୩ ଦିନରୁ ୧ମାସ ମଧ୍ୟରେ ସରକାରୀ ସେବା ପାଇପାରିବେ। ଏଥିରେ ବ୍ୟତିକ୍ରମ ଘଟିଲେ ବିଭାଗୀୟ ଅଧିକାରୀମାନଙ୍କୁ ଜରିମାନା ଦେବାକୁ ପଡ଼ିବ। ଏଦିଗରେ ଜନସାଧାରଣଙ୍କୁ ସଚେତନ କରାଇବାରେ ପଞ୍ଚାୟତର ନିର୍ବାଚିତ ପ୍ରତିନିଧିଙ୍କ ଗୁରୁଦାୟିତ୍ୱ ରହିଛି। ପଞ୍ଚାୟତ ବୈଠକ, ପଲ୍ଲୀସଭା, ଗ୍ରାମସଭା ଜରିଆରେ ଏ ସମ୍ପର୍କରେ ଆଲୋଚନା କରି ଜନସଚେତନତା ସୃଷ୍ଟି କରିବାକୁ କର୍ମଶାଳା ଜରିଆରେ ଆହ୍ୱାନ ଦେଇଥିଲେ। ଉକ୍ତ କର୍ମଶାଳାରେ ଜିଲାପରିଷଦ ସଭ୍ୟାସଭ୍ୟ, ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟାସଭ୍ୟ, ନାଏବ ସରପଞ୍ଚ ପ୍ରମୁଖ ଯୋଗଦେଇ ଆଇନ ସମ୍ପର୍କିତ ବିଭିନ୍ନ ଦିଗ ଉପରେ ପଚାରି ବୁଝିଥିଲେ। ପ୍ରାରମ୍ଭରେ ଅଧ୍ୟକ୍ଷା ଓ ଉପାଧ୍ୟକ୍ଷଙ୍କୁ କର୍ମଶାଳା ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।



କର୍ମଶାଳାକୁ ଅତିଥି ଉଦ୍‌ଘାଟନ କରୁଛନ୍ତି।

## ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

**ବିରଜାକ୍ଷେତ୍ର, ୨୧(ଡି.ଏନ୍.ଏ)**

ଯାଜପୁର ମୁଖ୍ୟ କେନାଲ ଅଠରନଳା ନିକଟରେ ବୁଧବାର ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରାଯାଇଛି। ତାହା ଯାଜପୁର ପୌରାଞ୍ଚଳ ଖଣ୍ଡେଶ୍ୱର ଗ୍ରାମର କାଲୁଆ ଜେନାଙ୍କ ପୁଅ ମହେନ୍ଦ୍ର (୨୬)ଙ୍କର ବୋଲି ଜଣାପଡ଼ିଛି। ବୁଧବାର ସକାଳୁ ସେ ଘରୁ ବାହାରିଥିଲେ। ମାତ୍ର ଅପରାହ୍ନରେ କିଛି ଲୋକ ଯାଜପୁର ମୁଖ୍ୟ କେନାଲ ଅଠରନଳା ନିକଟରେ ତାଙ୍କ ମୃତଦେହ ପଡ଼ିଥିବା ଦେଖିବାକୁ ପାଇଥିଲେ। ସ୍ଥାନୀୟ ଲୋକେ ମୃତଦେହକୁ ଉଦ୍ଧାର କରି ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ ହେଁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମହେନ୍ଦ୍ରଙ୍କ ମୃତ୍ୟୁ କିଭଳି ଘଟିଲା ଓ ତାହାର କାରଣ ଅସ୍ପଷ୍ଟ ରହିଛି। ମୃତ ମହେନ୍ଦ୍ରଙ୍କର ୨ଟି ସନ୍ତାନ ଥିବା ଜଣାପଡ଼ିଛି।

## ■ ଗୋଚର ଜମିରେ ରାସ୍ତା ନିର୍ମାଣ ପ୍ରସଙ୍ଗ

# ଅଭିଯୋଗ ପରେ ବି ମିଳୁନି ସୁଫଳ

**ବାଲିଚନ୍ଦ୍ରପୁର, ୨୧ (ସ୍ୱ.ପ୍ର)**

ବଡ଼ଚଣା ବ୍ଲକ ଅନ୍ତର୍ଗତ ଅଣକା ଗ୍ରାମପଞ୍ଚାୟତରେ ଗୋଚର ଓ ବ୍ୟକ୍ତିଗତ ଜମିରେ କଂକ୍ରିଟ୍ ରାସ୍ତା ନିର୍ମାଣ କରାଯାଉଛି। ଏ ନେଇ ଗତ ମାସ ୨୧ ତାରିଖରେ ପଞ୍ଚାୟତବାସୀ ବଡ଼ଚଣା ବିଡିଓଙ୍କ ନିକଟରେ ଅଭିଯୋଗ କରିଥିଲେ। ଅଭିଯୋଗର ଦୀର୍ଘଦିନ ପରେ ମଧ୍ୟ କୌଣସି ସୁଫଳ ମିଳିପାରି ନ ଥିବା ଗ୍ରାମାବାସୀ କହିଛନ୍ତି । ଏ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ବୃଦ୍ଧିପାଇବାରେ ଲାଗିଥିବା ଜଣାପଡ଼ିଛି। ପ୍ରକାଶ ଯେ, ଦକ୍ଷିଣକୂଳ ଗ୍ରାମର ସୁନାମୁଖୀ ଦେବୀ ବିଜେସ୍ଥଳୀରୁ ତ୍ରିଲୋଚନ ସାହୁ ଘର ପର୍ଯ୍ୟନ୍ତ ଜମିରେ ରାସ୍ତା ନିର୍ମାଣ କରାଯାଇଛି। ଉକ୍ତ ଜମି ବ୍ୟକ୍ତିଗତ ହୋଇଥିବାରୁ ତାହା ଚଣ୍ଡିଖୋଲ କୋର୍ଟରେ ବିଚାରାଧୀନ ରହିଛି । ସେହିପରି ନୂଆହାଟ-ଖଡ଼ିଅଙ୍ଗ ଗ୍ରାମ୍ୟଉନ୍ନୟନ ରାସ୍ତାଠାରୁ ରମେଶ ଚନ୍ଦ୍ର ପାତ୍ରଙ୍କ ଘର ପର୍ଯ୍ୟନ୍ତ ରାସ୍ତା ଓ ଖଡ଼ିଅଙ୍ଗ ଗ୍ରାମ୍ୟ ଉନ୍ନୟନ ରାସ୍ତାଠାରୁ ଅମରେନ୍ଦ୍ର ମହାପାତ୍ରଙ୍କ ଘର ପର୍ଯ୍ୟନ୍ତ ୨ଟି କଂକ୍ରିଟ୍ ରାସ୍ତା ଗୋଚର କିସମ ଜମିରେ ନିର୍ମାଣ କରାଯାଇଛି। ଏଥିସହ ଗ୍ରାମ୍ୟଉନ୍ନୟନ ରାସ୍ତାଠାରୁ ଅଣକା ଗ୍ରାମରେ ନକୁଳ ନାୟକ ଘର ପର୍ଯ୍ୟନ୍ତ ରାସ୍ତା ମଧ୍ୟ ବ୍ୟକ୍ତିଗତ ଜାଗାରେ ରହିଥିବାବେଳେ କୃଷ୍ଣପୁର ଶାସନ ଗ୍ରାମର ସମିତିସଭ୍ୟଙ୍କ ହାତପାଣ୍ଠିରୁ ୧ ଲକ୍ଷ ୪୬ ହଜାର ଟଙ୍କାର ରାସ୍ତା କାମଟି ତରବରିଆଭାବେ ରାତି ଅଧରେ କରାଯାଇଥିବା ଅଭିଯୋଗ ହୋଇଛି। ଏ ନେଇ ଅଣକା ପଞ୍ଚାୟତର ଦୀପକ ସାମଲ, ନିର୍ମଳ ଚନ୍ଦ୍ର ରାୟ, ମନୋଜ କୁମାର ସାମଲ, ନିହାର ସାମଲ, ଭୂଷଣ ସାହୁ, ନିହାର ମହାପାତ୍ର ପ୍ରମୁଖ ପଞ୍ଚାୟତ ବାସୀମାନେ ବିଡିଓଙ୍କଠାରେ ଲିଖିତ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ବଡ଼ଚଣା ବିଡିଓ ଅଜିତ ନାରାୟଣ ପ୍ରସାଦଗିରିଙ୍କୁ ପଚାରିବାରେ ଘଟଣା ସମ୍ପର୍କରେ ଅଭିଯୋଗ ଆଧାରରେ ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଖୁବ୍‌ଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି ।

### ଗ୍ୟାସ୍ ବିତରଣ କେନ୍ଦ୍ର ଉଦ୍‌ଘାଟିତ

**ବାଲିଚନ୍ଦ୍ରପୁର, ୨୧(ସ୍ୱ.ପ୍ର)**

ଇଣ୍ଡିଆନ୍ ଅଏଲ ପକ୍ଷରୁ ବଡ଼ଚଣା ବ୍ଲକ ଅନ୍ତର୍ଗତ ପଲେଇ ଗ୍ରାମରେ ଶ୍ରୀ ମା' ଇଣ୍ଡେନ୍ ଗ୍ୟାସ୍ ବିତରଣ କେନ୍ଦ୍ର ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଚଣ୍ଡିଖୋଲ ଅଗ୍ନିଶମ ଅଧିକାରୀ ପ୍ରଭାକର ସାହୁ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହାଦ୍ୱାରା ୧୦ଟି ପଞ୍ଚାୟତର ୨୦ହଜାର ଲୋକ ଉପକୃତ ହେବେ ବୋଲି କମ୍ପାନୀ ପକ୍ଷରୁ ଘୋଷଣା କରାଯାଇଛି। ନଳୀପୁର ସରପଞ୍ଚ ମନୋରଞ୍ଜନ ମଲ୍ଲିକ, ସେକ୍ ମଜିଦ୍, ଅବଦୁଲ୍ ଗନି, ରଶ୍ମିରଞ୍ଜନ ବଳ, ସତ୍ୟଜିତ୍ କାନୁନ୍‌ଗୋଙ୍କ ସମେତ ଇଣ୍ଡିଆନ୍ ଅଏଲର କର୍ମଚାରୀ ଓ ସ୍ଥାନୀୟ ଅଞ୍ଚଳବାସୀ ଉପସ୍ଥିତ ଥିଲେ।

## ଦୁର୍ଘଟଣାରେ ଆହତ ଯୁବକଙ୍କ ମୃତ୍ୟୁ

**ବିଞ୍ଝାରପୁର, ୨୧(ଡି.ଏନ.ଏ)**

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଯାଜପୁର-ସିଂହପୁର ମୁଖ୍ୟ ରାସ୍ତାର ମଇଁଦା ଛକ ନିକଟରେ ଗତ ୨୦ତାରିଖରେ ଏକ ରାସ୍ତା ଦୁର୍ଘଟଣାରେ ଆହତ ହୋଇଥିବା ଉତ୍ତ୍ରଙ୍ଗ ପଞ୍ଚାୟତର ଆଦିତ୍ୟ ସାମଲ ଓରଫ ଦିପୁ (୪୫)ଙ୍କ ବୁଧବାର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ଅପରାହ୍ନରେ ଆଦିତ୍ୟଙ୍କ ମରଶରୀର କଟକ ବଡ଼ ଡାକ୍ତରଖାନାରୁ ଆସି ଉତ୍ତ୍ରଙ୍ଗରେ ପହଞ୍ଚିବାପରେ ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇଥିଲା। ପରେ ଶୋକାକୁଳ ପରିବେଶରେ ଅନ୍ତିମ ସଂସ୍କାର କରାଯାଇଥିଲା।

## କାଳିଆ ଯୋଜନାର ସଫଳ ରୂପାୟନ ପାଇଁ ବୈଠକ

**ବିଞ୍ଝାରପୁର, ୨୧(ଡି.ଏନ.ଏ)**

ବିଞ୍ଝାରପୁର ବ୍ଲକରେ କୃଷକ ଓ ଭୂମିହୀନ ଭାଗଚାଷୀଙ୍କ ପାଇଁ ରାଜ୍ୟ ସରକାର ପ୍ରଣୟନ କରିଥିବା କାଳିଆ ଯୋଜନାର ସଫଳ ରୂପାୟନ ପାଇଁ ବୁଧବାର ବିଞ୍ଝାରପୁରସ୍ଥିତ କଟକ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଏହିବୈଠକକୁ ବିଞ୍ଝାରପୁର ବ୍ୟାଙ୍କ ଲିଙ୍କର ଶାଖା ପରିଚାଳକ ଜାନକୀକାନ୍ତ ମହାନ୍ତି ସଭାପତିତ୍ୱ କରିଥିବାବେଳେ ମୁଖ୍ୟଅତିଥିଭାବେ ଏଆରସିସି ନଗେନ୍ଦ୍ର ସେଠୀ ଯୋଗ ଦେବା ସହିତ ବ୍ୟାଙ୍କ ଅଧିନରେ ଥିବା ସମସ୍ତ ପ୍ରାଥମିକ କୃଷି ସମବାୟର ସମ୍ପାଦକମାନେ ଉପସ୍ଥିତ ରହି କିପରି ସରକାରଙ୍କ ଏହି ଯୋଜନାରେ କୃଷକ ଓ ଭୂମିହୀନ ଭାଗଚାଷୀମାନେ ଉପକୃତ ହେବେ ସେ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ବୈଠକରେ ବିଞ୍ଝାରପୁର କଟକ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ଅଧିନରେ ଥିବା ବିଭିନ୍ନ ସମବାୟ ସମିତିର ସମ୍ପାଦକ ଅକ୍ଷୟ କୁମାର ଦାସ, ସମୀର ମଲ୍ଲିକ, ମାନସ କୁମାର କବି, ଗୋପାଳ ଚରଣ ସ୍ୱାଇଁ, ଅରୁଣ କୁମାର ପଣ୍ଡିତ, ଉତ୍କଳ ସାମଲ, ନିହାର ରଞ୍ଜନ ପାତ୍ର, ପରମେଶ୍ୱର ସାହୁ, ଗୋବର୍ଦ୍ଧନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ■ ଜିଲା ରାଜନୀତିରେ ଆଉ ଏକ ଚର୍ଚ୍ଚା

# ଦୀର୍ଘଦିନର ନୀରବତା ପରେ ଆବିର୍ଭାବ

**ଯାଜପୁର ଅଫିସ, ୨୧**

### ପ୍ରାକ୍ ପ୍ରସ୍ତୁତିରେ ମାତିଛନ୍ତି ମାୟାଧର

ନଗଡ଼ା ଶିଶୁ ମୃତ୍ୟୁ ଘଟଣା ସାରା ଦେଶରେ ବଦ୍‌ନାମ ଆଣିଥିଲା। ଓଡ଼ିଶା ସରକାର ଏଥିପାଇଁ ଉତ୍ତରଦାୟୀ ହୋଇଥିଲେ। ଏପରି କି ଶାସକ ଦଳର ସ୍ଥାନୀୟ ନେତୃତ୍ୱ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା। ଏହାପରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗର ସଚିବସ୍ତରୀୟ ଅଧିକାରୀମାନେ ନଗଡ଼ା ଗସ୍ତ କରିଥିଲେ। ଜଙ୍ଗଲ ପାହାଡ଼ ସଫା କରି ଦୀର୍ଘ ୮ କି.ମି. ରାସ୍ତା ତିଆରି ହୋଇଥିଲା। ଶିକ୍ଷା, ସ୍ୱାସ୍ଥ୍ୟ, ବିଜୁଳି ଭଳି ଅନେକ ଯୋଜନା ସେଠାରେ କାର୍ଯ୍ୟକାରୀ ହୋଇଥିଲା। ଏବେ ନିର୍ବାଚନ ସମୟ ଆସି ଯାଇଥିବାବେଳେ ଏହାକୁ ଆୟୁଧ କରି ଅନେକ ନେତା ମୁଣ୍ଡ ଟେକିଛନ୍ତି। ଏହିକ୍ରମରେ ଦୀର୍ଘଦିନର ନିରବତା ପରେ ଖଣି ଅଞ୍ଚଳର ଶ୍ରମିକ ନେତା ତଥା କୋରେଇ ବିଧାୟକ ଆକାଶ ଦାସନାୟକଙ୍କ ବାପା ମାୟାଧର ନାୟକ ବିଭିନ୍ନ କାର୍ଯ୍ୟକ୍ରମ ଆରମ୍ଭ କରି ପ୍ରାକ୍ ନିର୍ବାଚନ ପ୍ରସ୍ତୁତି ଚଳାଇଥିବା ଜଣାପଡିଛି।

ଖଣି, ଶିଳ୍ପାଞ୍ଚଳରେ କାର୍ଯ୍ୟରତ ଶ୍ରମିକ ଓ କର୍ମଚାରୀଙ୍କ ସ୍ୱାଧୀନତା ହଜି ଯାଇଛି। ଭୋଟ ନ ଦେଲେ ଚାକିରି ନାହିଁ ବୋଲି ଧମକ ଦିଆଯାଉଛି। ଗତ ଅକ୍ଟୋବର ମାସରେ ଟାଟା ମାଇନ୍ସରେ କାର୍ଯ୍ୟରତ ଶ୍ରମିକଙ୍କୁ ନେଇ କାଳିଆପାଣି ଓଏମ୍‌ସି ପାର୍କରେ ଆୟୋଜିତ ଏକ ବୈଠକରେ ଜଣେ ଶ୍ରମିକ ନେତା ବିଜେଡି ଦଳକୁ ଭୋଟ ନ ଦେଲେ ନିଯୁକ୍ତିରୁ ଛଟେଇ କରାଯିବ ବୋଲି କଡ଼ା ଚେତାବନୀ ଦେଇଥିଲେ। ଏହାର ଏକ ଭିଡିଓ କ୍ଲିପ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ବିଭିନ୍ନ ମହଲରୁ ତାକୁ ନିନ୍ଦା କରାଯାଇଥିଲା। କିନ୍ତୁ ବିରୋଧୀ ଦଳ ନେତା ଏହାର ଫାଇଦା ସେତେଟା ଉଠାଇ ପାରି ନ ଥିଲେ। ଫଳରେ ସେହି ସମ୍ବେଦନଶୀଳ ଘଟଣା ଦବି ଯାଇଥିଲା। ହେଲେ ଉପସ୍ଥିତ ଶ୍ରମିକଙ୍କ ମଧ୍ୟରେ ସେହି ଚେତାବନୀ ଏବେ ନକରାତ୍ମକ ଭାବନା ସୃଷ୍ଟି କରିଛି । ଶ୍ରମିକ ନେତା ମାୟାଧର ନାୟକଙ୍କୁ ଭେଟି କେତେକ ଶ୍ରମିକ ନିର୍ବାଚନ ରଣାଙ୍ଗନରେ ପୁଣି ପାଦ ଦେବାକୁ ଅନୁରୋଧ କରିଥିବା ସୂଚନା ମିଳିଛି। ଏଥିପାଇଁ ପ୍ରାଥମିକସ୍ତରରେ ନାୟକ ବ୍ୟାସନଗର, ସୁକିନ୍ଦା, ଦୈତାରୀ, ବଉଳା ପ୍ରମୁଖ ଅଞ୍ଚଳର ଅସହାୟ ଓ ଗରିବ ଲୋକଙ୍କୁ ବସ୍ତ୍ର ଓ ଶୀତବସ୍ତ୍ର ବାଣ୍ଟିବାକୁ ଏକ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ଆମେ ଶୀତରତୁର ମିତ ବୋଲି ସେ ଏକ ପାମ୍ଫ୍ଲେଟ ବଣ୍ଟନ କରୁଛନ୍ତି। ଏହା ଯାଜପୁର ଜିଲା ରାଜନୈତିକ ମହଲରେ ଜୋର ଚର୍ଚ୍ଚା ଧରିଛି। ଏଠାରେ ସୂଚନାଯୋଗ୍ୟ ଯେ, ନାୟକ ଛାତ୍ର ଜୀବନରୁ ଶ୍ରମିକମାନଙ୍କ ସ୍ୱାର୍ଥ ପାଇଁ ଲଢି ଆସିଛନ୍ତି । ଏପରିକି ୧୯୭୨ ରୁ ୧୯୯୫ ପର୍ଯ୍ୟନ୍ତ ସୁକିନ୍ଦା ନିର୍ବାଚନ ମଣ୍ଡଳିରେ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଲଢିଛନ୍ତି । ହେଲେ ଥରେଟିଏ ବି ବିଜୟୀ ହୋଇ ନାହାନ୍ତି । ତେବେ ନିର୍ବାଚନରେ ନିଜର ପ୍ରତିଦ୍ୱନ୍ଦ୍ୱିଙ୍କୁ କଡ଼ା ଟକ୍କର ଦେଇଛନ୍ତି। ୧୯୯୫ ପରେ ସେ ରାଜନୈତିକ ଜୀବନରୁ ଏକପ୍ରକାର ଅବସର ନେଇଥିଲେ । ଏପରିକି ତାଙ୍କର ସୁକିନ୍ଦା ଉପତ୍ୟକା ମାଇନ୍ସ ୱାର୍କସ ୟୁନିୟନ ମଧ୍ୟ ଶିଥିଳ ପଡ଼ି ଯାଇଥିଲା। ଏଭଳିସ୍ଥିତିରେ ଶ୍ରମିକ ନେତା ନାୟକ ପୁଣି ଆବିର୍ଭାବ ହେବା ରାଜନୈତିକ ଚର୍ଚ୍ଚାକୁ ଅଧିକ ଖୋରାକ ଯୋଗାଉଛି। କେଉଁ ନିର୍ବାଚନ ମଣ୍ଡଳି ପ୍ରତି ତାଙ୍କର ଆଖି ରହିଛି, ବିଜେଡି ଦଳର ଉପର ମହଲାରୁ ତାଙ୍କୁ କୌଣସି ଭିତିରିଆ ନିର୍ଦ୍ଦେଶ ହୋଇଛି କି ଏପରି ଅନେକ ପ୍ରଶ୍ନ ଏବେ ଉଙ୍କି ମାରୁଛି। ଯାଜପୁର ଜିଲା ଏବେ ବିଜେଡିର ଗଡ଼ ଭାବେ ପ୍ରତିଷ୍ଠା ଲାଭ କରିଛି । ବିଜେଡିରେ ପ୍ରାର୍ଥୀ ପରିବର୍ତ୍ତନ କିଛି ନୂଆ କଥା ହୋଇ ନ ଥିବାରୁ ଏଭଳି କିଛି ଆଶା ରଖି ନାୟକ ଆଗକୁ ବଢୁଥିବା ସନ୍ଦେହ କରାଯାଉଛି। ଏ ସଂକ୍ରାନ୍ତରେ ମାୟାଧର ନାୟକ କୁହନ୍ତି ଯଦି ନବୀନ ବାବୁ ତାଙ୍କ ଉପରେ ଭରସା ରଖି ଯେଉଁ ଦାୟିତ୍ୱ ଦେବେ ତାକୁ ସେ ସୂଚାରୁରୂପେ ନିର୍ବାହ କରିବାକୁ ପ୍ରସ୍ତୁତ ଅଛନ୍ତି ବୋଲି କହିଛନ୍ତି।



ଭକ୍ତି, ସତ୍‌କର୍ମ ଓ ବିଶ୍ୱାସ ସମସ୍ତ ସୁଖର ଖଣି। କିନ୍ତୁ ସତ୍‌ସଙ୍ଗ ବିନା କେହି ଏହା ପାଇପାରେ ନାହିଁ। ବହୁ ପୁଣ୍ୟ ଫଳରେ ସାଧୁସଙ୍ଗ ମିଳିଥାଏ।

- ତୁଳସୀ ଦାସ



## ସଂକ୍ଷେପରେ

### ଉତ୍କଳ ସାମ୍ବାଦିକ ସଂଘର ବନ୍ଧୁ ମିଳନ

**ବରୀ,୨।୧(ସ୍ୱ.ପ୍ର):** ଉତ୍କଳ ସାମ୍ବାଦିକ ସଂଘ ଯାଜପୁର ଜିଲା ଶାଖା ପକ୍ଷରୁ ଚଣ୍ଡିଖୋଲସ୍ଥିତ ପୂର୍ତ୍ତ ବିଭାଗ ଡାକ ବଙ୍ଗଳାରେ ଜିଲାର ଖବରଦାତାଙ୍କୁ ନେଇ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲା ଶାଖା ସଭାପତି ହରିହର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବନ୍ଧୁମିଳନ ଉତ୍ସବରେ ବରିଷ୍ଠ ଖବରଦାତା ରମାକାନ୍ତ ଜେନା, ଜୟ ନାରାୟଣ ମହାପାତ୍ରଙ୍କୁ ସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଗ୍ରାମାଞ୍ଚଳରେ କାର୍ଯ୍ୟରତ ଖବରଦାତାଙ୍କ ବିଭିନ୍ନ ସମସ୍ୟାର ସମାଧାନ ସୂତ୍ର ବାହାର କରିବାକୁ ରାଜ୍ୟ ସରକାର ଉଦ୍ୟମ କରୁଥିବା ରାଜ୍ୟ ସଂଘର କାର୍ଯ୍ୟକାରୀ ସଭାପତି ହାରାଧନ ବାନାର୍ଜି ଖବରଦାତାଙ୍କୁ ସୂଚନା ଦେଇଥିଲେ। ବରିଷ୍ଠ ଖବରଦାତା ମହେଶ୍ୱର ବଳ ଦୀର୍ଘ ୪୦ବର୍ଷ ଅଭିଜ୍ଞତାର ଅନୁଭୂତିକୁ ପ୍ରକାଶ କରିଥିଲେ। ଯାଜପୁର ଜିଲା ପାଇଁ ସଂଘ ପକ୍ଷରୁ ନିଯୁକ୍ତି ପାଇଥିବା ମଦନ ପାଣି ଉତ୍କଳ ସାମ୍ବାଦିକ ସଂଘର କାର୍ଯ୍ୟ ପନ୍ଥା ଉପରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଖବରଦାତା ଅଭିମନ୍ୟୁ ମିଶ୍ର, ବାଞ୍ଛାନିଧି ସାହୁ, ପ୍ରଭୁଦତ୍ତ ମହାନ୍ତି, ସଂଜୟ ଖଣ୍ଡେଇ, ଦିଲୀପ ପରିଡା, ପ୍ରଦ୍ୟୁମ୍ନ ବୋଇତେଇ, ପ୍ରିୟରଞ୍ଜନ କର, ପବିତ୍ର ମହାନ୍ତି, ଅଭୟ ପତି, ଜିତେନ୍ଦ୍ର ପରିଡା, ସେଖ ସଲିମ୍, ଭରତ ନାୟକ ପ୍ରମୁଖ ଉପସ୍ଥିତ ରହି ନୂତନ ବର୍ଷକୁ ସ୍ୱାଗତ କରିବା ସହିତ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଜିଲା ଶାଖାର ସାଧାରଣ ସମ୍ପାଦକ ରବି ନାରାୟଣ କର ସ୍ୱାଗତ ସୂଚନା ପ୍ରଦାନ କରିଥିଲାବେଳେ ସଂଜୟ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

### ଶହୀଦ ଗୋପ ପ୍ରସାଦଙ୍କ ଶ୍ରାଦ୍ଧ ସମାରୋହ

**କୋରେଇ,୨।୧(ସ୍ୱ.ପ୍ର):** କଳିଙ୍ଗନଗର ଆଦିବାସୀଙ୍କ ଦ୍ୱାରା ୨୦୦୬ ଜାନୁୟାରୀ ୨ରେ ଶହୀଦ ହୋଇଥିବା ହାବିଲଦାର ଗୋପପ୍ରସାଦ ମହାନ୍ତିଙ୍କର ତ୍ରୟୋଦଶ ବାର୍ଷିକ ଶ୍ରାଦ୍ଧ ସମାରୋହ କୋରେଇ ବ୍ଲକ ଅନ୍ତର୍ଗତ ଧନେଶ୍ୱରସ୍ଥିତ ତାଙ୍କ ବାସଭବନରେ ପାଳିତ ହୋଇଯାଇଛି। ଗୌରାଙ୍ଗ ନୋଡାଲ ବିଦ୍ୟାପୀଠର ଛାତ୍ରୀଛାତ୍ରଙ୍କ ସମେତ ସ୍ମୃତି କମିଟି ସଭାପତି ଆଲୋକ ମହାନ୍ତ, ସମ୍ପାଦକ ବିଶ୍ୱରଞ୍ଜନ ଦାସଙ୍କ ନେତୃତ୍ୱରେ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପରେ ଏକ ସ୍ମୃତିଚାରଣ ସଭା କୋରେଇ କାହ୍ନୁଚରଣ ମହାବିଦ୍ୟାଳୟ ଅଧକ୍ଷ ସ୍ମୃତିରଞ୍ଜନ ରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନ ସଭାପତି ମହାନ୍ତି ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶହୀଦ ଗୋପ ପ୍ରସାଦ ଓ ସ୍ମୃତି କମିଟିର ପ୍ରାକ୍ତନ ସଭାପତି ବିଜୟ କୁମାର ଦାସଙ୍କ ପାଇଁ ୨ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। କୋରାଇ ଥାନାଧିକାରୀ ଚିନ୍ମୟୀ ସାହୁ, କୋରାଇ ପ୍ରେସ କ୍ଲବ ସଭାପତି ସୁବାସ ଧଳ, ସମିତିସଭ୍ୟା ମମତା ଘଡେଇ, ସାମାଜିକ କର୍ମୀ ପିତାମ୍ବର ନନ୍ଦ, ପ୍ରଧାନ ଶିକ୍ଷକ ବିଜୟ କୁମାର ନାୟକ ପ୍ରମୁଖ ଯୋଗଦେଇ ଶହୀଦଙ୍କ ସ୍ମୃତିଚାରଣ କରିଥିଲେ। ପୂର୍ବତନ ସମିତିସଭ୍ୟ ନିରଞ୍ଜନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଧନେଶ୍ୱର -କୋରେଇ ରାସ୍ତାକୁ ଶହୀଦ ଗୋପ ପ୍ରସାଦ ମାର୍ଗଭାବେ ନାମିତ କରିବାକୁ ଦାବି ହୋଇଥିଲା । ସନ୍ଧ୍ୟାରେ ଶହୀଦଙ୍କ ସ୍ମୃତିରେ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରିଥିଲା।

## ବଡ଼ଚଣା ବିଜେଡିରେ ଗୋଷ୍ଠୀ କନ୍ଦଳ ପଦାରେ ପଡିଲା

# ବନ୍ଧୁମିଳନ ଆଳରେ ଶକ୍ତି ପ୍ରଦର୍ଶନ

**ଚଣ୍ଡିଖୋଲ/ଛତିଆ, ୨।୧(ଡି.ଏନ୍.ଏ.)**

ବଡଚଣା ବିଜୁ ଜନତା ଦଳ ମଧ୍ୟରେ ଅସନ୍ତୋଷ ଧିରେ ଧିରେ କୁହୁଳିବାରେ ଲାଗିଛି। ଗାନ୍ଧୀ ଜୟନ୍ତୀରେ ବିଜେଡିର କେତେଜଣ ପୁରୁଖା କର୍ମୀ ଏକତ୍ରିତ ହୋଇ ବିଧାୟକଙ୍କ ବରୋଧରେ ସମାନ୍ତରାଳ ପଦଯାତ୍ରା କରିଥିବାବେଳେ ବୁଧବାର ପୂର୍ବତନ ପଞ୍ଚାୟତ ସମିତି ଅଧକ୍ଷ ତଥା ବିଜେଡି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରହ୍ଲାଦ ନନ୍ଦ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଆଳରେ ଶକ୍ତି ପ୍ରଦର୍ଶନ କରିଥିବା ଚର୍ଚ୍ଚା ହେଉଛି। ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀଙ୍କ କାର୍ଯ୍ୟକଳାପକୁ ନେଇ ବାରମ୍ବାର ପୁରୁଖା କର୍ମୀମାନେ ପଦଯାତ୍ରା, ବିଜୁବାବୁଙ୍କ ଜୟନ୍ତୀ ଓ ବନ୍ଧୁ ମିଳନ ସମାନ୍ତରାଳଭାବରେ କରିଆସୁଥିଲେ। ଏବେ ନୂଆ ଆଉ ଏକ ଗୋଷ୍ଠୀ ବନ୍ଧୁ ମିଳନ ଆଳରେ ବିଧାୟକଙ୍କୁ ବିରୋଧ କରିବା ନେଇ ବଡ଼ଚଣା ରାଜନୀତି ସରଗରମ ହେବାରେ ଲଗିଛି।

ଏହାଛଡା ବିଧାୟକଙ୍କ ଫଟୋକୁ ବାଦଦେଇ ନନ୍ଦଙ୍କର ଅଭିନନ୍ଦନ ବ୍ୟାନର ନୂତନ ବର୍ଷ ପୂର୍ବରୁ ବଡ଼ଚଣା ନିର୍ବାଚନମଣ୍ଡଳୀର ବିଭିନ୍ନ ସ୍ଥାନରେ ମରାଯାଇଥିବା ଦେଖିବାକୁ ମିଳିଥିଲା। ବନ୍ଦାଳୋଠାରେ ଅନୁଷ୍ଠିତ ବନ୍ଧୁମିଳନ ଉତ୍ସବରେ ନିର୍ବାଚନମଣ୍ଡଳୀର କେତେକ ଛାମୁଆ ସଂଗଠକ, ସରପଞ୍ଚ, ସମିତିସଭ୍ୟ ଓ ବିଜେଡି ପଦାଧିକାରୀ ବ୍ୟକ୍ତି ଉପସ୍ଥିତ ଥିଲେ । କେତେଜଣ ଅନଭିଜ୍ଞ ଓ ଅପାଠୁଆ ବ୍ୟକ୍ତି ବିଶେଷଙ୍କୁ ଦଳର ପ୍ରମୁଖ ଦାୟିତ୍ୱ ପ୍ରଦାନ କରାଯିବା ସହ ତାଙ୍କ ଜରିଆରେ ବିଧାୟକ ସାଙ୍ଗଠନିକ କାର୍ଯ୍ୟ କରୁଥିବା ନେଇ ବନ୍ଧୁ ମିଳନ ଉତ୍ସବରେ କର୍ମୀମାନେ ମତ ପ୍ରକାଶ କରିଥିଲେ । ପ୍ରହ୍ଲାଦ ନନ୍ଦ ଏବେ ଦଳର ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ସହିତ ମାହାଙ୍ଗା ନିର୍ବାଚନମଣ୍ଡଳୀର ପର୍ଯ୍ୟବେକ୍ଷକ ଭାବେ ଦାୟିତ୍ୱ ନିର୍ବାହ କରୁଛନ୍ତି। ଅମର ପ୍ରସାଦ ଶତପଥୀଙ୍କୁ ୫ ଥର ବିଧାୟକ କରିବାରେ ସେ ଚାଣକ୍ୟଭାବେ ନିର୍ବାଚନ ପରିଚାଳନାର ଦାୟିତ୍ୱ ନେଇଥିଲେ। ସେ ବିଧାୟକଙ୍କର ଅତ୍ୟନ୍ତ ଅନ୍ତରଙ୍ଗ ବୋଲି ସମଗ୍ର ନିର୍ବାଚନମଣ୍ଡଳୀରେ ପରିଚିତ ଥିଲେ ବି, ହଠାତ ବିଧାୟକଙ୍କ ବିରୋଧରେ ଖୋଲାଖୋଲି ମନ୍ତବ୍ୟ ଦେବାସହ ବନ୍ଧୁମିଳନ ଆଳରେ ତାଙ୍କୁ ବିରୋଧ କରିବା ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି। ଗତ ପଞ୍ଚାୟତ ନିର୍ବାଚନରେ ବିଜୁ ଜନତା ଦଳ ଆବଶ୍ୟକ ସଂଖ୍ୟାଠାରୁ କମ୍ ସଂଖ୍ୟକ ସମିତିସଭ୍ୟ ବିଜୟୀ ହୋଇଥିଲେ। ଏହି ସମୟରେ ନନ୍ଦ ସ୍ୱାଧୀନ ସଭ୍ୟଙ୍କୁ ନେଇ ପଞ୍ଚାୟତ ସମିତି ଗଠନ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। କିନ୍ତୁ ପଞ୍ଚାୟତ ସମିତି ଗଠନ ପରେ ଦଳଭିତରେ ଅନ୍ତର୍ଦ୍ୱନ୍ଦ୍ୱ ବୃଦ୍ଧି ପାଇବାରେ ଲାଗିଛି। ବିଧାୟକଙ୍କ ଇସାରାରେ ଦଳର ସଭାପତିଙ୍କ ପାଖରେ ସମସ୍ତ କ୍ଷମତାକୁ ପ୍ରଦାନ କରାଯିବା ବେଳେ ନନ୍ଦଙ୍କ ସମର୍ଥିତ ଗୋଷ୍ଠୀ କୋଣଠେସା ହୋଇ ରହିଥିବା ଅଭିଯୋଗ ହୋଇଛି। ଯୁବ ବିଜେଡି ନେତା ଧନେଶ୍ୱର ବେହେରାଙ୍କ ସଭାପତିତ୍ୱରେ ଏହି ବନ୍ଧୁମିଳନ କାର୍ଯ୍ୟକ୍ରମରେ ଛତିଆ ସରପଞ୍ଚ ନୟନା ବେହେରା, ଆଶିଷ ରଞ୍ଜନ ଚୌଧୁରୀ, ବାଲିପଡିଆ ସରପଞ୍ଚ ସର୍ମିଷ୍ଠା ବେହୁରା, ବିଷ୍ଣୁପ୍ରୀୟା ସାହୁ, ପ୍ରତିମା ଓଝା, ଭାଗ୍ୟଧର ପ୍ରଧାନ, ଆଶାଲତା ସ୍ୱାଇଁ, ଫନିନ୍ଦ୍ର ପଣ୍ଡା, ଓସି ଦେହୁରୀ ଏବଂ ସମିତିସଭ୍ୟ ସୁରେଶ ନାୟକ, ବ୍ରହ୍ମାନନ୍ଦ କବି, କନକଲତା ଭଞ୍ଜ, ଜୋସ୍ନାମୟୀ ଦାସ, ପ୍ରୀୟଙ୍କା ପ୍ରୀୟଦର୍ଶନୀ ସାହୁ, ସଂଯୁକ୍ତା ଦେହୁରୀ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମନାଙ୍କ ମଧ୍ୟରେ ସହିତ ୧୯ନମ୍ବର ଜୋନ ବିଜେଡି ସଭାପତି କୃଷ୍ଣଚନ୍ଦ୍ର ସାମଲ, ବରିଷ୍ଠନେତା ପ୍ରୀୟନାଥ ପୃଷ୍ଟି, ଗଣେଶ୍ୱର ସାମଲ, ରତ୍ନାକର ପ୍ରଧାନ, ଦମୟନ୍ତୀ ସାମଲ, ବାବୁଲି ବିଶ୍ୱାଳ ଓ ପ୍ରଫୁଲ ବିଶ୍ୱାଳ, ମିହିର ଖୁଣ୍ଟିଆ ଏବଂ ଆଗଧାଡିର ନେତା ଉତ୍ସବ ବିଶ୍ୱାଳ, ସୁଦର୍ଶନ ଜେନା, ଅନନ୍ତ ସିଂହ, ପରମେଶ୍ୱର ବଳଙ୍କ ସମେତ ଶତାଧିକ ଦଳୀୟକର୍ମୀ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ଏ ସମ୍ପର୍କରେ ବିଧାୟକ ଅମର ପ୍ରସାଦ ଶତପଥୀଙ୍କୁ ପଚାରିବାରେ ଦଳୀୟ କିଛି ବ୍ୟକ୍ତିବିଶେଷ ବନ୍ଧୁ ମିଳନ କରିଥିବା ଖବର ପାଇଥିବା ସେ କହିଛନ୍ତି।



ବଡଚଣା ବ୍ଲକ ଅନ୍ତର୍ଗତ ବନ୍ଦାଳୋଠାରେ ଅନୁଷ୍ଠିତ ବନ୍ଧୁ ମିଳନ।

### ବେକରେ ଗାମୁଛା ବାନ୍ଧି ଯୁବକଙ୍କ ଆତ୍ମହତ୍ୟା

**ଦଶରଥପୁର,୨।୧(ଡିଏନ୍ଏ)**

ଦଶରଥପୁର ବ୍ଲକ ଶୁଶୁଆ ପଞ୍ଚାୟତ ଶୁଶୁଆ ଗ୍ରାମର ରମାକାନ୍ତ ଦାସଙ୍କ ପୁଅ ରଜତ କୁମାର ଦାସ ସିଲୁ (୧୯) ମଙ୍ଗଳବାର ବେକରେ ଦଉଡ଼ି ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ସୂଚନା ଯେ, ସିଲୁ ସକାଳେ ଚାଷ ଜମିକୁ ଯାଇ ଘରକୁ ଫେରିଥିଲେ। ଏହାପରେ ସିଲୁ ନିଜ ଶୋଇବା ଘରେ ପଶି ଭିତରପଟୁ କବାଟ ବନ୍ଦ କରିଦେଇଥିଲେ। ଅପରାହ୍ନ ପର୍ଯ୍ୟନ୍ତ ସିଲୁ କବାଟ ନ ଫିଟାଇବାରୁ ପରିବାର ଲୋକେ ତାଙ୍କୁ ବହୁ ଡକାଡକି କରିଥିଲେ ହେଁ ସେ ଶୁଣି ନ ଥିଲେ। ପରିବାର ଲୋକେ କବାଟ ଫାଙ୍କରେ ସିଲୁ ଫ୍ୟାନରେ ଝୁଲୁଥିବା ଦେଖି କବାଟ ତାଡି ଫ୍ୟାନରେ ଲଗାଯାଇଥିବା ଗାମୁଛାକୁ କାଟି ତାଙ୍କୁ ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ୍ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଶବ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ବୁଧବାର ମୃତଦେହକୁ ବ୍ୟବଛେଦ ପାଇଁ ପଠାଯିବ ବୋଲି ତଦନ୍ତକାରୀ ଅଫିସର ସୂଚନା ଦେଇଛନ୍ତି। ଆତ୍ମହତ୍ୟାର କାରଣ ଜଣାପଡ଼ି ନାହିଁ।

# ବାଳିକା ଆତ୍ମସୁରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ




ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

**କୋରେଇ,୨।୧(ସ୍ୱ.ପ୍ର)**

ପାଣିକୋଇଲିସ୍ଥିତ ମା' ତାରିଣୀ ମହାବିଦ୍ୟାଳୟରେ ଉଚ୍ଚଶିକ୍ଷା ବିଭାଗ ତରଫରୁ ବୁଧବାର ବାଳିକା ଆତ୍ମସୁରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି। ମହାବିଦ୍ୟାଳୟର ଡିଗ୍ରୀ ବିଭାଗ ଅଧକ୍ଷ ରମେଶ ଚନ୍ଦ୍ର ଦଳାଇଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ ଶିବିରକୁ ମୁଖ୍ୟ ଅତିଥି ଭାବେ ଏନ୍‌ସି ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧକ୍ଷ ପ୍ରଫେସର ଫକୀର ଚରଣ ମଲ୍ଲିକ ଉଦ୍‌ଘାଟନ କରିବା ସହିତ ବାଳିକାଙ୍କ ଆତ୍ମସୁରକ୍ଷା ନିମନ୍ତେ ଉକ୍ତ ଶିବିରର ଗୁରୁତ୍ୱ ବିଷୟରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ଜିଲା ସଂଯୋଜକ ଅଧ୍ୟାପକ ଶାରଦା ପ୍ରସାଦ ମହାପାତ୍ର ଯୋଗଦେଇ ଉକ୍ତ ଶିବିରର ଆବଶ୍ୟକତା ବିଷୟରେ ବୁଝାଇଥିଲେ। ଶିବିରର ଯୁକ୍ତ ୩ ସଂଯୋଜକ ଡକ୍ଟର ଚନ୍ଦ୍ରକାନ୍ତ ମହାନ୍ତି ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ଯୁକ୍ତ ୨ର ଅଧକ୍ଷ ପାର୍ଥସାରଥି ବିଶ୍ୱାଳ, ସଂଯୋଜକ ଗୌରହରି ମହାପାତ୍ର ଯୋଗ ଦେଇଥିଲେ। ଉକ୍ତ ସଭାରେ ଅଧ୍ୟାପକ ପ୍ରତାପ ଚନ୍ଦ୍ର ତ୍ରିପାଠୀ, ସୁଧିର କୁମାର ଦାସ, ପାର୍ବତୀ ନାଥ, ବସନ୍ତ ମଞ୍ଜରୀ ସାହୁ, କୈଳାସ ଚନ୍ଦ୍ର ମହାପାତ୍ର, ସୋମନାଥ ପତି, କଲ୍ୟାଣୀ ସାମଲ, ବଳରାମ ପଣ୍ଡା, ତୁଷାର ପୁହାଣ, ଶିଶିର ଶତପଥି ପ୍ରମୁଖ ସହଯୋଗ କରିଥିଲେ। ଅଧ୍ୟାପକ ସମରେନ୍ଦ୍ର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

### ବିଦ୍ୟାଧର ବାରିକ ଜିଲା କଂଗ୍ରେସ ସମ୍ପାଦକ ନିଯୁକ୍ତ

**ବିରଜାକ୍ଷେତ୍ର,୨।୧(ଡି.ଏନ୍.ଏ):** ପ୍ରଦେଶ କଂଗ୍ରେସ ସଭାପତି ନିରଞ୍ଜନ ପଟ୍ଟନାୟକ ବିଦ୍ୟାଧର ବାରିକଙ୍କୁ ଯାଜପୁର ମ୍ୟୁନିସିପାଲଟିରୁ ସମ୍ପାଦକ ଭାବେ ନିଯୁକ୍ତ କରିଛନ୍ତି। ଏହି ନିଯୁକ୍ତି ପାଇଁ ବାରିକ ପ୍ରଦେଶ କଂଗ୍ରେସ କମିଟି ସଭାପତି, ପ୍ରଦେଶ କାର୍ଯ୍ୟକାରୀ ସଭାପତି ତଥା ଯାଜପୁର ଜିଲା ପ୍ରଭାରୀ ଚିରଞ୍ଜୀବ ବିଶ୍ୱାଳ, ଏ.ଆଇ.ସି.ସି ସାଧାରଣ ସମ୍ପାଦକ ରାମଚନ୍ଦ୍ର ଖୁଣ୍ଟିଆ, ଜିଲା କଂଗ୍ରେସ ସଭାପତି ମନୋଜ ରାଉତ, କାର୍ଯ୍ୟକାରୀ ସଭାପତି ବିଷ୍ଣୁ ରାଉତ, ବଳଭଦ୍ର ଦାସ, ଯାଜପୁର ନିର୍ବାଚନ ମଣ୍ଡଳୀର କଂଗ୍ରେସ ନେତା ସନ୍ତୋଷ ନନ୍ଦ ପ୍ରମୁଖଙ୍କୁ କୃତଜ୍ଞତା ଜଣାଇଛନ୍ତି।

### ମୁଁ ହିରୋ କାର୍ଯ୍ୟକ୍ରମ

**କୋରେଇ,୨।୧(ସ୍ୱ.ପ୍ର)**

କୋରେଇ ବ୍ଲକ ଅନ୍ତର୍ଗତ ଗୋଳେଇପୁର ବିଜୁ ଯୁବ ବାହିନୀ ପକ୍ଷରୁ ମୁଁ ହିରୋ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଜିଲା ପରିଷଦ ସଭ୍ୟ ଧରଣୀଧର ଘଡେଇ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଗ୍ରାମାଞ୍ଚଳରେ ଲୁଚି ରହିଥିବା ପ୍ରତିଭାକୁ ଲୋକ ଲୋଚନକୁ ଆଣିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ବୋଲି ମତବ୍ୟକ୍ତ କରିଥିଲେ। ଅତିଥିଭାବେ କୋରେଇ ପ୍ରେସ କ୍ଲବ ସଭାପତି ସୁବାସ ଧଳ, ସମିତିସଭ୍ୟା ଭାନୁପ୍ରଭା କରଣ, ବରିଷ୍ଠ ନେତା ପିନାକ ରଞ୍ଜନ ଦାସ, ଶାନ୍ତନୁ ପଣ୍ଡା, କାର୍ତ୍ତିକ ସାହୁ, ଜିଲା ପ୍ରୋଗ୍ରାମ ଅଫିସର ଗୌତମ ସାହୁ, ନାଏବ ସରପଞ୍ଚ ସଂଯୁକ୍ତା ପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ବ୍ଲକ ସଂଯୋଜକ ବିଜୟ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଯୁବ ବାହିନୀ ସଭାପତି ବିଜୟ କୁମାର ଦତ୍ତ ଧନ୍ୟବାଦ ଅର୍ପଣ କରିଥିଲେ। ପଥରପଦା ଯୁବ ବାହିନୀ ସଭାପତି ଚନ୍ଦ୍ରକାନ୍ତ ବିଶ୍ୱାଳ, ସମ୍ପାଦକ ଆକ୍ଷଳାକ ବେହେରା, କୁଳମଣି ସାହୁ, ଗୋପାଳ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ରାଜ୍ୟସ୍ତରୀୟ ଗୋପୀନାଥ ଜୀଉ କ୍ରିକେଟ ଟୁର୍ନାମେଣ୍ଟ

# ବ୍ରିଲିଆଣ୍ଟ କ୍ଲବକୁ ହରାଇ ସୋଲାର କଟକ ବିଜୟୀ

**କୋରେଇ,୨।୧(ସ୍ୱ.ପ୍ର):** ପଥରପଦା ପଞ୍ଚାୟତ ଅନ୍ତର୍ଗତ ଓଟିନ୍ଦା ଗ୍ରାମର ଗୋପିନାଥ ଜୀଉ କ୍ରିକେଟ କ୍ଲବ ଅନୁକୂଲ୍ୟରେ ୨୪ତମ ରାଜ୍ୟସ୍ତରୀୟ ଗୋପୀନାଥ ଜୀଉ କ୍ରିକେଟ ଟୁର୍ନାମେଣ୍ଟ ନୂଆବର୍ଷରେ ଉଦ୍‌ଘାଟିତ ହୋଇଯାଇଛି। ଏହି ୭ଦିନ ବ୍ୟାପୀ ଏହି ଟୁର୍ନାମେଣ୍ଟରେ ମୋଟ ୮ଦଳ ଅଂଶ ଗ୍ରହଣ କରିବାକୁ ଥିବା ବେଳେ ବୁଧବାର ଦ୍ୱିତୀୟ ଦିବସରେ ସୋଲାର କଟକ ବନାମ ବ୍ରିଲିଆଣ୍ଟ କ୍ରିକେଟ କ୍ଲବ ପାଣିକୋଇଲି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପାଣିକୋଇଲି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ଓଭର ମଧ୍ୟରେ ୯ ୱିକେଟ ହରାଇ ୧୩୧ ରନ ସଂଗ୍ରହ କରିଥିଲା। ଜବାବରେ କଟକ ୧୭ ଓଭରରେ ୩ ୱିକେଟ ହରାଇ ୧୩୫ ରନ ସଂଗ୍ରହ କରିବିଜୟ ଲକ୍ଷ୍ୟ ହାସଲ କରିଥିଲା। ଏହି ମ୍ୟାଚକୁ ଦୁର୍ଗା ପଟ୍ଟନାୟକ ଓ ଦେବେନ୍ଦ୍ର ଚକ୍ର ପରିଚାଳନା କରିଥିବାବେଳେ ସ୍କୋରଭାବେ ମହେନ୍ଦ୍ର ଭାରତୀ ଏବଂ ଭାଷ୍ୟକାର ଭାବେ ପରମେଶ୍ୱର ନାୟକ ଯୋଗଦାନ କରିଥିଲେ। ଅୟୋଜ୍ୟୋତି ସାମଲ, ଆଲୋକ ବେହେରା, ପ୍ରକାଶ ମଲ୍ଲିକ, ମଦନ ମୋହନ ଜେନା, ଉମେଶ ପୁରୀ, ଶ୍ରୀପତି ପୁରୀ ପ୍ରମୁଖ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# ବିଧାୟିକାଙ୍କ କୁଶପୁତ୍ତଳିକା ଦାହ କଲା ଭାଜପା



ବିଧାୟିକାଙ୍କ କୁଶପୁତ୍ତଳିକା ଦାହ କରାଯାଉଛି।

**ସିଂହପୁର,୨।୧(ଡିଏନଏ)**

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର ବଜାରଠାରେ ବୁଧବାର ବିଧାୟିକା ପ୍ରମିଳା ମଲ୍ଲିକଙ୍କର କୁଶ ପୁତ୍ତଳିକା ଦାହ କରିଛି ଭାଜପା। ସୂଚନାଯୋଗ୍ୟ ଯେ, ଗତ ୨୬ତାରିଖ ସିଂହପୁର ବଜାର କାଳୀ ପଡ଼ିଆରେ ବିଜେଡି ପ୍ରତିଷ୍ଠା ଦିବସରେ ବିଧାୟିକା ମଲ୍ଲିକ ପୂର୍ବତନ ବ୍ଲକ ଅଧକ୍ଷ ପୁରୁଷୋତ୍ତମ ବେହେରାଙ୍କୁ ହଲୁଆ ବୋଲି ସମାଲୋଚନା କରିଥିଲେ। ଏଥିରେ ଭାଜପା ପ୍ରତିକ୍ରିୟାଶୀଳ ହୋଇ ଗତ ୨୯ତାରିଖରେ ଖବରଦାତା ସମ୍ମିଳନୀ କରିବା ସହ ବୁଧବାର କୁଶ ପୁତ୍ତଳିକା ଦାହ କରିଥିଲା। ଏଥିରେ ଭାଜପା ନେତ୍ରୀ ବବିତା ମଲିକ, ଅମୀୟକାନ୍ତ ମଲିକ, ନିରଞ୍ଜନ ବେଉରିଆ, ଦିଗାମ୍ବର ପାତ୍ର, ଦେବେନ୍ଦ୍ର ସାମଲ, ଗିରିଧାରୀ ପଣ୍ଡା, ନରେଶ ଥାଟୋଇ, ନୀଳମଣି ମଲିକ, ଘନଶ୍ୟାମ ନାୟକ, ଶ୍ରୀଧର ଜେନା, ହିମାଂଶୁ ବେଉରିଆ, ବୀରକିଶୋର ନାୟକଙ୍କ ସମେତ ବହୁ କର୍ମୀ ଉପସ୍ଥିତ ଥିଲେ।

# ଜିଲା ସଂସ୍କୃତ ଶିକ୍ଷକ ସଂଘର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ

**ବିରଜାକ୍ଷେତ୍ର,୨।୧(ଡି.ଏନ୍.ଏ)**

୨୦୧୯ ନୂଆବର୍ଷକୁ ସ୍ୱାଗତ ଜଣାଇ ଯାଜପୁର ଜିଲା ମାଧ୍ୟମିକ ସଂସ୍କୃତ ଶିକ୍ଷକ ସଂଘ ପକ୍ଷରୁ ବିରଜା ମନ୍ଦିର ପରିସରରେ ମଙ୍ଗଳବାର ଏକ ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ସଙ୍ଗଠନ ସଭାପତି ଜ୍ଞାନରଞ୍ଜନ ପତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲା ତଥା ବ୍ଲକ୍‌ଗୁଡ଼ିକର କାର୍ଯ୍ୟକର୍ତ୍ତାମାନେ ଯୋଗ ଦେଇଥିଲେ। ସମ୍ପାଦକ ଗଦାଧର କୁଣ୍ଡୁ ଶିକ୍ଷକଙ୍କ ସମସ୍ୟା ଓ ତାର ସମାଧାନ ଦିଗରେ ଯାଜପୁର ସଙ୍ଗଠନର ସହଯୋଗ ସମ୍ପର୍କରେ ସମ୍ପାଦକୀୟ ବିବରଣୀ ଉପସ୍ଥାପନ କରିଥିଲେ। ଏହି ଅବସରରେ ପଣ୍ଡିତ ଅଜିତ କୁମାର ଦାଶ ବିଗତ ୩ ବର୍ଷର ଆୟବ୍ୟୟ ସମ୍ପର୍କରେ ବିବରଣୀ ପ୍ରଦାନ କରିଥିଲେ । ପଣ୍ଡିତ ଗଣେଶ ଚନ୍ଦ୍ର ପାଣିଗ୍ରାହୀ ଓ ପଣ୍ଡିତ ଅଜୟ କୁମାର ନନ୍ଦ ସମ୍ମାନିତ ଅତିଥିରୂପେ ଯୋଗଦେଇ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିବା ସହ ସଂଘର ଉନ୍ନତି ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ସଂସ୍କୃତ ଶିକ୍ଷକଙ୍କର କ୍ୟାଡ଼ର ପ୍ରସ୍ତୁତି ଓ ଏହାର ଅନୁମୋଦନ ସମ୍ପର୍କରେ ରାଜ୍ୟ ନେତୃତ୍ୱ ଶିକ୍ଷା ନିର୍ଦ୍ଦେଶକ, ଶିକ୍ଷା ସଚିବ ଓ ଶିକ୍ଷାମନ୍ତ୍ରୀଙ୍କୁ ସାକ୍ଷାତ କରି ଆଲୋଚନା କରିଥିବା ସହ ଶୀଘ୍ର ବିଜ୍ଞପ୍ତି ପ୍ରକାଶ କରିବା ପାଇଁ ଅନୁରୋଧ କରିଥିବାରୁ ଯାଜପୁର ଜିଲା ସଂଗଠନ ରାଜ୍ୟ ସଂଘକୁ ଧନ୍ୟବାଦ ଜଣାଇଥିଲେ। ଜିଲା ସଂଘର ବର୍ତ୍ତମାନ କର୍ମକର୍ତ୍ତାଙ୍କ ଅବଧି ପୁରିଯାଇଥିଲେ ହେଁ ସେମାନେ ଆସନ୍ତା ବାର୍ଷିକ ଉତ୍ସବ ପର୍ଯ୍ୟନ୍ତ ଦାୟିତ୍ୱ ନିର୍ବାହ କରିବାକୁ ଅନୁରୋଧ କରାଯାଇଥିଲା। ଏହି ଆଲୋଚନାରେ ଅଭୟ କୁମାର ପଣ୍ଡା, ସୂର୍ଯ୍ୟମଣି ବେଦୀ, ପ୍ରଭାକର ପ୍ରଧାନ, ଅଚ୍ୟୁତାନନ୍ଦ ମିଶ୍ର, ଲକ୍ଷ୍ମୀଧର ରାଉତ ପ୍ରମୁଖ ଅଂଶଗ୍ରହଣ କରିଥିଲେ । ମଦନମୋହନ ପଣ୍ଡା, ଦେବାଶିଷ ମିଶ୍ର ସଭା ପରିଚାଳନାରେ ସହଯୋଗ କରିଥିଲେ । ପ୍ରାରମ୍ଭରେ ପଣ୍ଡିତ ଅକ୍ଷୟ କୁମାର ଦାଶ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସୂର୍ଯ୍ୟମଣି ମିଶ୍ର ବେଦପାଠ କରିଥିଲେ । ଦୁର୍ଯ୍ୟୋଧନ ଦାସ ଧନ୍ୟବାଦ ଦେଇଥିଲେ।

## ଅଶୋକ ଦାସ ମେମୋରିଆଲ ସର୍ବଭାରତୀୟ କ୍ରିକେଟ୍ ଟୁର୍ନାମେଣ୍ଟ

# ଖୋର୍ଦ୍ଧା ଇଷ୍ଟକୋଷ୍ଟ ରେଲୱେ ବିଜୟୀ

**ବିରଜାକ୍ଷେତ୍ର,୨।୧(ଡି.ଏନ୍.ଏ)**

ଜିଲା କ୍ରିକେଟ୍ ଆସୋସିଏଶନ୍ ଆନୁକୂଲ୍ୟରେ ବାଳାଶ୍ରମ ପଡ଼ିଆରେ ଅନୁଷ୍ଠିତ ଅଶୋକ ଦାସ ମେମୋରିଆଲ୍ ସର୍ବଭାରତୀୟ କ୍ରିକେଟ୍ ଟୁର୍ନାମେଣ୍ଟର ୫ମ ଦିବସରେ ବୁଧବାର ଖୋର୍ଦ୍ଧା ଇଷ୍ଟକୋଷ୍ଟ ରେଲୱେ ଓ ଯାଜପୁର ଏମ୍.ସି.ସି ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଇଷ୍ଟ କୋଷ୍ଟ ରେଲୱେ ବ୍ୟାଟିଂ କରି ନିର୍ଦ୍ଧାରିତ ୩୦ ଓଭରରେ ୫ ୱିକେଟ୍ ହରାଇ ୨୨୫ ରନ୍ ସଂଗ୍ରହ କରିଥିଲା। ଜବାବରେ ଯାଜପୁର ଏମ୍.ସି.ସି ଦଳ ୨୪.୧ ଓଭର୍ ଖେଳି ସମସ୍ତ ୱିକେଟ୍ ହରାଇ ୧୪୧ ରନ୍ ସଂଗ୍ରହ କରି ପରାଜିତ ହୋଇଥିଲା। ଏହି ମ୍ୟାଚ୍‌ରେ ଇଷ୍ଟକୋଷ୍ଟ ରେଲୱେର ପ୍ରଶାନ୍ତ ସାହୁଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା। ପ୍ୟାଶନ୍ ଇନ୍‌ଫୋଟେକ୍‌ର ମାଲିକ ରାହାନୁମା କାଦିର୍ ପୁରସ୍କାର ପ୍ରଦାନ କରିଥିଲେ। ୫ମ ଦିବସ ମ୍ୟାଚ୍‌ରେ ଜିଲା କ୍ରିକେଟ୍ ଆସୋସିଏଶନ୍‌ର ସହସମ୍ପାଦକ ଅଭୟ ବଲ୍ଲଭ ପଣ୍ଡା, ବରିଷ୍ଠ କ୍ରିକେଟିୟର ଶ୍ରୀଜୟ ମହାପାତ୍ର, ଯୁବ ନେତା ମନୋଜ ସାହୁ, ସ୍ୱସ୍ତିକ୍ ପହି, ଶୁଭାଶିଷ ରାଉତ, ସେକ୍ ସାହାବୁଦ୍ଦିନ୍, ଆଶିଷ୍ ମହାନ୍ତି, ସଂଜୟ ବେହେରା, ଅନିଲ୍ କୁମାର ଦାସ, ଶଙ୍କର୍ଷଣ ବାରିକ ପ୍ରମୁଖ ପରିଚାଳନାରେ ସହାୟତା କରିଥିଲେ। ଏହି ମ୍ୟାଚ୍‌କୁ ଅମ୍ପାୟାରଭାବେ ଶରତ ଜେନା ଓ ଲଲାଟ କେଶରୀ ନନ୍ଦ ପରିଚାଳନା କରିଥିବାବେଳେ ସ୍କୋରର୍ ଭାବେ ଜଗନ୍ନାଥ ସାମଲ ଓ ଶୁଭ୍ରାଂଶୁ ଶେଖର ବେହୁରିଆ ତୁଲାଇଥିଲେ। ଗୁରୁବାର କଟକ ରାଇଜିଂ ଷ୍ଟୁଡ଼େଣ୍ଟ ସହ ଜାମ୍‌ସେଦ୍‌ପୁର ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ।



ମ୍ୟାନ ଅଫ୍ ଦି ମ୍ୟାଚଙ୍କୁ ପୁରସ୍କୃତ କରାଯାଉଛି।

### ବେଆଇନ ୩ ବାଲି ଗାଡ଼ି ଜବତ

**ବିରଜାକ୍ଷେତ୍ର,୨।୧(ଡି.ଏନ୍.ଏ)**

ଯାଜପୁର ସହର ଦେଇ ପ୍ରବାହିତ ହେଉଥିବା ବୈତରଣୀ ନଦୀର ଦେବୀଗଡ଼ା ଘାଟରୁ ବେଆଇନ ବାଲି ଉତ୍ତୋଳନ କରି ଚୋରାରେ ବିକ୍ରି କରୁଥିବା ଅଭିଯୋଗ ପାଇବା ପରେ ପ୍ରଶାସନ ଚଢ଼ାଉ କରି ୩ଟି ବେଆଇନ ବାଲିଗାଡ଼ିକୁ ଜବତ କରିଛି। ବୁଧବାର ଯାଜପୁର ତହସିଲଦାର ସୁନୀଲ କୁମାର ମେହେର ଦେବୀଗଡ଼ା ଘାଟ ଉପରେ ଚଢ଼ାଉ କରି ବେଆଇନ ୩ଟି ବାଲି ବୋଝେଇ ଟ୍ରାକ୍ଟରକୁ ଜବତ କରିବା ସହ ବାଲି ବୋଝେଇ ମେଶିନ୍ ଜେସିବିକୁ ଜବତ କରିଛନ୍ତି । ତହସିଲଦାରଙ୍କ ଏହି ଚଢ଼ାଉ ସମୟରେ ଆରଆଇ ଅଜୟ ବେହେରା, ଏଏସ୍ଆଇ ଅମୀୟ ରାୟଙ୍କ ସମେତ ଅନ୍ୟାନ୍ୟ ପୋଲିସ କର୍ମଚାରୀ ସହଯୋଗ କରିଥିଲେ। ଜବତ ଗାଡ଼ିଗୁଡ଼ିକୁ ଯାଜପୁର ଟାଉନ ଥାନାରେ ଅଟକ ରଖାଯାଇଛି।

# ୩୩ କେଭି ବିଦ୍ୟୁତ୍ ସଂଯୋଗକୁ ବ୍ୟବସାୟୀ ସଂଘର ବିରୋଧ

**ଯାଜପୁର ରୋଡ୍,୨।୧(ନି.ପ୍ର)**

କର୍ମବର୍ଦ୍ଧିଷ୍ଣୁ ଯାଜପୁର ରୋଡ଼ ସହରରେ ଦିନକୁ ଦିନ ବଡ଼ବଡ଼ ମଲ୍ ଓ ବଡ଼ ବ୍ୟବସାୟିକ ଅନୁଷ୍ଠାନ ଗଢ଼ି ଉଠିଛି। ସେଥିରେ ବିଦ୍ୟୁତ ଆବଶ୍ୟକତା ପଡୁଥିବାରୁ ୩୩ କେଭି ବିଦ୍ୟୁତ ସଂଯୋଗ ପାଇଁ ବିଭିନ୍ନ ମଲ୍ ନେସ୍‌କୋ ୟୁଟିଲିଟିରେ ନିବେଦନ କରିଛନ୍ତି। ନେସକୋ ୟୁଟିଲିଟି ଯାଜପୁରରୋଡ଼ ସହରର ମୁଖ୍ୟ ରାସ୍ତା ଦେଇ ୩୩ କେଭି ଭଳି ଉଚ୍ଚ କ୍ଷମତା ସମ୍ପନ୍ନ ବିଦ୍ୟୁତ ସରବରାହ ସଂଯୋଗ ପାଇଁ କାର୍ଯ୍ୟ ଆରମ୍ଭ ହୋଇଛି। ଏହି ଉଚ୍ଚ କ୍ଷମତା ସମ୍ପନ୍ନ ବିଦ୍ୟୁତ ତାର ମୁଖ୍ୟ ରାସ୍ତା ଦେଇ ଆସିଲେ ସହରର ଜନସାଧାରଣ ବିପଦ ସୃଷ୍ଟି କରିବାର ଆଶଙ୍କା ରହିଛି ବୋଲି ବ୍ୟବସାୟୀ ଓ ସାଧାରଣ ଜନତାଙ୍କ ତରଫରୁ ଆଶଙ୍କା ବ୍ୟକ୍ତ କରାଯାଇଛି। ନିୟମ ଅନୁସାରେ ସହର ମଧ୍ୟ ଦେଇ ଉଚ୍ଚ କ୍ଷମତା ସମ୍ପନ୍ନ ବିଦ୍ୟୁତ ଲାଇନ ଗଲେ ଜନଶୁଣାଣି ହେବା କଥା, କିନ୍ତୁ ଜନଶୁଣାଣି ନ ହୋଇ ନେସ୍‌କୋ ୟୁଟିଲିଟି ପକ୍ଷରୁ ବେପରୁଆ ଭାବେ ବିଦ୍ୟୁତ ତାର ସହର ମଧ୍ୟ ଦେଇ ସଂଯୋଗ କରାଯାଉଛି। ୩୩ କେଭି ଲାଇନ ଗୃହ ଓ ବ୍ୟବସାୟ ପ୍ରତିଷ୍ଠାନ ଉପରେ ଯାଉଥିବାରୁ ବିପଦ ଦେଖାଦେଇଛି। ଏ ସମ୍ପର୍କରେ ଯାଜପୁରରୋଡ଼ କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କୁ ପଚାରିବାରୁ, ବ୍ୟାସନଗର ପୌରପରିଷଦରେ ଲାଇନ୍ ନ କଟିବା ପାଇଁ ଲୋକେ ସବୁବେଳେ ଲାଇନ ପାଇବା ପାଇଁ ୩୩ କେ.ଭି ଲାଇନ ସଂଯୋଗ କରାଯାଉଛି। କିନ୍ତୁ ଏଥିରେ ସାଧାରଣ ଲୋକଙ୍କ ପ୍ରତି ବିପଦ ନାହିଁ ବୋଲି କହିଥିଲେ। ତେବେ ଏହି ଲାଇନ ସହର ମଧ୍ୟ ଦେଇ ଯାଉଥିବାରୁ ବ୍ୟବସାୟୀ ସଂଘ ତାହାକୁ ବିରୋଧ କରୁଛି। ଦରକାର ପଡ଼ିଲେ ବ୍ୟବସାୟୀ ସଂଘ ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ବ୍ୟାସନଗର ବଣିକ ସଂଘ ତରଫରୁ ଅଧ୍ୟକ୍ଷ ବସନ୍ତ ପାତ୍ର, ସଭାପତି ରାଜେନ୍ଦ୍ର ସାମଲ ଓ ସାଧାରଣ ସମ୍ପାଦକ ଅସିତାନନ୍ଦ ବିଶ୍ୱାଳ ଏ ସମ୍ପର୍କରେ ଅଧ୍ୟକ୍ଷ ଓଡ଼ିଶା ବିଦ୍ୟୁତ ନିୟାମକ ଆୟୋଗ, ଭୁବନେଶ୍ୱର, ମୁଖ୍ୟ ବିଦ୍ୟୁତ ନିରୀକ୍ଷକ ଭୁବନେଶ୍ୱର, ଯାଜପୁରରୋଡ଼ ଅଧିକ୍ଷଣ ଯନ୍ତ୍ରୀ, କ୍ଷମତାପ୍ରାପ୍ତ ଅଧିକାରୀ ନେସ୍‌କୋ, ବାଲେଶ୍ୱର, ଯାଜପୁର ଜିଲାପାଳ ଓ ଏସପିଙ୍କୁ ମଧ୍ୟ ଲିଖିତ ଅଭିଯୋଗ କରିଛନ୍ତି।

## ସଂକ୍ଷେପରେ

### ଜାତୀୟ ସେବା ସଂସ୍ଥାର ଶୀତକାଳୀନ ଶିବିର ଉଦ୍‌ଯାପିତ

ରାଜନଗର,୨।୧(ଡିଏନଏ)- ରାଜନଗରସ୍ଥିତ ଶୈଳେନ୍ଦ୍ର ନାରାୟଣ ସଂସ୍କୃତ ମହାବିଦ୍ୟାଳୟର ଜାତୀୟ ସେବା ସଂସ୍ଥାର ଶୀତକାଳୀନ ଶିବିର ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ସାତଦିନ ଧରି ଚାଲିଥିବା ଏହି ଶିବିରରେ ୨୫ଜଣ ଛାତ୍ର ଯୋଗଦେଇ ଗ୍ରାମ ସଫେଇ, ଜଳ ନିଷ୍କାସନ ପଥ ପୁନଃଉଦ୍ଧାର, ନିଶା ନିବାରଣ, ପ୍ଲାଷ୍ଟିକ ବର୍ଜନ, ବୃକ୍ଷରୋପଣ, ପରିବେଶ ସୁରକ୍ଷା, ଶିକ୍ଷାଅଧିକାର, ଡେଙ୍ଗୁ ,ମ୍ୟାଲେରିଆ ଆଦି ରୋଗ ବିଷୟରେ ଜନସଚେତନା ସୃଷ୍ଟି କରିଥିଲେ। ମହାବିଦ୍ୟାଳୟର ଅଧକ୍ଷ ଡ. ହରେକୃଷ୍ଣ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ଶରତ ଚନ୍ଦ୍ର ମହାପାତ୍ର, ବ୍ରଜସୁନ୍ଦର ଦାସ, ଡ. ବିକ୍ରମାଦିତ୍ୟ ଦାସ, ପ୍ରାଧାପକଏ.କେ. ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ।

### ବାୟାବାବାଙ୍କ ପ୍ରାଦେଶିକ ସମ୍ମିଳନୀ ପାଇଁ ପ୍ରସ୍ତୁତି

ରାଜନଗର,୨।୧(ଡିଏନଏ)-ନାମାଚାର୍ଯ୍ୟ ଶ୍ରୀମଦ୍ ବାୟାବାବାଙ୍କ ପ୍ରାଦେଶିକ ଭକ୍ତ ସମ୍ମିଳନୀ ତାଙ୍କ ଜନ୍ମମାଟି କେରେଡାଗଡଠାରେ ଅନୁଷ୍ଠିତ ହେବ। ଏଥିପାଇଁ ବୁଧବାର କେରେଡାଗଡସ୍ଥିତ କଳ୍ପତରୁ ସଚ୍ଚିଦାନନ୍ଦ ଆଶ୍ରମ ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରାଦେଶିକ ସମ୍ମିଳନୀରେ ବାୟାବାବାଙ୍କ ଆଶ୍ରିତ ରାଜ୍ୟ ତଥା ରାଜ୍ୟ ବାହାରର ଶ୍ରଦ୍ଧାଳୁମାନେ ଯୋଗ ଦେବାର ଅଛି । ବୈଠକରେ କୈଳାସ ଚନ୍ଦ୍ର ପରିଡା ସଭାପତିତ୍ୱ କରିଥିଲେ । କୈଳାସ ଚନ୍ଦ୍ର ମହାନ୍ତି , ଅରୁଣ କୁମାର ରାଉତ, ରଘୁନାଥ ଦାସ, ଅରୁଣ କୁମାର ସାହୁ, ଆଦିକନ୍ଦ ତ୍ରିପାଠୀ, ଓ ବିରଞ୍ଚି ନାରାୟଣ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ମ୍ୟୁନିସିପାଲିଟି ଅଫିସରେ ମିଳୁଛି ନକଲି କାର୍ଯ୍ୟାଦେଶ

## ଆବାସ ଯୋଜନାରେ ଦୁର୍ନୀତି ଅଭିଯୋଗ

ପଟ୍ଟାମୁଣ୍ଡାଇ,୨।୧ (ସ୍ୱ.ପ୍ର.)

ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଏବଂ ରାଜ୍ୟ ସରକାରଙ୍କ ଆବାସିକ ଯୋଜନାରେ ପଟ୍ଟାମୁଣ୍ଡାଇ ମ୍ୟୁନିସିପାଲିଟି କାର୍ଯ୍ୟାଳୟରେ ମିଳୁଛି ନକଲି କାର୍ଯ୍ୟାଦେଶ। ଏହି ଯୋଜନାରେ ପ୍ରାୟ ୮ଶହରୁ ଅଧିକ ଲୋକଙ୍କୁ ଗୃହ ନିର୍ମାଣ ପାଇଁ କାର୍ଯ୍ୟାଦେଶ ବଣ୍ଟନ ନିମନ୍ତେ ଚୟନ କରାଯାଇ ତାଲିକା ପ୍ରସ୍ତୁତ କରାଯାଇଛି । ତେବେ ହିତାଧିକାରୀଙ୍କୁ ନକଲି କାର୍ଯ୍ୟାଦେଶ ମିଳିଥିବା ଅଭିଯୋଗ ହୋଇଛି। ଏନେଇ ଜଣେ ହିତାଧିକାରୀ ଅମର ପ୍ରସାଦ ସାହୁ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଅନୁଯାୟୀ, ଗୃହ ନିର୍ମାଣ କାର୍ଯ୍ୟାଦେଶ ପ୍ରଦାନ ନିମନ୍ତେ ମ୍ୟୁନିସିପାଲିଟି ଅଫିସର କମ୍ପ୍ୟୁଟର ବିଭାଗର ଜଣେ କର୍ମଚାରୀ ଅନ୍ୟ ଜଣଙ୍କ ମାଧ୍ୟମରେ ତାଙ୍କଠାରୁ ପୂର୍ବରୁ ୨୫୦୦ ଟଙ୍କା ନେଇଥିଲେ। ପରେ ପୁନର୍ବାର ୧୧୦୦ ଟଙ୍କା ନେଇ କାର୍ଯ୍ୟାଦେଶ ପ୍ରଦାନ କରିଥିଲେ। ୧୪ ନଭେମ୍ବର ୨୦୧୮ରେ କାର୍ଯ୍ୟାଦେଶ ନଂ. ୩୭୯୩ ଅନୁଯାୟୀ ଅମରଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟାଦେଶକୁ ଅମର ଆବାସ ଯୋଜନାର ନୋଡାଲ ଅଫିସର ରାଜକିଶୋର ଦାସଙ୍କୁ ଦେଖାଇଥିଲେ। ଦାସ ସେତେବେଳେ ଏହି କାର୍ଯ୍ୟାଦେଶକୁ ନକଲି ବୋଲି କହିବା ସହ ଆବାସିକ ଯୋଜନା ତାଲିକାରେ ତାଙ୍କ ନାମ ନାହିଁ ବୋଲି କହିଥିଲେ। ଅମର ଏ ସମ୍ପର୍କରେ ମ୍ୟୁନିସିପାଲିଟି କାର୍ଯ୍ୟାଳୟର ସମ୍ପୃକ୍ତ କର୍ମଚାରୀଙ୍କୁ ପଚାରିବାରୁ ୧୫ଦିନ ଅପେକ୍ଷା କର ମୁଁ ତୁମର କାର୍ଯ୍ୟ କରେଇ ଦେବି ବୋଲି କହି ଏଡାଇ ଯାଇଥିଲେ। ଅପରପକ୍ଷେ ଅମର ଗୃହ ନିର୍ମାଣ ପାଇଁ ୬୦ ହଜାର ଟଙ୍କାର ଗୋଡି, ବାଲି, ଇଟା ଯୋଗାଡ କରି ସାରିଥିବା ବେଳେ ଏବେ ନକଲି କାର୍ଯ୍ୟାଦେଶ ମିଳିଥିବା ଜାଣିବା ପରେ ସେ ହତାଶ ହୋଇ ପଡିଛନ୍ତି। ଏହାର ତଦନ୍ତ କରିବା ପାଇଁ ସେ ଦାବି କରିଛନ୍ତି। ସୂଚନାଯୋଗ୍ୟ, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୮୦୦ରୁ ଅଧିକ ଲୋକଙ୍କୁ ଗୃହ ନିର୍ମାଣ ପାଇଁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି । ସେମାନଙ୍କ କାର୍ଯ୍ୟ କେତେ ଅଗ୍ରଗତି ହୋଇଛି ଦାୟିତ୍ୱରେ ଥିବା ପୌର କର୍ମଚାରୀ ତାହାର ଫଟୋ ଉଠାଉଛନ୍ତି। ଫଟୋ ଉଠାଇବା ବେଳେ କର୍ମଚାରୀମାନେ ମୋଟା ଅଙ୍କର ଲାଞ୍ଚ ନେଉଛନ୍ତି। କର୍ମଚାରୀଙ୍କ ଏଭଳି ମନମୁଖି କାର୍ଯ୍ୟ ଯୋଗୁ ହିତାଧିକାରୀମାନେ ଅଫିସକୁ ବାରମ୍ବାର ଦୌଡି ନିରାଶ ହେଉଥିବା ଅଭିଯୋଗ ହୋଇଛି।

# ଜୁନୁସନଗରରେ ଅସନ୍ତୁଷ୍ଟ କଂଗ୍ରେସ କର୍ମୀଙ୍କ ବନ୍ଧୁମିଳନ

ରାଜନଗର,୨।୧(ଡିଏନଏ)

ରାଜନଗର ବ୍ଲକ ଇଶ୍ୱରପୁର ପଞ୍ଚାୟତ ଜୁନୁସନଗରଠାରେ ଅସନ୍ତୁଷ୍ଟ କଂଗ୍ରେସ କର୍ମୀଙ୍କ ବନ୍ଧୁମିଳନ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଗତ ୩୧ ତାରିଖ ସନ୍ଧ୍ୟାରେ ମୋହନ ଚନ୍ଦ୍ର ବିଶ୍ୱାଳଙ୍କ ପୌରୋହିତ୍ୟରେ ହୋଇଥିବା ଏହି ବନ୍ଧୁମିଳନ ଉତ୍ସବରେ କଂଗ୍ରେସ କର୍ମୀମାନେ ଦଳରେ ଅଣଦେଖା ହେଉଥିବା ନେଇ ଅଭିଯୋଗ ଆଣିଥିଲେ। ବିଧାୟକ ଭାବେ ଅଂଶୁମାନ ମହାନ୍ତି ନିର୍ବାଚିତ ହେବା ପରେ ପଞ୍ଚାୟତ ନିର୍ବାଚନ ଠାରୁ ଗୋଟିଏ ଗୋଷ୍ଠୀକୁ ପ୍ରାଧାନ୍ୟ ଦିଆଯିବା ନେଇ ଅସନ୍ତୋଷ ପ୍ରକାଶ ପାଇଥିଲା। ଆଗାମୀ ଦିନରେ ଏନେଇ ଉଚିତ୍ ଜବାବ ଦେବା ନିମନ୍ତେ ଆଲୋଚନା କରାଯାଇଥିଲା। ବୈଠକରେ ଧୀରେନ୍ଦ୍ରନାଥ ମହାକୁଡ, ରାଜୀବ ଲୋଚନ ପାଳ, ନିରୁପମ ମାନ୍ନା, ଗୋବିନ୍ଦ ଜାନା, ଭରତ ଦାସ, ରମାକାନ୍ତ ଭ୍ରମରରାୟ, ବାସୁଦେବ ବାରିକ, କରୁଣାକର ଖୁଣ୍ଟିଆ, ଲକ୍ଷ୍ମୀକାନ୍ତ ପାହାଡି, ଜୟନ୍ତ ପଡିଆ, ଅରୁଣ ଜେନାଙ୍କ ସମେତ ୨ଶହରୁ ଉର୍ଦ୍ଧ୍ୱ କର୍ମୀ ଯୋଗଦେଇ ଅସନ୍ତୋଷ ପ୍ରକାଶ କରିଥିଲେ। ନିର୍ବାଚନ ପାଖେଇ ଆସୁଥିବା ବେଳେ ଜୁନୁସନଗରରେ ଗୋଟିଏ ପଞ୍ଚାୟତରେ ୨ଶହରୁ ଉର୍ଦ୍ଧ୍ୱ ଅସନ୍ତୁଷ୍ଟ କଂଗ୍ରେସ କର୍ମୀ ଏକାଠି ହେବା ଘଟଣା ରାଜନଗର ରାଜନୀତିରେ ହଇଚମଟ ସୃଷ୍ଟି କରିଛି।


ବନ୍ଧୁମିଳନ ଉତ୍ସବରେ ଯୋଗଦେଇଥିବା କର୍ମୀମାନେ।

# ଅପରେଶନ ସମୟରେ ପେଟରେ ରହିଲା ଗଜ୍‌କନା

## ଡାକ୍ତରଙ୍କ ବିରୋଧରେ ଥାନାରେ ଏତଲା

କେନ୍ଦ୍ରାପଡା ଅଫିସ, ୨।୧

କେନ୍ଦ୍ରାପଡା ସହରର ମନକରପୁରସ୍ଥିତ ଦୁର୍ଗା ନର୍ସିଂ ହୋମରେ ଜଣେ ମହିଳାଙ୍କ ଅପରେଶନ ସମୟରେ ପେଟରେ ଗଜ୍‌କନା ରହିଯାଇଛି। ଏଭଳି ଅଭିଯୋଗ ଆଣି ସହରର ଚାଟରାପାଟଣା ଗ୍ରାମର ଅଲେଖ ପୃଷ୍ଟି ବୁଧବାର ଟାଉନ ଥାନାରେ ଏତଲା ଦେଇଛନ୍ତି। ଅଭିଯୋଗକୁ ଭିତ୍ତିକରି ଟାଉନ ପୋଲିସ ପକ୍ଷରୁ ମାମଲା (ନଂ-୧/୧୯)ରୁଜୁ ହେବା ସହ ତଦନ୍ତ ଆରମ୍ଭ ହୋଇଛି। ଅଲେଖଙ୍କ ଅଭିଯୋଗ ଅନୁଯାୟୀ, ସ୍ତ୍ରୀ ଲକ୍ଷ୍ମୀପ୍ରିୟାଙ୍କ ପ୍ରସୂତି ଯନ୍ତ୍ରଣା ହେବାରୁ ଗତ ଡିସେମ୍ବର ୨୦ରେ ନର୍ସିଂ ହୋମରେ ଭର୍ତ୍ତି କରିଥିଲେ। ଅପରେଶନ ପରେ ତାଙ୍କର ଏକ ଶିଶୁ ଜନ୍ମ ହୋଇଥିଲା। ମାତ୍ର ଭୁଲବଶତଃ ଏହି ସମୟରେ ଲକ୍ଷ୍ମୀପ୍ରିୟାଙ୍କ ପେଟେରେ ଗଜ୍‌କନା ରହିଯାଇଥିଲା। ପରେ ପେଟରେ ଯନ୍ତ୍ରଣା ହେବାରୁ ସହରର ଅନ୍ୟ ଏକ ନର୍ସିଂହୋମରେ ପରୀକ୍ଷା କରାଯାଇଥିଲା। ପରୀକ୍ଷାରୁ ପେଟରେ ଗଜ୍‌କନା ଥିବା ସୂଚନା ମିଳିଥିଲା। ଏହାପରେ ତାଙ୍କର ପୁନର୍ବାର ଅପରେଶନ କରାଯାଇ ପେଟରୁ ଗଜ୍‌କନା ବାହାର କରିଦିଆଯାଇଛି ବୋଲି ଥାନା ଅଧିକାରୀ ତପନ କୁମାର ନାୟକ ସୂଚନା ଦେଇଛନ୍ତି।

# ବରିଷ୍ଠ କଳାକାରଙ୍କୁ ସମ୍ବର୍ଦ୍ଧନା

ପଟ୍ଟାମୁଣ୍ଡାଇ,୨।୧(ସ୍ୱ.ପ୍ର)

କଳା ଓ ସଂସ୍କୃତିକୁ ଉଜ୍ଜୀବିତ ରଖିବା ଲାଗି ଯୁବ କଳାକାରମାନଙ୍କୁ ସୃଷ୍ଟି କରିବା ଲକ୍ଷ୍ୟରେ ପଟ୍ଟାମୁଣ୍ଡାଇ ବ୍ଲକ ଗଙ୍ଗାରାମପୁର ପଞ୍ଚାୟତ ଗୁଣୁପୁରପଟଣା ଗ୍ରାମର ଦିବ୍ୟ ଜୀବନ ଯୁବକ ସଂଘ ପକ୍ଷରୁ ବରିଷ୍ଠ କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଗୁଣୁପୁରପଟଣା ଗ୍ରାମ ଦେବତୀ ଓ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ସୋମବାର ସନ୍ଧ୍ୟାରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟଅତିଥି ଭାବେ ନାରାୟଣ ସାହାଣୀ, ମୁଖ୍ୟବକ୍ତା ଭାବେ ପଟ୍ଟାମୁଣ୍ଡାଇ ପୁସ୍ତକ ମେଳା କମିଟି ସଭାପତି ଏ. ବିଶ୍ୱାଳ ଯୋଗ ଦେଇଥିଲେ। ଅତିଥିମାନେ କହିଥିଲେ ଯେ, କଳା ଏକ ଅନନ୍ୟ ପ୍ରତିଭା। କଳାକାରମାନଙ୍କୁ ଉଚ୍ଚକୋଟୀର କଳା ପ୍ରଦର୍ଶନ କରିବା ପାଇଁ ସମ୍ବର୍ଦ୍ଧିତ କରିବା ଏକ ମାଧ୍ୟମ ହୋଇଥାଏ। ଏହାଛଡା ବରିଷ୍ଠ କଳାକାରମାନଙ୍କ କଳା ପରିବେଷଣରେ ଅନୁପ୍ରାଣିତ ହୋଇ ନୂତନ କଳାକାର ସୃଷ୍ଟି ହେବା ସମ୍ଭାବନା ରହିଥାଏ। ତେବେ ଏହି ପଞ୍ଚାୟତର ଗୁଣୁପୁରପଟଣା ଗ୍ରାମରେ ମୁଖ୍ୟମନ୍ତ୍ରୀଙ୍କ କଳାକାର ଭତ୍ତା ଯୋଜନାରେ ୯ ଜଣ କଳାକାର ଭତ୍ତା ପାଇବା ସ୍ୱାଗତଯୋଗ୍ୟ ବୋଲି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିବା ନଗର ବିଜେଡି ସଭାପତି ଭୋଳାନାଥ ପାଢୀ, ସରପଞ୍ଚ ପ୍ରଫୁଲ୍ଲ ତରାଇ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାନଜରିଆ ପଞ୍ଚାୟତ ପୂର୍ବତନ ସମିତି ସଭ୍ୟ ଗଗନ ବିହାରୀ ବାରିକ, ବ୍ଲକ ଅଧକ୍ଷାଙ୍କ ପ୍ରତିନିଧି ସ୍ୱପ୍ନ ରଞ୍ଜନ ବେହେରା, ପଣ୍ଡିତ ପ୍ରମୋଦ କୁମାର ତ୍ରିପାଠୀ, ୱାର୍ଡସଭ୍ୟ ପ୍ରଭାକର ସାମଲ ମତପ୍ରକାଶ କରିଥିଲେ। ଏହି ଅବସରରେ ବରିଷ୍ଠ କଳାକାର କାର୍ତ୍ତିକ ଚନ୍ଦ୍ର ଦାସ, ସାନନ୍ଦ ଦଳାଇ, ବାବୁରାମ ତରାଇ, ପ୍ରଭାକର ତରାଇ, ଜୟରାମ ମାଝୀ, ନବ କିଶୋର ଦାସ, ସୁଦର୍ଶନ ମାଝୀ, ପରକ୍ଷୀତ ନନ୍ଦ ଓ ପଞ୍ଚାନନ ପାଣିଙ୍କୁ ଅତିଥିମାନେ ପୁଷ୍ପମାଲ୍ୟ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ବରିଷ୍ଠ ମଞ୍ଚ କଳାକାର ଦୈତାରୀ ତ୍ରିପାଠୀଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଯୁବକ ସଂଘର ମୁଖ୍ୟ ସୌଦାଗର ବେହେରା ସଭା ପରିଚାଳନା କରିଥିଲେ। ସାମାଜିକ କର୍ମୀ ସଞ୍ଜୀବ କୁମାର ତରାଇ ସ୍ୱାଗତ ଭାଷଣ ଦେବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ସୁରେନ୍ଦ୍ର ପରିଡା, ପ୍ରହ୍ଲାଦ ପାତ୍ର. ବିଜୟ କୁମାର ଦାସ, ସୁକାନ୍ତ ଘଡାଇ, ଅଧିକାରୀ ନିମାଇଁ ଚରଣ ଦାଶଙ୍କ ସମେତ ସଂଘର ସଭ୍ୟମାନେ ପରିଚାଳନା କରିଥିଲେ।


ସମ୍ବର୍ଦ୍ଧନା ସଭାରେ ଅତିଥି ଓ କଳାକାରମାନେ।

# କଂଗ୍ରେସର ଜୋନସ୍ତରୀୟ ବୈଠକ

ରାଜନଗର,୨।୧(ଡିଏନଏ)– ରାଜନଗର ବ୍ଲକ ବାଘମାରି ପଞ୍ଚାୟତ ସୌରେନ୍ଦ୍ରସରାଇ ଗାଁ ପାଖ ଭିତରକନିକା ଜଙ୍ଗଲ ମଧ୍ୟରେ ଥିବା ମା'ବନଦୁର୍ଗାଙ୍କ ନିକଟରେ କଂଗ୍ରେସ ଦଳର ଜୋନସ୍ତରୀୟ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ୩୨ନଂ ଜୋନ କଂଗ୍ରେସ ସଭାପତି ମାଧବଚନ୍ଦ୍ର ମାନ୍ନାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଜୋନସ୍ତରୀୟ ବୈଠକରେ ୩୨ନଂ ଜୋନର ଘଡିଆମାଳ, ଇଶ୍ୱରପୁର, ଖମାରସାହି, ଡାଙ୍ଗମାଳ, କୃଷ୍ଣନଗର, ତାଳଚୁଆ, ବାଘମାରି, ରଙ୍ଗଣୀ, କେରୁଆଁପାଳ, ସାତଭାୟା, ଗୁପ୍ତି ପଞ୍ଚାୟତର ଆଗଧାଡିର ଛାମୁଆ କର୍ମୀମାନେ ଯୋଗ ଦେଇଥିଲେ। ବୈଠକରେ ସଂଗଠନକୁ ମଜବୁତ କରିବା, ଗାଁ ଗାଁରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଦୁର୍ନୀତି ସଂପର୍କରେ ଜନଜାଗରଣ ସୃଷ୍ଟି କରିବା ଓ ଦଳୀୟ କନ୍ଦଳକୁ ନେଇ ଏକ ହୋଇ କାମ କରିବା ପାଇଁ ନିଷ୍ପତ୍ତି ହୋଇଥିଲା। ଏହି ବୈଠକରେ ୩୦ ନଂ ଜୋନ ସଭାପତି ଅଶୋକ କୁମାର ବଳ, ୩୧ ନଂ ଜୋନ ସଭାପତି ଦେବେନ୍ଦ୍ର କୁମାର ଜେନା, ବରିଷ୍ଠ କଂଗ୍ରେସ ନେତା ଅରୁଣ କୁମାର ରାଉତ, ମନୋଜ କୁମାର ସ୍ୱାଇଁ, ଅନନ୍ତ କୁମାର ସେଠୀ, ବିଜୟ କୁମାର ମାଇତି, ସୁଧୀର କୁମାର ପାଲ, ରାଖାଲ ଚନ୍ଦ୍ର ପାତ୍ର, ହୃଷୀକେଶ ପ୍ରଧାନ, ରଘୁନାଥ ପ୍ରଧାନ, ନୀଳମଣି ପ୍ରଧାନ, ପ୍ରଭାତ କୁମାର ବେହେରା, ପ୍ରମୁଖ ଯୋଗ ଦେଇଥିଲେ।


## ପୂର୍ବ ତଟ ରେଳପଥ

ଚୁକ୍ତି ଭିତ୍ତିରେ ଅବୈତନିକ (HONORARY) ଭିଜିଟିଙ୍ଗ୍ ସ୍ପେସିଆଲିଷ୍ଟ (HVS) ନିଯୁକ୍ତି କରିବା ନିମନ୍ତେ ଅଧିସୂଚନା

ଅଧିସୂଚନା ସଂ.: ECoR/Pers/Gaz/Med/HVS/HQ/2018, ତା. 28.12.2018 ରିଖ

ପୂର୍ବ ତଟ ରେଳପଥର ଭୁବନେଶ୍ୱରସ୍ଥିତ କେନ୍ଦ୍ରୀୟ ଚିକିତ୍ସାଳୟରେ ରେଡ଼ିଓଲୋଜିଷ୍ଟ (ସ୍ପେସିଆଲିଷ୍ଟ) ଭାବେ ଏକ ଗୋଟି ଅବୈତନିକ ଭିଜିଟିଙ୍ଗ୍ ସ୍ପେସିଆଲିଷ୍ଟ ନିଯୁକ୍ତି ନିମନ୍ତେ ଦରଖାସ୍ତ ଆହ୍ୱାନ କରାଯାଉଛି । ଏହି ନିଯୁକ୍ତି ପ୍ରାରମ୍ଭିକ ଭାବେ ଏକ ବର୍ଷ ଅବଧି ନିମନ୍ତେ ଉଦ୍ଦିଷ୍ଟ, ଯାହାକି ସଂପୃକ୍ତ ଅବୈତନିକ ଭିଜିଟିଙ୍ଗ୍ ସ୍ପେସିଆଲିଷ୍ଟଙ୍କ ସମ୍ମତି, ପ୍ରଦର୍ଶନ ଏବଂ ପ୍ରଶାସନିକ ଆବଶ୍ୟକତା ଅନୁଯାୟୀ ପୁନର୍ବାର ବର୍ଷକୁ ବର୍ଷ ସାନି ଚୁକ୍ତି ମାଧ୍ୟମରେ ନବୀକରଣ କରାଯାଇପାରେ । ସବିଶେଷ ବିବରଣୀ ନିମ୍ନବତ୍ ଅଟେ :

| ନିଯୁକ୍ତି ସ୍ଥାନ | ପଦବୀ ସଂଖ୍ୟା | ଶୃଙ୍ଖଳା | ପ୍ରସ୍ତାବିତ ଡ୍ୟୁଟି ସମୟ | ମାସିକ ପାରିଶ୍ରମିକ |
|---|---|---|---|---|
| କେନ୍ଦ୍ରୀୟ ଚିକିତ୍ସାଳୟ/ ପୂର୍ବ ତଟ ରେଳପଥ, ଭୁବନେଶ୍ୱର | 01 | ରେଡିଓଲୋଜିଷ୍ଟ (ସ୍ପେଶିଆଲିଷ୍ଟ) | ଦୈନିକ 2 ଘଣ୍ଟା ପାଇଁ ସପ୍ତାହରେ 6 ଦିନ | ଟ. 52,000/- |

**ଯୋଗ୍ୟତା ଏବଂ ଅଭିଜ୍ଞତା :** (I) ଏକ ସ୍ୱୀକୃତିପ୍ରାପ୍ତ ବିଶ୍ୱବିଦ୍ୟାଳୟରୁ ପୋଷ୍ଟ ଗ୍ରାଜୁଏଟ୍ ଡିଗ୍ରୀ, ପୋଷ୍ଟ ଗ୍ରାଜୁଏଟ୍ ଡିଗ୍ରୀ ହାସଲ କରିବା ପରେ ସଂପୃକ୍ତ ସ୍ପେଶିଆଲିଟି ସମ୍ପର୍କିତ ବୃତ୍ତିଗତ କାର୍ଯ୍ୟରେ ସର୍ବନିମ୍ନ 03 ବର୍ଷର ଅଭିଜ୍ଞତା । (II) ପୋଷ୍ଟ ଗ୍ରାଜୁଏଟ୍ ଡିଗ୍ରୀ ସହିତ ଉପଯୁକ୍ତ ପ୍ରାର୍ଥୀ ଉପଲବ୍ଧ ନ ହେବା ସ୍ଥଳେ ପୋଷ୍ଟ ଗ୍ରାଜୁଏଟ୍ ଡିପ୍ଲୋମା ହାସଲ କରିବା ପରେ ସଂପୃକ୍ତ ସ୍ପେଶିଆଲିଟି ସମ୍ପର୍କିତ ବୃତ୍ତିଗତ କାର୍ଯ୍ୟରେ ସର୍ବନିମ୍ନ 05 ବର୍ଷର ଅଭିଜ୍ଞତା ଥିବା ଆବଶ୍ୟକ ।

**ବୟସ ସୀମା :** (କ) ପ୍ରଥମ ଥର ନିଯୁକ୍ତି ସମୟରେ 30 ବର୍ଷ ବୟସରୁ 64 ବର୍ଷ ବୟସ ଗ୍ରହଣୀୟ । (ଖ) ଚାଲୁ ରଖାଯାଇଥିବା ନିଯୁକ୍ତି ନିମନ୍ତେ ଉଚ୍ଚତର ବୟସ ସୀମା 65 ବର୍ଷ ।

**ଆବେଦନ କିପରି କରିବେ :** ଅବୈତନିକ ଭିଜିଟିଙ୍ଗ୍ ସ୍ପେଶିଆଲିଷ୍ଟ ଭାବେ ନିଯୁକ୍ତି ନିମନ୍ତେ ଇଚ୍ଛୁକ ଡାକ୍ତରମାନେ ଜନ୍ମ ତାରିଖ ପ୍ରମାଣପତ୍ର, ଯୋଗ୍ୟତା ପ୍ରମାଣପତ୍ର, କାର୍ଯ୍ୟ ଅଭିଜ୍ଞତାର ପ୍ରମାଣପତ୍ର, ମେଡିକାଲ କାଉନ୍‌ସିଲରେ ପଞ୍ଜିକରଣ ହୋଇଥିବା ପ୍ରମାଣପତ୍ର, ଯୋଗାଯୋଗ ସମ୍ପର୍କିତ ସବିଶେଷ ବିବରଣୀ ଇତ୍ୟାଦି ସହିତ ସେମାନଙ୍କ ବାୟୋଡାଟା ଏହି ନିଯୁକ୍ତି ପ୍ରକାଶନର 15(ପନ୍ଦର) ଦିନ ମଧ୍ୟରେ ଚିକିତ୍ସା ନିର୍ଦ୍ଦେଶକ, କେନ୍ଦ୍ରୀୟ ଚିକିତ୍ସାଳୟ, ପୂର୍ବ ତଟ ରେଳପଥ, ମଞ୍ଚେଶ୍ୱର, ଭୁବନେଶ୍ୱର-751017ଙ୍କ ନିକଟରେ ଦାଖଲ କରିପାରିବେ ।

ସଂପୂର୍ଣ୍ଣ ବିବରଣୀ ନିମନ୍ତେ www.eastcoastrail.indianrailways.gov.in ଅବଲୋକନ କରନ୍ତୁ ।

ପ୍ରମୁଖ ମୁଖ୍ୟ କାର୍ମିକ ଅଧିକାରୀ, ଭୁବନେଶ୍ୱର

PR-419/J/18-19



## ୟୁକୋ ବ୍ୟାଙ୍କ

ବ୍ରଜରାଜନଗର ଶାଖା
ରେଳ ଷ୍ଟେସନ୍ ସମ୍ମୁଖ, ପୋ : ବ୍ରଜରାଜନଗର
ଜିଲ୍ଲା : ଝାରସୁଗୁଡା - ୭୬୮୨୧୬ (ଓଡିଶା)

## ଦଖଲ ନୋଟିସ

(ସ୍ଥାବର ସମ୍ପତ୍ତି ନିମନ୍ତେ ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ ୮)

ନିମ୍ନ ସ୍ୱାକ୍ଷରକାରୀ ୟୁକୋ ବ୍ୟାଙ୍କ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ଧାରା ୧୩(୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ)ରୁଲ୍ସ ୨୦୦୨ର ରୁଲ ୮ ଅନୁସାରେ ନିମ୍ନଲିଖିତ ରଣଗ୍ରହୀତା (ମାନ)ଙ୍କୁ କଥିତ ଆକ୍ଟର ଧାରା ୧୩(୨) ଅନୁସାରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ନୋଟିସ୍ ପାଇବାର ୬୦ ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା ।

ଯେହେତୁ ରଣଗ୍ରହୀତା (ମାନେ) ସେମାନଙ୍କର ଦେୟ ପଇଠ କରିବାରେ ବିଫଳ ହେଲେ ସେହେତୁ ରଣଗ୍ରହୀତା, ଜାମିନ୍‌ଦାର ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଅଯାଉଅଛି କି ଉପର କଥିତ ଆଇନର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ ୮ ଅନୁସାରେ କ୍ଷମତାପ୍ରାପ୍ତ ନିମ୍ନସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିକୁ ଦଖଲ ନେଇଛନ୍ତି ।

ତେଣୁ ବିଶେଷତଃ ରଣଗ୍ରହୀତା ଓ ଜାମିନଦାର ଏବଂ ସର୍ବସାଧାରଣଙ୍କୁ ଏତଦ୍ ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତିଗୁଡିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ଏବଂ ସେବାବଦ ସୁଧ ଓ ଅନ୍ୟାନ୍ୟ ଖର୍ଚ୍ଚ ପାଇଁ ୟୁକୋ ବ୍ୟାଙ୍କ ନିକଟରେ ଉତ୍ତରଦାୟୀ ରହିବେ ।

### ସ୍ଥାବର ସମ୍ପତ୍ତିର ସମ୍ପୂର୍ଣ୍ଣ ବିବରଣୀ

| ରଣଗ୍ରହୀତା/ଜାମିନ୍‌ଦାରମାନଙ୍କ ନାମ ଓ ଠିକଣା | ନୋଟିସ ଅନୁଯାୟୀ ବକେୟାରାଶିର ପରିମାଣ | ଡିମାଣ୍ଡ ନୋଟିସ୍/ ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିର ସମ୍ପୂର୍ଣ୍ଣ ବିବରଣୀ |
|---|---|---|---|
| **ରଣଗ୍ରହୀତାମାନେ : ଶ୍ରୀ କରୁଣାକର ଦାସ,** ପିତା : କାର୍ତ୍ତିକ ଚରଣ ଦାସ **ଏବଂ ଶ୍ରୀ ସୁଧାଂଶୁ ଶେଖର ଦାସ,** ପିତା : କାର୍ତ୍ତିକ ଚରଣ ଦାସ, ଉଭୟଙ୍କ ଠିକଣା ସା: ଗୁମାଡେରା (ମେନ୍ ରୋଡ୍), ପୋ : ବେଲପାହାଡ, ଜିଲ୍ଲା : ଝାରସୁଗୁଡା, ପିନ୍-୭୬୮୨୧୭ / **ଜାମିନଦାରମାନେ : (୧) ଶ୍ରୀ କାର୍ତ୍ତିକ ଚରଣ ଦାସ,** ପିତା : ଶ୍ରୀ ନରହରି ଦାସ, ସା : ଗୁମାଡେରା, ପୋ : ବେଲପାହାଡ, ଜିଲ୍ଲା : ଝାରସୁଗୁଡା, ପିନ୍-୭୬୮୨୧୭, **(୨) ଶ୍ରୀ ବସନ୍ତ କୁମାର ବିଶ୍ୱାଳ,** ପିତା : ଶ୍ରୀ ହରି ବିଶ୍ୱାଳ, ସା : ଗୁମାଡେରା (ଗୌନ୍ତିଆପଡା), ପୋ : ବେଲପାହାଡ, ଜିଲ୍ଲା : ଝାରସୁଗୁଡା, ପିନ୍-୭୬୮୨୧୭ । | ୩୧.୦୫.୨୦୧୮ ସୁଦ୍ଧା ଟ.୨,୮୧,୪୧୮/- + ତତ୍‌ପରବର୍ତ୍ତୀ ସୁଧ ଏବଂ ସେବାବଦ ଅନ୍ୟାନ୍ୟ ଖର୍ଚ୍ଚ | ୧୨.୧୦.୨୦୧୮ / ୨୮.୧୨.୨୦୧୮ | **ଶ୍ରୀ କାର୍ତ୍ତିକ ଚରଣ ଦାସ,** ପିତା : ଶ୍ରୀ ନରହରି ଦାସଙ୍କ ନାମରେ ଥିବା ଜମି ଓ ଗୃହ ଆଦି ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା : ବେଲପାହାଡ, ଜିଲ୍ଲା : ଝାରସୁଗୁଡା, ଖାତା ନଂ.: ୧୩୨, ପ୍ଲଟ ନଂ.: ୪୩୧୨/୮୨୩୦, କ୍ଷେତ୍ର: ଏକର ୦.୦୪୦ଡିସିମିଲି, ଏବଂ ପ୍ଲଟ ନଂ.: ୮୨୩୧/୮୭୭୬, କ୍ଷେତ୍ର: ଏକର ୦.୦୧୦ଡିସିମିଲି, **ମୋଟ କ୍ଷେତ୍ର : ଏକର୦.୦୫୦ ଡିସିମିଲି ।** |
| **ରଣଗ୍ରହୀତା : ଶ୍ରୀ ବାବୁଲି କୁମାର ଶିଶୁ, ଠିକଣା (୧) :** ପ୍ଲଟ ନଂ. ଏ/୧୦୬, ପ୍ରଥମ ମହଲା, ନୀଓ ହାଇଟ୍ ଆର୍ପାଟମେଣ୍ଟ, ହୋଟେଲ୍ କଣ୍ଟିନେଣ୍ଟାଲ ପଛପଟ, ସରବାହାଲ, ଝାରସୁଗୁଡା, **ଠିକଣା (୨) :** ବିବେକ ବିହାର, ବରପଣ୍ଡା ସମ୍ମୁଖ, (ସିଏ) ବମ୍ବେ ଛକ ନିକଟ, ଜିଲ୍ଲା : ଝାରସୁଗୁଡା, **ଠିକଣା (୩) :** ମାଳିପଡା, ଗୁମାଡେରା, ବେଲପାହାଡ, ଝାରସୁଗୁଡା, **ଠିକଣା (୪) :** ତାରାପଡା, ପୋ : ବାଙ୍ଗୁରୀଗାଁ, ଥାନା : କାକଟପୁର, ଜିଲ୍ଲା : ପୁରୀ, ପିନ୍-୭୫୨୧୧୮ / **ଜାମିନଦାରମାନେ : (୧) ଶ୍ରୀ ରମେଶ ଚନ୍ଦ୍ର ସା,** ପିତା : ୰ ପୂର୍ଣ୍ଣ ଚନ୍ଦ୍ର ସା, **(୨) ଶ୍ରୀ ଜିତେନ୍ଦ୍ର ସା, (୩) ଶ୍ରୀ ମୋତିରାମ ସା, (୪) ଶ୍ରୀ ଥଣ୍ଡାରାମ ସା,** ସମସ୍ତେ ଶ୍ରୀ କୃଷ୍ଣ ଚନ୍ଦ୍ର ସାଙ୍କ ଉତ୍ତରାଧିକାରୀମାନେ, ସମସ୍ତଙ୍କ ବାସସ୍ଥାନ ଜଗନ୍ନାଥ ମନ୍ଦିର ନିକଟ, ସରଣ୍ଡାମାଲ, ଲଖନପୁର, ଝାରସୁଗୁଡା । | ୨୮.୦୨.୨୦୧୮ ସୁଦ୍ଧା ଟ.୬୫,୭୧,୮୬୬.୭୩ + ତତ୍‌ପରବର୍ତ୍ତୀ ସୁଧ ଏବଂ ସେବାବଦ ଅନ୍ୟାନ୍ୟ ଖର୍ଚ୍ଚ | ୧୭.୦୯.୨୦୧୮ / ୨୮.୧୨.୨୦୧୮ | **ଶ୍ରୀ କୃଷ୍ଣ ଚନ୍ଦ୍ର ସା ଓ ଶ୍ରୀ ରମେଶ ଚନ୍ଦ୍ର ସା,** ପିତା : ୰ ପୂର୍ଣ୍ଣ ଚନ୍ଦ୍ର ସାଙ୍କ ନାମରେ ଥିବା ଜମି ଓ ଗୃହ ଆଦି ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା : ସରଣ୍ଡାମାଲ, ଜିଲ୍ଲା : ଝାରସୁଗୁଡା, ଖାତା ନଂ.: ୧୧୯, ପ୍ଲଟ ନଂ.: ୧୦୯୬, କ୍ଷେତ୍ର: ଏକର ୦.୧୦୦ଡିସିମିଲି । |
| **ରଣଗ୍ରହୀତାମାନେ : ଶ୍ରୀମତୀ ବିଷ୍ଣୁ ପ୍ରିୟା ପଟ୍ଟନାୟକ,** ସ୍ୱାମୀ : ରଞ୍ଜନ କୁମାର ପଟ୍ଟନାୟକ ଓ **ଶ୍ରୀ ରଞ୍ଜନ କୁମାର ପଟ୍ଟନାୟକ,** ପିତା : ଶୁକ ପଟ୍ଟନାୟକ, ଉଭୟଙ୍କ ଠିକଣା ସା : ଗୁମାଡେରା (ମହୁଲପଡା), ପୋ : ବେଲପାହାଡ, ଜିଲ୍ଲା : ଝାରସୁଗୁଡା, ପିନ୍-୭୬୮୨୧୭ / **ଜାମିନଦାରମାନେ : (୧) ଶ୍ରୀ ପ୍ରିୟବ୍ରତ ଦତ୍ତ,** ପିତା : ଶ୍ରୀ ଅମ୍ବିକା ପ୍ରସାଦ ଦତ୍ତ, ସା : ଗୁମାଡେରା, ପୋ : ବେଲପାହାଡ, ଜିଲ୍ଲା : ଝାରସୁଗୁଡା, ପିନ୍-୭୬୮୨୧୭, **(୨) ଶ୍ରୀ ସୁଶାନ୍ତ ପ୍ରମାଣିକ,** ପିତା : ଶ୍ରୀ କହ୍ନାଇଁଲାଲ ପ୍ରମାଣିକ, ସା : ଗୁମାଡେରା (ମଳିପଡା), ପୋ : ବେଲପାହଡ, ଜିଲ୍ଲା : ଝାରସୁଗୁଡା, ପିନ୍-୭୬୮୨୧୭ । | ୩୦.୦୧.୨୦୧୮ ସୁଦ୍ଧା ଟ.୭,୩୧,୪୯୭/- + ତତ୍‌ପରବର୍ତ୍ତୀ ସୁଧ ଏବଂ ସେବାବଦ ଅନ୍ୟାନ୍ୟ ଖର୍ଚ୍ଚ | ୦୮.୧୦.୨୦୧୮ / ୨୮.୧୨.୨୦୧୮ | **ଶ୍ରୀମତୀ ବିଷ୍ଣୁପ୍ରିୟା ପଟ୍ଟନାୟକ,** ସ୍ୱାମୀ : ଶ୍ରୀ ରଞ୍ଜନ କୁମାର ପଟ୍ଟନାୟକଙ୍କ ନାମରେ ଥିବା ଜମି ଓ ଗୃହ ଆଦି ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା : ବେଲପାହାଡ, ଜିଲ୍ଲା : ଝାରସୁଗୁଡା, ଖାତା ନଂ.: ୧୨୬୧/୩୪୭୮, ପ୍ଲଟ ନଂ.: ୩୭୯୭/୯୮୮୯, କ୍ଷେତ୍ର: ଏକର ୦.୦୯୫ଡିସିମିଲି । |
| **ରଣଗ୍ରହୀତା : ଶ୍ରୀ ରାମ ପ୍ରସାଦ ବାଗ୍,** ପିତା : ୰ ନରେନ ବାଗ୍, ସା : ସହଜବାହାଲ, ପୋ : ଚାରପାଲି-ବରପାଲି, ଜିଲ୍ଲା : ଝାରସୁଗୁଡା, ପିନ୍-୭୬୮୨୧୧ / **ଜାମିନଦାରମାନେ : (୧) ଶ୍ରୀ ନିରଞ୍ଜନ ବାଗ୍,** ପିତା : ଶ୍ରୀ ଦୈତାରୀ ବାଗ୍, ସା : ସହଜବାହାଲ, ପୋ : ଚାରପାଲି-ବରପାଲି, ଜିଲ୍ଲା : ଝାରସୁଗୁଡା, ପିନ୍-୭୬୮୨୧୧, **(୨) ଶ୍ରୀ ହେମସାଗର ସେଠ୍,** ପିତା : ଶ୍ରୀ ଦୋଳମଣି ସେଠ୍, ସା : ଗୌରପଡା, ପୋ : ଆର.କୁଦୋପାଲି, ଜିଲ୍ଲା : ଝାରସୁଗୁଡା, ପିନ୍-୭୬୮୨୧୭ । | ୩୧.୦୮.୨୦୧୮ ସୁଦ୍ଧା ଟ.୨୬,୨୨,୧୭୮/- + ତତ୍‌ପରବର୍ତ୍ତୀ ସୁଧ ଏବଂ ସେବାବଦ ଅନ୍ୟାନ୍ୟ ଖର୍ଚ୍ଚ | ୦୮.୧୦.୨୦୧୮ / ୨୮.୧୨.୨୦୧୮ | **ଶ୍ରୀ ରାମ ପ୍ରସାଦ ବାଗ୍,** ପିତା : ୰ ନରେନ ବାଗଙ୍କ ନାମରେ ଥିବା ଜମି ଓ ଗୃହ ଆଦି ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା : ବରପାଲି, ପୋ : ଚାରପାଲି-ବରପାଲି, ଜିଲ୍ଲା : ଝାରସୁଗୁଡା, ଖାତା ନଂ.: ୧୮୦/୨୪୬, ପ୍ଲଟ ନଂ.: ୮୯, କ୍ଷେତ୍ର: ଏକର ୦.୨୦୦ଡିସିମିଲି । |
| **ରଣଗ୍ରହୀତାମାନେ : ମହମଦ୍ ଜମାଲୁଦ୍ଦିନ୍,** ପିତା : ୰ ମହମଦ୍ ଅଲିହୁସେନ୍ **ଏବଂ ମହମଦ୍ ଗୁଲାମ ରବ୍ବାନି,** ପିତା : ମହମଦ୍ ଜମାଲୁଦ୍ଦିନ୍, ସା : ବିଟିସି ଟାୟାର ସପ୍, ଜୁନାଡିହି, ରୋଲ୍‌ୱେ ଫାଟକ ନିକଟ, ପୋ : ବେଲପାହାଡ, ଜିଲ୍ଲା : ଝାରସୁଗୁଡା, ପିନ୍-୭୬୮୨୧୭ / **ଜାମିନଦାରମାନେ : (୧) ଶ୍ରୀ ଉମା ଶଙ୍କର ନାଥ,** ପିତା : କୃଷ୍ଣ ଚନ୍ଦ୍ର ନାଥ, **(୨) ଶ୍ରୀ ନିରଞ୍ଜନ କୁମାର ନାଥ,** ପିତା : କୃଷ୍ଣ ଚନ୍ଦ୍ର ନାଥ, ଉଭୟଙ୍କ ଠିକଣା: ଗୁମାଡେରା, ମାଉସୀ ମା ମନ୍ଦିର ନିକଟ, ବେଲପାହାଡ, ଜିଲ୍ଲା : ଝାରସୁଗୁଡା - ୭୬୮୨୧୭, **(୩) ମହମଦ୍ ଅଜିଜୁଲ୍ ଅଲିମ୍,** ପିତା : ଅବ୍ଦୁଲ୍ ଲତିଫ୍, **(୪) ମହମଦ୍ ଇଷାକି,** ପିତା : ମହମଦ୍ ଅଜିଜୁଲ୍ ଅଲିମ୍, ଉଭୟଙ୍କ ଠିକଣା: ମିର୍ଦ୍ଧାଡେରା, ୨ୟ ରୋଲୱେ ଫାଟକ ନିକଟ, ଗୁମାଡେରା, ବେଲପାହାଡ, ଜିଲ୍ଲା : ଝାରସୁଗୁଡା-୭୬୮୨୧୭ । | ୩୧.୦୮.୨୦୧୮ ସୁଦ୍ଧା ଟ.୩୦,୭୪,୮୫୬.୭୫ + ତତ୍‌ପରବର୍ତ୍ତୀ ସୁଧ ଏବଂ ସେବାବଦ ଅନ୍ୟାନ୍ୟ ଖର୍ଚ୍ଚ | ୦୮.୧୦.୨୦୧୮ / ୨୮.୧୨.୨୦୧୮ | **ମହମଦ୍ ଜାମୁଲଉଦ୍ଦିନ୍,** ପିତା : ୰ ମହମଦ୍ ଅଲିହୁସେନ୍‌ଙ୍କ ନାମରେ ଥିବା ଜମି ଓ ଗୃହ ଆଦି ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା : ବେଲପାହାଡ, ଜିଲ୍ଲା : ଝାରସୁଗୁଡା, ଖାତା ନଂ.: ୧୨୬୧/୩୫୩୨, ପ୍ଲଟ ନଂ.: ୨୦୪୫/୧୭୩୩୪, କ୍ଷେତ୍ର: ଏକର ୦.୧୩୫ଡିସିମିଲି । |

ସ୍ଥାନ: ବ୍ରଜରାଜନଗର
ତାରିଖ : ୦୨.୦୧.୨୦୧୯

କ୍ଷମତାପ୍ରାପ୍ତ ଅଧିକାରୀ
ୟୁକୋ ବ୍ୟାଙ୍କ


# ଭାଜପା ପକ୍ଷରୁ ଜନ ପରାମର୍ଶ ପଦଯାତ୍ରା



ପଦଯାତ୍ରାରେ ସାମିଲ ହୋଇଥିବା ଭାଜପା କର୍ମୀ।

ରାଜନଗର,୨।୧(ଡିଏନଏ)

ରାଜନଗର ବ୍ଲକ ସାତଭାୟା ପଞ୍ଚାୟତରେ ଜନପରାମର୍ଶପଦଯାତ୍ରା ବୁଧବାର ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ବିଧାୟକ ଅଲେଖ କୁମାର ଜେନା ଏହି ପଦଯାତ୍ରାରେ ସାମିଲ ହୋଇ କେନ୍ଦ୍ରସରକାରଙ୍କ ବିଭିନ୍ନ ବିକାଶମୂଳକ ଯୋଜନା ସଂପର୍କରେ ଅବଗତ କରାଇଥିଲେ। ଏହି ପଦଯାତ୍ରାରେ ଯୁବ ସଂଯୋଜକ ଧୀରେନ ବିଶ୍ୱାଳ, ଭାଜପା ନେତା ସୁବାଷ ଚନ୍ଦ୍ର ରାଉତ, ଅର୍ଜୁନ ଚରଣ ବିଶ୍ୱାଳ, ଭାଗବତ ପ୍ରସାଦ ରଥ, ସାତଭାୟା ପଞ୍ଚାୟତ ସଭାପତି ନୀଳମଣି ଦାସ, ନିହାର ରଞ୍ଜନ ବିଶ୍ୱାଳ, ବାମଦେବ ଓଝା ପ୍ରମୁଖ ଯୋଗ ଦେଇଥିଲେ।

# ଠାକୁରଙ୍କ ଦର୍ଶନ ଓ ବଣଭୋଜି କରି ନୂଆବର୍ଷକୁ ସ୍ୱାଗତ

ମାର୍ଶାଘାଇ,୨।୧(ଡିଏନଏ)

ମଙ୍ଗଳବାର ମାର୍ଶାଘାଇର ବିଭିନ୍ନ ସ୍ଥାନରେ ଜନସାଧାରଣ ନୂଆବର୍ଷକୁ ଉତ୍ସାହର ସହ ସ୍ୱାଗତ କରିଛନ୍ତି। କେହି ବଣ ଭୋଜି କରି କିମ୍ବା ମନ୍ଦିରରେ ଠାକୁର ଦର୍ଶନ କରି ପୁରୁଣା ବର୍ଷକୁ ବିଦାୟ ଦେବା ସହିତ ନୂଆବର୍ଷ ୨୦୧୯କୁ ସ୍ୱାଗତ କରିଥିବା ଦେଖିବାକୁ ମିଳିଥିଲା। ପ୍ରସିଦ୍ଧ ଶକ୍ତିପୀଠ ଗୋଜବାୟାଣୀ ମନ୍ଦିର ପରିସରରେ ୫ ହଜାରରୁ ଅଧିକ ଶ୍ରଦ୍ଧାଳୁ ମା' ଗୋଜବାୟାଣୀଙ୍କ ଦର୍ଶନ କରିବା ସହିତ ନିକଟସ୍ଥ ଜଙ୍ଗଲରେ ବଣଭୋଜି କରିଥିଲେ। ସେହିପରି ଲୁଣା ଏବଂ ଚିତ୍ରୋତ୍ପଳା ନଦୀର ସଙ୍ଗମ ସ୍ଥଳର ନଦୀପଠା ବାଲିକଷୋଟି ଝାଉଁବଣରେ ଯୁବତୀଯୁବକମାନେ ବଣଭୋଜି କରି ଡିଜେ ବଜାଇ ନୃତ୍ୟଗୀତର ଆସରରେ ନୂଆବର୍ଷକୁ ସ୍ୱାଗତ କରିଥିଲେ। ମାର୍ଶାଘାଇ ଯଜ୍ଞ ମଠ ପ୍ରାଙ୍ଗଣରେ ହଜାରରୁ ଉର୍ଦ୍ଧ୍ୱ ଯୁବକ ଏବଂ ଛାତ୍ର ବଣଭୋଜି କରିଥିଲେ। ଦଶିପୁରର ଉମାମହେଶ୍ୱର ମନ୍ଦିର, କୁସୁନପୁରର ଆଖଣ୍ଡଳମଣି ମନ୍ଦିର, କରିଲୋପାଟଣାର ହନୁମାନ ମନ୍ଦିର, ବେରୁହାଁର ମିଳିମିଳା ଠାକୁରାଣି ମନ୍ଦିରରେ ଶ୍ରଦ୍ଧାଳୁମାନେ ନୂଆବର୍ଷକୁ ସ୍ୱାଗତ କରି ଆଶୀର୍ବାଦ ଭିକ୍ଷା କରିଥିଲେ।




## ସଂକ୍ଷେପରେ

### ବିଦ୍ୟାଳୟ ଓ ଦୋକାନରୁ ଚୋରି

**ନାଉଗାଁ,୨।୧(ସ୍ୱ.ପ୍ର.):** ନାଉଗାଁ ବ୍ଲକ ଡେରିକି ପଞ୍ଚାୟତର ବାଲିଚନ୍ଦ୍ରପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ମଙ୍ଗଳବାର ରାତିରେ ଚୋରି ହୋଇଛି। ଦୁର୍ବୃତ୍ତମାନେ ବିଦ୍ୟାଳୟ ପାଚେରି ଡେଇଁ ୨ ଶ୍ରେଣୀଗୃହର ତାଲା ଭାଙ୍ଗି ମଧାହ୍ନଭୋଜନ ଚାଉଳ ୪୦ କିଗ୍ରା, ରେଡିଓ ଓ କାନ୍ଥ ଘଣ୍ଟା ନେଇଯାଇଥିବା ପ୍ରଧାନ ଶିକ୍ଷକ ବିଭୁତିଭୂଷଣ ବିଶ୍ୱାଳ ଗାରୋଇ ଫାଣ୍ଡିରେ ଅଭିଯୋଗ କରିଛନ୍ତି। ସେହିପରି ବିଦ୍ୟାଳୟ ସମ୍ମୁଖରେ ଥିବା ଜଳଖିଆ ଦୋକାନ ତାଲା ଭାଙ୍ଗି ଏକ ଗ୍ରାଇଣ୍ଡର, ରନ୍ଧନ ଗ୍ୟାସ୍ ଥିବା ଏକ ସିଲିଣ୍ଡର, ଅଧା ଗ୍ୟାସ୍ ଥିବା ଏକ ସିଲିଣ୍ଡର ଓ ୫ଶହ ଟଙ୍କା ନେଇଯାଇଥିବା ଦୋକାନ ମାଲିକ ଶରତ ଜେନା ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇବା ପରେ ଫାଣ୍ଡି ଅଧିକାରୀ ରମେଶ ଚନ୍ଦ୍ର ଖଣ୍ଡୁଆଳ ପହଞ୍ଚି ତଦନ୍ତ କରିଛନ୍ତି।

### ସରପଞ୍ଚଙ୍କୁ ଶୁଭେଚ୍ଛା ଜଣାଇଲା ବାପୁଜି ବଜାର କମିଟି



**ବାଲିଆ,୨।୧:** ବିରିଡ଼ି ବ୍ଲକ ବାପୁଜୀ ବଜାର କମିଟି ତରଫରୁ କୁଳକଇଜଙ୍ଗା ସରପଞ୍ଚ ଜ୍ୟୋତ୍ସ୍ନାରାଣୀ ବେହେରାଙ୍କୁ ନବ ବର୍ଷର ଶୁଭେଚ୍ଛା ଜ୍ଞାପନ କରାଯାଇଛି। ବଜାର କମିଟି ସଭାପତି ଅରୁଣ ପ୍ରସାଦ ସାହୁ, ସମ୍ପାଦକ ବେଣୁଧର ବାରିକ, ସଦସ୍ୟ ଜୀବନ ପାତ୍ର, ବିଜୟ ସ୍ୱାଇଁ ଓ ଅନ୍ୟମାନେ ସରପଞ୍ଚଙ୍କୁ ପୁଷ୍ପଗୁଚ୍ଛ ଦେଇ ଅଭିନନ୍ଦନ ଜଣାଇଛନ୍ତି।

### ବୈଦିକ ପଣ୍ଡିତ ସମ୍ମିଳନୀ



**ତିର୍ତ୍ତୋଲ,୨।୧(ଡି.ଏନ.ଏ.):** ତିର୍ତ୍ତୋଲ ବ୍ଲକ କନିମୂଳ ପଞ୍ଚାୟତର ପ୍ରସିଦ୍ଧ ଚକ୍ଷୁ ଆରୋଗ୍ୟ ପୀଠ ମା' ଦିଗବାରୁଣୀ କ୍ଷେତ୍ର ପରିସରରେ ମଙ୍ଗଳବାର ବୈଦିକ ପଣ୍ଡିତମାନଙ୍କ ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ପଣ୍ଡିତ ନୃସିଂହ ଚରଣ ପତି ପୌରୋହିତ୍ୟ କରିଥିଲେ। ମନ୍ଦିର ମୁଖଶାଳାରେ ସର୍ବପ୍ରଥମେ ଷୋଡ଼ଶ ଉପଚାର ପୂଜା ସହିତ ବିଶ୍ୱଶାନ୍ତି ଉଦ୍ଦେଶ୍ୟରେ ଏକଶତ ଅଷ୍ଟୋତ୍ତର ଆହୂତି ପ୍ରଦାନ କରାଯାଇଥିଲା। ବାସ୍ତୁ ସଦନ ଅଧକ୍ଷ ପଣ୍ଡିତ ବିରଞ୍ଚି ନାରାୟଣ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ରାମାୟଣୀ ପଣ୍ଡିତ ଅଭୟ ଦାଶ ମୁଖ୍ୟଅତିଥି, ଅବସରପ୍ରାପ୍ତ ଶିକ୍ଷକ ତଥା ବୈଦିକ ପଣ୍ଡିତ ନିରଞ୍ଜନ ଦାଶ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶ୍ରୀକ୍ଷେତ୍ରରେ ଚତୁର୍ଦ୍ଧା ବିଗ୍ରହଙ୍କ ନବକଳେବର ସମୟରେ ପ୍ରାଣପ୍ରତିଷ୍ଠା କରିଥିବା ସେବକ ସାମନ୍ତ ବିନାୟକ ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପଣ୍ଡିତ ଆଲୋକ ନନ୍ଦଶର୍ମା, ଭାଗ୍ୟଧର ଷଡ଼ଙ୍ଗୀ, ଅଜୟ ପାଢ଼ୀ, ସଚ୍ଚିଦାନନ୍ଦ ପତି, ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ, ଆଶୁତୋଷ ଆଚାର୍ଯ୍ୟ, ଶୁଭକାନ୍ତ ମିଶ୍ର, ରବିନାରାୟଣ ନନ୍ଦ, ପ୍ରତାପ ଦାଶ, ସୌମ୍ୟରଞ୍ଜନ ଦାଶ, ପ୍ରଣ୍ଡିତ ପ୍ରଭାତ କର, ଦିଗବାରୁଣୀଙ୍କ ପାଳିଆ ସେବକ ପ୍ରଫୁଲ୍ଲ ପତି ଉପସ୍ଥିତ ଥିଲେ।

### କୋର୍ଟ ପରିସରରେ ନବ ବର୍ଷ ପାଳିତ

**କୁଜଙ୍ଗ,୨।୧(ସ୍ୱ.ପ୍ର.):** କୁଜଙ୍ଗ ବିଚାର ବିଭାଗୀୟ ଅଦାଲତରେ ବୁଧବାର ବିଚାରପତିମାନଙ୍କୁ ଓକିଲ ସଂଘ ପକ୍ଷରୁ ନୂତନ ବର୍ଷର ଶୁଭେଚ୍ଛା ଜ୍ଞାପନ କରାଯାଇଛି। କୁଜଙ୍ଗ ସବଜଜ୍ ଅଭିଳାଷ ସେନାପତି, ସିଭିଲ ଜଜ ଜୁନିୟର ଡିଭିଜନ ଅମିତାଭ ପଣ୍ଡା, କୁଜଙ୍ଗ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଜଜ୍ ସୁଶ୍ରୀ ମାମି ବେହେରା ଅଦାଲତକୁ ଆସିବାପରେ ଓକିଲ ସଂଘ ସଭାପତି ଏ.ଏନ୍.ଡି. ଯାଦବ, ସମ୍ପାଦକ କାର୍ତ୍ତିକଚନ୍ଦ୍ର ମହାନ୍ତିଙ୍କ ନେତୃତ୍ୱରେ ଓକିଲମାନେ ସେମାନଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ଅଭିନନ୍ଦନ ଜଣାଇଥିଲେ। ବିଚାରପତିମାନେ ମଧ ଓକିଲଙ୍କୁ ନୂତନ ବର୍ଷର ଅଭିନନ୍ଦନ ଜଣାଇଥିଲେ। ସଂଘ ଉପସଭାପତି ଦାମୋଦର ସ୍ୱାଇଁ, ସୁଶାନ୍ତ ପଟ୍ଟନାୟକ, ଭାରତଭୂଷଣ ଦାସ, ମାନସ କୁମାର ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

■ ରାଜ୍ୟ ବିଦ୍ୟାଳୟ ସମୂହ ହ୍ୟାଣ୍ଡବଲ୍ ପ୍ରତିଯୋଗିତା

# ସାମିଲ ହେଲେ ୧୧ ଜିଲାର ୧୬୨ ପ୍ରତିଯୋଗୀ



ପ୍ରତିଯୋଗିତାରେ ଯୋଗ ଦେଇଥିବା ମଞ୍ଚାସୀନ ଅତିଥି।



ଭାଗ ନେଇଥିବା ପ୍ରତିଯୋଗୀ।

**ଜଗତ୍‌ସିଂହପୁର ଅଫିସ,୨।୧**

ସ୍ଥାନୀୟ ଶ୍ରୀକୃଷ୍ଣ (ଏସ୍‌କେ) ଏକାଡେମୀ ପରିସରରେ ବୁଧବାର ରାଜ୍ୟ ବିଦ୍ୟାଳୟ ସମୂହ ହ୍ୟାଣ୍ଡବଲ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଛି। ଏଥିରେ ୧୧ ଜିଲାର ୧୬୨ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ଏଥିସହ ୬୮ ଜଣ ପରିଚାଳକ ଯୋଗ ଦେଇଛନ୍ତି। ଜିଲା ଶିକ୍ଷା ଅଧିକାରୀ ପ୍ରତିଭା ମଞ୍ଜରୀ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦ୍‌ଘାଟନ ଉତ୍ସବରେ ଅତିରିକ୍ତ ଜିଲାପାଳ ସଚ୍ଚିଦାନନ୍ଦ ସାହୁ ମୁଖ୍ୟଅତିଥି, ସର୍ବଶିକ୍ଷା ଅଭିଯାନ ଜିଲା ପ୍ରକଳ୍ପ ସଂଯୋଜକ ସପନ କୁମାର ଜେନା ମୁଖ୍ୟବକ୍ତା, ଜିଲା ଶିକ୍ଷା ବିଭାଗ ସହକାରୀ ନିର୍ଦ୍ଦେଶକ ଲକ୍ଷ୍ମୀପ୍ରିୟା ଦେଇ, ଜିଲା ବିଜ୍ଞାନ ପରିଦର୍ଶକ ସୁଭାଷ ଚନ୍ଦ୍ର ରାଉତ, ହ୍ୟାଣ୍ଡବଲ୍ ସଙ୍ଗଠନ ସଭାପତି ବିପ୍ଳବ ଚୌଧୁରୀ, ଜିଲା ଶାରୀରିକ ଶିକ୍ଷା ପରିଦର୍ଶକ ରାମଚନ୍ଦ୍ର ସ୍ୱାଇଁ, ପ୍ରଧାନ ଶିକ୍ଷକ ଶରତ ଚନ୍ଦ୍ର ବାରିକ, ରାଜ୍ୟ ହ୍ୟାଣ୍ଡବଲ କ୍ରୀଡ଼ାର ଅନ୍ୟତମ ପ୍ରାଣ ପ୍ରତିଷ୍ଠାତା ପ୍ରିୟନାଥ ରାୟ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କ୍ରୀଡ଼ା ମଣିଷକୁ ଶୃଙ୍ଖଳା ଓ ସହନଶୀଳତା ଶିଖାଏ। ମଣିଷ ପଣିଆ ଜାଗ୍ରତ କରିବା ପାଇଁ କ୍ରୀଡ଼ା ଏକ ବଳିଷ୍ଠ ମାଧ୍ୟମ ବୋଲି ଅତିଥିମାନେ କହିଥିଲେ। ରାଜ୍ୟ ବିଦ୍ୟାଳୟ ସମୂହ କ୍ରୀଡ଼ା ସଙ୍ଗଠନ ଓ ଜିଲା ବିଦ୍ୟାଳୟ ସମୂହ କ୍ରୀଡ଼ା ସଙ୍ଗଠନ ମିଳିତ ସହଯୋଗରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏସ୍. କେ. ଏକାଡେମୀର ପ୍ରଧାନ ଶିକ୍ଷକ ସନାତନ ଖୁଣ୍ଟିଆ ଅତିଥି ପରିଚୟ ଓ ଶିକ୍ଷକ କେଶବା ନନ୍ଦ ସାହୁ ଧନ୍ୟବାଦ ଦେଇଥିଲେ। ଜଗତ୍‌ସିଂହପୁର ଜିଲା ଶାରୀରିକ ଶିକ୍ଷା ପରିଦର୍ଶକଙ୍କୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷକ ଚନ୍ଦନ ବେହେରା, ମାନସ ଖଣ୍ଡୁଆଳ, ଧର୍ମେନ୍ଦ୍ର ଦାସ, ସୁଚିସ୍ମିତା ସ୍ୱାଇଁ, କେଶବାନନ୍ଦ ସାହୁ, ସୁଶାନ୍ତ ଦାସ, ବେଣୁଧର ମହାନ୍ତି, ଅଭୟ ମହାନ୍ତି, କୃତିବାସ ରାଉତ, ଶୁକଦେବ ଜେନା, ଭାଗ୍ୟଲକ୍ଷ୍ମୀ ପାଲ, ନିରୂପମା ରାଉତ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## କୁଶୁପୁରରେ ମିନି ଷ୍ଟାଡିୟମ ଶିଳାନ୍ୟାସ

**ବାଲିକୁଦା, ୨।୧(ସ୍ୱ.ପ୍ର.)**

ବାଲିକୁଦା ବ୍ଲକ କୁଶୁପୁର ପଞ୍ଚାୟତରେ ନଟବର ଫାଉଣ୍ଡେଶନ ଆଣ୍ଡ ସୋସିଆଲ ୱାର୍କର୍ସ ରିସର୍ଚ୍ଚ ସେଣ୍ଟର ନାମକ ଏକ ମିନି ଷ୍ଟାଡିୟମ ପାଇଁ ଶିଳାନ୍ୟାସ ହୋଇଛି। ୪ ନମ୍ବର ଜୋନ ଜିଲ୍ଲାପରିଷଦ ସଦସ୍ୟା ବବିତା ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଶିଳାନ୍ୟାସ କରିଛନ୍ତି। ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ସ୍ୱର୍ଗତ ନଟବର ହାତୀଙ୍କ ନାମରେ ଏହି ଷ୍ଟାଡିୟମର ନାମକରଣ ହୋଇଛି। ଏହି ଅବସରରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ସ୍ୱାଇଁ ସ୍ୱର୍ଗତ ହାତୀଙ୍କ ଜୀବନ ଆଦର୍ଶ ଓ ବାଲିକୁଦା ବ୍ଲକ ପାଇଁ ତାଙ୍କର ଭଲପାଇବା ଉପରେ ଆଲୋକପାତ କରିଥିଲେ। ଏହି ଶିଳାନ୍ୟାସ ଉତ୍ସବରେ ଅନ୍ୟତମ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ମଧୁସ୍ମିତା ସାହୁ, ଉପାଧ୍ୟକ୍ଷ ରାଖାଲ ଚନ୍ଦ୍ର ଦାସ, ସ୍ୱର୍ଗତ ହାତୀଙ୍କ ପୁଅ ତଥା ପୂର୍ବତନ ସରପଞ୍ଚ ପ୍ରଶାନ୍ତ କୁମାର ହାତୀ, ବୋହୂ ତଥା କୁଶୁପୁର ସରପଞ୍ଚ ମମତା ମଞ୍ଜରୀ ହାତୀ, ଅନ୍ତପୁର ସମିତିସଭ୍ୟ ରମେଶ ପଲେଇ, ଯୁବ ସାମାଜିକ କର୍ମୀ ସୁରେଶ ସ୍ୱାଇଁ ପ୍ରମୁଖ ଯୋଗଦେଇ ଏଠାରେ ମିନି ଷ୍ଟାଡିୟମ କରି ସ୍ୱର୍ଗତ ହାତୀଙ୍କ ଅଧୁରା ସ୍ୱପ୍ନକୁ ସଫଳ କରାଯିବା ଦିଗରେ ପଦକ୍ଷପ ନିଆଯାଇଛି ବୋଲି କହିଥିଲେ। ପଣ୍ଡିତ ପ୍ରଦୀପ୍ତ ପଣ୍ଡା ପୂଜାର୍ଚ୍ଚନା ଓ ଦେବକାନ୍ତ ବିଶ୍ୱାଳ ବେଦପାଠ କରିଥିଲେ। ଉତ୍ସବରେ ଗାଁର ମୁରବୀ ଓ ଯୁବ ଗୋଷ୍ଠୀ ଉପସ୍ଥିତ ଥିଲେ।

## ୧୨ରେ ଅଲଣାହାଟ ଉଚ୍ଚ ବିଦ୍ୟାଳୟ ପ୍ରତିଷ୍ଠା ଦିବସ



ପ୍ରତିଷ୍ଠା ଦିବସ ଉପଲକ୍ଷେ ହୋଇଥିବା ବୈଠକରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

**ନାଉଗାଁ, ୨।୧(ସ୍ୱ.ପ୍ର.)**

ନାଉଗାଁ ଅଲଣାହାଟ ଉଚ୍ଚ ବିଦ୍ୟାଳୟର ପ୍ରତିଷ୍ଠା ଦିବସ ପାଳନ ପାଇଁ ବିଦ୍ୟାଳୟ ପରିସରରେ ବୁଧବାର ପୁରାତନ ଛାତ୍ରୀଛାତ୍ରଙ୍କ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଆବାହକ ଅକ୍ଷୟ କୁମାର ସାହାଣୀଙ୍କ ସଭାପତିତ୍ୱରେ ଆୟୋଜିତ ସମ୍ମିଳନୀରେ ବଂଶୀଧର ଆଚାର୍ଯ୍ୟ, ଡା. ରାଖାଲ ଚନ୍ଦ୍ର ରାୟ, ରବୀନ୍ଦ୍ର ପଟ୍ଟନାୟକ, ରାଜେନ୍ଦ୍ର ପ୍ରସାଦ ମହାନ୍ତି, ମାଗୁଣି ଲେଙ୍କା, ସଚ୍ଚିଦାନନ୍ଦ ପରିଡ଼ା, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶାରଦା ପ୍ରସାଦ ମିଶ୍ର, ଶିକ୍ଷକ ଉଲ୍ଲାସ ରାୟ, ସରପଞ୍ଚ ନଳିନୀପ୍ରଭା ସାହୁ, ସମିତି ସଭ୍ୟ ମନ୍ମଥ ଓଝା, ବଂଶୀଧର ବେହେରାଙ୍କ ସମେତ ପୁରାତନ ଛାତ୍ରୀଛାତ୍ରମାନେ ଯୋଗ ଦେଇଥିଲେ। ଆସନ୍ତା ୧୨ ଓ ୧୩ ଜାନୁୟାରୀରେ ୨ ଦିନ ଧରି ଏହି ଉତ୍ସବ ପାଳିତ ହେବ ବୋଲି କୁହାଯାଇଥିଲା। ବିଦ୍ୟାଳୟ ପରିସରରେ ଦିବଂଗତ ଛାତ୍ର ତଥା ଡାକ୍ତର ତ୍ରିଲୋଚନ ଜେନାଙ୍କ ସ୍ତ୍ରୀ କୁହୁକିନୀ ରାଉତରାୟଙ୍କ ବଦାନ୍ୟତାରେ ଏକ ସ୍ମାରକ ସ୍ତମ୍ଭ ପ୍ରତିଷ୍ଠା କରାଯାଇଛି। ଏହା ଅତିଥିମାନଙ୍କ ଦ୍ୱାରା ଅନାବରଣ ହେବ। ଉତ୍ସବକୁ ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର, ବୁଦ୍ଧିଜୀବୀ, ଶିକ୍ଷାବିତ୍ ସାଫଲ୍ୟ ମଣ୍ଡିତ କରିବାକୁ ନିବେଦନ କରାଯାଇଥିଲା।

## ଶିଶୁ ଅନନ୍ତ ଆଶ୍ରମରେ କିନ୍ନର ଆଖଡ଼ାର ଶକ୍ତି ପୂଜନ

**ତିର୍ତ୍ତୋଲ, ୨।୧(ଡି.ଏନ.ଏ.)**

ତିର୍ତ୍ତୋଲ ବ୍ଲକ ଶିଶୁ ଅନନ୍ତ ଆଶ୍ରମରେ କିନ୍ନର ଆଖଡ଼ାର ଶକ୍ତି ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ମହାମଣ୍ଡଳେଶ୍ୱର ମୀରା ପରିଡ଼ାଙ୍କ ନେତୃତ୍ୱରେ ସମାଜରେ ଶାନ୍ତି ଓ ସଦ୍‌ଭାବନା ପ୍ରତିଷ୍ଠା ପାଇଁ ବିଭିନ୍ନ ଦେବଦେବୀ ମନ୍ଦିର ଭ୍ରମଣ ଓ ପୂଜନ କରାଯାଉଛି। ଏହି ଅବସରରେ ଶିଶୁ ଅନନ୍ତ ଆଶ୍ରମରେ ଭଗବାନ ଶିଶୁ ଅନନ୍ତ ଓ ମା ଜ୍ୟୋତିପ୍ରଭାଙ୍କ କୃପା ଭିକ୍ଷା କରାଯାଇଥିଲା। ସଭାକୁ ସମ୍ବୋଧିତ କରି ବାବା ବଳିଆ କହିଲେ ଯେ ପ୍ରଥମେ ଆମେ ମଣିଷ, ତା ପରେ ସ୍ତ୍ରୀ କିମ୍ବା ପୁରୁଷ। ମଣିଷ ଭାବରେ ମାନବିକତାକୁ ପ୍ରତିଷ୍ଠା କରିବା ହିଁ ବାସ୍ତବ ଧର୍ମ। ଘୃଣା ମନୋଭାବ ଦ୍ୱାରା ସୁସ୍ଥ ସମାଜ ଗଠନ ଅସମ୍ଭବ। କିନ୍ନର ସମାଜ ପାଇଁ ମଧ ସରକାର ସଂରକ୍ଷଣ ବ୍ୟବସ୍ଥା ଲାଗୁକରନ୍ତୁ। ମହାମଣ୍ଡଳେଶ୍ୱର ମୀରା ପରିଡ଼ା କହିଲେ ଯେ ଆମେ ବଞ୍ଚିବା ପାଇଁ ସଂଘର୍ଷ କରୁଛୁ। ସାମାଜିକ ଘୃଣାକୁ ନେଇ ଶାନ୍ତିରେ ବଞ୍ଚିବା ଅସମ୍ଭବ। ତେଣୁ ସେ ସମସ୍ତଙ୍କ ସ୍ନେହ ସଦିଚ୍ଛା କାମନା କରିଥିଲେ। ସ୍ୱାମୀ ଚିଦାନନ୍ଦ ବ୍ରହ୍ମଚାରୀ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ନୂଆଦିଲ୍ଲୀ କିନ୍ନର ଆଖଡ଼ାର ମହନ୍ତ ନିଲୁ ପ୍ରଧାନ, ସଭାପତି ସୋମନାଥ ମହାନ୍ତି, ରାଷ୍ଟ୍ରୀୟ ସଚିବ ମାଖନ ସିଂ, ଗୋପାଳ ପ୍ରଧାନ, ସାଳିନୀ ଦାସ, ପପୁ ଦାସ, ଶ୍ରଦ୍ଧା କବିତା, ଶିବାନୀ କିନ୍ନର, ବନିତା କିନ୍ନର, ଦିବ୍ୟାଂଶୀ ଜେନା ପ୍ରମୁଖ ଯୋଗ ଦେଇଥିଲେ।

## ନିରାକାର ଠାକୁରଙ୍କ ବାର୍ଷିକୋତ୍ସବ

**ତିର୍ତ୍ତୋଲ,୨।୧(ଡି.ଏନ.ଏ.)**

ତିର୍ତ୍ତୋଲ ବ୍ଲକ ଗୋପାଳପୁର(ଶ) ପଞ୍ଚାୟତ ବେହେଡ଼ପୁର ଗ୍ରାମର ନିରାକାର ଠାକୁରଙ୍କ ବାର୍ଷିକୋତ୍ସବ ରାମାୟଣୀ ପଣ୍ଡିତ ଅଭୟ ଦାଶଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଛି। ଏହି ଉପଲକ୍ଷେ ପ୍ରାତଃରୁ ଗୀତା ପାଠ, ଭଜନ, ହୋମଯଜ୍ଞ, ଆଧାତ୍ମିକ ପ୍ରବଚନ ଓ ସମ୍ବର୍ଦ୍ଧନା ପର୍ବ ଆଦି ସମାପନ ହୋଇଥିଲା। ନାଟ୍ୟଗୁରୁ ବସନ୍ତ ମହାନ୍ତିଙ୍କ ଆବାହକତ୍ୱରେ ସୁଶ୍ରୀ ସସ୍ମିତା ଦାଶ କଳିଯୁଗ ଓ ଭାଗବତ ବିଷୟରେ ବହୁ ଉପାଦେୟ ପ୍ରବଚନ ଦେଇଥିଲେ। ପ୍ରବଚନ ମଞ୍ଚରେ ପଣ୍ଡିତ ସଚ୍ଚିଦାନନ୍ଦ ପତି, ତବଲାରେ ଗୌରାଙ୍ଗ ଗୋଚ୍ଛାୟତ, ହାରମୋନିୟମରେ ପ୍ରଭାତ ରଞ୍ଜନ ନାୟକ ଉପସ୍ଥିତ ଥିବାବେଳେ ଏହି ଏକଦିବସୀୟ ଗୀତା ଯଜ୍ଞରେ ପଣ୍ଡିତ ପ୍ରଭାତ ରଞ୍ଜନ କର, ସୌମ୍ୟରଞ୍ଜନ ଦାଶ, ପୂଜକ ରମାକାନ୍ତ ଦାଶ କାର୍ଯ୍ୟ ସମ୍ପାଦନ କରିଥିଲେ। ଜିଲା ପରିଷଦ ସଭ୍ୟ ସନାତନ ଦଳାଇ, ସରପଞ୍ଚ କୃଷ୍ଣପ୍ରସାଦ ଦାସ, ଅଧାପକ କ୍ଷୀରୋଦ ନାୟକ, ଅବସରପ୍ରାପ୍ତ ଶିକ୍ଷକ ନଗେନ୍ଦ୍ର ବେହେରା ଓ ସୁଧୀର ମହାନ୍ତି ଉପସ୍ଥିତ ଥିଲେ। ବିଶିଷ୍ଟ ତବଲା ବାଦକ ପ୍ରମୋଦ ଦାସଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା।

## ମଙ୍ଗୁଳିରେ ଧାନମଣ୍ଡି ଉଦ୍‌ଘାଟିତ

**ବିରିଡ଼ି,୨।୧(ଡି.ଏନ.ଏ.)**



ଧାନମଣ୍ଡିକୁ ତ୍ରିଲୋଚନ ଜେନା ଉଦ୍‌ଘାଟନ କରୁଛନ୍ତି।

ବିରିଡ଼ି ବ୍ଲକ ମଙ୍ଗୁଳି ପ୍ରାଥମିକ କୃଷି ସମବାୟ ସମିତିରେ ବୁଧବାର ଧାନମଣ୍ଡି ଉଦ୍‌ଘାଟିତ ହୋଇଛି। ଏହାକୁ ସେବା ସମବାୟ ସମିତି ସଭାପତି ତ୍ରିଲୋଚନ ଜେନା ଉଦ୍‌ଘାଟନ କରିଥିଲେ। ସରପଞ୍ଚ ସ୍ତୁତିମଞ୍ଜରୀ ପରିଜା, ସମିତିସଭ୍ୟ ସୁଦର୍ଶନ ମହାନ୍ତି, ଜଗତ୍‌ସିଂହପୁର ଏସଏଆରସିଏସ ନିରଞ୍ଜନ ରାଉତରାୟ, ଏମଆଇ ମୋତିରାମ ଦାସ, ବିଷ୍ଣୁ ପାଇକରାୟ, ଲୋକନାଥ ମହାନ୍ତି, ମୂରଲୀଧର ପାତ୍ର, ଅଶୋକ ମହାନ୍ତି, ପ୍ରଫୁଲ୍ଲ ପଟ୍ଟନାୟକ ଓ ବିଜୟ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ସମ୍ପାଦକ ବିଜୟ ପ୍ରସନ୍ନ ଦାସ ଶୃଙ୍ଖଳା ଓ ସଫା ଧାନ ମଣ୍ଡିକୁ ଆଣିବାକୁ ଚାଷୀଙ୍କୁ ପରାମର୍ଶ ଦେଇଥିଲେ। ସାଧାରଣ ଧାନର ମୂଲ୍ୟ କୁଇଣ୍ଟାଲ ପ୍ରତି ୧୭ ଶହ ୫୦ ଟଙ୍କା ରହିଥିବାବେଳେ ଏ ଗ୍ରେଡ ଧାନ କୁଇଣ୍ଟାଲ ପ୍ରତି ୧୭ ଶହ ୭୦ଟଙ୍କା ଦେବାକୁ ସରକାର ଧାର୍ଯ୍ୟ କରିଛନ୍ତି। ଏହି ସମବାୟ ସମିତିରେ ମୋଟ ୩୬୫ ଚାଷୀ ନାମ ପଞ୍ଜୀକରଣ କରିଛନ୍ତି। ସମବାୟ ସମିତି ପକ୍ଷରୁ ମୋଟ ୨୦ ହଜାର ୬ ଶହ ୨୨ କୁଇଣ୍ଟାଲ ଧାନ କ୍ରୟ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ବୁଧବାର ଏଠାରେ ୪ ଶହ କୁଇଣ୍ଟାଲ ଧାନ ୧୧ ଜଣ ଚାଷୀଙ୍କଠାରୁ କ୍ରୟ କରାଯାଇଥିଲା।

## ଭୋଗରାଇରେ ଯୁବ ବାଲୁକା ଶିଳ୍ପୀ ସମ୍ବର୍ଦ୍ଧିତ



ଯୁବ ବାଲୁକା ଶିଳ୍ପୀ ନାରାୟଣଙ୍କୁ ଅତିଥି ସମ୍ବର୍ଦ୍ଧିତ କରୁଛନ୍ତି।

**ବାଲିଆ, ୨।୧**

ବିରିଡ଼ି ବ୍ଲକ ମଧଶାସନ ଗ୍ରାମର ଯୁବ ବାଲୁକା ଶିଳ୍ପୀ ନାରାୟଣ ବେହେରା ବାଲେଶ୍ୱର ଜିଲା ଭୋଗରାଇଠାରେ ଅନୁଷ୍ଠିତ ଯୁବ ମହୋତ୍ସବ-୨୦୧୮ ଉଚ୍ଚ ପ୍ରଶଂସିତ ହେବା ସହ ସମ୍ମାନିତ ହୋଇଛନ୍ତି। ନାରାୟଣ ବିଭିନ୍ନ ସ୍ଥାନକୁ ଯାଇ ବାଲୁକା କଳା ପ୍ରଦର୍ଶନ କରନ୍ତି। ଭୋଗରାଇ ଯୁବ ମହୋତ୍ସବ କର୍ମକର୍ତ୍ତାଙ୍କ ନିମନ୍ତ୍ରଣ କ୍ରମେ ସେ ସେଠାରେ ୨୯, ୩୦ ଓ ୩୧ ତାରିଖ ତିନି ଦିନ ଧରି ବାଲୁକା କଳା ପ୍ରଦର୍ଶନ କରିଥିଲେ। ଉଦ୍‌ଯାପନ ଉତ୍ସବରେ ନାରାୟଣଙ୍କୁ ମୁଖ୍ୟ ଅତିଥି ସ୍ଥାନୀୟ ବିଧାୟକ ତଥା ଉଚ୍ଚ ଶିକ୍ଷା ଓ ଶିଳ୍ପ ମନ୍ତ୍ରୀ ଅନନ୍ତ ଦାସ ମାନପତ୍ର ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ତାଙ୍କର ଏହି କୃତିତ୍ୱ ପାଇଁ ବିରିଡ଼ି ଅଞ୍ଚଳବାସୀ ଅଭିନନ୍ଦନ ଜଣାଇଛନ୍ତି।

## ୧୦ ପ୍ରକଳ୍ପର ଶିଳାନ୍ୟାସ କଲେ ବିଧାୟିକା



ବିଧାୟିକା ରାଜଶ୍ରୀ ମଲ୍ଲିକ ପ୍ରକଳ୍ପର ଶିଳାନ୍ୟାସ କରୁଛନ୍ତି।

**ବିରିଡ଼ି/ବାଲିଆ,୨।୧(ଡି.ଏନ.ଏ.)**

ବିରିଡ଼ି ବ୍ଲକ ମଙ୍ଗୁଳି ପଞ୍ଚାୟତରେ ବୁଧବାର ଆମ ଗାଁ ଆମ ବିକାଶ ଯୋଜନାରେ ବିଧାୟିକା ରାଜଶ୍ରୀ ମଲ୍ଲିକ ୧୦ ପ୍ରକଳ୍ପ ପାଇଁ ଶିଳାନ୍ୟାସ କରିଛନ୍ତି।

ଏଥିରେ ମଙ୍ଗୁଳି ପଞ୍ଚାୟତରେ ଥିବା ଜୀବନଜ୍ୟୋତି ଯୁବ ବିକାଶ କେନ୍ଦ୍ର, କନକେଶ୍ୱର ମହାଦେବ ଗୋଷ୍ଠୀକେନ୍ଦ୍ର, କୁଞ୍ଜ ବିହାରୀ ଗୋଷ୍ଠୀକେନ୍ଦ୍ର, ବରୁଣେଇ ଗୋଷ୍ଠୀକେନ୍ଦ୍ର, ଭଗବତୀ ଠାକୁରାଣୀ ଗୋଷ୍ଠୀକେନ୍ଦ୍ର, ମଦନମୋହନ ଠାକୁର ଗୋଷ୍ଠୀକେନ୍ଦ୍ର, ଶଙ୍ଖାରୀସାହି ସଖି ନାରାୟଣ ଗୋଷ୍ଠୀକେନ୍ଦ୍ର, ଗୋପୀନାଥ ଜୀଉ ଗୋଷ୍ଠୀକେନ୍ଦ୍ର, ଗଡେଶ୍ୱର ଗୋଷ୍ଠୀ କେନ୍ଦ୍ର ଆଦି ଅନ୍ତର୍ଭୁକ୍ତ। କାର୍ଯ୍ୟକ୍ରମରେ ବ୍ଲକ ବିଜେଡି ସଭାପତି ରବୀନ୍ଦ୍ରନାଥ ରାଉଳ, ବିଜେଡି ଜିଲା ସମ୍ପାଦକ ପବିତ୍ର ପଶାୟତ, ଶିବପ୍ରସାଦ ଜେନା, ରବୀନ୍ଦ୍ର ସାହୁ, କାଳନ୍ଦୀ ବସ୍ତିଆ, ପ୍ରବୀର ଦାସ, ଲୋକନାଥ ମହାନ୍ତି, କେଦାରନାଥ ସାହୁଙ୍କ ସହ ବହୁ ଏସଏଚଜି ସଭ୍ୟା ଓ ଯୁବ ବାହିନୀ କର୍ମକର୍ତ୍ତା ଯୋଗ ଦେଇଥିଲେ।

## ପଞ୍ଚାୟତସ୍ତରୀୟ ଭଲିବଲ ଟୁର୍ଣ୍ଣାମେଣ୍ଟ

**ମାହାଙ୍ଗା,୨।୧(ସ୍ୱ.ପ୍ର.)**

ମାହାଙ୍ଗା ବ୍ଲକ ସାହାପୁର ପଞ୍ଚାୟତ ବିଜୁ ଯୁବବାହିନୀ ପକ୍ଷରୁ ଅରିଲୋ ତାରିଣୀ ପୀଠରେ ଦିବାରାତ୍ର ପଞ୍ଚାୟତସ୍ତରୀୟ ଭଲିବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୮ ଟିମ୍ ଭାଗ ନେଇଥିଲେ। ଫାଇନାଲ ମ୍ୟାଚ ମାହାଙ୍ଗା ଓ ମଧୁପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲାବେଳେ ମଧୁପୁର ଚାମ୍ପିୟନ ହୋଇଥିଲା। ଯୁବ ବାହିନୀ ସଭାପତି ସାରଦା ପ୍ରସାଦ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ଅତିଥିଭାବେ ଅର୍ଚ୍ଚନା ଦାସ, ସୁବାଶିନୀ ବେହେରା, ଯୁବବାହିନୀ ସମ୍ପାଦକ ଅସିତ ମହାନ୍ତି ଓ ପ୍ରକାଶ ରାଉତ ପ୍ରମୁଖ ଯୋଗ ଦେଇଥିଲେ।

## ନାରୀ ଶୋଷଣକୁ ନା କାର୍ଯ୍ୟକ୍ରମ

**ବାଙ୍କୀ,୨।୧(ସ୍ୱ.ପ୍ର.)**

ଡମପଡ଼ା ବ୍ଲକ ଦୁର୍ଗାପୁର ପଞ୍ଚାୟତରେ ବୁଧବାର ନାରୀ ଶୋଷଣକୁ ନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ବିଜୁ ଯୁବବାହିନୀ ସଭାପତି ସରୋଜ କୁମାର ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ସମ୍ପାଦକ ବୁଲୁ ଛାଟୋଇ, ପକାଶ ରାଉତ ଓ ବିଜୟ କୁମାର ରାଉତଙ୍କ ସମେତ ଯୁବ ବାହିନୀର ସମସ୍ତ ସଦସ୍ୟ ଉପସ୍ଥିତ ରହି ଜନସାଧାରଣଙ୍କୁ ନାରୀ ଶୋଷଣ ରୋକିବା ଦିଗରେ ସଚେତନ କରାଇଥିଲେ। ଏଥିସହିତ ସମାଜର ପ୍ରତ୍ୟେକ ନାଗରିକ ନାରୀଙ୍କୁ ସମ୍ମାନ ଦେବାକୁ ସେମାନେ ଅନୁରୋଧ କରିଥିଲେ।

# ମୁଁ ହିରୋ ମୁଁ ଓଡ଼ିଶା କାର୍ଯ୍ୟକ୍ରମ



ମୁଁ ଓଡ଼ିଶା ମୁଁ ହିରୋ କାର୍ଯ୍ୟକ୍ରମରେ କୃତୀ ପ୍ରତିଭାଙ୍କୁ ସମ୍ମାନିତ କରାଯାଉଛି।

**ବିରିଡ଼ି, ୨।୧(ଡି.ଏନ.ଏ.)**

ବିରିଡ଼ି ବ୍ଲକ ମଙ୍ଗୁଳି ପଞ୍ଚାୟତ ବିଜୁ ଯୁବବାହିନୀ ପକ୍ଷରୁ ବୁଧବାର 'ମୁଁ ହିରୋ ମୁଁ ଓଡ଼ିଶା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବ୍ଲକ ବିଜେଡି ସଭାପତି ରବୀନ୍ଦ୍ର ନାଥ ରାଉଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଧାୟିକା ଡା. ରାଜଶ୍ରୀ ମଲ୍ଲିକ ମୁଖ୍ୟଅତିଥି, ଜିଲା ବିଜେଡି ସମ୍ପାଦକ ପବିତ୍ର ପଶାୟତ, ପୂର୍ବତନ ସମିତି ସଭ୍ୟ ରବୀନ୍ଦ୍ର ନାଥ ସାହୁ, ଶିବ ପ୍ରସାଦ ଜେନା, କାଳନ୍ଦୀ ବସ୍ତିଆ, ପୂର୍ବତନ ସରପଞ୍ଚ ସୁବାସ ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଶିକ୍ଷାରେ ଜ୍ୟୋତିରଞ୍ଜନ ପାଇକରାୟ, କ୍ରୀଡ଼ାରେ ସୂଚିସ୍ମିତା ପାତ୍ର, ସମାଜସେବାରେ ସଙ୍ଗୀତା ମୁଦୁଲିଙ୍କୁ ଉଲ୍ଲେଖନୀୟ କାର୍ଯ୍ୟ ଭାବେ ମୁଁ ହିରୋ ଭାବେ ସମ୍ମାନିତ କରାଯାଇଥିଲା। ଶ୍ରେଷ୍ଠ ଯୁବ ବାହିନୀ ସଭ୍ୟ ଭାବେ ଦୀପକ କୁମାର ସାହୁ, ପ୍ରିୟରଞ୍ଜନ ପାଇକରାୟ ଓ ସିଦ୍ଧାର୍ଥ ମହାନ୍ତିଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା। ବିଜୁ ଯୁବ ବାହିନୀ ସଭାପତି ସୂଚିସ୍ମିତା ସାହୁ, ସମ୍ପାଦକ ଅମୀୟ ପରିଜା ଓ କୋଷାଧ୍ୟକ୍ଷ ବିରଞ୍ଚି ନାରାୟଣ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ନକଲି ବ୍ୟାଙ୍କ ଅଧିକାରୀ ଥାନାରେ ଅଟକ

**କେନ୍ଦ୍ରାପଡା ଅଫିସ, ୨୧ା:** ଯାଜପୁର ଜିଲା ବରୁଆଁ ଅଞ୍ଚଳର ଜଣେ ଯୁବକ ବୁଧବାର କେନ୍ଦ୍ରାପଡା ସହରର ଇଣ୍ଡିଆନ ବ୍ୟାଙ୍କର ଅଧିକାରୀ ବୋଲି ପରିଚୟ ଦେଇ ଗ୍ରାହକଙ୍କଠାରୁ ଟଙ୍କା ସଂଗ୍ରହ କରୁଥିଲେ। ଏନେଇ ସ୍ଥାନୀୟ ଲୋକଙ୍କ ମନରେ ସନ୍ଦେହ ହେବାରୁ ସମ୍ପୃକ୍ତ ଯୁବକଙ୍କ ନାମରେ ସଦର ଥାନାରେ ଏତଲା ଦେଇଥିଲେ। ଅଭିଯୋଗ ପରେ ପୋଲିସ ତାଙ୍କୁ ଥାନାରେ ଅଟକ ରଖି ପଚାରଉଚୁରା କରୁଛି।

### ଅଗ୍ନିକାଣ୍ଡରେ ୨ ବଖରା ଜଳିଗଲା

**କେନ୍ଦ୍ରାପଡା ଅଫିସ, ୨୧ା:** ନିକିରାଇ ଥାନା ତରାଣ୍ଡୋ ଗ୍ରାମର ବାବାଜୀ ଜେନାଙ୍କ ଘରେ ବୁଧବାର ସନ୍ଧ୍ୟାରେ ଅଗ୍ନିକାଣ୍ଡ ଘଟିଛି। ଫଳରେ ତାଙ୍କର ୨ ବଖରା ଆସବାବପତ୍ର ଜଳିପୋଡି ପାଉଁଶ ହୋଇଯାଇଛି। ଖବରପାଇ କେନ୍ଦ୍ରାପଡା ଅଗ୍ନିଶମ ସେବା ସଂସ୍ଥା ଅଧିକାରୀ ବୀରଭଦ୍ର ଟୁଡୁ ଓ ରମେଶ ଚନ୍ଦ୍ର ବେହେରାଙ୍କ ନେତୃତ୍ୱରେ ୨ ଦମକଳ ଗାଡି ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

### ଦୁଇ ଅଭିଯୁକ୍ତ ଯୁବକ ଜେଲ ଗଲେ

**ମାର୍ଶାଘାଇ,୨୧ା(ଡିଏନଏ):** ମାର୍ଶାଘାଇ ଅଞ୍ଚଳରେ ଦିନକୁ ଦିନ ଅପରାଧ ବଢିଚାଲିଛି । ମଙ୍ଗଳବାର ମାର୍ଶାଘାଇ ବଜାରରେ ଜଣେ ବ୍ୟକ୍ତିଙ୍କୁ ମାରଧର କରିବା ଏବଂ ଜଣେ ଗର୍ଭବତୀ ମହିଳାଙ୍କୁ ଅସଦାଚରଣ କରିବା ଅଭିଯୋଗରେ ଦୁଇ ଜଣ ଯୁବକଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ବୁଧବାର ଜେଲ ହାଜତକୁ ପଠାଇ ଦିଆଯାଇଛି। ଦୁଇ ଅଭିଯୁକ୍ତ ହେଲେ ଜୁଣ ଗ୍ରାମର ପାପୁନି ମଲିକ ଓରଫ ହୃଷିକେଶ (୨୨) ଏବଂ ଅନ୍ତର୍ଯ୍ୟାମୀ ମହାରଣା ଓରଫ୍ ନଟିଆ (୨୭)। ମାର୍ଶାଘାଇ ବଜାରର ମହାବୀର ଅଳଙ୍କାର ଦୋକାନର କର୍ମଚାରୀ ଜ୍ୟୋତିରଞ୍ଜନ ସାହୁଙ୍କୁ କୌଣସି କାରଣରୁ ପାପୁନି ମାରଧର କରିଥିଲେ । ସେହପରି ଜୁଣ ଗ୍ରାମରେ ଘରଭଡା ନେଇ ରହିଥିବା ପ୍ରମୋଦ ସାହାଣୀଙ୍କ ୮ ମାସର ଗର୍ଭବତୀ ପତ୍ନୀଙ୍କୁ ଅନ୍ତର୍ଯ୍ୟାମୀ ଅସଦାଚରଣ କରିଥିଲେ । ଏ ନେଇ ମାର୍ଶାଘାଇ ଥାନାରେ ଅଭିଯୋଗ ହୋଇଥିଲା । ଅଭିଯୋଗ ଆଧାରରେ ମାର୍ଶାଘାଇ ଥାନାରେ ୩/୨୦୧୯ ଏବଂ ୪/୨୦୧୯ ନମ୍ବରରେ ମାମଲା ରୁଜୁ ହୋଇଥିଲା ।

### ଶୋକ ଖବର

**ମାର୍ଶାଘାଇ,୨୧ା(ଡିଏନଏ):** ମାର୍ଶାଘାଇ ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଗୋପୀନାଥ ବେହେରାଙ୍କ ମାଆ ମୂଳି ଦେଇ( ୮୧)ଙ୍କର ବୁଧବାର ସକାଳୁ ମାର୍ଶାଘାଇ କୁମ୍ଭାର ସାହିସ୍ଥିତ ବାସଭବନରେ ପରଲୋକ ଘଟିଛି। ଖବର ପାଇ ଜିଲା ପରିଷଦ ସଦସ୍ୟ ପ୍ରଦୀପ୍ତ ଗାହାଣ, ସରପଞ୍ଚ ସରିତା ପ୍ରଧାନ,ସମିତି ସଭ୍ୟ ନିଗମ ପ୍ରସାଦ ରଥ,ପୂର୍ବତନ ବ୍ଲକ ଉପାଧ୍ୟକ୍ଷା ସ୍ନେହଲତା ବେହେରା,ଅଧାପକ ଦିଲିପ କୁମାର ସ୍ୱାଇଁ,ଦିପକ କୁମାର ମହାନ୍ତି,ମାର୍ଶାଘାଇ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୈଳାଶ ଚନ୍ଦ୍ର ଦଳାଇ,ରଞ୍ଜନ କୁମାର ସ୍ୱାଇଁଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶେଷ ଦର୍ଶନ କରିଥିଲେ। ଗ୍ରାମ ଶ୍ମଶାନରେ ମୃଳିଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା । ବଡପୁଅ ଅଧାପକ ଗୋବିନ୍ଦ ଚନ୍ଦ୍ର ବେହେରା ମୁଖାଗ୍ନି ଦେଇଥିଲେ।

### ହୃଦ୍‌ଘାତରେ ପ୍ରଧାନ ଶିକ୍ଷକଙ୍କ ବିୟୋଗ

**ଡେରାବିଶ, ୨୧ା (ସ୍ୱ.ପ୍ର.):** ଡେରାବିଶ ବ୍ଲକ ରଘୁଦେଇପୁର ପଞ୍ଚାୟତ ବେଲାରପୁରସ୍ଥିତ ଭଗବତୀ ନୋଡାଲ୍ ହାଇସ୍କୁଲର ପ୍ରଧାନଶିକ୍ଷକ ଶ୍ରୀଧର ବେଉରା (୫୯)ଙ୍କ ବୁଧବାର ହୃଦ୍‌ଘାତରେ ପରଲୋକ ଘଟିଛି। ସ୍ୱର୍ଗତ ବେହୁରା ୨୦୧୪ରୁ ଭଗବତୀ ନୋଡାଲ ସ୍କୁଲରେ ପ୍ରଧାନ ଶିକ୍ଷକ ଭାବେ କାର୍ଯ୍ୟରତ ଥିଲେ। ଖବରପାଇ ବ୍ଲକ ଶିକ୍ଷାଧିକାରୀଙ୍କ ସମେତ ବିଭିନ୍ନ ସ୍କୁଲର ଶିକ୍ଷୟିତ୍ରୀଶିକ୍ଷକ ଓ ଛାତ୍ରୀଛାତ୍ରମାନେ ତାଙ୍କ ବାସଭବନ ଗୋଲରାହାଟ ପଞ୍ଚାୟତ ଅଧୀନ ତିଳୋକଣାରେ ପହଞ୍ଚି ଶେଷଦର୍ଶନ କରିଥିଲେ। ତାଙ୍କ ମର ଶରୀରକୁ ଶୋଭାଯାତ୍ରା ମଧ୍ୟରେ ଭଗବତୀ ନୋଡ଼ାଲ ସ୍କୁଲ ପରିସରକୁ ନିଆଯାଇଥିଲା। ପରେ ଗ୍ରାମ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା।

## ଭିତରକନିକାରେ ଭିଡ଼ ଜମୁଛି

# ୨ ଦିନରେ ୫ ହଜାର ପର୍ଯ୍ୟଟକଙ୍କ ସମାଗମ

### ପ୍ରାକୃତିକ ସୌନ୍ଦର୍ଯ୍ୟର ମଜାନେଲେ ୨୩ ବିଦେଶୀ

**ରାଜନଗର, ୨୧ା (ଡି.ଏନ୍.ଏ.)**

ନୂଆବର୍ଷ ଅବସରରେ କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକସ୍ଥିତ ଭିତରକନିକାରେ ହଜାର ହଜାର ପର୍ଯ୍ୟଟକଙ୍କ ଭିଡ଼ ଜମୁଛି। ଜାତୀୟ ଉଦ୍ୟାନର ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ କରିବାକୁ ଦେଶର ବିଭିନ୍ନ ପ୍ରାନ୍ତରୁ ପର୍ଯ୍ୟଟକମାନେ ଆସୁଥିବା ବେଳେ ବିଦେଶୀ ପର୍ଯ୍ୟଟକଙ୍କ ଭିଡ଼ ମଧ୍ୟ ଦେଖାଯାଉଛି। ମଙ୍ଗଳବାର ଓ ବୁଧବାର ଦୁଇ ଦିନରେ ୨୩ଜଣ ବିଦେଶୀ ପର୍ଯ୍ୟଟକ ଏଠାକୁ ପରିଭ୍ରମଣରେ ଆସିଥିଲେ। ମଙ୍ଗଳବାର ୨ ବିଦେଶୀ ପର୍ଯ୍ୟଟକ ପୋଲାଣ୍ଡରୁ ଆସିଥିବା ବେଳେ ବୁଧବାର ୨୧ ପର୍ଯ୍ୟଟକ ଜର୍ମାନୀରୁ ଆସିଥିଲେ। ସେମାନେ ପୂର୍ବାହ୍ନ ସାଢ଼େ ୧୧ଟା ସୁଦ୍ଧା ମୁଖ୍ୟ ଫାଟକ ଦେଇ ଭିତରକନିକାକୁ ପ୍ରବେଶ କରିଥିଲେ। ସେଠାରୁ ନୌକା ଯାତ୍ରା କରି ଚାନ୍ଦବାଲି, ଖୋଲା ଓ ଗୁପ୍ତି ଆଦି ସ୍ଥାନକୁ ଯାଇଥିଲେ। ବୁଲାବୁଲି ସାରି ସନ୍ଧ୍ୟାରେ ଫେରିବା ପରେ ଜାତୀୟ ଉଦ୍ୟାନ ଭିତରେ ଥିବା ଗେଷ୍ଟ ହାଉସ୍ (ବନୀ ଭବନ, ହେନ୍ତାଳ ଭବନ ଓ ସୁନ୍ଦରୀ ଭବନରେ) ରାତ୍ରି ଯାପନ ପାଇଁ ରହିଛନ୍ତି। ଗୁରୁବାର ଏଠାରୁ ବାହାରିବାର କାର୍ଯ୍ୟକ୍ରମ ରହିଛି। ଭିତରକନିକାର ପ୍ରାକୃତିକ ସୌନ୍ଦର୍ଯ୍ୟ ବିଦେଶୀ ପର୍ଯ୍ୟଟକଙ୍କୁ ବିମୋହିତ କରିଥିବା ସେମାନେ କହିଛନ୍ତି।



ବିଦେଶୀ ପର୍ଯ୍ୟଟକମାନେ ଭିତରକନିକା ଭିତରେ ନୌକାଯାତ୍ରା କରୁଛନ୍ତି।

ସୂଚନାଯୋଗ୍ୟ, ନୂଆବର୍ଷଠାରୁ ଭିତରକନିକାରେ ହଜାର ହଜାର ପର୍ଯ୍ୟଟକଙ୍କ ସମାଗମ ହେଉଛି। ବନ ବିଭାଗ ପକ୍ଷରୁ ମିଳିଥିବା ତଥ୍ୟ ଅନୁସାରେ ଦୁଇ ଦିନରେ ୫ହଜାର ପର୍ଯ୍ୟଟକ ଭିତରକନିକା ବୁଲିଛନ୍ତି। ସେହିପରି ପେଣ୍ଟ ବେଳାଭୂମିରେ ଦୁଇ ଦିନରେ ପ୍ରାୟ ୧୦ ହଜାର ପର୍ଯ୍ୟଟକଙ୍କ ସମାଗମ ହୋଇଥିବା ଜଣାପଡ଼ିଛି। ମଙ୍ଗଳବାର ସକାଳୁ ପର୍ଯ୍ୟଟକମାନେ ସମୁଦ୍ରରେ ସ୍ନାନ କରିବା ପରେ ନୂଆବର୍ଷର ପହିଲି ସୂର୍ଯ୍ୟୋଦୟ ଦେଖିଥିଲେ। ପେଣ୍ଟ ବେଳାଭୂମିରେ ବୁଲାବୁଲି କରିବା ସହ ବଣଭୋଜିର ମଜା ନେଇଥିଲେ। ଦିନ ତମାମ ବହୁ ପର୍ଯ୍ୟଟକ ଜାତୀୟ ଉଦ୍ୟାନରେ ପରିଭ୍ରମଣ କରିଥିଲେ। ତେବେ ବରୁଣେଇ ମୁହାଁଣ ସଂଲଗ୍ନ ରିଜର୍ଭ ଫରେଷ୍ଟ ପରିଭ୍ରମଣ କରିବାକୁ ପର୍ଯ୍ୟଟକମାନେ ଯାଇଥିବା ବେଳେ ଏଣ୍ଟ୍ରି ଫିସ୍ ୪୦ ଟଙ୍କା ହୋଇଥିବା ନେଇ ବହୁ ପର୍ଯ୍ୟଟକ ଅସନ୍ତୋଷ ପ୍ରକାଶ କରିଥିଲେ। ପର୍ଯ୍ୟଟକଙ୍କ ଭିଡ଼ ଯୋଗୁ ସୁରକ୍ଷା ଦୃଷ୍ଟିରୁ ବନ ବିଭାଗ ଓ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ଅପରପକ୍ଷେ ବଜରଙ୍ଗୀ ଦଳ ପକ୍ଷରୁ ଦ୍ରୁତ ଗତିରେ ଆସୁଥିବା ଗାଡ଼ିଗୁଡ଼ିକୁ ପେଣ୍ଟ ଗ୍ରାମ ନିକଟରେ ଅଟକାଯାଇ ଗାଡ଼ି ଧିରେ ଚଳାଇବା ସହ ନିରାପଦରେ ବେଳାଭୂମିକୁ ଯିବାକୁ ପରାମର୍ଶ ଦିଆଯାଇଥିଲା।

## ପୂର୍ବ ଶତ୍ରୁତାରୁ ଘରେ ଲଗାଇଲେ ନିଆଁ

**ମହାକାଳପଡା, ୨୧ା(ଡି.ଏନ୍.ଏ.)**

ମହାକାଳପଡା ବ୍ଲକ ତନ୍ତିଆପାଳ ମେରାଇନ ଥାନା ଅଧୀନ କଳତୁଙ୍ଗା ଗ୍ରାମରେ ମଙ୍ଗଳବାର ବିଳମ୍ବିତ ରାତିରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଘରେ ନିଆଁ ଲଗାଇ ଦିଆଯାଇଛି। ଏଥିରେ ଉକ୍ତ ଗ୍ରାମର ଯାଦବ ଜେନାଙ୍କ ପରିବାର ଲୋକେ କ୍ଷତିଗ୍ରସ୍ତ ହୋଇଛନ୍ତି। ଅଗ୍ନିକାଣ୍ଡରେ ତାଙ୍କର ୨ ବଖରା ଜଳିଯାଇଛି। ଏନେଇ ବୁଧବାର ମେରାଇନ୍ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତି କରି ଥାନାରେ ମାମଲା (ନଂ-୧/୧୯)ରୁଜୁ ହେବା ସହ ପୋଲିସ ପଟ୍ଟାମୁଣ୍ଡାଇ ଥାନା ଅଧୀନ ବଉଳାଙ୍ଗ ଗ୍ରାମର ସନାତନ ଭୂୟାଁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନା ଅନୁଯାୟୀ, ପୂର୍ବର ଅର୍ଥ ବିବାଦକୁ ନେଇ ଯାଦବ ଓ ସନାତନଙ୍କ ପରିବାର ମଧ୍ୟରେ ବିବାଦ ଲାଗି ରହିଥିଲା। ମଙ୍ଗଳବାର ବିଳମ୍ବିତ ରାତିରେ ଏନଇ ଯାଦବଙ୍କ ଘରେ ସନାତନ ନିଆଁ ଲଗାଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ପରେ ଥାନା ଏସ.ଆଇ. ରମାକାନ୍ତ ବେହେରା ଘଟଣାସ୍ଥଳ ପରିଦର୍ଶନ କରି ଘଟଣାର ତଦନ୍ତ ଚଳାଇଛନ୍ତି।

## କାଠମାଣ୍ଡୁ ଜେଲରେ ଓଡ଼ିଆ ଶ୍ରମିକ

# ମୁକୁଳାଇବା ପାଇଁ ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିଲେ ପରିବାର ସଦସ୍ୟ

**କେନ୍ଦ୍ରାପଡା ଅଫିସ, ୨୧ା**

ନେପାଳର କାଠମାଣ୍ଡୁ ଦାଦନ ଖଟିବାକୁ ଯାଇଥିବା କେନ୍ଦ୍ରାପଡା ଜିଲା ଡେରାବିଶ ବ୍ଲକ ଅନ୍ତର୍ଗତ ରାଜନଗର ଗ୍ରାମର ରବୀନ୍ଦ୍ର ସାହୁ (୨୭) ୨୦୧୨ ମସିହାରୁ ସେଠାକାର ସେଣ୍ଟ୍ରାଲ ଜେଲ୍‌ରେ ରହିଛନ୍ତି। କାଠମାଣ୍ଡୁରେ ସେ ଜଣେ ନାବାଳିକାଙ୍କୁ ଅସଦାଚରଣ କରିଥିବା ଅଭିଯୋଗ ହୋଇଛି। ଅପରପକ୍ଷେ ଏହି ଅଭିଯୋଗକୁ ପରିବାର ଲୋକେ ଅସ୍ୱୀକାର କରିବା ସହ ଟଙ୍କା ଅଭାବରୁ ତାଙ୍କୁ ଆଇନ ସହାୟତା ମିଳିପାରୁନାହିଁ ବୋଲି କହିଛନ୍ତି। ଏନେଇ ସେମାନେ ଭାରତର ବୈଦେଶିକ ମନ୍ତ୍ରଣାଳୟ ଓ ପ୍ରଧାନମନ୍ତ୍ରୀଙ୍କ ନିକଟକୁ ଚିଠି ଲେଖିଛନ୍ତି । ଏ ସମ୍ପର୍କରେ ତାଙ୍କ ମା’ ବାସନ୍ତି କୁହନ୍ତି, ରବୀନ୍ଦ୍ର ଓ ସାନପୁଅ କାଠମାଣ୍ଡୁ ଯାଇ ପାଣି ପାଇପ ମିସ୍ତ୍ରୀ ଭାବେ କାମ କରୁଥିଲେ। ରବୀନ୍ଦ୍ର ସେଠାକୁ ୨୦୧୧ରେ ଯାଇ ଫେରିବା ପରେ ପୁନର୍ବାର ୨୦୧୨ ମସିହାରେ ଯାଇଥିଲେ। ସେହିବର୍ଷ ମେ ମାସରେ ଏକ ଅସଦାଚରଣ ଅଭିଯୋଗରେ ସେଠାକାର ପୋଲିସ ରବୀନ୍ଦ୍ରଙ୍କୁ ଗିରଫ କରିଥିଲା। ପରେ ଉକ୍ତବର୍ଷ ଜୁନ୍ ୨୪ରେ ରବୀନ୍ଦ୍ରଙ୍କୁ ଏହି ମାମଲାରେ ସେଣ୍ଟ୍ରାଲ ଜେଲକୁ ପଠାଇ ଦିଆଯାଇଛି। ସେ କହିଛନ୍ତି, ରବୀନ୍ଦ୍ରଙ୍କ ପାଇଁ ଗତ ସେପ୍ଟେମ୍ବରରେ ପରିବାର ପକ୍ଷରୁ ଏମ୍‌ଏଡିଏଡି ପୋର୍ଟାଲରେ ଅଭିଯୋଗ ହେବାପରେ କାଠମାଣ୍ଡୁସ୍ଥିତ ଭାରତୀୟ ଦୂତବାସ ଏହାର ତଦନ୍ତ କରିଛି। ରବୀନ୍ଦ୍ର ସେଠାକାର ଜେଲ୍‌ରେ ବନ୍ଦୀ ଥିବା ନେଇ ଦୂତବାସ ପକ୍ଷରୁ ସ୍ପଷ୍ଟୀକରଣ ଦିଆଯିବା ସହ ସ୍ଥାନୀୟ ଓକିଲଙ୍କ ସହାୟତା ନେବାକୁ ପରାମର୍ଶ ଦିଆଯାଇଛି। ମାତ୍ର ଆର୍ଥିକ ଦୁରବସ୍ଥା ଯୋଗୁ ଆଇନ ସହାୟତା ନେବାରେ ଅସମର୍ଥ ପ୍ରକାଶ କରି ପରିବାର ପକ୍ଷରୁ ବୈଦେଶିକ ମନ୍ତ୍ରଣାଳୟ ଓ ପ୍ରଧାନମନ୍ତ୍ରୀଙ୍କ ସହଯୋଗ ଲୋଡାଯାଇଛି।

## ଗାନ୍ଧିପୀଠ ପାଇଁ ଜମି ଯୋଗାଇ ଦେବାକୁ ଦାବି

**ଡେରାବିଶ, ୨୧ା (ସ୍ୱ.ପ୍ର.)**

ଡେରାବିଶ ବ୍ଲକ ଖମୋଳ ପଞ୍ଚାୟତ ଅଧୀନ ସଲାର ମଠଠାରେ ଥିବା ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତୀ ସ୍ଥଳକୁ ଗାନ୍ଧୀ ପଦଯାତ୍ରା ସ୍ମାରକୀ ପରିଷଦ ନାମରେ ସ୍ଥିତିବାନ ସତ୍ତ୍ୱ କରିବା ପାଇଁ ପରିଷଦର ସମ୍ପାଦକ ରାଜକିଶୋର ଜେନା ଦାବି କରିଛନ୍ତି। ମଙ୍ଗଳବାର ଡେରାବିଶ ବ୍ଲକ ସଭାଗୃହରେ ଅନୁଷ୍ଠିତ ଜିଲାପାଳଙ୍କ ଜନ ଶୁଣାଣି ଶିବିରରେ ରାଜକିଶୋରନ ଜିଲାପାଳଙ୍କ ନିକଟରେ ଦାବି କରିଥିଲେ। ଏଠାରେ ଥିବା ଗୋଚର ଜମିରୁ ୧ ଗୁଣ୍ଠ ଜମି ଏହି ପରିଷଦକୁ ହସ୍ତାନ୍ତର କରିବାକୁ ପାଇଁ ସେ ଜିଲାପାଳଙ୍କୁ ନିବେଦନ କରିଥିଲେ। ସୂଚନାଯୋଗ୍ୟ, ସ୍ୱାଧୀନତା ଆନ୍ଦୋଳନ ବେଳେ ୧୯୩୪ ମସିହା ମେ ୨୬ ତାରିଖରେ ଗାନ୍ଧିଜୀ ଏହିଠାରେ ଏକ ବିରାଟ ସାଧାରଣ ସଭାରେ ଉଦ୍‌ବୋଧନ ଦେଇଥିଲେ। ପରେ ଏହି ସ୍ଥାନରେ ୧୯୮୫ ମସିହାରେ ଗାନ୍ଧିଜୀଙ୍କର ଏକ ପ୍ରତିମୂର୍ତ୍ତୀ ସ୍ଥାପନ କରାଯାଇଥିଲା।



ରାଜକନିକା ବ୍ଲକ ଅଧୀନ ବଳରାମପୁର ପଞ୍ଚାୟତ ଓଳାଭର ଗ୍ରାମର ବିନୋଦ ବାଇ ହତ୍ୟା ଘଟଣାର ମୁଖ୍ୟ ଅଭିଯୁକ୍ତଙ୍କୁ ପୋଲିସ ଗିରଫ ନ କରିବା ପ୍ରତିବାଦରେ ଗ୍ରାମବାସୀଙ୍କ ପକ୍ଷରୁ ବୁଧବାର ସନ୍ଧ୍ୟାରେ ଓଳାଭର ବଜାରଠାରେ ମହମବତି ଶୋଭାଯାତ୍ରା।

## କ୍ରିକେଟ ଟୁର୍ନାମେଣ୍ଟ

# କଣ୍ଡିଆ ସାଇ ହଷ୍ଟେଲ ଚାମ୍ପିୟନ

**ରାଜକନିକା, ୨୧ା (ଡି.ଏନ୍.ଏ.)**

ଆଳି ବ୍ଲକ ଦୈତାରିପୁର ବାସନ୍ତୀଦୁର୍ଗା କ୍ରିକେଟ୍ ଟିମ୍ ପକ୍ଷରୁ ଚାଲିଥିବା କ୍ରିକେଟ୍ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଦିବସରେ ରାଜକନିକା ବ୍ଲକ କଣ୍ଡିଆ ସାଇହେଷ୍ଟେଲ କ୍ରିକେଟ ଟିମ୍ ଓ ଦଇତାରିପୁରର ବାସନ୍ତିଦୁର୍ଗା କ୍ରିକେଟ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ଦଇତାରିପୁରକୁ ହରାଇ କଣ୍ଡିଆର ସାଇହଷ୍ଟେଲ ଟିମ୍ ଚାମ୍ପିୟନ ହୋଇଛି। ସାଇହଷ୍ଟେଲ କ୍ରିକେଟ ଟିମ୍ ପ୍ରଥମେ ବ୍ୟାଟିଂ କରି ୧୦୧ ରନ୍ କରିଥିଲା। ଜବାବରେ ନିର୍ଦ୍ଧାରିତ ଓଭରରେ ଦଇତାରିପୁର ବାସନ୍ତିଦୁର୍ଗା ଟିମ୍ ୬୯ ରନ୍ କରି ପରାଜିତ ହୋଇଥିଲା। ଏହି ଉପଲକ୍ଷେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ବାସନ୍ତି ଦୁର୍ଗା ପୂଜା କମିଟି ସଭାପତି ନିର୍ମଳ ଚନ୍ଦ୍ର ମଲ୍ଲିକ ଅଧ୍ୟକ୍ଷତା କରିଥିଲେ। ଏଥିରେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ମହେଶ୍ୱର ନନ୍ଦ ମୁଖ୍ୟଅତିଥି, ଶିକ୍ଷାବିତ୍ ଗଣେଶ ପ୍ରସାଦ ଲେଙ୍କା, ପୀତାମ୍ବର ମଲ୍ଲିକ ଓ କବି ପଦ୍ମ ଚରଣ ମଲ୍ଲିକ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ମୁଖ୍ୟଅତିଥି ବିଜେତା ଦଳକୁ ନଗଦ ୫ ହଜାର ଟଙ୍କା ସହ ଟ୍ରଫି ଓ ରନର୍ସଅପ୍ ଟିମ୍‌କୁ ଟ୍ରଫି ପ୍ରଦାନ କରିଥିଲେ। ମୃନାଳ ନାୟକ ଓ ଚିନ୍ମୟ ରାଉତ ମ୍ୟାଚ୍ ପରିଚାଳନା କରିଥିଲେ। ୩ଦିନ ଧରି ଚାଲିଥିବା ଖେଳକୁ କ୍ୟାପଟେନ ଶୁଭକାନ୍ତ ମଲ୍ଲିକ, ବିଶ୍ୱଜିତ୍ ମଲ୍ଲିକ, ବିଶ୍ୱଜିତ ନାୟକ, ରାକେଶ ମଲ୍ଲିକ, ବିବେକାନନ୍ଦ ମଲିକ, ଦୁଷ୍ମନ୍ତ ଦାସ, ପ୍ରଭାତ ନାୟକ ଓ ସତ୍ୟବ୍ରତ ନାୟକ ପ୍ରମୁଖ ପରିଚାଳନା କରିଥିଲେ।



ଅତିଥିମାନେ ଖେଳାଳିଙ୍କୁ ପୁରସ୍କାର ପ୍ରଦାନ କରୁଛନ୍ତି।

# କନିକା ରିଡିଂ ରୁମ୍‌ର ବାର୍ଷିକ ଉତ୍ସବ

**ରାଜକନିକା,୨୧ା,(ଡି.ଏନ୍.ଏ.)**

ରାଜକନିକା ବ୍ଲକ ଅନ୍ତର୍ଗତ କନିକା ରିଡିଂ ରୁମର ବାର୍ଷିକ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ଆୟୋଜିତ ଉତ୍ସବରେ ଅବସରପ୍ରାପ୍ତ ସହକାରୀ ଯନ୍ତ୍ରୀ ବିପିନବିହାରୀ ରାଉତ ଅଧ୍ୟକ୍ଷତା କରିଥିଲେ । ମୁଖ୍ୟଅତିଥିଭାବେ ଅବସରପ୍ରାପ୍ତ ଶିକ୍ଷାଧିକାରୀ ରାଜକିଶୋର ସ୍ୱାଇଁ, ସମ୍ମାନିତ ଅତିଥିଭାବେ କୃଷକ ନେତା ଦାମୋଦର ଧଳ ଓ ମୁଖ୍ୟବକ୍ତା ଶିକ୍ଷାବିତ୍ କାଳି ପ୍ରସାଦ ନାୟକ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଭଲ ପାଠ ପଢ଼ିବା ପାଇଁ ପରାମର୍ଶ ଦେବା ସହ ଦେଶ ବିକାଶରେ ସହାୟତ କରିବା ପାଇଁ ଆହ୍ୱାନ ଦେଇଥିଲେ। କନିକା ରିଡିଂ ରୁମ୍‌ର ସମ୍ପାଦକ ଗୋପୀନାଥ ଦାସ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । କବି ପଦ୍ମଲୋଚନ ମଲ୍ଲିକ, ହାବଳଗଣ୍ଡ ବିକେବି ହାଇସ୍କୁଲର ବିଜ୍ଞାନ ଶିକ୍ଷକ ସଞ୍ଜୟ କୁମାର ସାମଲ ଓ ରାଜନଗର ବନ ବିଭାଗର ବନପାଳ ପ୍ରଶାନ୍ତ କୁମାର ସିଂଙ୍କୁ ମୁଖ୍ୟଅତିଥି ସମ୍ବର୍ଦ୍ଧିତ କରିଥିଲେ । କାର୍ଯ୍ୟକ୍ରମକୁ ଅବସରପ୍ରାପ୍ତ ଶିକ୍ଷକ ଅନିରୁଦ୍ଧ ରାଉତ ଓ ସୁବାସ ଚନ୍ଦ୍ର ରାଉତ ପରିଚାଳନା କରିଥିଲେ ।



ବାର୍ଷିକୋତ୍ସବରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

# ଆଳିରେ ରାଜନେତାଙ୍କ ବ୍ୟାନର ରାଜନୀତି

### ଆଗକୁ ସାଧାରଣ ନିର୍ବାଚନ

**ଆଳି, ୨୧ା (ଡି.ଏନ୍.ଏ.)**

୨୦୧୯ ସାଧାରଣ ନିର୍ବାଚନକୁ ଆଉ କିଛି ମାସ ବାକି ଥିବା ବେଳେ ଏବେଠୁ ଆଳି ବ୍ଲକ ନିର୍ବାଚନ ମଣ୍ଡଳୀରେ ନିର୍ବାଚନୀ ଉଷ୍ମତା ଦେଖାଦେଇଛି। ଦଳୀୟ କାର୍ଯ୍ୟକ୍ରମ ଜରିଆରେ ରାଜନେତାମାନେ ସମର୍ଥକ ଯୋଗାଡ଼ କରୁଥିବା ବେଳେ ନୂଆବର୍ଷ ଅଭିନନ୍ଦନ ଜଣାଇବା ଆଳରେ ରାଜନେତାଙ୍କ ମାଳ ମାଳ ବ୍ୟାନର ଚାରିଆଡେ ଛାଇ ହୋଇଛି। ଆଳି ନିର୍ବାଚନମଣ୍ଡଳୀ ଅଧୀନ ଆଳି ଓ ରାଜକନିକା ବ୍ଲକ ବିଭିନ୍ନ ଛକ, ବଜାର ଓ ଗଳି କନ୍ଦିରେ ବିଭିନ୍ନ ଦଳର ନେତାଙ୍କ ଫଟୋ ସହ ଦଳୀୟ ଚିହ୍ନ ଥିବା ବ୍ୟାନର ଲଗାଯାଇଛି। କଂଗେସ ଓ ବିଜେଡି ନେତାଙ୍କ ମାଳମାଳ ପୋଷ୍ଟର ବ୍ୟାନର ଦେଖିବାକୁ ମିଳୁଛି। ଆଳିର ପ୍ରବେଶ ପଥ ପତ୍ରପୁର ପୋଲ ନିକଟରୁ ଆରମ୍ଭ କରି ସିଙ୍ଗିରି, ଚଣ୍ଡିଆଗଡି, ନିଆଳହାଟ, ଆଳି ନୂଆବଜାର, ଅନ୍ନପୂର୍ଣ୍ଣା ପଡିଆ, ଆଠକଣିଆ ଛକ, ଭୂଇଁପୁର ବଜାର, ଗୋବିନ୍ଦପୁର ବଜାର ଆଦି ସ୍ଥାନରେ ବିଜେଡି ନେତା ପ୍ରତାପ କେଶରୀ ଦେବ ଓ ଆଳି ବିଧାୟକ ଦେବେନ୍ଦ୍ର ଶର୍ମାଙ୍କ ବ୍ୟାନର ଲାଗାଯାଇଛି। ଭାଜପା ନେତା ବ୍ରଜସୁନ୍ଦର ଭୂୟାଁ, ଦୋଳଗୋବିନ୍ଦ ନାୟକ, ଯୁବନେତା ରଶ୍ମିରଞ୍ଜନ ବେହୁରା କେନ୍ଦ୍ରାପଡାର ପୂର୍ବତନ ସାଂସଦ ବୈଜୟନ୍ତ ପଣ୍ଡା ବ୍ୟାନର ମାଧ୍ୟରେ ନବବର୍ଷର ବାର୍ତ୍ତା ଲେଖି ଶୁଭେଚ୍ଛା ଜଣାଇଛନ୍ତି। ଏଥିସହ କେତେକ ସ୍ଥାନରେ ବ୍ୟାନର ଚିରା ରାଜନୀତି ଚାଲୁଥିବା ଦେଖିବାକୁ ମିଳୁଛି। ଏହାକୁ ନେଇ ଦଳୀୟ ନେତାମାନେ ବିରୋଧୀଙ୍କୁ ଦୋଷ ଦେଉଥିବା ବେଳେ ପ୍ରକୃତରେ ଏହାକୁ ଅସନ୍ତୁଷ୍ଟ କର୍ମୀ କରୁଥିବା ଶୁଣିବାକୁ ମିଳୁଛି। ଆଗାମୀ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଲୋକଙ୍କ ନିକଟତର ହେବାକୁ ରାଜନେତାମାନେ ମାଳ ମାଳ ବ୍ୟାନର ଲଗାଇ ନୁଆବର୍ଷର ଶୁଭେଚ୍ଛା ଜଣାଉଥିବା ରାଜନୈତିକ ସମୀକ୍ଷକମାନେ ମତ ଦେଇଛନ୍ତି।









ଆଳି ନିର୍ବାଚନ ମଣ୍ଡଳୀ ଅଧୀନ ବିଭିନ୍ନ ବଜାର ଓ ଛକରେ ଲାଗିଥିବା ରାଜନେତାଙ୍କ ବ୍ୟାନର।

# କାଉପଡ଼ା କୃଷି ସମବାୟ ସମିତିର ବୈଠକ

**ଡେରାବିଶ, ୨୧ା (ସ୍ୱ.ପ୍ର.)**

ନୂଆବର୍ଷ ଉପଲକ୍ଷେ କାଉପଡା ପ୍ରାଥମିକ କୃଷି ସମବାୟ ସମିତି ପକ୍ଷରୁ ବୁଧବାର ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏ ନେଇ ସମିତି କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ସମିତିର ବୈଠକରେ ପରିଚାଳନା ପରିଷଦ ସଭାପତି ପ୍ରଶାନ୍ତ କୁମାର ଦାସ ପୌରୋହିତ୍ୟ କରିଥିଲେ। ଏଥିରେ ସମ୍ପାଦକ ଗୌରାଙ୍ଗ ପ୍ରଧାନ ସ୍ୱାଗତ ଭାଷଣ ଦେବା ସହିତ ସମବାୟ ସମିତି ପକ୍ଷରୁ ଗ୍ରହଣ କରାଯାଉଥିବା ବିଭିନ୍ନ ପଦକ୍ଷେପ ଏବଂ ବିଭିନ୍ନ ଯୋଜନାର କାର୍ଯ୍ୟକାରିତା ସମ୍ପର୍କରେ ସୂଚନା ଦେଇଥିଲେ। ଏହାପରେ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଡେରାବିଶ ବ୍ଲକ ଅଧ୍ୟକ୍ଷ ତଥା କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ସରୋଜକାନ୍ତ ସାହୁ, ସାମାଜିକ କର୍ମୀ ହଳଧର ଦାଶ, କୁଶିଆପାଳ ପ୍ରଥମିକ କୃଷି ସମବାୟ ସମିତି ସଭାପତି ସରୋଜକାନ୍ତ ନାୟକ, ଚାଟରାଚକଡା ସରପଞ୍ଚ ପୂର୍ଣ୍ଣାନନ୍ଦ ବେହେରା, ପ୍ରାକ୍ତନ ସମିତିସଭ୍ୟ ଯଶୋବନ୍ତ ପ୍ରଧାନ, କାଉପଡା ସମିତିସଭ୍ୟ ବଂଶୀଧର ମଲିକ ଓ ଅବସରପ୍ରପ୍ତ ସେନାଧିକାରୀ ରଜନୀକାନ୍ତ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କାଉପଡା ପ୍ରାଥମିକ ସମବାୟ ସମିତି ପରିଚାଳନା ପରିଷଦର ନିର୍ଦ୍ଦେଶିକା, ପ୍ରମିଳା ଦାଶ ଓ ରଶ୍ମିତା ଜେନାଙ୍କ ସମେତ ନିର୍ଦ୍ଦେଶକ ପ୍ରଦୀପ କୁମାର ମହାନ୍ତି, ପୀତାମ୍ବର ସାହୁ, ହେମନ୍ତ କୁମାର ମହାନ୍ତି, ରାଧାଶ୍ୟାମ ଦାଶ, ଅଶୋକ ମଲିକ, ମୁରଲୀଧର ମଲିକ, କରୁଣାକର କର, ସତ୍ୟରଞ୍ଜନ ମଲିକ, ବଳରାମ ଭୋଇ ସୁରେନ୍ଦ୍ର ବେହେରା ଓ ରତ୍ନାକର ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ।

# MOCK TEST PAPER # 5

## CLASS-X (SOCIAL SCIENCE)

**Time Allowed : 3 hours** **Maximum Marks: 80**

### GENERAL INSTRUCTIONS

1. ***The question paper has 27 questions in all. All questions are compulsory.***
2. ***Questions from serial number 1 to 7 are very short answer questions. Each question carries one mark.***
3. ***Questions from serial number 8 to 18 are 3 marks questions. Answer of these questions should not exceed 80 words each.***
4. ***Questions from serial number 19 to 25 are 5 marks questions. Answer of these questions should not exceed 100 words each.***
5. ***Questions 26 and 27 are map questions of 2 and 3 marks from History and Geography.***
6. ***After completion, attach the maps inside your answer book.***

**1.** Explain Nation State.

**Or**

Why did the French think colonies were necessary ? Explain one reason.

**2.** What was 'Young Italy' ?

**Or**

Explain one effect of increase in the rice cultivation in Vietnam.

**3.** Explain one characteristic of black soil.

**4.** Explain international trade.

**5.** Name the river on which Hirakud dam is constructed.

**6.** Explain the term 'Ethnic'.

**7.** Give an example of right to choose.

**8.** Describe the contribution of Giuseppe Mazzini in spreading revolutionary idea in Europe.

**Or**

Describe the role of women as warriors in Vietnam during the 1960s.

**9.** Describe the understanding of plantation workers regarding the idea of "Swaraj".

**10.** Explain the geographical conditions required for the tea farming.

**11.** Explain any three steps to be taken to conserve the energy resources.

**12.** Examine the contribution of manufacturing industry to national economy.

**13.** Explain the characteristics of Democracy.

**14.** Explain the role of judiciary in the Indian constitution.

**15.** How cast inequalities still continuing in India ?

**16.** Why is the issue of sustanability important for development ? Explain any three reasons.

**17.** Distinguish between 'open unemployment' and 'disguised unemployment'.

**18.** Why rules and regulations necessary in market place ?

**19.** Explain the lessons learned by the economists and the politicians from the economic experience of the World War Second.

**Or**

"The first world war created dramatically a new situation for Indian industries". Justify the statement.

**Or**

Explain the causes of air pollution in Calcutta in 19th century and early 20th century. Explain the efforts made to control this air pollution.

**20.** Describe how the work of Premchand reflected the social condition of Indian society.

**Or**

Explain the beginning and growth of novels in Bengal.

**21.** Describe the importance of railways as a means of transport in India.

**22.** "The challenge of deepening of democracy is faced by every democracy in one form or another". Support the statement with suitable arguments.

**23.** How does democracy lead to peaceful and harmonious life amongst citizens ? Explain with examples.

**24.** Analyze the impacts of globalization in India.

**25.** How does public sector contribute to the economic development of a nation ? Explain.

**26.** Two features 1 and 2 are marked in the given outline political map of India. Identify these features with the help of the following information and write their correct names on the lines marked on the map.

i. The place where Civil Disobedient Movement was started.

ii. The place where Indian National Congress Session was held.




**27.** Locate and label the following items on the given political outline map of India with approprita esymbols.

i. Bhilai - Iron and Steel Plant.

ii. Kalpakkam - Nuclear Power Plant.

iii. Kochio- Major Sea Port.




Vidyamandir Classes
GURUKUL FOR IITJEE AND MEDICAL PREPARATION
ADMISSION TEST ON 13th & 20th JANUARY 2019
(FOR CLASS VII, VIII, IX, X & XI STUDENTS) Ph. No. 0674 - 2421400, 2421800, 85990 87100 / 85990 87200
Preparation For: JEE Mains & Advanced, Medical (NEET / AIIMS), KVPY, Olympiad, NTSE & Board.
Jaydev Vihar Centre : 1st Floor Above HDFC Bank, Madhusudan Nagar, Kalinga Stadium Square, •Damana Centre: Plot No. 248, 1st Floor, Near Damana Square, Sailashree Vihar Road, Chandrasekharpur, Bhubaneswar
Corporate Office: Vidyamandir Classes, Aggrawal Corporate Heights, 3rd Floor, Plot No. A-7 Netaji Subhash Place, Opposite Wazirpur Depot, Pitampura, Delhi, www.vidyamandir.com

# ଐଶ୍ୱର୍ଯ୍ୟାଙ୍କ ପ୍ରଶଂସାରେ ସାରା

ଷ୍ଟାର କିଡ୍ ସାରା ଅଲ୍ଲୀ ଖାଁଙ୍କ ଖୁସି କହିଲେ ନ ସରେ। ନିକଟରେ ତାଙ୍କ ଅଭିନୀତ ପ୍ରଥମ ଫିଲ୍ମ 'କେଦାରନାଥ' ଏବଂ 'ଶିମ୍ବା' ରିଲିଜ ହୋଇଛି ଏବଂ ଫିଲ୍ମଦ୍ୱୟ ଭଲ ବିଜ୍‌ନେସ୍ କରିଛି। ଏବେ ସେ ଯୁଆଡ଼େ ଗଲେ ଐଶ୍ୱର୍ଯ୍ୟା ରାୟବଚ୍ଚନଙ୍କ ପ୍ରଶଂସା କରୁଥିବା ଦେଖିବାକୁ ମିଳୁଛି। ହେଲେ କାରଣ କ'ଣ ? ଅସଲ କଥା ହେଲା ଅଭିନୟ ଜଗତରେ ପ୍ରବେଶ କରିବା ପୂର୍ବରୁ ସେ ଐଶ୍ୱର୍ଯ୍ୟାଙ୍କ ଆକ୍ଟିଂ ଦ୍ୱାରା ପ୍ରଭାବିତ ହୋଇଥିଲେ। ଏ ବିଷୟରେ ସାରା କହନ୍ତି, ''ପିଲାଦିନରୁ ମୁଁ ଐଶ୍ୱର୍ଯ୍ୟା ରାୟଙ୍କ ବଡ଼ ପ୍ରଶଂସକ। ଏପରିକି ଥରେ ଶିକାଗୋରେ ଏକ ଷ୍ଟେଜ୍ ଶୋ'ରେ ଐଶ୍ୱର୍ଯ୍ୟାଙ୍କ ଡ୍ୟାନ୍ସ ଦେଖି ମୁଁ ଆତ୍ମହରା ହୋଇପଡିଥିଲି। ଆକ୍ଟିଂରେ ସେ ମୋର ରୋଲ୍ ମଡେଲ ବୋଲି କହିପାରନ୍ତି।'' ପ୍ରଥମରୁ ଦୁଇଟି ସିନେମାର ସଫଳତା ପରେ ଏବେ କୌଣସି ଫିଲ୍ମ ସାଇନ୍ କରିବା ପୂର୍ବରୁ ଭଲ ଭାବରେ ଚିନ୍ତା କରୁଛନ୍ତି ସେ। ଏପରି କି କାହାଣୀ ପସନ୍ଦ ନ ହେବାରୁ ନିକଟରେ ସେ ଦୁଇଟି ଅଫରକୁ ହାତଛଡ଼ା କରିଛନ୍ତି।


ସାରା

# ବଲିଉଡ୍ ହାଲ୍‌ଚାଲ୍


ଆଲିଆ-ରଣବୀର

❖ସଞ୍ଜୟ ଲୀଲା ଭଁସାଲୀଙ୍କ ଆଗାମୀ ଫିଲ୍ମରେ ଶାହରୁଖ-ସଲମାନ ଏକାଠି ଅଭିନୟ କରିବାକୁ ଯାଉଛନ୍ତି। ଟାଇଟଲ ଫାଇନାଲ ହୋଇ ନ ଥିବା ଏହି ଫିଲ୍ମର ସ୍କ୍ରିପ୍ଟିଂ କାମ ଚାଲୁ ରହିଛି। ସୂଚନାଯୋଗ୍ୟ ୨୦୦୨ରେ ନିର୍ମିତ 'ହମ୍ ତୁହ୍ମାରେ ହେଁ ସନମ'ରେ ଶାହରୁଖ-ସଲମାନ ଏକାଠି ଅଭିନୟ କରିଥିଲେ।

❖ଜୋୟା ଅଖତରଙ୍କ ନିର୍ଦ୍ଦେଶନାରେ ନିର୍ମିତ 'ଗଲି ବୟ' ଚଳିତବର୍ଷ ଫେବୃୟାରୀ ୧୪ରେ ରିଲିଜ ହେବାକୁ ଯାଉଛି। ଫିଲ୍ମର ମୁଖ୍ୟ ଭୂମିକାରେ ରଣବୀର ସିଂ ଏବଂ ଆଲିଆ ଭଟ୍ଟ ଅଭିନୟ କରିଛନ୍ତି।

❖ରୋହିତ ସେଟ୍ଟିଙ୍କ 'ଶିମ୍ବା' ପ୍ରାରମ୍ଭରୁ ଭଲ ବିଜ୍‌ନେସ କରିଛି। ପ୍ରଥମ ସପ୍ତାହରେ ହିଁ ଫିଲ୍ମଟି ୧୦୦କୋଟି କ୍ଲବରେ ପ୍ରବେଶ କରିବାକୁ ଯାଉଛି।

❖ଆଗାମୀ ଫିଲ୍ମ 'ଅଫିସ ଖାଁ'ରେ ଜନ୍ ଆବ୍ରାହମ ପୋଲିସ ଅଫିସର ଭୂମିକାରେ ଅଭିନୟ କରିବେ।

❖ଦୀପିକା ପାଦୁକୋନ୍ ଏବଂ ପ୍ରିୟଙ୍କା ଚୋପ୍ରାଙ୍କ ପରେ ଆମ୍ପି ଜ୍ୟାକସନ ହାତକୁ ଦି' ହାତ ହେବାକୁ ଯାଉଛନ୍ତି। ଜାମ୍ବିଆର ବିଜନେସମ୍ୟାନ ଜର୍ଜ ପାନାୟିଓଟୁଙ୍କ ସହ ତାଙ୍କ ରିଂ ସେରିମନି ନିକଟରେ ଶେଷ ହୋଇଛି। ଆମ୍ପି ପିନ୍ଧିଥିବା ଡାଇମଣ୍ଡ ରିଂକୁ ତାଙ୍କର ସୋସିଆଲ ମିଡିଆରେ ଶେୟାର କରିଛନ୍ତି।

# ଆଉ ଜଣେ ନବାଗତ

ଆଉ ଜଣେ ନବାଗତ ଓଡ଼ିଆ ସିନେମାରେ ନିଜର ଭାଗ୍ୟ ପରୀକ୍ଷା କରିବାକୁ ଯାଉଛନ୍ତି। ସେ ହେଲେ ମଞ୍ଚ ଅଭିନେତା ସୁଶାନ୍ତ। ପ୍ରଯୋଜକ ଅତୀଶ କୁମାର ରାଉତ ତାଙ୍କୁ ବଡ ପରଦାରେ ବ୍ରେକ୍ ଦେଇଛନ୍ତି। ସାମ୍ପ୍ରତିକ ଘଟଣାବଳୀକୁ ନେଇ ନିର୍ମିତ ଓଡ଼ିଆ ଚଳଚ୍ଚିତ୍ର 'ଭୋଟ୍'ରେ ସେ ନାୟକ ସାଜିଛନ୍ତି। ଏ ସମ୍ପର୍କରେ ପ୍ରଯୋଜକ କହନ୍ତି, ''ଏହି ଫିଲ୍ମର କାହାଣୀରେ ଭିନ୍ନତା ରହିଛି। ୨୦୧୯ରେ ସାଧାରଣ


ସୁଶାନ୍ତ

ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି। ତେଣୁ ସେଭଳି ଏକ ବିଷୟବସ୍ତୁକୁ ଆଧାରକରି ଉକ୍ତ ଫିଲ୍ମ ପ୍ରସ୍ତୁତ ହୋଇଛି। ଏଭଳି ଏକ ପାରିବାରିକ, ପ୍ରେମଜନିତ ତଥା ରାଜନୈତିକ କାହାଣୀ ଚୟନ ସମୟରେ ଆମକୁ ବେଶ୍ ପରିଶ୍ରମ କରିବାକୁ ପଡ଼ିଥିଲା। ଏଭଳି ଏକ କାହାଣୀ ଯେପରି ସବୁ ଦୃଷ୍ଟିରୁ ଦର୍ଶକଙ୍କୁ ପ୍ରଭାବିତ କରିବ ସେ ନେଇ ଯଥା ସମ୍ଭବ ଗୁରୁତ୍ୱ ଦିଆଯାଇଛି। ଏହି ଫିଲ୍ମର ସମସ୍ତ କାମ ସିଙ୍କ୍ ସାଉଣ୍ଡରେ କରାଯାଇଛି।'' 'ମୁଁ ରାଜା ତୁ ରାଣୀ' ଏବଂ 'ଭଉଁରୀ' ପରେ ରିତୁପ୍ରିୟା ପ୍ରଡକ୍ସନ ପ୍ରା.ଲି. ବ୍ୟାନରରେ ଅତୀଶଙ୍କ ନିର୍ମିତ ଏହା ହେଉଛି ତୃତୀୟ ଫିଲ୍ମ। ଖାସ୍ କଥା ହେଲା ନବାଗତ ନିର୍ଦ୍ଦେଶକ ଦେବାଶିଷ ମହାପାତ୍ର ଏହାର ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି। ଗୀତଗୁଡ଼ିକୁ ବିକାଶ ଦାସ ସ୍ୱର ଦେଇଥିବା ବେଳେ ସିନେମାଟୋଗ୍ରାଫି ଦାୟିତ୍ୱ ତୁଲାଇଛନ୍ତି ପ୍ରଶାନ୍ତନୁ ମହାପାତ୍ର। ଚଳିତବର୍ଷ ମଧ୍ୟ ଭାଗରେ ଅଜିତ ମହାପାତ୍ରଙ୍କ ରଚିତ ଏହି କାହାଣୀ 'ଭୋଟ' ଟାଇଟଲରେ ମଞ୍ଚ ନାଟକ ଭାବରେ ପରିବେଶିତ ହୋଇ ପ୍ରଶଂସିତ ହୋଇଛି। ସୁଶାନ୍ତଙ୍କ ବ୍ୟତୀତ ନବାଗତ ସୌମ୍ୟ, ଶୀତାଂଶୁ, ନାୟିକା ଶ୍ରେୟାଙ୍କ ବ୍ୟତୀତ ପିଙ୍କି ପ୍ରିୟଦର୍ଶିନୀ, ହର ରଥ, ସୂର୍ଯ୍ୟ ମହାନ୍ତି, ଚକ୍ରଧର ଜେନା, ଉଷସୀ ମିଶ୍ର, ରାନୁ ପାଢ଼ୀ, ଦେବୀ ବାରିକ, ସତ୍ୟବ୍ରତ ପାଣିଗ୍ରାହୀ, ମନୋରଞ୍ଜନ ଦାସ ଓ ଟେଲି ଅଭିନେତ୍ରୀ ପ୍ରିୟା 'ଭୋଟ୍' ଫିଲ୍ମର ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି।

# ଡବଲ ହ୍ୟାଟ୍ରିକ

ସତରେ ୟାକୁ ହିଁ କହନ୍ତି ହାତୀ ମୁଣ୍ଡରେ ସୁନାକଳସ ଢାଳିବା। ଦେଖୁନାହାନ୍ତି, କିପରି ପଛକୁ ପଛ ଛଅଟି ସିନେମାରେ ଅଭିନୟ କରୁଛନ୍ତି ବଜ୍ଜୁ ବଡ଼ଜେନା। ସଂଗ୍ରାମ ବିଶ୍ୱାଳଙ୍କ ନିର୍ଦ୍ଦେଶନାରେ 'ମହାସଂଗ୍ରାମ'ରୁ ଆରମ୍ଭ ହୋଇଥିଲା ତାଙ୍କର ବଡ଼ ପରଦା କ୍ୟାରିୟର। ନିକଟରେ ସେ ଅଭିନୟ କରିଥିବା ସିନେମାଗୁଡ଼ିକ ମଧ୍ୟରୁ 'ପ୍ରେମ ପାଇଁ ମହାଭାରତ'ରେ ଶକୁନି ଚରିତ୍ରକୁ ନେଇ ବେଶ୍ ଆଶା ବାନ୍ଧିଛନ୍ତି ସେ। ସଞ୍ଜୟ ନାୟକଙ୍କ ନିର୍ଦ୍ଦେଶନାରେ ନିର୍ମିତ ଦୁଇଟି ସିନେମା 'ପ୍ରେମରେ ରଖିଛି ଶହେରୁ ଶହେ' ଏବଂ 'ଆସିବି ଫେରି ମୁଁ ବସୁଧା ଚିରି'ରେ ତାଙ୍କୁ ମିଳିଛି ମନଲାଖି ଭୂମିକା। ଏହାବ୍ୟତୀତ ଏନ୍. ପାଢ଼ୀଙ୍କ 'ତୋ ଇସ୍କରେ' ଏବଂ ଜିତେନ୍ଦ୍ର ମହାପାତ୍ରଙ୍କ ନିର୍ଦ୍ଦେଶନାରେ 'ରଙ୍ଗ ବରସେ ଟୁପୁରୁ ଟୁପୁରୁ'ରେ ଓଡ଼ିଆ-ଛତିଶଗଡ଼ୀ ଫିଲ୍ମ 'ମାଲ୍ ମହୁ ଜୀବନ ମାଟି-ଭାଗ୍ୟର ନୋ ଗ୍ୟାରେଣ୍ଟି'ରେ ବିଜ୍ଜୁ ଅଭିନୟ କରୁଛନ୍ତି। ଏ ସମ୍ପର୍କରେ ସେ କହନ୍ତି, ''ଏହି ଫିଲ୍ମଗୁଡିକରେ ମୋତେ ମିଳିଥିବା ଭୂମିକାଗୁଡିକ ଭିନ୍ନ ଧରଣର। ନିଜ ଦାୟିତ୍ୱ ସମ୍ପାଦନ କରିଛି, ବାକି ସବୁ ଦର୍ଶକଙ୍କ ଉପରେ ନିର୍ଭର କରେ। କେବଳ ସେତିକି ନୁହେଁ, ଉକ୍ତ ଫିଲ୍ମଗୁଡିକର କାହାଣୀ ମଧ୍ୟ ମୋତେ ପ୍ରଭାବିତ କରିଛି।''


ବିଜ୍ଜୁ ବଡ଼ଜେନା

# ଅଙ୍କିତାଙ୍କ ସଜବାଜ

ଅଙ୍କିତା ଲୋଖାଣ୍ଡେ ଏବେ ଠାରୁ ଗୋଡ ଟେକି ବସିଲେଣି। କ'ଣ ପାଇଁ ଜାଣନ୍ତି ? ବାହା ହେବାକୁ। ଅର୍ଥାତ୍, ୨୦୧୯ରେ ସେ ହାତକୁ ଦି' ହାତ ହେବେ ବୋଲି କୁଆଡେ ମାଇଣ୍ଡ ମେକଅପ କରିସାରିଲେଣି। ଯଦିଓ ଏ ନେଇ ନିର୍ଦ୍ଦିଷ୍ଟ ତାରିଖ ଜଣାପଡିନାହିଁ, ହେଲେ ତାଙ୍କର କଥାବାର୍ତ୍ତାରୁ ଯାହା ଜଣାପଡୁଛି ମ୍ୟାରେଜ ପାଇଁ ସେ ପ୍ରାକ୍ ପ୍ରସ୍ତୁତି ଆରମ୍ଭ କରିଦେଲେଣି। ସୁଶାନ୍ତ ସିଂହ ରାଜପୁତଙ୍କ ସହ ବ୍ରେକ୍ ଅପ୍ ପରେ ଏବେ ଭିକି ଜୈନଙ୍କ ସହ ତାଙ୍କର ଆଫେୟାର୍ସ ଚାଲିଛି। କେବଳ ସେତିକି ନୁହେଁ, ତାଙ୍କୁ ହିଁ ସେ ମ୍ୟାରେଜ କରିବେ ବୋଲି ତାଙ୍କର ଜଣେ ସାଙ୍ଗ ପ୍ରକାଶ କରିଛନ୍ତି। ତେବେ ଏଭଳି କଥା ଶୁଣିବା ପରେ ଅଙ୍କିତା କହନ୍ତି, '୨୦୧୯ରେ ମ୍ୟାରେଜ କରିବାକୁ ପ୍ଲାନିଂ କରିଛି। ହେଲେ କାହା ସହ ବାହାଘର ହେବ ତାହା ଠିକ୍ ସମୟରେ ଜଣାଇଦେବି।'

# ଓଡ଼ିଆ ସିନେମା-୨୦୧୯

ଗତବର୍ଷ ୩୦ଟି ଓଡ଼ିଆ ସିନେମା ପରଦା ଉପରକୁ ଆସିଥିଲା। ନୂଆବର୍ଷରେ କେବଳ ଜାନୁୟାରୀରେ ୩-୪ଟି ସିନେମା ରିଲିଜ ହେବା ଯୋଜନା ରହିଛି। ବିନି ସାମଲ-ନିହାର ସାମଲଙ୍କ ପ୍ରଯୋଜନାରେ ପ୍ରସ୍ତୁତ ହୋଇଛି ନୂଆ ଓଡ଼ିଆ ଚଳଚ୍ଚିତ୍ର 'ଅଜବ ସଞ୍ଜୁର ଗଜବ ଲଭ୍'। ଏହି ସିନେମାରେ ପୁଣି ଥରେ ବାବୁସାନ୍ ଏବଂ ନିର୍ଦ୍ଦେଶକ ଅଶୋକ ପତିଙ୍କ କେମେଷ୍ଟ୍ରି ଦେଖିବାକୁ ମିଳିବ। ଏଥିରେ ବାବୁସାନ୍‌ଙ୍କ ନାୟିକା ସାଜିଛନ୍ତି ଅର୍ଚ୍ଚିତା। ଏହି ଫିଲ୍ମରେ ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ପ୍ରେମ ଆନନ୍ଦ। ଅପରପକ୍ଷରେ ଅର୍ଚ୍ଚିତାଙ୍କ ଅଭିନୀତ ତଥା କେ. ମୁରଲୀକ୍ରିଷ୍ଣାଙ୍କ ନିର୍ଦ୍ଦେଶିତ 'ଚାମ୍ପିୟନ' ଜାନୁୟାରୀରେ ମୁକ୍ତିଲାଭ କରିବା ଯୋଜନା ରହିଛି। ଏଥିରେ ସେ ଜଣେ ବକ୍ସର ଭୂମିକାରେ ଅଭିନୟ କରୁଛନ୍ତି। ଫିଲ୍ମଟିର ନିର୍ଦ୍ଦେଶନା ଦେଇଛନ୍ତି ରମେଶ ରାଉତ। ଏହି ଦୁଇଟି ଫିଲ୍ମ ବ୍ୟତୀତ ଆଉ ଏକ ଫିଲ୍ମ (ପ୍ରେମ ପାଇଁ ମହାଭାରତ) ରିଲିଜ ଅପେକ୍ଷାରେ ରହିଛି। ନିରଞ୍ଜନ ବେହେରାଙ୍କ ନିର୍ଦ୍ଦେଶନାରେ ଉକ୍ତ ଚଳଚ୍ଚିତ୍ରର ବିଭିନ୍ନ ଭୂମିକାରେ ସମ୍ବିତ, ରିୟା, ସମରେଶ, ଶ୍ରୀତମ ଦାସ, ବିଜ୍ଜୁ ବଡ଼ଜେନା ପ୍ରମୁଖ କଳାକାର ଅଭିନୟ କରିଛନ୍ତି। ଅନ୍ୟପକ୍ଷରେ ରିୟାନା-ବିଭାସ ଅଭିନୀତ 'ଏ ଦିଲ୍ ତତେ ଦେଲି' ମଧ୍ୟ ଜାନୁୟାରୀରେ ମୁକ୍ତିଲାଭ କରିବା ଯୋଜନା ରହିଛି। ଏସ୍. ଦିଲୀପ ପଣ୍ଡାଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ 'ତୁ ମୋ ସୁନା ଚଢ଼େଇ' ମଧ୍ୟ ଏହି ମାସରେ ପରଦା ଉପରକୁ ଆସିବା ଯୋଜନା ରହିଛି। ଏହାର ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି ଜ୍ୟୋତି ନାୟକ ଏବଂ ତାଙ୍କ ଅପୋଜିଟ୍‌ରେ ଅଛନ୍ତି ଏଲସା ଘୋଷ। ଦୀପକ-ପିଙ୍କି ପ୍ରିୟଦର୍ଶିନୀଙ୍କ ଅଭିନୀତ 'ଜୋର୍ କା ଝଟକା' ରିଲିଜ ଅପେକ୍ଷାରେ ରହିଛି। ଅନ୍ୟପକ୍ଷରେ ଅତୀଶ କୁମାର ରାଉତଙ୍କ ପ୍ରଯୋଜିତ ତଥା ନବାଗତ ଦେବାଶିଷ ପାତ୍ରଙ୍କ ନିର୍ଦ୍ଦେଶନାରେ 'ଭୋଟ'ର ଶୁଟିଂ ଶେଷ ହୋଇଛି। ଏଗୁଡ଼ିକ ବ୍ୟତୀତ କେତୋଟି ସିନେମାର ଶୁଟିଂ ଏବେ ଚାଲୁ ରହିଛି। ଅକ୍ଷୟ କୁମାର ପରିଜାଙ୍କ ପ୍ରଯୋଜନାରେ ତଥା ପପୁ ପମ୍‌ପମ୍‌ଙ୍କ ନିର୍ଦ୍ଦେଶନା(ପ୍ରଥମ ଥର)ରେ ଓଡ଼ିଆ ସିନେମା 'ଚିରକୁଟ୍'ର ଶୁଟିଂ ଚାଲୁ ରହିଛି। ଏହାବ୍ୟତୀତ ଚଣ୍ଡୀ ପରିଜାଙ୍କ ନିର୍ଦ୍ଦେଶନାରେ 'ଏ ଦିଲ୍ ମାନେନା' (ସ୍ୱରାଜ, ଶିବାନୀ), ସଞ୍ଜୟ ନାୟକଙ୍କ ନିର୍ଦ୍ଦେଶନାରେ 'ଆସିବି ଫେରି ମୁଁ ବସୁଧା ଚିରି', ରାଜୀବ ମହାନ୍ତିଙ୍କ 'ତୁ ମୋର ନିହାତି ଦରକାର', ଜ୍ୟୋତି ନାୟକ-ରିୟା ଅଭିନୀତ 'ପ୍ରେମରେ ରଖିଛି ଶହେରୁ ଶହେ', ଏନ୍. ପାଢ଼ୀଙ୍କ 'ତୋ ଇସ୍କ ରେ' ଏବଂ ତାପସ ସରଘରିଆଙ୍କ ନିର୍ଦ୍ଦେଶନାରେ ତଥା ନବାଗତ ଯୋଡ଼ି ରିସାନ-ସାୟଲ-ମହିମାଙ୍କୁ ନେଇ 'ଚାଲ ଟିକେ ଦୁଷ୍ଟ ହେବା' ର ଶୁଟିଂ ଚାଲୁ ରହିଛି।


'ଅଜବ ସଞ୍ଜୁର ଗଜବ ଲଭ୍' ଚଳଚ୍ଚିତ୍ରରେ ଅର୍ଚ୍ଚିତା-ବାବୁସାନ୍

ଅପେରା ହାଲ୍‌ଚାଲ୍

# ଏମିତି ସ୍ତ୍ରୀକୁ ଶହେ ସଲାମ

ନିର୍ଦ୍ଦେଶକ ପ୍ରଦୀପ ବେହେରା ପୁଣି ଥରେ ଅପେରା ଦର୍ଶକଙ୍କୁ ଆଉ ଏକ ଭିନ୍ନ ଧରଣର ନାଟକ ଭେଟି ଦେବାକୁ ଯାଉଛନ୍ତି। ତାଙ୍କ ନିର୍ଦ୍ଦେଶନାରେ ବର୍ତ୍ତମାନ ଶ୍ରୀକ୍ଷେତ୍ର ଗଣନାଟ୍ୟରେ ଏକ ନାଟକର ରିହରର୍ସାଲ ପୂରା ଦମ୍‌ରେ ଚାଲୁ ରହିଛି। ନାଟକଟିର ଟାଇଟଲ ରହିଛି 'ଏମିତି ସ୍ତ୍ରୀକୁ ଶହେ ସଲାମ', ଯାହାକୁ ରଚନା କରିଛନ୍ତି ସିଦ୍ଧାର୍ଥ ମିଶ୍ର। ଏହାର ସଙ୍ଗୀତ ଦାୟିତ୍ୱ ମିହିର ମହାନ୍ତି ତୁଲାଇଛନ୍ତି ଏବଂ ନୃତ୍ୟ ନିର୍ଦ୍ଦେଶନା ଦେଉଛନ୍ତି କୁମାର ବାପି। ଏହି ନାଟକରେ ଉକ୍ତ ପାର୍ଟିର ଖଳନାୟକ ଶାରଦା ପ୍ରସାଦ ଦାସଙ୍କୁ ଚରିତ୍ର ଅଭିନେତା ଭାବରେ ଦେଖିବାକୁ ମିଳିବ। ଏ ସମ୍ପର୍କରେ ସେ କହନ୍ତି, ''ପୂର୍ବରୁ ପ୍ରଦୀପ ବେହେରାଙ୍କ ନିର୍ଦ୍ଦେଶନାରେ ମୁଁ କେତୋଟି ନାଟକରେ ଅଭିନୟ କରିଛି। ଅପେରା ଜଗତରେ ମୋର ୨୫ବର୍ଷ ହୋଇଗଲା, ଆଉ ଆରମ୍ଭରୁ ମୋ ଚେହେରାକୁ ନେଇ ମୋତେ ଖଳନାୟକ ଭୂମିକା ଦିଆଯାଇଛି। ହେଲେ ଏଥର 'ଏମିତି ସ୍ତ୍ରୀକୁ ଶହେ ସଲାମ'ରେ ମୁଁ ଜଣେ ବାପା ଭୂମିକାରେ ଅଭିନୟ କରୁଛି, ଯାହା ଦର୍ଶକଙ୍କୁ ନିଶ୍ଚୟ ପ୍ରଭାବିତ କରିବ ବୋଲି ଆଶା ରଖିଛି।''


ଶାରଦା ପ୍ରସାଦ ଦାସ

## ସଂକ୍ଷେପରେ

### ଉଜ୍ଜ୍ୱଳା ଯୋଜନା: ୬ କୋଟିରେ ପହଞ୍ଚିଲା ସଂଯୋଗ

**ନୂଆଦିଲ୍ଲୀ,୨-୧:** ଦେଶର ପ୍ରତ୍ୟେକ ଘରେ ରୋଷେଇ ଗ୍ୟାସ୍ ପହଞ୍ଚାଇବା ଲାଗି କେନ୍ଦ୍ର ସରକାର ଲକ୍ଷ୍ୟ ଧାର୍ଯ୍ୟ କରିଥିବା ବେଳେ ଏଥିରେ ବେଶ୍ ସଫଳତା ମିଳୁଛି। ବୁଧବାର ସୁଦ୍ଧା ସରକାର ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାରେ ୬ କୋଟି ଗ୍ୟାସ୍ ସଂଯୋଗ ଦେଇଥିବା ଜଣାପଡିଛି। କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟ ପକ୍ଷରୁ ରାଜଧାନୀ ଦିଲ୍ଲୀରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗ ଦେଇ ଉପରାଷ୍ଟ୍ରପତି ଏମ୍.ଭେଙ୍କାୟା ନାଇଡୁ ଖାନ୍‌ପୁର ଅଞ୍ଚଳରେ ଶିବପାର୍କ ନିବାସୀ ଜସ୍ମିନ୍ ଖାତୁନଙ୍କୁ ଉକ୍ତ ଯୋଜନାରେ ୬ କୋଟି ତମ ମାଗଣା ଏଲ୍‌ପିଜି ସଂଯୋଗ କାଗଜପତ୍ର ବାଣ୍ଟିଥିଲେ। ୨୦୧୬ ମେ ପହିଲାରୁ ଏହି ଯୋଜନା ଆରମ୍ଭ ହୋଇଥିଲା। ୨୦୧୯ମାର୍ଚ୍ଚ ସୁଦ୍ଧା ୫ କୋଟି ଗ୍ୟାସ୍ ସଂଯୋଗ ଦେବାର ଲକ୍ଷ୍ୟ ଧାର୍ଯ୍ୟ କରିଥିଲେ। ପରେ ଏହି ଲକ୍ଷ୍ୟକୁ ୨୦୨୧ ସୁଦ୍ଧା ୮ କୋଟିକୁ ବୃଦ୍ଧି କରାଯାଇଛି। ଏହି ଅବସରରେ ନାଇଡୁ ଏହାକୁ ସମ୍ଭବତଃ ବିଶ୍ୱର ସର୍ବବୃହତ୍ ଦାରିଦ୍ର୍ୟଦୂରୀକରଣ ଯୋଜନା ବୋଲି ଅଭିହିତ କରିଛନ୍ତି। ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗ ଦେଇଥିଲେ।

### ଏମ୍‌ଏସ୍‌ଏମ୍‌ଇ, ଏନ୍‌ବିଏଫ୍‌ସି ପ୍ରତିନିଧିଙ୍କୁ ଭେଟିବେ ଶକ୍ତିକାନ୍ତ



**ନୂଆଦିଲ୍ଲୀ,୨-୧:** ଭାରତୀୟ ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର ଶକ୍ତିକାନ୍ତ ଦାସ ଆସନ୍ତା ସପ୍ତାହରେ ଏମ୍‌ଏସ୍‌ଏମ୍‌ଇ ଏବଂ ଅଣବ୍ୟାଙ୍କିଙ୍ଗ ଆର୍ଥିକ ସଂସ୍ଥା(ଏନ୍‌ବିଏଫ୍‌ସି) ପ୍ରତିନିଧିଙ୍କୁ ଭେଟିବେ। ସୂଚନାଥାଉ କି, ଆର୍‌ବିଆଇ ଦିନକ ପୂର୍ବରୁ ଏମ୍‌ଏସ୍‌ଏମ୍‌ଇଙ୍କ ଲାଗି ଗୋଟିଏ ଥର ଋଣ ପୁନର୍ଗଠନ ସୁବିଧା ଘୋଷଣା କରିଛନ୍ତି। ଏହାଦ୍ୱାରା ଏହି ସେକ୍ଟରରେ ଦେଖାଦେଇଥିବା ନଗଦ ସଙ୍କଟ ଅନେକାଂଶରେ ଦୂର ହୋଇଯିବ। ଆସନ୍ତା ବୈଠକ ନେଇ ଶକ୍ତିକାନ୍ତ ଟୁଇଟ୍ ଜାରି କରିଛନ୍ତି। ଉଲ୍ଲେଖ କରାଯାଇପାରେ ଯେ, ଏମ୍‌ଏସ୍‌ଏମ୍‌ଇର ଚାପଗ୍ରସ୍ତ ସମ୍ପତ୍ତିର ପୁନର୍ଗଠନ ସମୀକ୍ଷା ଲାଗି ରିଜର୍ଭ ବ୍ୟାଙ୍କ ବୋର୍ଡର ନଭେମ୍ବର ୧୯ ବୈଠକରେ ପରାମର୍ଶ ଦିଆଯାଇଥିଲା। ଆଇଏଲ୍‌ଆଣ୍ଡଏଫ୍‌ଏସ୍ ଆଣିଥିବା ଋଣକୁ ପରିଶୋଧ କରିବାରେ ବିଫଳ ହେବା ପରେ ଏନ୍‌ବିଏଫ୍‌ସି କ୍ଷେତ୍ରରେ ନଗଦ ସଙ୍କଟ ଦେଖାଯାଇଥିଲା।

> ମର୍ଚ୍ଚାଣ୍ଟ ରପ୍ତାନିକାରୀଙ୍କ ପାଇଁ ସୁଧ ସବ୍‌ସିଡି ବ୍ୟବସ୍ଥା ଦ୍ୱାରା ଏମ୍‌ଏସ୍‌ଏମ୍‌ଇ ରପ୍ତାନି ପ୍ରୋତ୍ସାହିତ ହେବ।
> – ଗଣେଷ କୁମାର ଗୁପ୍ତା, ସଭାପତି, ଏଫ୍‌ଆଇଇଓ



> କୋଇଲା ଗ୍ୟାସିଫିକେଶନ ପଦକ୍ଷେପ ଲାଗି ମନ୍ତ୍ରୀ ସ୍ତରୀୟ କମିଟି ବର୍ତ୍ତମାନ ଦେଶର ୧୪ ଖଣିକୁ ନେଇ ବିଚାର କରୁଛନ୍ତି।
> – ପୀୟୂଷ ଗୋୟଲ, କେନ୍ଦ୍ର କୋଇଲା ଖଣି



# ସର୍ବୋଚ୍ଚ ସ୍ତରରେ ଜିଡିପି-ପ୍ରତ୍ୟକ୍ଷ ଟିକସ ଅନୁପାତ

**ନୂଆଦିଲ୍ଲୀ,୨-୧**

- ୨୦୧୭-୧୮ରେ ୫.୯୮ ପ୍ରତିଶତରେ ପହଞ୍ଚିଲା ଅନୁପାତ
- ୪ ବର୍ଷ ଭିତରେ ରିଟର୍ନ ଦାଖଲ ସଂଖ୍ୟାରେ ୮୦% ବୃଦ୍ଧି
- ବ୍ୟକ୍ତିଗତ ଆୟକର ରିଟର୍ନ ଦାଖଲ ୬୫% ବଢ଼ିଛି
- ଏପ୍ରିଲ-ନଭେମ୍ବର ୨୦୧୮ରେ ୧.୨୩ ଲକ୍ଷ କୋଟି ରିଫଣ୍ଡ୍




ଆର୍ଥିକ ବର୍ଷ ୨୦୧୭-୧୮ରେ ମୋଟ ଘରୋଇ ଉତ୍ପାଦ (ଜିଡିପି) ସମ୍ମୁଖରେ ପ୍ରତ୍ୟକ୍ଷ ଟିକସ ଆଦାୟ ୫.୯୮ ପ୍ରତିଶତରେ ପହଞ୍ଚିଛି ଯାହାକି ବିଗତ ୧୦ ବର୍ଷରେ ସର୍ବଶ୍ରେଷ୍ଠ। ବୁଧବାର କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଏ ସମ୍ପର୍କରେ ସୂଚନା ଦିଆଯାଇଛି।

ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ, ଜିଡିପି-ପ୍ରତ୍ୟକ୍ଷ ଟିକସ ଅନୁପାତ ୨୦୧୬-୧୭ରେ ୫.୫୭ ପ୍ରତିଶତ, ୨୦୧୫-୧୬ରେ ୫.୪୭ ପ୍ରତିଶତ ଥିଲା। ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ, ଭାରତକୁ ଅଣଟିକସ ସମାଜରୁ ଟିକସ ପାଳନ କରୁଥିବା ସମାଜରେ ପରିବର୍ତ୍ତନ କରିବା ବିମୁଦ୍ରୀକରଣର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଅନ୍ୟ ଅର୍ଥରେ କହିବାକୁ ଗଲେ ବିମୁଦ୍ରୀକରଣର ପ୍ରଭାବ ବ୍ୟକ୍ତିଗତ ଟିକସ ପ୍ରଦାନରେ ଅନୁଭୂତ ହୋଇଛି। ମନ୍ତ୍ରଣାଳୟ ପକ୍ଷରୁ ନିଜର ୨୦୧୮ ସମୀକ୍ଷାରେ କୁହାଯାଇଛି ଯେ, ଗତ ୩ ବର୍ଷ ମଧ୍ୟରେ ପ୍ରତ୍ୟକ୍ଷ ଟିକସ-ଜିଡିପି ଅନୁପାତରେ କ୍ରମାଗତ ବୃଦ୍ଧି ହେଉଛି। ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ, ଗତ ୪ ବର୍ଷ ଭିତରେ ରିଟର୍ନ ଦାଖଲ ସଂଖ୍ୟାରେ ୮୦ ପ୍ରତିଶତରୁ ଅଧିକ ବୃଦ୍ଧି ହୋଇଥିବା ପରିଲକ୍ଷିତ ହୋଇଛି। ଆର୍ଥିକ ବର୍ଷ ୨୦୧୩-୧୪ରେ ମୋଟ ୩.୭୯ କୋଟି ରିଟର୍ନ ଦାଖଲ କରାଯାଇଥିଲା। ଏହା ୨୦୧୭-୧୮ରେ ୬.୮୫ କୋଟିରେ ପହଞ୍ଚିଗଲାଣି। ଏହାବ୍ୟତୀତ ବ୍ୟକ୍ତିଗତ ଆୟକର ରିଟର୍ନ ଦାଖଲକାରୀଙ୍କ ସଂଖ୍ୟାରେ ମଧ୍ୟ ଏହି ଅବଧିରେ ୬୫ ପ୍ରତିଶତ ବୃଦ୍ଧି ହୋଇଥିବା ଦେଖାଯାଇଛି। ୨୦୧୩-୧୪ରେ ଏହା ୩.୩୧ କୋଟି ଥିଲା ବେଳେ ୨୦୧୭-୧୮ରେ ଏହା ୫.୪୪ କୋଟି ହୋଇଛି। ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ, ଗତ ୩ ବର୍ଷର ରିଟର୍ନ ଦାଖଲରୁ ଏହା ସ୍ପଷ୍ଟ ହୋଇଛି ଯେ, ଲୋକଙ୍କ ଆୟ କ୍ରମାଗତ ବୃଦ୍ଧି ପାଉଛି। ୨୦୧୩-୧୪ ଆର୍ଥିକ ବର୍ଷ ଲାଗି ନିର୍ଦ୍ଧାରଣ ବର୍ଷ ଅଥବା ଆକଳନ ବର୍ଷ ୨୦୧୪-୧୫ରେ ଦାଖଲ କରାଯାଇଥିବା ରିଟର୍ନରେ ମୋଟ୍ ୨୬.୯୨ ଲକ୍ଷ କୋଟି ଟଙ୍କାର ଆୟ ହୋଇଥିବା ଘୋଷଣା କରାଯାଇଛି। ଏହି ରାଶି ଆକଳନ ବର୍ଷ ୨୦୧୭-୧୮ରେ ୬୭ ପ୍ରତିଶତ ବୃଦ୍ଧି ପାଇ ୪୪.୮୮ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଯାଇଛି। ସରକାରଙ୍କ ପକ୍ଷରୁ ବିଭିନ୍ନ ପ୍ରକାର ନିୟମ ଓ ପ୍ରଶାସନିକ ଉପାୟ ଆପଣାଯିବାରୁ ଏହି ଲକ୍ଷ୍ୟ ହାସଲ ସମ୍ଭବ ହୋଇପାରିଛି ବୋଲି ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଏପ୍ରିଲରୁ ନଭେମ୍ବର ୨୦୧୮ ମଧ୍ୟରେ ୧.୨୩ ଲକ୍ଷ କୋଟି ଟଙ୍କାର ରିଫଣ୍ଡ କରାଯାଇଛି ଯାହାକି ଗତ ବର୍ଷର ଏହି ଅବଧିରେ ଜାରି ରିଫଣ୍ଡଠାରୁ ୨୦.୮ ପ୍ରତିଶତ ଅଧିକ। ମନ୍ତ୍ରଣାଳୟର ତଥ୍ୟ ଅନୁଯାୟୀ, କମ୍ପାନୀଙ୍କଠାରୁ ଆୟକର ଆଦାୟ ୧୭.୭ ପ୍ରତିଶତ ଓ ବ୍ୟକ୍ତିଗତ ଆୟକର ୧୮.୩% ବୃଦ୍ଧି ପାଇଛି।

# ନିର୍ମାଣାଧୀନ ଫ୍ଲାଟ ଉପରେ କମିପାରେ ଜିଏସ୍‌ଟି

**ନୂଆଦିଲ୍ଲୀ,୨-୧**




- ଜିଏସ୍‌ଟି ୫%କୁ ଖସିବା ସମ୍ଭାବନା
- ୧୦ରେ ଜିଏସ୍‌ଟି କାଉନସିଲ ବୈଠକ

ଚଳିତ ୧୦ ତାରିଖରେ ଜିଏସ୍‌ଟି କାଉନସିଲ୍‌ର ଗୁରୁତ୍ୱପୂର୍ଣ୍ଣ ବୈଠକ ହେବାକୁ ଯାଉଛି। ଏହି ବୈଠକରେ ନିର୍ମାଣାଧୀନ ଫ୍ଲାଟ୍ ଓ ଘର ଉପରେ ଆଦାୟ ହେଉଥିବା ଜିଏସ୍‌ଟିକୁ ୫%କୁ ହ୍ରାସ କରିବା ନେଇ ବିଚାର କରାଯିବ। ବର୍ତ୍ତମାନ ଏହା ଉପରେ ୧୨% ଜିଏସ୍‌ଟି ଆଦାୟ ହେଉଛି। ସାଧାରଣ ଅର୍ଥରେ କହିବାକୁ ଗଲେ ଉକ୍ତ ନିଷ୍ପତ୍ତି ଯୋଗୁ ନିର୍ମାଣଧୀନ ଫ୍ଲାଟ୍ ଅଥବା ଘର ମୂଲ୍ୟ ଉପରେ କମ୍ ଜିଏସ୍‌ଟି ଆଦାୟ ହେବ। ଏହାବ୍ୟତୀତ ଫ୍ଲାଟ୍ ଅଥବା ଘର ନିର୍ମାଣରେ ବ୍ୟବହୃତ ସାମଗ୍ରୀ, ପୁଞ୍ଜିଗତ ସାମଗ୍ରୀ ଓ ସେବା ଉପରେ ୧୮% ଜିଏସ୍‌ଟି ଲାଗୁଛି। ସିମେଣ୍ଟରୁ ୨୮% ଜିଏସ୍‌ଟି ଆଦାୟ ହେଉଛି। ଆସନ୍ତା ୧୦ ତାରିଖ ବୈଠକରେ ସିମେଣ୍ଟର ଜିଏସ୍‌ଟି ହ୍ରାସ ନେଇ ମଧ୍ୟ ବିଚାର ହୋଇପାରେ। ଆଗାମୀ ଦିନରେ ସିମେଣ୍ଟକୁ ୨୮% ସ୍ଲାବ୍‌ରୁ ବାଦ୍ ଦେବା ନେଇ ବିଚାର କରାଯିବ ବୋଲି ନିକଟରେ କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ କହିଥିଲେ। ଏହାବ୍ୟତୀତ ଆବାସୀୟ ସମ୍ପତ୍ତି ଉପରେ ଲାଗୁଥିବା ଟିକସ ହାରକୁ ତର୍କସଙ୍ଗତ କରିବା ତଥା ଏମ୍‌ଏସ୍‌ଏମ୍‌ଇଙ୍କ ଲାଗି କାରବାର ସୀମାକୁ ବର୍ତ୍ତମାନର ୨୦ ଲକ୍ଷ ଟଙ୍କାରୁ ବଢ଼ାଇ ୫୦ ଲକ୍ଷ ଟଙ୍କା କରିବା ଉପରେ ଆଲୋଚନା ହୋଇପାରେ ବୋଲି କୁହାଯାଉଛି। ଲଟେରି ଉପରେ ଜିଏସ୍‌ଟି ହାର ଧାର୍ଯ୍ୟକରିବା ତଥା ଛୋଟ ଆମଦାନୀକାରୀଙ୍କ ଲାଗି କମ୍ପୋଜିଶନ ଯୋଜନା ଉପରେ ମଧ୍ୟ କାଉନସିଲ୍ ନିଷ୍ପତ୍ତି ନେଇପାରେ।

# ଜାରି ହୋଇଛି ୧୨୩ କୋଟି ଆଧାର କାର୍ଡ

**ନୂଆଦିଲ୍ଲୀ,୨-୧**

ୟୁନିକ ଆଇଡେଣ୍ଟିଫିକେଶନ ଅଥରିଟି ଅଫ୍ ଇଣ୍ଡିଆ (ୟୁଆଇଡିଏଆଇ) ପାଖାପାଖି ୧୨୩କୋଟିଆଧାର କାର୍ଡ ଜାରି କରିଛି। କେନ୍ଦ୍ରମନ୍ତ୍ରୀ ହଂସରାଜ ଅହିର ବୁଧବାର ରାଜ୍ୟ ସଭାରେ ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ଏକ ପ୍ରଶ୍ନର ଲିଖିତ ଉତ୍ତର ଦେଇ ସେ କହିଛନ୍ତି ଯେ ୨୦୧୧ଜନଗଣନା ଅନୁଯାୟୀ ଭାରତର ଜନସଂଖ୍ୟା ୧୨୧,୦୮,୫୪,୯୭୭ ରହିଛି। ୨୦୧୮ ନଭେମ୍ବର ୩୦ ତାରିଖ ସୁଦ୍ଧା ୟୁଆଇଡିଏଆଇ ୧୨୨.୯୦ କୋଟି ଆଧାର କାର୍ଡ ଜାରି କରିସାରିଛି। ଜାରି କରାଯାଇଥିବା କାର୍ଡ ମଧ୍ୟରେ ୫ ବର୍ଷ ଭିତରେ ଥିବା ଶିଶୁଙ୍କ ସଂଖ୍ୟା ୬.୭୧ କୋଟି ରହିଥିବା ବେଳେ ୫ରୁ ୧୮ ବର୍ଷ ଭିତରେ ୨୯.୦୨ କୋଟି ରହିଛନ୍ତି। ସେ କହିଛନ୍ତି ଯେ, ସାମ୍ପୁଲ ରେଜିଷ୍ଟ୍ରେଶନ ସିଷ୍ଟମର ତଥ୍ୟ ଅନୁଯାୟୀ ୨୦୧୬ରେ ଜନ୍ମହାର ୨୦.୪ ପ୍ରତିଶତ ଏବଂ ମୃତ୍ୟୁ ହାର ୬.୪% ଥିଲା।

### ଚଳିତବର୍ଷରୁ ମିଳିବ ସୁଇସ୍ ବ୍ୟାଙ୍କ ଆକାଉଣ୍ଟ ତଥ୍ୟ

**ନୂଆଦିଲ୍ଲୀ,୨-୧:** ଚଳିତବର୍ଷଠାରୁ ସୁଇସ ବ୍ୟାଙ୍କରୁ ଭାରତକୁ ଆକାଉଣ୍ଟ ତଥ୍ୟ ମିଳିବା ଆରମ୍ଭ ହେବ ବୋଲି ବୈଦେଶିକ ରାଷ୍ଟ୍ରମନ୍ତ୍ରୀ ଭି.କେ. ସିଂ ପାର୍ଲାମେଣ୍ଟରେ କହିଛନ୍ତି। ବୁଧବାର ଲୋକ ସଭାରେ ଜଣେ ସଦସ୍ୟଙ୍କ ପ୍ରଶ୍ନର ଲିଖିତ ଉତ୍ତରରେ ସେ ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ଦୁର୍ନୀତିରେ ଲିପ୍ତ ବ୍ୟକ୍ତିବିଶେଷଙ୍କ ତଥ୍ୟ ମଧ୍ୟ ଏଥିରେ ସାମିଲ ରହିବ ବୋଲି ସେ କହିଛନ୍ତି। ସୁଇଜରଲାଣ୍ଡ ସରକାର ସ୍ୱତଃସ୍ଫୂର୍ତ୍ତ ଭାବେ ଭାରତକୁ ବ୍ୟାଙ୍କ ଆକାଉଣ୍ଟ ତଥ୍ୟ ଯୋଗାଇବେ। ଏ ନେଇ ଦୁଇ ଦେଶ ମଧ୍ୟରେ ପୂର୍ବରୁ ଚୁକ୍ତି ମଧ୍ୟ ହୋଇଛି। ତେବେ ଗୋପନୀୟତା ବଜାୟ ରଖିବା ନେଇ ଚୁକ୍ତିରେ ଉଲ୍ଲେଖ କରାଯାଇଛି ବୋଲି ସେ କହିଛନ୍ତି।

### ଦିଲ୍ଲୀ-ବାରାଣସୀ ରୁଟ୍‌ରେ ଗଡ଼ିବ 'ଟ୍ରେନ ୧୮'

**ନୂଆଦିଲ୍ଲୀ,୨-୧:** ଭାରତୀୟ ରେଲଓ୍ୱେର ବହୁ ପ୍ରତୀକ୍ଷିତ ଟ୍ରେନ ୧୮ ଆସନ୍ତା ସପ୍ତାହରେ କୁମ୍ଭମେଳା ପୂର୍ବରୁ ବାଣିଜ୍ୟିକ ଭାବେ ଯାତ୍ରାରମ୍ଭ କରିବ। ଦିଲ୍ଲୀ ଓ ବାରାଣସି ମଧ୍ୟରେ ଚାଲିବାକୁ ଥିବା ଏହି ଟ୍ରେନକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପତାକା ଦେଖାଇ ଶୁଭାରମ୍ଭ କରିବେ। ଜାନୁୟାରୀ ୨୪ରେ ହେବାକୁ ଥିବା ପ୍ରବାସୀ ଭାରତୀୟ ଦିବସର ଅତିଥିଙ୍କୁ ୪ଟି ସ୍ୱତନ୍ତ୍ର ଟ୍ରେନ ଯୋଗେ କୁମ୍ଭ ମେଳା ସ୍ଥାନରୁ ଦିଲ୍ଲୀକୁ ଅଣାଯିବ। ଟ୍ରେନ ୧୮ ସେମାନଙ୍କ ମଧ୍ୟରୁ ଗୋଟିଏ। ଘଣ୍ଟାକୁ ୧୩୦ କିମି ବେଗରେ ଯାତ୍ରା କରୁଥିବା ଏହି ଟ୍ରେନ ଯୋଗୁ ଦିଲ୍ଲୀରୁ ବାରାଣସି ମଧ୍ୟରେ ଯାତ୍ରା ସମୟ ସାଢ଼େ ୧୧ ଘଣ୍ଟା ବଦଳରେ ୮ ଘଣ୍ଟାକୁ ହ୍ରାସ ପାଇବ।

### ରପ୍ତାନିକାରୀଙ୍କୁ ୬୦୦ କୋଟିର ସୁଧ ସବ୍‌ସିଡି

**ନୂଆଦିଲ୍ଲୀ,୨-୧:** ବାଣିଜ୍ୟିକ ମାଲ୍ ରପ୍ତାନିକାରୀଙ୍କୁ ମିଳୁଥିବା ଋଣ ଉପରେ କେନ୍ଦ୍ର ସରକାର ୩% ସୁଧ ସବ୍‌ସିଡି ଦେବେ। ଏହାଦ୍ୱାରା ରପ୍ତାନିକାରୀଙ୍କୁ ପ୍ରାୟ ୬୦୦ କୋଟି ଟଙ୍କାର ଫାଇଦା ମିଳିବ। ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆର୍ଥିକ ବ୍ୟାପାର କ୍ୟାବିନେଟ କମିଟି ବୈଠକରେ ଏ ସମ୍ପର୍କରେ ନିଷ୍ପତ୍ତି ନିଆଯାଇଛି। ଏହାଦ୍ୱାରା ରପ୍ତାନିକାରୀଙ୍କ ନିକଟରେ ପୁଞ୍ଜି ଉପଲବ୍ଧତା ବଢ଼ିବ ଓ ରପ୍ତାନିକୁ ପ୍ରୋତ୍ସାହନ ମିଳିବ। ଏହି ନିଷ୍ପତ୍ତି ଯୋଗୁ ରପ୍ତାନିକାରୀଙ୍କୁ ସୁଧ ସମାନୀକରଣ ଯୋଜନାର ଲାଭ ଯୋଜନାର ଅବଶିଷ୍ଟ ଅବଧି ପାଇଁ ମିଳିବ ବୋଲି ଆନୁଷ୍ଠାନିକ ବିଜ୍ଞପ୍ତି ଜାରି କରି କୁହାଯାଇଛି।


## ଆଞ୍ଚଳିକ ପରିବହନ ଅଧିକାରୀଙ୍କ କାର୍ଯ୍ୟାଳୟ, ବଲାଙ୍ଗୀର

ବିଜ୍ଞାପନ ସଂଖ୍ୟା: ........... ତା................

### ମୋଟର ଯାନ ନିଲାମ ନିମନ୍ତେ ବିଜ୍ଞାପନ

**No.74-i:-** ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ନିମ୍ନଲିଖିତ ଦୁଇଗୋଟି ଯାନ ଆସନ୍ତା ତା ୧୭।୦୧।୨୦୧୯ରିଖ ଗୁରୁବାର ଅପରାହ୍ନ ୪ ଘଣ୍ଟା ସମୟରେ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ବଲାଙ୍ଗୀରରେ ନିଲାମ କରାଯିବ। ନିଲାମ ସମ୍ବନ୍ଧିତ ସର୍ବଶେଷ ତଥ୍ୟ ନିମ୍ନଲିଖିତ ୱେବ୍‌ସାଇଟ୍ ମାଧ୍ୟମରେ ଅବଗତ ହୋଇପାରିବ। ସମସ୍ତ ଜନସାଧାରଣଙ୍କୁ ଏହି ବିଜ୍ଞାପନ ମାଧ୍ୟମରେ ସୂଚନା ଦିଆଯାଉଅଛି କି ନିଲାମ ସମ୍ବନ୍ଧୀୟ ସବିଶେଷ ତଥ୍ୟ ନିମ୍ନଲିଖିତ Website ମାଧ୍ୟମରେ ଅବଗତ ହୋଇପାରିବ।

1. www.odishatranspot.gov.in 2. www.odishatranspot.nic.in

ଇଚ୍ଛୁକ ବ୍ୟକ୍ତିମାନଙ୍କୁ ଜଣାଇ ଦିଆଯାଉଅଛି କି ୱେବସାଇଟ୍‌ରେ ଦର୍ଶାଯାଇଥିବା ଫର୍ମ ପୂରଣ କରି ତାହା ସହିତ ଟ. ୫୦୦୦ଙ୍କା (ପାଞ୍ଚ ହଜାର ଟଙ୍କା ମାତ୍ର)ର ଅମାନତ ରାଶି ଯେକୌଣସି ରାଷ୍ଟ୍ରାୟତ୍ତ ବ୍ୟାଙ୍କର ବ୍ୟାଙ୍କ ଡ୍ରାଫ୍ଟ (Regional Transport Office, Bolangir payable at Bolangir) ସଂଲଗ୍ନ କରି ତା. 17.01.2019 ରିଖ ୨ ଘଟିକା ମଧ୍ୟରେ ଜଉମୁଦ ଲଫାପାରେ ପ୍ରତ୍ୟେକ ଯାନ ପାଇଁ ପୃଥକ୍ ଭାବେ ଦାଖଲ କରିବାକୁ ହେବ।

**ଆଞ୍ଚଳିକ ପରିବହନ ଅଧିକାରୀ, ବଲାଙ୍ଗୀର**

| Sl. No. | Vehicle No. | Type of Vehicle | Upset Price | Model | Place of availability of the vehicle |
|---|---|---|---|---|---|
| 01 | OR03E 0500 | AMBULANCE | Rs. 1,00,000/- | | In front of Bolangir Truck owner's association |
| 02 | Chasis No. 1967028315 | CRANE | Rs. 1,80,000/- | without any documents | In front of Bolangir Truck owner's association |

38029/11/0001/1819


# ଆର୍ଥିକ ସ୍ଥିତି ଦୃଢ଼ୀକରଣ ପାଇଁ ଠିକ୍ ଯୋଜନା ଜରୁରୀ

## ଅର୍ଥର ଅର୍ଥ



Rupkumar Pradhan
CERTIFIED FINANCIAL PLANNER[CM]
"Director, SmartFin Wealth Management Pvt. Ltd."

'ଧରିତ୍ରୀ' ପକ୍ଷରୁ 'ଅର୍ଥର ଅର୍ଥ' ଶୀର୍ଷକ ଫାଇନାନ୍‌ସିଆଲ କାଉନ୍‌ସେଲିଂ ପ୍ରଶ୍ନୋତ୍ତର ସ୍ତମ୍ଭ ଗୁରୁବାର ପ୍ରକାଶ ପାଉଛି। ତେଣୁ ଆମର ପ୍ରିୟ ପାଠକବନ୍ଧୁ ଆପଣ କ୍ୟାପିଟାଲ ମାର୍କେଟ, ଶେୟାର ବଜାର, ବ୍ୟାଙ୍କିଙ୍ଗ୍, ମ୍ୟୁଚୁଆଲ ଫଣ୍ଡ ତଥା ବ୍ୟକ୍ତିଗତ ଫାଇନାନ୍ସ ଉପରେ ପ୍ରଶ୍ନ ଆମକୁ ଚିଠି ମାଧ୍ୟମରେ ପଚାରି ପାରିବେ।

**▶▶ଆର୍ଥିକ ସ୍ୱାଧୀନତା ହାସଲ କରିବା ପାଇଁ କ'ଣ ସବୁ କରିବା ଆବଶ୍ୟକ। ବର୍ତ୍ତମାନ ତଥା ଭବିଷ୍ୟତର ଆର୍ଥିକ ସ୍ଥିତିକୁ ଉନ୍ନତ କରିବା ପାଇଁ ୨୦୧୯ରେ କେଉଁ ସବୁ ଆର୍ଥିକ ସଂକଳ୍ପ ନେବା ଆବଶ୍ୟକ। କେଉଁ କେଉଁ ବିଷୟ ପ୍ରତି ଧ୍ୟାନ ଦେବା ଜରୁରୀ? ଏ ସମ୍ପର୍କରେ ପରାମର୍ଶ ଦେବାକୁ ଅନୁରୋଧ।**

**– ସବିତା ମିଶ୍ର, ଯାଜପୁର**

■ନୂଆ ବର୍ଷର ହାର୍ଦ୍ଦିକ ଶୁଭେଚ୍ଛା। ବର୍ଷ ଆରମ୍ଭରୁ ନିଜର ଆର୍ଥିକ ସ୍ଥିତିକୁ ତନ୍ନତନ୍ନ କରି ପରୀକ୍ଷା ଓ ସମୀକ୍ଷା କରିବା ପରେ ଆବଶ୍ୟକ ପଦକ୍ଷେପ ନେବାର ସମୟ ଆସିଛି। ଆର୍ଥିକ ସଂକଳ୍ପ କରି ଆର୍ଥିକ ଲକ୍ଷ୍ୟ ସବୁକୁ ହାସଲ କରାଯାଇ ପାରିବ। ଏଥିପାଇଁ ଏହା ହେଉଛି ଉତ୍କୃଷ୍ଟ ସମୟ।

ପ୍ରଥମେ ନିଜର ଆର୍ଥିକ ସ୍ଥିତି ତଥା ପୋର୍ଟଫୋଲିଓକୁ ସମୀକ୍ଷା କରିବା ଆବଶ୍ୟକ। ଏହା ହେଲେ ଆର୍ଥିକ ସ୍ଥିତିକୁ ନିୟନ୍ତ୍ରଣ କରି ପାରିବେ। ବର୍ଷ ଆରମ୍ଭରୁ ନିଜର ଆର୍ଥିକ ସଂକଳ୍ପ ପୃଷ୍ଠଭୂମି ପ୍ରସ୍ତୁତ କରିବା ଦ୍ୱାରା ଆପଣ ନିଜ ଜୀବନର ସ୍ୱଳ୍ପକାଳୀନ ଓ ଦୀର୍ଘକାଳୀନ ଲକ୍ଷ୍ୟ ସବୁକୁ ହାସଲ କରିପାରିବେ। ଏହା ଆପଣଙ୍କୁ ଅନେକ ମାତ୍ରାରେ ସହାୟତା କରି ପାରିବ।

ବ୍ୟାପକ ଆର୍ଥିକ ଯୋଜନାକୁ ହତାଦର କରନ୍ତୁ ନାହିଁ। ଆର୍ଥିକ ଲକ୍ଷ୍ୟ ସବୁକୁ ହାସଲ କରିବାକୁ ଆପଣଙ୍କ ଜୀବନର ଆର୍ଥିକ ରଣନୀତି (ଯାହା ୬୦-୭୦ ପୃଷ୍ଠାର ଲିଖିତ ରିପୋର୍ଟ ) ପ୍ରସ୍ତୁତ କରିବାକୁ ହେବ। ଏହା ଆପଣଙ୍କ ଜୀବନରେ ଅନେକ କିଛି ପ୍ରଭାବ ଆଣିବ। ବ୍ୟାପକ ଆର୍ଥିକ ଯୋଜନା ହେଉଛି ୯୫% ରଣନୀତି ଓ ୫% ସ୍କିମ। କୌଣସି ଆର୍ଥିକ ସଂକଳ୍ପ ବା ଦୃଢ ପ୍ରତିଜ୍ଞା ବିନା ନୂତନ ବର୍ଷକୁ ଅନୁଭବ କରି ପାରିବା ନାହିଁ।

### ଆର୍ଥିକ ସ୍ଥିତି ଦୃଢ଼ୀକରଣ ପାଇଁ...

- ଅଧିକ ସଞ୍ଚୟ କରନ୍ତୁ। ଯଦି ଅଳ୍ପ ସଞ୍ଚୟ କରୁଛନ୍ତି ତେବେ ନିୟମିତ ସଞ୍ଚୟ କରନ୍ତୁ। ନିଜର ସଞ୍ଚୟ କରିବା କାର୍ଯ୍ୟଟି ସ୍ୱୟଂ ଚାଳିତ ହେବା ନିହାତି ଆବଶ୍ୟକ। ସଞ୍ଚୟ ଅଭ୍ୟାସ ସହ ନିଜକୁ ଓତପ୍ରୋତ ଭାବେ ଜଡିତ ରଖନ୍ତୁ।
- ଅତ୍ୟଧିକ ସୁଧ ଦେଉଥିବା ଋଣ ସବୁକୁ ପରିଶୋଧ କରିବାକୁ ପଦକ୍ଷେପ ନିଅନ୍ତୁ। ଏଭଳି ଋଣ ପରିଶୋଧ କରିବାର କାର୍ଯ୍ୟଧାରାକୁ ସମୀକ୍ଷା କରନ୍ତୁ।
- ନିଜର ଖର୍ଚ୍ଚ ନିୟନ୍ତ୍ରଣ କରନ୍ତୁ। କ୍ରେଡିଟ୍ ବା ଡେବିଟ୍ କାର୍ଡରେ ଅନାବଶ୍ୟକ ଖର୍ଚ୍ଚ କରନ୍ତୁ ନାହିଁ। ସର୍ବଦା 'ଭଲ ଋଣ' ଏବଂ 'ଖରାପ ଋଣ' ମଧ୍ୟରେ ତଫାତ୍ ବୁଝନ୍ତୁ। ସେହି ଅନୁସାରେ ଋଣ କରନ୍ତୁ କିମ୍ବା ଖର୍ଚ୍ଚ କରନ୍ତୁ। କ୍ରେଡିଟ୍ କାର୍ଡ କିମ୍ବା ବ୍ୟକ୍ତିଗତ ଋଣ କରି ଖର୍ଚ୍ଚ କରନ୍ତୁ ନାହିଁ। ଏହି ବର୍ଷ ଖର୍ଚ୍ଚକୁ ନିୟନ୍ତ୍ରଣ କରିବା ହେଉଛି ଏକ ପ୍ରମୁଖ ଆର୍ଥିକ ସଂକଳ୍ପ ବୋଲି ପ୍ରାୟତଃ ୧୫% ଲୋକ କହିଥାନ୍ତି।
- ନିୟମିତ ମାସିକ ଖର୍ଚ୍ଚ ପାଇଁ ଏକ 'ବଜେଟ୍' ପ୍ରସ୍ତୁତ କରନ୍ତୁ। ବଜେଟ୍ ହେଉଛି ଆପଣଙ୍କ ଆର୍ଥିକ ଜୀବନର ରକ୍ତ କଣିକା। ଏହା ବିନା ଆର୍ଥିକ ଲକ୍ଷ୍ୟ ସବୁକୁ ହାସଲ କରିବା କଷ୍ଟକର ହେବ।
- 'ବ୍ୟାପକ ଆର୍ଥିକ ଯୋଜନା' ପ୍ରସ୍ତୁତ କରିବା ପାଇଁ ପ୍ରାଧାନ୍ୟ ଦିଅନ୍ତୁ। ଜୀବନର ଆର୍ଥିକ ଲକ୍ଷ୍ୟ ସବୁକୁ ହାସଲ କରିବା ପାଇଁ ଏକ ବଳିଷ୍ଠ ଏବଂ କୌଶଳପୂର୍ଣ୍ଣ ରଣନୀତି ହିଁ ଏକାନ୍ତ ଆବଶ୍ୟକ।
- ନିଜ ପରିବାରର ଆର୍ଥିକ ସୁରକ୍ଷାକୁ ସୁନିଶ୍ଚିତ କରିବା ପାଇଁ ଜୀବନ ବୀମା ସୁରକ୍ଷା ନିଶ୍ଚିତ କିଣନ୍ତୁ। ଏହି ବର୍ଷ ଏ ନେଇ ସମୀକ୍ଷା କରନ୍ତୁ। ଯଦି ଯଥେଷ୍ଟ ଜୀବନ ବୀମା ସୁରକ୍ଷା ନାହିଁ ଆଉ ଅଧିକ ଜୀବନ ବୀମା ସୁରକ୍ଷା କିଣି ନିଅନ୍ତୁ। ଜୀବନ ବୀମା ସୁରକ୍ଷାକୁ ଅବହେଳା କରନ୍ତୁ ନାହିଁ।
- ନିଜର ନିବେଶ ସମ୍ପର୍କିତ ସମସ୍ତ କାଗଜ ପତ୍ର ଗୋଟିଏ ଫାଇଲରେ ରଖନ୍ତୁ। ଯଦି ବୟସ ୬୦ରୁ ଅଧିକ ତେବେ ଏହା କରିବା ନିହାତି ଜରୁରୀ।
- ଭଲ ସୁଧହାର ବା ଲାଭ ପାଇବା ପାଇଁ ଭୁଲ ସ୍କିମରେ ନିବେଶ କରନ୍ତୁ ନାହିଁ। ପ୍ରତ୍ୟେକ ସ୍କିମ ବିଷୟରେ ଭଲ ଭାବେ ବୁଝି ସାରିବା ପରେ ନିବେଶ କରନ୍ତୁ।
- ନିଜ ନିବେଶ 'ପୋର୍ଟଫୋଲିଓ'ର ସମୀକ୍ଷା କରନ୍ତୁ। ଆବଶ୍ୟକ ଅନୁଯାୟୀ ପଦକ୍ଷେପ ନିଅନ୍ତୁ। ନିବେଶ ପୋର୍ଟଫୋଲିଓର ଭଲ ଲାଭ ପାଇବା ପାଇଁ ପଦକ୍ଷେପ ନେବା ନିହାତି ଜରୁରୀ।
- ବିଭିନ୍ନ ଆସେଟ୍ ଶ୍ରେଣୀ ମଧ୍ୟରେ ନିବେଶ ରାଶିର ବିବିଧକରଣ କରିବା ହିଁ ନିବେଶ କରିବାର ପ୍ରଥମ ପଦକ୍ଷେପ। ଆସେଟ୍ ଆଲୋକେଶନ ଅନୁସାରେ ନିବେଶ କରିବା ଉଚିତ ହେବ।
- ଲିଖିତ ଆର୍ଥିକ ଯୋଜନା ବିନା ଏକ ଆର୍ଥିକ ଲକ୍ଷ୍ୟ ହେଉଛି ଇଚ୍ଛା କରିବା ସହ ସମାନ। ପ୍ରଥମେ ଲିଖିତ ରଣନୀତି ପ୍ରସ୍ତୁତ କରନ୍ତୁ। ନିୟମିତ ବ୍ୟବଧାନରେ ଏହାକୁ ସମୀକ୍ଷା କରନ୍ତୁ।
- ଯଦି ଆର୍ଥିକ ଯୋଜନା କରିବାରେ ଆପଣ ନିଜେ ଅସମର୍ଥ ତେବେ ଜଣେ ଦକ୍ଷ ପରାମର୍ଶଦାତାଙ୍କୁ ସାକ୍ଷାତ କରନ୍ତୁ। ଅର୍ଥାତ ଜଣେ ସାର୍ଟିଫାଏଡ ଫାଇନାସିଆଲ ପ୍ଲାନର କିମ୍ବା ଚାଟାର୍ଡ ୱେଲଥ ମ୍ୟାନେଜରଙ୍କୁ ସାକ୍ଷାତ କରିପାରିବେ।

ଏହି ୨୦୧୯ ନୂତନ ବର୍ଷରେ ଆର୍ଥିକ ସଂକଳ୍ପକୁ ନିଜର କରି ନିଜ ଜୀବନର ଆର୍ଥିକ ଲକ୍ଷ୍ୟ ସବୁକୁ ହାସଲ କରନ୍ତୁ। ନୂତନ ବର୍ଷରେ ଏକ ବଳିଷ୍ଠ ପଦକ୍ଷେପ ନିଅନ୍ତୁ।

**▶▶ଆୟକର ଛାଡ଼ ସୁବିଧା ପାଇବା ପାଇଁ ବ୍ୟାଙ୍କ ସ୍ଥାୟୀ ଜମା ବ୍ୟବହାର କରି ହେବ କି? ସର୍ବାଧିକ କେତେ ଟଙ୍କା ଜମା କରି ହେବ? ପରାମର୍ଶ ଦେବାକୁ ଅନୁରୋଧ।**

**– ସୋମନାଥ ମାଝି, ବାରିପଦା**

■୫ ବର୍ଷିଆ ବ୍ୟାଙ୍କ ସ୍ଥାୟୀ ଜମା ସ୍କିମ୍ ଦ୍ୱାରା ଆୟକର ଛାଡ଼ ସୁବିଧା ହୋଇ ପାରିବ। ଏହି ସ୍କିମରେ ନିବେଶ କରି ଆୟକର ନିୟମ ୮୦ସି ଅନୁସାରେ ଆୟକର ଛାଡ଼ ପାଇଁ ଦାବି କରି ପାରିବେ। ଏହି ନିବେଶ ୫ ବର୍ଷ ପର୍ଯ୍ୟନ୍ତ ବନ୍ଧନଯୁକ୍ତ। ସ୍କିମରୁ ମିଳୁଥିବା ସୁଧରାଶି ବା ସୁଧ ଆୟ ଉପରେ ଆୟକର ଦେବାକୁ ପଡ଼ିବ।

**▶▶ପରିବାର ପାଇଁ ଏକ ସ୍ୱାସ୍ଥ୍ୟ ବୀମା ପଲିସି କ୍ରୟ କରିବାକୁ ଚାହୁଁଛି। କେଉଁ ପ୍ରକାରର ପଲିସି କିଣିବା ଉଚିତ ହେବ?**

**– ମନସ୍ୱିନୀ ରାଉତ, ନବରଙ୍ଗପୁର**

■ପରିବାରର ସମସ୍ତ ସଦସ୍ୟଙ୍କ ପାଇଁ ଏକ ଫ୍ୟାମିଲି ଫ୍ଲୋଟର ପଲିସି କିଣିବା ଉଚିତ ହେବ। ଏହା ଦ୍ୱାରା ପ୍ରିମିୟମ କମ୍ ହେବା ସହିତ ପରିବାରର ସମସ୍ତ ସଦସ୍ୟ ସ୍ୱାସ୍ଥ୍ୟ ବୀମା ସୁରକ୍ଷା ଲାଭ କରି ପାରିବେ। ପ୍ରାୟତଃ ସମସ୍ତ ସ୍ୱାସ୍ଥ୍ୟ ବୀମା କମ୍ପାନୀ ଫ୍ୟାମିଲି ଫ୍ଲୋଟର ପଲିସି ପ୍ରଦାନ କରୁଛନ୍ତି।


No. CAD-1209

ODISHA NEW OPPORTUNITIES

**INDUSTRIAL PROMOTION AND INVESTMENT CORPORATION OF ODISHA LIMITED**
(An ISO 9001:2015 Certified State Level Nodal Agency)
IPICOL HOUSE, JANPATH, BHUBANESWAR – 751022. ODISHA, INDIA
(A Government of Odisha Undertaking )
Website :http://ipicolodisha.com&http://investodisha.gov.in

**Advertisement Inviting Applications for the posts of Asst. Managers, IPICOL, Bhubaneswar**

Industrial Promotion and Investment Corporation of Odisha Limited (IPICOL) is a State owned PSU and designated State Level ISO 9001:2015 Certified Nodal Agency for Investment Promotion and Industrial Facilitation. IPICOL intends to recruit technical professionals in the rank of Asst. Manager with the following qualifications / stipulations.

***Assistant Manager (Admn.) - 01***

**Category**–ST – 1

**Qualification** : Must have 1st Class Post Graduate (minimum 60% marks) with MBA/ Post Graduate Diploma in Management from an Institute recognized/ notified by State/ Central Government in PM/HR as preferable.

**Experience** : Minimum 3 years experience in handling Personnel, Administrative matters in a Company/ Institution of repute. Must have adequate exposure in computerized environment.

**Age Limit** : ST- Maximum 32 +5 Years

**Scale of Pay and Allowances (As per ORSP Rule-2017)** :Rs 44,900 - Level-10. The post carries D.A., C.P.F., H.R.A. etc.

***Assistant Manager (Accts.) – 02***

**Category**–SC – 1,UR – 1

**Qualification** : Must be a 1st class Graduate (minimum 60% marks) with ACA/ AICWA.

**Experience** :Minimum 3 years post qualification experience in a financial institution/ Company of repute . Must have adequate exposure in computerized environment.

**Age Limit:** UR-Maximum 32 years, SC- Maximum 32 +5 Years

**Scale of Pay and Allowances (As per ORSP Rule-2017)** :Rs. 44,900- Level-10. The post carries D.A., C.P.F., H.R.A. etc.

**Selection Procedure:** Shortlisted candidates meeting the stipulated qualification, experience and age limit will have to appear written test and a subsequent interview. Final selection will be made basing on the written test and interview. The selection procedure will be facilitated by Xavier University Bhubaneswar (XUB).

Interested applicants may send their resume along with two copies of recent photographs and copies of credentials / certificates addressed to **CAS (Career Advisory Services) office, Xavier City Campus, Plot No: 12 (A), Nijigada, Kurki, Harirajpur-752050, Dist-Puri, Odisha through Regd. post/ Speed post. The last Date of receiving application is 24.01.2019. Please superscribe the name of the position applied for on both the resume and envelope.** The management reserves the right to reject any or all the applications without assigning any reason whatsoever.

Sd/- General Manager (P&A)

14005/11/0061/1819



“ଏହି ଗ୍ରାଉଣ୍ଡରେ ମୋ ଅଧିନାୟକତ୍ୱରେ ଟିମ୍‌ରେ ପରିବର୍ତ୍ତନର ଧାରା ଆରମ୍ଭ ହୋଇଥିବାରୁ ସିଡ୍‌ନୀରେ ସିରିଜ ଜିତିବା ବଡ଼ ସଫଳତା ହେବ ।

– ବିରାଟ କୋହଲି, ଭାରତୀୟ କ୍ରିକେଟ ଅଧିନାୟକ



“ଆମେ ଯେତୋଟି ଟେଷ୍ଟ ଖେଳିଥାଉ, ପ୍ରତ୍ୟେକରେ ଜିତିବାକୁ ଲକ୍ଷ୍ୟ ରଖିଥାଉ। ବର୍ତ୍ତମାନ ଆମେ ବିଶ୍ୱର ଶ୍ରେଷ୍ଠ ଟିମ୍ ବିପକ୍ଷରେ ଖେଳୁଛୁ, ତେଣୁ ଏହା ସମ୍ଭବ ନୁହେଁ ।

– ଟିମ୍ ପେନ୍, ଅଷ୍ଟ୍ରେଲିଆ କ୍ରିକେଟ ଅଧିନାୟକ

## ସଂକ୍ଷେପରେ

### ‘ଆଫ୍ରିଦୀ ମୋତେ ଜାତୀୟ ଦଳକୁ ଫେରିବାକୁ ଦେଇ ନ ଥିଲେ’

କରାଚୀ,୨୧- ପାକିସ୍ତାନ ଦଳର ପୂର୍ବତନ ଅଧିନାୟକ ସଲମାନ ବଟ୍ଟ ଦାବି କରିଛନ୍ତି ଯେ, ବାସନ୍ଦାଦେଶ ଭୋଗି ସାରିଥିଲେ ମଧ ଶାହିଦ ଆଫ୍ରିଦୀଙ୍କ ଯୋଗୁ ସେ ଜାତୀୟ ଦଳକୁ ଫେରିପାରି ନ ଥିଲେ। ୨୦୧୦ ସ୍ପଟ୍ ଫିକ୍ସିଂ ସ୍କାଣ୍ଡଲ ଯୋଗୁ ବଟ୍ଟଙ୍କୁ ୫ ବର୍ଷ ପାଇଁ ବାସନ୍ଦ କରାଯାଇଥିଲା। ବାସନ୍ଦାଦେଶ ସମୟ ଅତିକ୍ରମ କରିବା ପରେ ଘରୋଇ କ୍ରିକେଟରେ ଭଲ ପ୍ରଦର୍ଶନ କରିଥିଲେ। ଏଥିଯୋଗୁ ସେ ଭାରତରେ ଖେଳାଯାଇଥିବା ୨୦୧୬ ଟି୨୦ ବିଶ୍ୱକପ୍ ଲାଗି ଜାତୀୟ ଦଳରେ ସ୍ଥାନ ପାଇବାର ନିକଟତର ହୋଇଥିଲେ। ମାତ୍ର ବଟ୍ଟଙ୍କ ଚୟନକୁ ଆଫ୍ରିଦୀ ପ୍ରତ୍ୟାଖ୍ୟାନ କରି ଦେଇଥିଲେ। ମୋତେ ନ୍ୟାଶନାଲ କ୍ରିକେଟ ଏକାଡେମୀ ମୁଖ୍ୟ କୋଚ୍ ୱାକର ୟୁନିସ ଓ ବ୍ୟାଟିଂ କୋଚ୍ ଗ୍ରାଣ୍ଟ ଫ୍ଲାୱର ଡକାଇଥିଲେ। ସେଠାରେ ମୁଁ ନେଟ୍ସରେ ବ୍ୟାଟିଂ କରିବା ସହ ଫିଟ୍‌ନେସ ଟେଷ୍ଟ ଦେଇଥିଲି। ମାତ୍ର ଆଫ୍ରିଦୀ ମନା କରିବା ପରେ ମୋତେ ଦଳରେ ସ୍ଥାନ ମିଳି ନ ଥିଲା। କେଉଁ କାରଣରୁ ଜାତୀୟ ଦଳକୁ ମୋ ଫେରିବା ପଥ ଅଟକାଇଲେ ସେ ସମ୍ପର୍କରେ ମୋତେ କିଛି ଜଣାନାହିଁ।

### ବ୍ରିସ୍‌ବେନ ଇଣ୍ଟରନ୍ୟାଶନାଲରୁ ଓହରିଲେ ନାଡାଲ

ବ୍ରିସ୍‌ବେନ,୨୧- ପୂର୍ବତନ ଶୀର୍ଷ ର୍ୟାଙ୍କଧାରୀ ପୁରୁଷ ସିଙ୍ଗଲ୍ସ ଖେଳାଳି ରାଫାଲ ନାଡାଲ ବ୍ରିସବେନ ଇଣ୍ଟରନ୍ୟାଶନାଲ ଟୁର୍ଣ୍ଣାମେଣ୍ଟରୁ ଓହରି ଯାଇଛନ୍ତି। ଥାଇ ଜନିତ ସମସ୍ୟା ଯୋଗୁ ସ୍ପାନିଶ କିମ୍ବଦନ୍ତୀ ଖେଳାଳି ଏଭଳି ନିଷ୍ପତ୍ତି ନେଇଛନ୍ତି। ଚଳିତ ମାସର ପରବର୍ତ୍ତୀ ଭାଗରେ ସିଜନର ପ୍ରଥମ ଗ୍ରାଣ୍ଡସ୍ଲାମ ଟୁର୍ଣ୍ଣାମେଣ୍ଟ ଅଷ୍ଟ୍ରେଲିଆ ଓପନ ଖେଳାଯିବ। ତେଣୁ ଗ୍ରାଣ୍ଡସ୍ଲାମ ଟୁର୍ଣ୍ଣାମେଣ୍ଟ ପୂର୍ବରୁ ନାଡାଲ ରିସ୍କ ନେବାକୁ ଚାହୁଁ ନ ଥିବା କହିଛନ୍ତି। ବିଶ୍ୱର ଦ୍ୱିତୀୟ ର୍ୟାଙ୍କଧାରୀ ଖେଳାଳିଙ୍କ ଗତ ବର୍ଷ ଜଙ୍ଘ, ଆଣ୍ଠୁ, ଗୋଇଠି ଓ ପେଟରେ ଆଘାତ ଲାଗିଥିଲା। ଏଥିଯୋଗୁ ସେ ମାତ୍ର ୯ ଟୁର୍ଣ୍ଣାମେଣ୍ଟରେ ଖେଳିବାକୁ ସକ୍ଷମ ହୋଇଥିଲା। ଜୁଆନ ଡେଲ ପୋଟ୍ରୋଙ୍କ ବିପକ୍ଷ ୟୁଏସ୍ ଓପନ ସେମିଫାଇନାଲରୁ ଓହରିବା ପରେ ୩୨ ବର୍ଷୀୟ ଖେଳାଳି ନାଡାଲ ଏପର୍ଯ୍ୟନ୍ତ ଖେଳି ନାହାନ୍ତି।

# ଦେବାଶିଷଙ୍କ ଶତକ, ମ୍ୟାଚ୍ ଡ୍ର




ଦେବାଶିଷ ସାମନ୍ତରାୟ

### ୨୦ ପଏଣ୍ଟ ସହ ୪ର୍ଥ ସ୍ଥାନରେ ଓଡ଼ିଶା

ସର୍ଭିସେସ ବିପକ୍ଷ ମ୍ୟାଚ ଡ୍ର ରଖିବାପରେ ଓଡ଼ିଶା ଗ୍ରୁପ ‘ସି’ ପଏଣ୍ଟ ଟେବୁଲର ୪ର୍ଥ ସ୍ଥାନକୁ ଉନ୍ନୀତ ହୋଇଛି। ଦଳ ୮ ମ୍ୟାଚରୁ ୩ ବିଜୟ, ୩ ପରାଜୟ ଓ ୨ ଡ୍ର ସହ ୨୦ ପଏଣ୍ଟ ପାଇଛି। ରାଜସ୍ଥାନ ୬ ବିଜୟ ଓ ୨ ଡ୍ର ସହ ୪୪ ପଏଣ୍ଟ ସହ ଶୀର୍ଷସ୍ଥାନ ଅଧିକାର କରିଥିବାବେଳେ ଉତ୍ତର ପ୍ରଦେଶ ୩୮ ଓ ଝାଡ଼ଖଣ୍ଡ ୩୩ ପଏଣ୍ଟ ପାଇ ପରବର୍ତ୍ତୀ ୨ ସ୍ଥାନରେ ରହିଛନ୍ତି। ଓଡ଼ିଶା ସମକକ୍ଷ ୨୦ ପଏଣ୍ଟ ପାଇଥିଲେ ହେଁ ଆସାମ ୩ ବିଜୟ ୪ ପରାଜୟ ଓ ୧ ଡ୍ର ପାଇଁ ଟେବୁଲର ୫ମ ସ୍ଥାନରେ ରହିଛି। ଜମ୍ମୁ କଶ୍ମୀର ଓ ସର୍ଭିସେସ ୧୯ ପଏଣ୍ଟ ଲେଖାଏ ପାଇଛନ୍ତି। ହରିୟାଣା(୧୬), ତ୍ରିପୁରା(୧୧) ଓ ଗୋଆ(୬) ପରବର୍ତ୍ତୀ ୩ ସ୍ଥାନରେ ରହିଛନ୍ତି। ଅନୁରାଗ ଷଡ଼ଙ୍ଗୀ, ଶୁଭ୍ରାଂଶୁ ସେନାପତି, ବିପ୍ଳବ ସାମନ୍ତରାୟ, ଅଭିଷେକ ରାଉତଙ୍କ ପରେ ଓଡ଼ିଶାର ୫ମ ବ୍ୟାଟ୍ସମ୍ୟାନଭାବେ ଦେବାଶିଷ ସାମନ୍ତରାୟ ଚଳିତ ରଣଜୀ ସିଜନରେ ଶତକ ହାସଲ କରିଛନ୍ତି।

**ରଣ୍‌ଜୀ ଟ୍ରଫି**

କଟକ ଅଫିସ,୨୧

ନୂଆଦିଲ୍ଲୀ ପାଲମସ୍ଥିତ ଏୟାରଫୋର୍ସ କମ୍ପ୍ଲେକ୍ସ ଗ୍ରାଉଣ୍ଡରେ ଅନୁଷ୍ଠିତ ସର୍ଭିସେସ ବିପକ୍ଷ ରଣ୍‌ଜୀ ମ୍ୟାଚ୍‌କୁ ଡ୍ର ରଖିବାରେ ସଫଳ ହୋଇଛି ଓଡ଼ିଶା। ଚଳିତ ସିଜନରେ ଓଡ଼ିଶା ପକ୍ଷରୁ ପ୍ରଥମ ପଦାର୍ପଣ କରିଥିବା ଦେବାଶିଷ ସାମନ୍ତରାୟଙ୍କ ସାହସିକ ଇନିଂସ ପାଇଁ ଏହା ସମ୍ଭବ ହୋଇ ପାରିଛି। ବୁଧବାର ମ୍ୟାଚ୍‌ର ଅନ୍ତିମ ଦିବସରେ ସେ କ୍ୟାରିୟରର ପ୍ରଥମ ଶତକ(୧୦୨ରନ୍) ହାସଲ କରି ମ୍ୟାଚ୍ ବଞ୍ଚାଇବା କ୍ଷେତ୍ରରେ ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି। ଦେବାଶିଷଙ୍କ ସ୍ମରଣୀୟ ଶତକ ସହାୟତାରେ ଓଡ଼ିଶା ୪ର୍ଥ ତଥା ଅନ୍ତିମ ଦିବସ ଖେଳ ଶେଷବେଳକୁ ୫ ଉଇକେଟ ବିନିମୟରେ ୨୫୬ରନ୍ କରିବାକୁ ସକ୍ଷମ ହୋଇଥିଲା। ପ୍ରଥମ ଇନିଂସ୍‌ରେ ଓଡ଼ିଶା ୧୭୭ରନ୍ କରିଥିବାବେଳେ ସର୍ଭିସେସ ଏହାର ପ୍ରଥମ ଇନିଂସକୁ ୪୧୭/୮ରେ ଘୋଷଣା କରିଥିଲା। ତେଣୁ ପ୍ରଥମ ଇନିଂସ ଅଗ୍ରଣୀ ଦୃଷ୍ଟିରୁ ସର୍ଭିସେସ ୩ ପଏଣ୍ଟ ପାଇଛି। ଅନ୍ୟପକ୍ଷରେ ସର୍ଭିସେସ ବୋଲରଙ୍କ ଆଶାରେ ପାଣିଭରି ଓଡ଼ିଶା ୧ ପଏଣ୍ଟ ହାସଲ କରିଛି ।

ଅସମାପ୍ତ ଦ୍ୱିତୀୟ ଇନିଂସ ୬୫/୧ରୁ ଅନ୍ତିମ ଦିବସ ଖେଳ ଆରମ୍ଭ କରିଥିବା ଓଡ଼ିଶା ଦଳୀୟ ସ୍କୋରରେ ଆଉ ୨୦ରନ୍ ଯୋଗ ହେବା ପରେ ଦ୍ୱିତୀୟ ଉଇକେଟ ହରାଇଥିଲା। ଶୁଭ୍ରାଂଶୁ ସେନାପତି ୧୨ରନରେ ରନ୍‌ଆଉଟ ହୋଇଥିଲେ । ୩୫ରନ୍‌ରେ ଅପରାଜିତ ଥିବା ଦେବାଶିଷ ସାମନ୍ତରାୟ ପୂର୍ବତନ ଅଧିନାୟକ ଗୋବିନ୍ଦ ପୋଦ୍ଦାରଙ୍କ ସହ ମିଶି ୩ୟ ଉଇକେଟ ଭାଗୀଦାରିରେ ୪୮ରନ୍ ସଂଗ୍ରହ କରିଥିଲେ। ଇତି ମଧ୍ୟରେ ୧୩୨ବଲରୁ ଦେବାଶିଷ ଅର୍ଦ୍ଧଶତକ ପୂରଣ କରି ସାରିଥିଲେ। ମାତ୍ର ଲଞ୍ଚ୍‌ବ୍ରେକ ପରବର୍ତ୍ତୀ ଓଭରରେ ହିଁ ଗୋବିନ୍ଦଙ୍କ ଉଇକେଟ ସର୍ଭିସେସ ହାସଲ କରିଥିଲା। ୨୩ରନ୍ କରିଥିବା ବେଳେ ରବି ଚୌହ୍ୱାନଙ୍କ ବଲରେ ଗୋବିନ୍ଦ ଷ୍ଟମ୍ପିଂ ହୋଇ ପ୍ୟାଭିଲିୟନ ଫେରିଥିଲେ। ଓପନିଂ ଦାୟିତ୍ୱରୁ ଖସି ମଧ୍ୟକ୍ରମ ସମ୍ଭାଳୁଥିବା ଅନୁରାଗ ଷଡ଼ଙ୍ଗୀ ଓ ଦେବାଶିଷଙ୍କ ମଧ୍ୟରେ ୪ର୍ଥ ଉଇକେଟ ଭାଗୀଦାରିରେ ୭୮ରନ୍ ଯୋଗ ହୋଇଥିଲା। ଏହି ଦୁଇ ବାମହାତୀ ବ୍ୟାଟ୍ସମ୍ୟାନ ଦୀର୍ଘ ସମୟ ଧରି ସର୍ଭିସେସ ବୋଲରଙ୍କୁ ନିରାଶ କରିଥିଲେ। ଉଭୟ ବ୍ୟାଟ୍ସମ୍ୟାନ ଧିମା ବ୍ୟାଟିଂ କରି ଓଡ଼ିଶା ପାଇଁ ମ୍ୟାଚ୍ ବଞ୍ଚାଇବା ଆଶା ଉଜ୍ଜୀବିତ କରିଥିଲେ। ଚଳିତ ସିଜନ୍‌ରେ ବେଙ୍ଗଲ ବିପକ୍ଷରେ ପଦାର୍ପଣ କରିଥିବା ଦେବାଶିଷ ଏଠାରେ କ୍ୟାରିୟରର ପ୍ରଥମ ଶତକୀୟ ଇନିଂସ ଖେଳିଥିଲେ। ୨୫୫ଟି ବଲ ସମ୍ମୁଖୀନ ହୋଇ ୧୩ ଚୌକା ବଳରେ ସେ ତିନିଅଙ୍କ ସ୍ପର୍ଶ କରିଥିଲେ। ଚୌକା ସହାୟତାରେ ଶତକ ପୂରଣ କରିବାର ୩ଟି ବଲ ପରେ ଅରୁଣ ବାମଲ ଦେବାଶିଷଙ୍କୁ କ୍ଲିନ ବୋଲ୍ଡ କରିଥିଲେ। ପରେ କ୍ରିଜକୁ ଆସିଥିବା ଅଧିନାୟକ ବିପ୍ଳବ ସାମନ୍ତରାୟ(୨ରନ୍) ମଧ୍ୟ ବାମଲଙ୍କ ବଲରେ ଉଇକେଟ କିପର ହାତରେ ଧରାପଡ଼ି ପ୍ୟାଭିଲିୟନ ଫେରିଥିଲେ। ଅମ୍ପାୟର ଖେଳ ଶେଷ କରିବାକୁ ନିଷ୍ପତ୍ତି ନେବାବେଳକୁ ଅନୁରାଗ ୧୪୪ବଲରୁ ୪୬ ଓ ଅଭିଷେକ ରାଉତ ୨୨ବଲରୁ ୨୦ରନ୍ କରି ଅପରାଜିତ ଥିଲେ।

**ସଂକ୍ଷିପ୍ତ ସ୍କୋର**

ଓଡ଼ିଶା ପ୍ରଥମ ଇନିଂସ: ୧୭୭।
ସର୍ଭିସେସ ପ୍ରଥମ ଇନିଂସ- ୪୧୭/୮ (ଇନିଂସ ଘୋଷଣା)।
ଓଡ଼ିଶା ଦ୍ୱିତୀୟ ଇନିଂସ: ୨୫୬/୫ (ଦେବାଶିଷ-୧୦୨, ଅନୁରାଗ-୪୬*, ଶାନ୍ତନୁ ମିଶ୍ର-୩୦, ଗୋବିନ୍ଦ ପୋଦ୍ଦାର-୨୩, ଅରୁଣ ବାମଲ-୨/୫୮, ମୁଜାଫରୁଦ୍ଦିନ ଖଲିଦ-୧/୭୮, ରବି ଚୌହାନ-୧/୯)।

# ଆଜିଠାରୁ ଚତୁର୍ଥ ଟେଷ୍ଟ

ସିଡ୍‌ନୀ, ୨୧(ପି.ଟି.)

ସ୍ଥାନୀୟ ସିଡ୍‌ନୀ କ୍ରିକେଟ ଗ୍ରାଉଣ୍ଡରେ ଗୁରୁବାରଠାରୁ ଭାରତ ଓ ଘରୋଇ ଅଷ୍ଟ୍ରେଲିଆ ମଧ୍ୟରେ ଚତୁର୍ଥ ତଥା ଅନ୍ତିମ ଟେଷ୍ଟ ମ୍ୟାଚ୍ ଆରମ୍ଭ ହେବ। ୪ ମ୍ୟାଚ୍ ବିଶିଷ୍ଟ ଏହି ସିରିଜରେ ଭାରତ ୨-୧ରେ ଅଗ୍ରଣୀ ହାସଲ କରିଥିବାରୁ ଉଭୟ ଦଳ ପାଇଁ ଏହି ମ୍ୟାଚ୍ ବେଶ୍ ଗୁରୁତ୍ୱ ବହନ କରୁଛି। ଭାରତ ଅତିକମ୍‌ରେ ଏହି ମ୍ୟାଚ୍ ଡ୍ର ରଖିପାରିଲେ କିମ୍ବା ଜିତିଲେ ସିରିଜ ବିଜୟୀ ହୋଇ ଇତିହାସ ସୃଷ୍ଟି କରିବ। ଅନ୍ୟପଟେ ସିରିଜ ନ ହାରିବା ପାଇଁ ଅଷ୍ଟ୍ରେଲିଆକୁ ଏହି ମ୍ୟାଚ୍‌ରେ ବିଜୟୀ ହେବା ଅପରିହାର୍ଯ୍ୟ ହୋଇପଡ଼ିଛି।

ଅଷ୍ଟ୍ରେଲିଆ ମାଟିରେ ଭାରତ ୧୯୪୭-୪୮ରୁ ଟେଷ୍ଟ ସିରିଜ ଖେଳିଆସୁଛି। ୩ଥର ଭାରତ ସିରିଜ୍‌କୁ ଡ୍ର ରଖିବାକୁ ସକ୍ଷମ ହୋଇଥିବା ବେଳେ ବାକି ସିରିଜଗୁଡ଼ିକରେ ପରାଜୟ ବରଣ କରିଛି। ଭାରତ ୧୯୮୦- ୮୧, ୧୯୮୫-୮୬, ୨୦୦୩-୦୪ରେ ସିରିଜ ଆମୀମାଂସିତ ରଖିଥିଲା। ତେବେ ୧୯୬୭-୬୮, ୧୯୭୭-୭୮, ୧୯୯୧-୯୨, ୧୯୯୯-୨୦୦୦, ୨୦୦୭-୦୮, ୨୦୧୧-୧୨ ଓ ୨୦୧୪-୧୫ରେ ଭାରତ ଅଷ୍ଟ୍ରେଲିଆରେ ସିରିଜ ପରାଜୟ ବରଣ କରିଥିଲା।

ଏଭଳି ସ୍ଥିତିରେ ବିରାଟ କୋହଲି ଏକମାତ୍ର ଭାରତୀୟ ଅଧିନାୟକ ଭାବେ ଅଷ୍ଟ୍ରେଲିଆରେ ଅନ୍ତିମ ଟେଷ୍ଟ ପୂର୍ବରୁ ସିରିଜ ଅଗ୍ରଣୀ ହାସଲ କରିବାର ଗୌରବମୟ ସ୍ଥିତିରେ ରହିଛନ୍ତି। ତେଣୁ ଭାରତ ଏହି ସିରିଜରେ ବିଜୟ ହାସଲ କଲେ କୋହଲି ରେକର୍ଡ ବହିରେ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିବେ। ସେ ଏକମାତ୍ର ଭାରତୀୟ ଅଧିନାୟକ ଭାବେ ଅଷ୍ଟ୍ରେଲିଆ ମାଟିରେ ଟେଷ୍ଟ ସିରିଜ ଜିତିବାର ଅସାଧାରଣ ସଫଳତା ଅର୍ଜନ କରିବେ। ଯଦିଓ ବଲ୍ ଟ୍ୟାମ୍ପରିଂ ଘଟଣା ଓ ଏ ନେଇ ବାସନ୍ଦାଦେଶ ଯୋଗୁ ପୂର୍ବତନ ଅଧିନାୟକ ଷ୍ଟିଭେନ୍ ସ୍ମିଥ୍, ଉପଅଧିନାୟକ ଡେଭିଡ ୱାର୍ନରଙ୍କ ଅନୁପସ୍ଥିତି ଅଷ୍ଟ୍ରେଲିଆ ବ୍ୟାଟିଂ ଲାଇନକୁ ଦୁର୍ବଳ କରିଦେଇଛି। ଏହି ଦୁଇ ଖେଳାଳିଙ୍କ ଅନୁପସ୍ଥିତି ଭାରତ ପାଇଁ ସୁଯୋଗ ସୃଷ୍ଟି କରିଛି। ତେଣୁ ଭାରତ ଏହି ସୁଯୋଗ ହାତଛଡ଼ା କରିବ ନାହିଁ।

ଚତୁର୍ଥ ଟେଷ୍ଟରେ ଫେଭରାଇଟ୍ ବିବେଚିତ ହେଉଥିଲେ ହେଁ ଭାରତ ପାଇଁ ଏକାଧିକ ସମସ୍ୟା ରହିଛି। ଇଞ୍ଜୁରି ଯୋଗୁ ଦୁଇ ଅଭିଜ୍ଞ ଦ୍ରୁତ ବୋଲର ଭାରତୀୟ ଦଳରୁ ବାଦ୍ ପଡ଼ିଛନ୍ତି। ତାରକା ଅଫ୍ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ଖେଳିବା ନେଇ ଆଶଙ୍କା ସୃଷ୍ଟି ହୋଇଛି। ସେହିପରି ବରିଷ୍ଠ ଦ୍ରୁତ ବୋଲର ଇଶାନ୍ତ ଶର୍ମା ଇଞ୍ଜୁରି କାରଣରୁ ୧୩ ଜଣିଆ ଭାରତୀୟ ଦଳରୁ ବାଦ୍ ପଡ଼ିଛନ୍ତି। ତେଣୁ ଟିମ୍ କମ୍ବିନେଶନ ନେଇ କୋହଲି

**ଇତିହାସ ସୃଷ୍ଟି ଲକ୍ଷ୍ୟରେ ଭାରତ**

ଦ୍ୱନ୍ଦ୍ୱରେ ରହିଛନ୍ତି। ଇଞ୍ଜୁରି ସମସ୍ୟାରୁ ଅଶ୍ୱିନ ସମ୍ପୂର୍ଣ୍ଣ ମୁକୁଳି ପାରିନାହାନ୍ତି।

ସିଡ୍‌ନୀରେ ସ୍ପିନରମାନେ ପାରମ୍ପରିକ ଭାବେ ବିଶେଷ ସହାୟତା ଲାଭ କରିଥାନ୍ତି। ତେଣୁ ଅଶ୍ୱିନଙ୍କ ଆଘାତ ସମସ୍ୟା ନେଇ ଭାରତୀୟ ଟିମ୍ ମ୍ୟାନେଜମେଣ୍ଟ ଚିନ୍ତିତ ରହିଛି। ତଳିପେଟ ଯନ୍ତ୍ରଣାରୁ ସେ ସମ୍ପୂର୍ଣ୍ଣ ସୁସ୍ଥ ହୋଇପାରିନାହାନ୍ତି। ସେ ଆଡିଲେଡ୍‌ରେ ଅନୁଷ୍ଠିତ ପ୍ରଥମ ଟେଷ୍ଟରେ ଆହତ ହୋଇଥିଲେ। ବାମ ପଞ୍ଜରାରେ ସେ ଯନ୍ତ୍ରଣା ଅନୁଭବ କରିଥିଲେ। ତେଣୁ ଅନ୍ତିମ ଟେଷ୍ଟରେ ଭାରତୀୟ ଟିମ୍ ମ୍ୟାନେଜମେଣ୍ଟ ରିସ୍କ ନେବାକୁ ଚାହୁଁନାହିଁ।

ଅଶ୍ୱିନ ପର୍ଥ ଓ ମେଲବୋର୍ନ ଟେଷ୍ଟ ଖେଳି ନ ଥିଲେ। ଇଞ୍ଜୁରି ସତ୍ତ୍ୱେ ସେ ଇଂଲଣ୍ଡରେ ନଟିଂହାମ ଓ ସାଉଥାମ୍ପ୍‌ଟନ ଖେଳିଥିଲେ। ଦୁଇଟି ବିଦେଶ ଗସ୍ତରେ ଅଶ୍ୱିନ ଆହତ ହେବା ଦୁର୍ଭାଗ୍ୟଜନକ ବୋଲି କୋହଲି କହିଛନ୍ତି। ଟେଷ୍ଟ ପାଇଁ ସେ ବହୁତ ଗୁରୁତ୍ୱପୂର୍ଣ୍ଣ। ତେଣୁ ସେ ୧୦୦ ପ୍ରତିଶତ ଫିଟ୍ ହେବା ନିହାତି ଜରୁରୀ। ଠିକଣା ସମୟରେ ଫିଟ୍‌ନେସ ହାସଲ କରିପାରି ନ ଥିବାରୁ ଅଶ୍ୱିନ ମଧ୍ୟ ଦୁଃଖିତ ବୋଲି କୋହଲି କହିଛନ୍ତି।

# କ୍ରିକେଟର ଦ୍ରୋଣାଚାର୍ଯ୍ୟ




ଦୁଇ ଶିଷ୍ୟ ସଚିନ ତେନ୍ଦୁଲକର ଓ ବିନୋଦ କାମ୍ବଲିଙ୍କ ସହ ଆଚରେକର।

ମୁମ୍ବାଇ, ୨୧(ପି.ଟି.)

ମାଷ୍ଟରବ୍ଲାଷ୍ଟର ସଚିନ ତେନ୍ଦୁଲକରଙ୍କୁ ଜଣେ ମହାନ୍ କ୍ରିକେଟର ଭାବେ ଗଢ଼ି ତୋଳିବାରେ ଗୁରୁଦାୟିତ୍ୱ ତୁଲାଇଥିବା କିମ୍ବଦନ୍ତୀ କ୍ରିକେଟ୍ କୋଚ୍ ତଥା ଦ୍ରୋଣାଚାର୍ଯ୍ୟ ପୁରସ୍କାର ବିଜେତା ରମାକାନ୍ତ ଆଚରେକରଙ୍କ ବିୟୋଗ ଘଟିଛି। ବାର୍ଦ୍ଧକ୍ୟଜନିତ କାରଣ ଯୋଗୁ ବୁଧବାର ସନ୍ଧ୍ୟାରେ ମୁମ୍ବାଇରେ ୮୭ ବର୍ଷ ବୟସରେ ଆଚରେକର ଶେଷନିଃଶ୍ୱାସ ତ୍ୟାଗ କରିଛନ୍ତି ବୋଲି ତାଙ୍କ ପରିବାର ସଦସ୍ୟ ରଶ୍ମି ଡଲ୍‌ଭି କହିଛନ୍ତି। ସଚିନଙ୍କ ପିଲାଦିନର କୋଚ୍ ଭାବେ ସାରା ବିଶ୍ୱରେ ଖ୍ୟାତି ଅର୍ଜନ କରିଥିବା ଆଚରେକର ଭାରତୀୟ କ୍ରିକେଟକୁ ଅତୁଳନୀୟ ଅବଦାନ ଲାଗି ୧୯୯୦ରେ ସମ୍ମାନଜନକ ଦ୍ରୋଣାଚାର୍ଯ୍ୟ ପୁରସ୍କାର ମଧ୍ୟ ଜିତିଛନ୍ତି। ସେହିଭଳି ୨୦୧୦ରେ ସେ ଦେଶର ସର୍ବୋଚ୍ଚ ନାଗରିକ ପୁରସ୍କାର ‘ପଦ୍ମଶ୍ରୀ’ ହାସଲ କରିଥିଲେ। ସଚିନ୍‌ଙ୍କ ବ୍ୟତୀତ ଆଚରେକର ଜଣାଶୁଣା କ୍ରିକେଟର ବିନୋଦ କାମ୍ବଲୀ, ପ୍ରବୀଣ ଆମ୍ରେ, ସମୀର ଦିଘେ, ଅଜିତ୍ ଅଗରକର, ସଞ୍ଜୟ ବାଙ୍ଗର, ରମେଶ ପାୱାର ଓ ବଲବିନ୍ଦର ସିଂ ସାନ୍ଧୁଙ୍କ ମଧ୍ୟ କୋଚ୍ ରହିଥିଲେ।



ପୂର୍ବତନ ରାଷ୍ଟ୍ରପତି ପ୍ରତିଭା ପାଟିଲଙ୍କଠାରୁ ପଦ୍ମଶ୍ରୀ ପୁରସ୍କାର ଗ୍ରହଣ କରୁଛନ୍ତି।

୧୯୩୨ରେ ଜନ୍ମଗ୍ରହଣ କରିଥିବା ଆଚରେକର ମୁମ୍ବାଇ ଦାଦରସ୍ଥିତ ଶିବାଜୀ ପାର୍କ କମଥ ମେମୋରିଆଲ କ୍ରିକେଟ କ୍ଲବରେ ଯୁବ କ୍ରିକେଟରଙ୍କୁ କୋଚିଂ ପ୍ରଦାନ କରିଥାନ୍ତି। ସେ କୋଚିଂ ପ୍ରଦାନ କରିଥିବା ଛାତ୍ରମାନଙ୍କ ମଧ୍ୟରୁ ସଚିନ କ୍ରିକେଟ ଇତିହାସରେ ଜଣେ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନଭାବେ ପରିଚୟ ସୃଷ୍ଟି କରିପାରିଥିଲେ। ସଚିନଙ୍କ ପିଲାଦିନର କ୍ୟାରିୟରକୁ ଗଢ଼ି ତୋଳିବାରେ ଆଚରେକର ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ୧୯୮୯ରେ ପଦାର୍ପଣ କରିଥିବା ସଚିନ ପ୍ରଥମ କ୍ରିକେଟର ଭାବେ ଅନ୍ତର୍ଜାତୀୟ କ୍ରିକେଟରେ ୧୦୦ ଶତକ, ଦିନିକିଆରେ ପ୍ରଥମ ଦ୍ୱିଶତକ ହାସଲ କରିଥିଲେ। ସେହିଭଳି ବିଶ୍ୱର ଏକମାତ୍ର କ୍ରିକେଟର ଭାବେ ସଚିନ ୨୦୦ ଟେଷ୍ଟ ମ୍ୟାଚ୍ ଖେଳିବାର ବିରଳ କୃତିତ୍ୱ ହାସଲ କରିଛନ୍ତି। ଅନ୍ତର୍ଜାତୀୟ କ୍ରିକେଟରେ ସର୍ବାଧିକ ରନ୍ (୩୪, ୩୫୭) ସଂଗ୍ରହ କରିଥିବା ସଚିନ କ୍ରିକେଟରେ ହାସଲ କରିଥିବା ସମସ୍ତ ସଫଳତାର ଶ୍ରେୟ ଆଚରେକରଙ୍କୁ ପ୍ରଦାନ କରିଛନ୍ତି। ଆଚରେକରଙ୍କୁ ଗୁରୁ ଭାବେ ଅଭିହିତ କରିଥିବା ସଚିନ ପ୍ରତିବର୍ଷ ଗୁରୁଦିବସରେ ତାଙ୍କ ଘରକୁ ଯାଇ ଆଶୀର୍ବାଦ ଗ୍ରହଣ କରିଥାନ୍ତି।

### କ୍ରିକେଟର ଏବିସିଡି ତାଙ୍କଠାରୁ ଶିଖିଥିଲି: ସଚିନ

ମୁମ୍ବାଇ, ୨୧(ପି.ଟି.)- ମୋ ଜୀବନ ତଥା କ୍ୟାରିୟରରେ ଆର୍ଚେକର ସାର୍‌ଙ୍କ ଅବଦାନ ଅତୁଳନୀୟ ବୋଲି କ୍ରିକେଟ ଆଇକନ ସଚିନ ତେନ୍ଦୁଲକର କହିଛନ୍ତି। ପିଲାବେଳର କୋଚ୍ ଆର୍ଚେକରଙ୍କ ଦେହାନ୍ତ ପରେ ଭାବପ୍ରବଣ ହୋଇ ସଚିନ ଏହି କଥା କହିଛନ୍ତି। ବାର୍ଦ୍ଧକ୍ୟ ଜନିତ ସ୍ୱାସ୍ଥ୍ୟଗତ କାରଣରୁ ଆର୍ଚେକର ୮୭ ବର୍ଷ ବୟସରେ ମୃତ୍ୟୁବରଣ କରିଛନ୍ତି। କ୍ରିକେଟର ଏବିସିଡି ମୁଁ ତାଙ୍କଠାରୁ ହିଁ ଶିକ୍ଷା କରିଥିଲି। ମୋ ଜୀବନ ପ୍ରତି ତାଙ୍କ ଅବଦାନ ଭାଷାରେ ବ୍ୟାଖ୍ୟା କରିହେବ ନାହିଁ। ସେ ତିଆରି କରିଥିବା ଆଧାର ଉପରେ ମୁଁ ଆଜି ଠିଆ ହେବା ସହ ସଫଳତା ହାସଲ କରିଛି।

ଗତମାସ ମୁଁ ତାଙ୍କୁ ଭେଟିଥିଲି। ସାର ଓ କେତେଜଣ ଛାତ୍ରଙ୍କ ସହ ମୁଁ କିଛି ସମୟ ବିତାଇଥିଲି। ପୁରୁଣା କଥା ମନେପକାଇ ଆମେ ବେଶ୍ ହସିବା ସହ ମଜା କରିଥିଲୁ। ସିଧାସଳଖ ଖେଳିବା ସହ ଜୀବନ ବିତାଇବାକୁ ସେ ଶିକ୍ଷା ଦେଇଥିଲେ। ଆମକୁ ତାଙ୍କ ଜୀବନର ଅଂଶବିଶେଷ ବନାଇଥିବାରୁ ତାଙ୍କ ନିକଟରେ ମୁଁ ଚିରକୃତଜ୍ଞ ବୋଲି ସଚିନ କହିଛନ୍ତି। ୱେଲ୍ ପ୍ଲେଡ ସାର୍, ଯେଉଁଠାରେ ରୁହନ୍ତୁ ପଛେ ଆପଣ ଏମିତି ପ୍ରଶିକ୍ଷଣ ଦିଅନ୍ତୁ ବୋଲି ସଚିନ ତାଙ୍କୁ ଶ୍ରଦ୍ଧାଞ୍ଜଳି ଦେଇ କହିଛନ୍ତି।



ସଚିନଙ୍କୁ ବ୍ୟାଟିଂ ଟିପ୍ସ ପ୍ରଦାନ କରିବା ଅବସରରେ ଆଚରେକର।

### ଆଚରେକରଙ୍କ ସହ ସଚିନଙ୍କୁ ଭାଇ ଅଜିତ୍ ପରିଚିତ କରିଥିଲେ

ସ୍କୁଲ ସମୟରେ ସଚିନଙ୍କୁ ରମାକାନ୍ତ ଆଚରେକରଙ୍କ ସହ ତାଙ୍କ ଭାଇ ଅଜିତ୍ ତେନ୍ଦୁଲକର ପରିଚିତ କରାଇଥିଲେ। ସଚିନଙ୍କ ଟ୍ୟାଲେଣ୍ଟକୁ ଚିହ୍ନିପାରି ଆଚରେକର ନ୍ୟୁ ଇଂଲିଶ ସ୍କୁଲରୁ ଶ୍ରଦ୍ଧାଶ୍ରମ ବିଦ୍ୟାମନ୍ଦିର ହାଇସ୍କୁଲକୁ ପରିବର୍ତ୍ତନ ପାଇଁ ସଚିନଙ୍କୁ ପରାମର୍ଶ ଦେଇଥିଲେ। ଶ୍ରଦ୍ଧାଶ୍ରମ ବିଦ୍ୟାମନ୍ଦିର ହାଇସ୍କୁଲ କ୍ରିକେଟ ପାଇଁ ବେଶ୍ ପରିଚିତ ଥିଲା। ୧୯୮୮ ହାରିସ ସିଲ୍ଡ ଟ୍ରଫିରେ ଏହି ଶ୍ରଦ୍ଧାଶ୍ରମ ବିଦ୍ୟାମନ୍ଦିର ସ୍କୁଲ ତରଫରୁ ପ୍ରତିନିଧିତ୍ୱ କରି ସେଣ୍ଟ ଜାଭିୟର ବିପକ୍ଷରେ ସଚିନ ସାଥୀ ଖେଳାଳି ବିନୋଦ କାମ୍ବଲୀଙ୍କ ସହ ମିଶି ୬୬୪ ରନ୍‌ର ବିଶ୍ୱରେକର୍ଡ ପାର୍ଟନରଶିପ୍ କରିଥିଲେ। ଏହାର ଗୋଟିଏ ବର୍ଷ ପରେ ସଚିନ ଭାରତ ପକ୍ଷରୁ ପାକିସ୍ତାନ ବିପକ୍ଷରେ କରାଚୀ ଟେଷ୍ଟରେ ପଦାର୍ପଣ କରିଥିଲେ। ଆଚରେକର ନିଜ ସ୍କୁଟରରେ ସଚିନଙ୍କୁ ବସାଇ ମୁମ୍ବାଇର ବିଭିନ୍ନ ସ୍ଥାନରେ ମ୍ୟାଚ୍ ଖେଳିବାକୁ ସାଥିରେ ନେଇ ଯାଉଥିଲେ। ସଚିନଙ୍କ ଉପରେ ଆଧାରିତ ଚଳଚ୍ଚିତ୍ର ‘ସଚିନ: ଏ ବିଲିୟନ ଡ୍ରିମ୍ସ’ରେ ଗୁରୁ ଆଚରେକରଙ୍କ ଭୂମିକାକୁ ମଧ୍ୟ ଦର୍ଶାଯାଇଛି।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ଗୁରୁବାର, ଜାନୁଆରୀ ୩/୨୦୧୯ Bhubaneswar, Thursday, January 3/ 2019

## ସଂକ୍ଷେପରେ

### ପୋଖରୀରୁ ଶିଶୁକନ୍ୟାଙ୍କ ମୃତଦେହ ଉଦ୍ଧାର

**ବାସୁଦେବପୁର, ୨।୧ (ଡି.ଏନ.ଏ.):** ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଗୋପବନ୍ଧୁ ନଗର ପଞ୍ଚାୟତ ବଡମାହାରା ଗ୍ରାମର ଏକ ପୋଖରୀରୁ ବୁଧବାର ପୂର୍ବାହ୍ନରେ ୨ବର୍ଷର ଜଣେ ଶିଶୁକନ୍ୟାଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତ ଶିଶୁ ହେଲେ କୁଆମରା ଗ୍ରାମର ଗଣେଶ ମଣ୍ଡଳଙ୍କ ଝିଅ ମାମା। ସେ ପରିବାର ଲୋକଙ୍କ ସହ ମାମୁଘର ବଡମାହାରା ଗ୍ରାମର ଦିଲୀପ ମଣ୍ଡଳଙ୍କ ଘରକୁ ଆସିଥିଲେ। ମଙ୍ଗଳବାର ସନ୍ଧ୍ୟାଠାରୁ ସେ ନିଖୋଜ ଥିଲେ। ପରିବାର ଲୋକ ବହୁ ଖୋଜାଖୋଜି କରିଥିଲେ ମଧ ତାଙ୍କୁ ପାଇ ନ ଥିଲେ। ବୁଧବାର ଘର ନିକଟସ୍ଥ ପୋଖରୀରୁ ମାମାଙ୍କ ମୃତଦେହ ଉଦ୍ଧାର କରାଯାଇଛି। କଷିଆ ସାମୁଦ୍ରିକ ଥାନାରେ ଅପମୃତ୍ୟୁ ମାମଲା(ନଂ.୧/୧୯) ରୁଜୁ ହୋଇଛି।

### ବିଲରେ ଚାଷୀଙ୍କ ମୃତ୍ୟୁ

**ଭଣ୍ଡାରିପୋଖରୀ, ୨।୧ (ଡି.ଏନ.ଏ.):** ଭଣ୍ଡାରିପୋଖରୀ ଥାନା ଅଧୀନ ସମ୍ପୋଇ ଗ୍ରାମର ଧନେଶ୍ୱର ବେହେରା ବୁଧବାର ସକାଳେ ବିଲରେ କାମ କରୁଥିବା ବେଳେ ପ୍ରାଣ ହରାଇଛନ୍ତି। ସେ ଧାନ ବିଲରେ କଚଡ଼ା ବାନ୍ଧୁଥିବା ବେଳେ ହଠାତ୍ ତଳେ ପଡ଼ିଯାଇଥିଲେ। ପରିବାର ଲୋକ ତାଙ୍କୁ ଭଣ୍ଡାରିପୋଖରୀ ଡାକ୍ତରଖାନାକୁ ନେଇଯାଇଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ମହିଳାଙ୍କୁ ଅସଦାଚରଣ: ଯୁବକ ଗିରଫ

**ତିହିଡ଼ି, ୨।୧ (ଡି.ଏନ.ଏ.):** ଭଦ୍ରକ ଜିଲା ତିହିଡ଼ି ଥାନା ସାହାପୁର ଅଞ୍ଚଳର ଜଣେ ମହିଳାଙ୍କୁ ମଙ୍ଗଳବାର ଗଦି ବଜାରରେ ଜଣେ ଯୁବକ ଅସଦାଚରଣ କରିଥିବା ଅଭିଯୋଗ ହୋଇଛି। ମହିଳା ଜଣଙ୍କ ତିହିଡ଼ି ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୨/୧୯) ରୁଜୁ କରିଛି। ପୋଲିସ ସମ୍ପୃକ୍ତ ଯୁବକଙ୍କୁ ବୁଧବାର ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଯୁବକ ହେଲେ ଗଦି ଅଞ୍ଚଳର ଦିଗମ୍ବର ଦାସ। ମହିଳା ଜଣଙ୍କ ଗଦି ବଜାରରେ ସାମଗ୍ରୀ କିଣୁଥିବା ବେଳେ ଦିଗମ୍ବର ତାଙ୍କୁ ଅସଦାଚରଣ କରିଥିବା ଅଭିଯୋଗରେ ଦର୍ଶାଯାଇଛି।

### କାଳିଆ ଯୋଜନାକୁ ନେଇ କୃଷି ବିଭାଗର ତତ୍ପରତା

**ରଘୁନାଥପୁର, ୨।୧ (ଡି.ଏନ୍.ଏ.):** କାଳିଆ ଯୋଜନାକୁ ନେଇ ରଘୁନାଥପୁର ବ୍ଲକ କୃଷି ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ନୋଡାଲ ଅଫିସର ତଥା ଏଏଓ ମନ୍ସ୍ୱିନୀ ଲେଙ୍କାଙ୍କ ତତ୍ତ୍ୱାବଧାନରେ ଦୁଇଜଣ ସେକ୍ଟର ଅଫିସର ଏଏଚ୍ଓ ଶୁଭଶ୍ରୀ ମହାପାତ୍ର ଓ ଦେବାଶିଷ ସାହୁ ଏବଂ ବିଭିନ୍ନ ପଞ୍ଚାୟତ ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ ନେଇ ଯୋଜନାର କାର୍ଯ୍ୟକାରିତା ସମ୍ପର୍କରେ ପ୍ରସ୍ତୁତିପର୍ବ ଆରମ୍ଭ ହୋଇଛି। ବ୍ଲକ୍‌ର ୧୯ ପଞ୍ଚାୟତରେ ମୋଟ ୧୫ ଜଣ କର୍ମଚାରୀ ନିୟୋଜିତ ରହିଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ଆସିଥିବା ଚାଷୀ ତାଲିକାକୁ ଛାଡ଼ି ଗ୍ରାମାଞ୍ଚଳରେ ଥିବା କ୍ଷୁଦ୍ର, ନାମମାତ୍ର ଓ ଭାଗଚାଷୀମାନେ ସେମାନଙ୍କ ନାମ ଆବେଦନ କିମ୍ବା ବାଦ ଦେବାକୁ ଦୁଇଟି ଫର୍ମର ବ୍ୟବସ୍ଥା ରହିଛି। ନୀଳ ରଙ୍ଗର ଫର୍ମରେ ଆବେଦନ ଏବଂ ନାଲି ରଙ୍ଗର ଫର୍ମରେ ସରକାରଙ୍କ ପ୍ରଦତ୍ତ ତାଲିକାରୁ ଅଯୋଗ୍ୟ ବ୍ୟକ୍ତିଙ୍କ ନାମ ବାଦ ଦେବା ପାଇଁ ବ୍ୟବହାର କରାଯିବା ସମ୍ପର୍କରେ ନୋଡାଲ ଅଫିସର ଲେଙ୍କା ସୂଚନା ଦେଇଛନ୍ତି। ସମସ୍ତ ଫର୍ମ ପ୍ରତି ପଞ୍ଚାୟତରେ ଉପଲବ୍ଧ ହେବ। ଚାଷୀମାନେ ଫର୍ମ ପୂରଣ କରି ପଞ୍ଚାୟତରେ ଥିବା ନୀଳ ଓ ନାଲି ବାକ୍ସରେ ପକାଇବେ। ପ୍ରତି ପଞ୍ଚାୟତ ଦାୟିତ୍ୱରେ ଅଗ୍ରାଧିକାରୀମାନେ ପ୍ରତ୍ୟେକ ଦିନ ଧାର୍ଯ୍ୟ ସମୟରେ ଆସି ଫର୍ମଗୁଡିକୁ ସଂଗ୍ରହ କରି ଜିମା ଦେବେ ବୋଲି ସୂଚନା ମିଳିଛି। ତେବେ ଫର୍ମ ପକାଇବା ସମୟରେ ଚାଷୀମାନଙ୍କୁ କୌଣସି ପ୍ରାପ୍ତିପତ୍ର (ରିସିଭ୍ କପି) ପ୍ରଦାନର ବ୍ୟବସ୍ଥା ନ ଥିବାରୁ, ଆବେଦନ ଫର୍ମର ସୁରକ୍ଷା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଯଦି ଚାଷୀଟିଏ ବିଭିନ୍ନ ପ୍ରମାଣପତ୍ର ସହ ଖର୍ଚ୍ଚାନ୍ତ ହୋଇ ଫର୍ମଟିଏ ପଠାଇବା ପରେ କୌଣସି ପ୍ରକାର ତାହା ହଜିଯାଏ କିମ୍ବା ନଷ୍ଟ କରି ଦିଆଯାଏ ତା'ହେଲେ ଚାଷୀ ପାଖରେ ପ୍ରମାଣ ସ୍ୱରୂପ କିଛି ବିକଳ୍ପ ବ୍ୟବସ୍ଥା ନାହିଁ ବୋଲି ଅନେକ ବୁଦ୍ଧିଜୀବୀ ମତବ୍ୟକ୍ତ କରିଛନ୍ତି।

# ୨୦୧୯ରେ ପ୍ରଥମ ଡଙ୍ଗାବୁଡ଼ି


କୂଳରେ ଅପେକ୍ଷା କରିଥିବା ନିଖୋଜଙ୍କ ପରିବାର।

**ପାରାଦୀପ, ୨।୧ (ସ୍ୱ.ପ୍ର.):** ନୂତନ ବର୍ଷରେ ଉପକୂଳ ଅଞ୍ଚଳରେ ଘଟିଛି ପ୍ରଥମ ଡଙ୍ଗାବୁଡ଼ି ଘଟଣା। ଡଙ୍ଗାବୁଡ଼ିରେ ମୃତ ଓ ନିଖୋଜଙ୍କ ପରିବାର ସ୍ତବ୍ଧ ହୋଇପଡିଥିବା ବେଳେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ପୂର୍ବରୁ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଡଙ୍ଗାବୁଡି ଘଟଣା ଘଟିଥିଲେ ମଧ ପ୍ରଶାସନ ପକ୍ଷରୁ ଏନେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇ ନ ଥିବାରୁ ବାରମ୍ବାର ଏଭଳି ଦୁର୍ଘଟଣା ଘଟୁଛି ବୋଲି କୁହାଯାଉଛି। ପ୍ରତ୍ୟହ ଏଠାରେ ଲୋକେ ବିନା ଲାଇଫ୍ ଜ୍ୟାକେଟରେ ଡଙ୍ଗାରେ ବିପଜ୍ଜନକ ଭାବେ ଯାତ୍ରା କରୁଥିଲେ ମଧ ସ୍ଥାନୀୟ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇନାହିଁ। ସୂଚନାଯୋଗ୍ୟ, କେନ୍ଦ୍ରାପଡ଼ା ଜିଲାର ଅନ୍ୟତମ ପର୍ଯ୍ୟଟନସ୍ଥଳୀ ହୁକିଟୋଲାକୁ ଯିବାକୁ ହେଲେ ଦୀର୍ଘ ୩ ଘଣ୍ଟା ଧରି ଜଳପଥରେ ଯାତ୍ରା କରିବାକୁ ହୋଇଥାଏ। ତେଣୁ ସାଧାରଣତଃ ଲୋକମାନେ ଏଠାକୁ ଯିବାକୁ ଭୟଭୀତ ହୋଇଥାନ୍ତି। ମାତ୍ର ଏଠାରେ ଛୋଟ ଡଙ୍ଗାରେ ଆବଶ୍ୟକତାଠାରୁ ଅଧିକ ଲୋକଙ୍କୁ ନେଇ ଯାତ୍ରା କରାଯାଉଛି। ଫଳରେ ଏଭଳି ଦୁର୍ଘଟଣା ଘଟିଥିବା କୁହାଯାଉଛି।

#### ଚଉମୁହାଣୀ ଲୋକାରଣ୍ୟ

ଡଙ୍ଗାବୁଡ଼ି ଘଟଣା ପ୍ରଚାର ହେବା ପରେ ପାରାଦୀପ ଲକ୍ ଥାନା ଅନ୍ତର୍ଗତ ଚଉମୁହାଣୀ ଲୋକାରଣ୍ୟ ହୋଇପଡିଛି। ମୃତ ଓ ନିଖୋଜଙ୍କ ପରିବାର, ଗ୍ରାମବାସୀ ଓ ଆଖପାଖ ଅଞ୍ଚଳର ଲୋକେ ସେଠାରେ ଭିଡ଼ ଜମାଇଛନ୍ତି। ପୋଲିସ, ଜିଲା ପ୍ରଶାସନ, ଓଡ୍ରାଫ ଟିମ୍, ବିଭିନ୍ନ ପଞ୍ଚାୟତର ଜନପ୍ରତିନିଧିମାନେ ଏଠାରେ ଉପସ୍ଥିତ ଅଛନ୍ତି। ପ୍ରବଳ ଶୀତ ସତ୍ତ୍ୱେ ଏଠାରେ ବହୁ ଲୋକ ରୁଣ୍ଡ ହୋଇଛନ୍ତି। ପାଣିରୁ ଉଦ୍ଧାର ହୋଇଥିବା ଲୋକଙ୍କୁ ନଦୀ କୂଳରେ ନିଆଁ ଜାଳି ସେକାଯାଉଛି।

#### ଅନ୍ଧାର ଯୋଗୁ ଉଦ୍ଧାର ବାଧାପ୍ରାପ୍ତ

ଅନ୍ଧାର ଯୋଗୁ ନିଖୋଜଙ୍କୁ ଖୋଜିବାରେ ବାଧା ସୃଷ୍ଟି ହେଉଛି। ଏଥିସହ ମହାନଦୀ ମୁହାଣ ନିକଟବର୍ତ୍ତୀ ସ୍ଥାନ ହୋଇଥିବାରୁ ଏଠାରେ ଜୁଆର ହେଉଛି। ଫଳରେ ଉଦ୍ଧାରକାରୀମାନେ ନଦୀ ମୁହାଣ ତଥା ସମୁଦ୍ର ମଧ୍ୟକୁ ଯାଇପାରୁ ନାହାନ୍ତି ବୋଲି ପୋଲିସ କହିଛି। ଓଡ୍ରାଫ ଟିମ୍, ଓସଡମା, ମେରାଇନ ପୋଲିସ, କୋଷ୍ଟଗାର୍ଡ ଟିମ୍ ଉଦ୍ଧାର ପାଇଁ କୂଳରେ ଅପେକ୍ଷା କରିଛନ୍ତି। କୋଷ୍ଟଗାର୍ଡର ପାଟ୍ରୋଲିଂ ଜାହାଜ ଚାର୍ଲି ୪୨୬ ମୁହାଣ ଅଞ୍ଚଳରେ ପାଟ୍ରୋଲିଂ କରୁଛି। ମେରାଇନ ପୋଲିସର ୨ଟି ପାଟ୍ରୋଲିଂ ବୋଟ୍ ଉଦ୍ଧାର କାର୍ଯ୍ୟ ଚଳାଇଛନ୍ତି।

#### ହସିଣା ଗ୍ରାମରେ ଶୋକର ଛାୟା

କେତେକ ବ୍ୟକ୍ତିଙ୍କ କହିବା ଅନୁଯାୟୀ, କୁଜଙ୍ଗ ବ୍ଲକ ହସିଣା ଗ୍ରାମର ୪୫ ପରିବାର କୈବର୍ତ୍ତମାନେ ମାଛ ମାରୁଥିବା ଡଙ୍ଗାରେ ବଣଭୋଜି କରିବା ପାଇଁ ହୁକିଟୋଲା ଯାଇଥିଲେ। ସେମାନଙ୍କ ମଧ୍ୟରେ ୨୦ ଜଣ ପୁରୁଷ, ୧୫ ମହିଳା ଓ ୧୦ ଜଣ ପିଲା ଥିଲେ। ବିଶେଷ କରି ଗ୍ରାମର ସ୍ୱାଇଁ, ତରେଇ ଓ ସାହୁ ପରିବାରର ସଦସ୍ୟମାନେ ଏଥିରେ ଥିଲେ। ଡଙ୍ଗାକୁ ନିର୍ଭୟ ସ୍ୱାଇଁ ଚଳାଉଥିଲେ। ହୁକିଟୋଲା ଜେଟିରୁ ଡଙ୍ଗା ବାହାରି ଗନ୍ତବ୍ୟ ସ୍ଥଳକୁ ଫେରିବା ବେଳେ ମହାନଦୀର ଶାଖା ଖୋଳା ନଦୀରେ ବୁଡି ଯାଇଥିଲା। ଘାଟରେ ପହଞ୍ଚିବା ପାଇଁ ଅଳ୍ପ ସମୟ ଥିଲା। ଡଙ୍ଗା ଚାଳକ ପାଖରେ ଲାଇସେନ୍ସ ନ ଥିବା କୁହାଯାଉଛି। ରାତିରେ ଉଦ୍ଧାର କାର୍ଯ୍ୟ ଜାରିରହିଛି। ନିଖୋଜଙ୍କ ଫେରିବା ବାଟକୁ ପରିବାର ଲୋକେ ଚାହିଁ ରହିଛନ୍ତି।



ଓଲଟିପଡ଼ିଥିବା ଡଙ୍ଗା।


ଡଙ୍ଗା ଚାଳକ।

## ସ୍ୱାମୀ ଅରୂପାନନ୍ଦ ଜୁନିୟର କଲେଜ

# ଜାତୀୟ ସେବା ଶିବିର ଉଦ୍‌ଯାପିତ



ଶୋଭାଯାତ୍ରାରେ ସାମିଲ ହୋଇଥିବା ଛାତ୍ରମାନେ।

**ରଘୁନାଥପୁର, ୨।୧ (ଡି.ଏନ୍.ଏ.)**

ରଘୁନାଥପୁର ବ୍ଲକ କୁର୍ତ୍ତାଙ୍ଗସ୍ଥିତ ସ୍ୱାମୀ ଅରୂପାନନ୍ଦ ଜୁନିୟର କଲେଜର ଶୀତକାଳୀନ ଜାତୀୟ ସେବା ଶିବିର ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଏହି ଉପଲକ୍ଷେ ସ୍ଥାନୀୟ ପାଟେଣୀଗାଁ ପୋଷ୍ୟ ଗ୍ରାମରେ ଆୟୋଜିତ ଉଦ୍‌ଯାପନୀ ଶିବିରରେ ଯୁକ୍ତ ୩ ଡିଗ୍ରୀ କଲେଜର ଅଧକ୍ଷ ଦିଲୀପ କୁମାର ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ସେବା ମନୋଭାବ ରଖି କାର୍ଯ୍ୟ କଲେ ସମାଜରେ ଯଥେଷ୍ଟ ସୁନାମ ଅର୍ଜନ କରିପାରିବ ବୋଲି ମତବ୍ୟକ୍ତ କରିଥିଲେ। ଜୁନିୟର୍ କଲେଜର ଅଧକ୍ଷ ସୁକାନ୍ତ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଅଧାପକ ରମେଶ ଚନ୍ଦ୍ର ସାହୁ, ଅଭୟ ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରୋଗ୍ରାମ ଅଫିସର ଶେଖ୍ ଅସଲମ ଅଲ୍ଲୀଙ୍କ ପରିଚାଳନାରେ ୨୫ ଜଣ ସ୍ୱେଚ୍ଛାସେବୀଙ୍କୁ ନେଇ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହାଛଡ଼ା ଏକ ରାଲି ମାଧ୍ୟମରେ ଏଡ୍‌ସ, ଡେଙ୍ଗୁ ଓ ମ୍ୟାଲେରିୟା, ପରିବେଶ ସୁରକ୍ଷା, ନାରୀ ସୁରକ୍ଷା ଓ ଅନ୍ୟାନ୍ୟ ବାର୍ତ୍ତା ନେଇ ସଚେତନତା ସୃଷ୍ଟି କରାଯାଇଥିଲା। ଶେଷରେ ସମସ୍ତ ସ୍ୱେଚ୍ଛାସେବୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ସ୍ନେହମୟୀ ଦାସ ଅତିଥି ପରିଚୟ, ମିଟୁ ରାଉତ ଧନ୍ୟବାଦ ଓ ଭରତ ଚନ୍ଦ୍ର ଦାସ ପରିଚାଳନାରେ ସହଯୋଗ କରିଥିଲେ।

# ବ୍ଲକ ମହିଳା କୋର ଗ୍ରୁପ୍ ବୈଠକ

**ବଡ଼ମ୍ବା, ୨।୧ (ଡି.ଏନ.ଏ.)**

ବଡ଼ମ୍ବା ବ୍ଲକ ଶଶାଙ୍ଗ ଗ୍ରାମସ୍ଥିତ ଭଙ୍ଗାରିକା ପାନ୍ଥଶାଳାରେ ବ୍ଲକ୍ ମହିଳା କୋରଗ୍ରୁପ୍ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଜୁ ମହିଳା ଜନତାଦଳ ଆନୁକୂଲ୍ୟରେ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥିଭାବେ ବିଧାୟକ ଦେବୀପ୍ରସାଦ ମିଶ୍ର ଯୋଗଦେଇ ଉପସ୍ଥିତ ମହିଳା ଗ୍ରୁପ୍‌ଙ୍କୁ ନୂତନ ବର୍ଷର ଅଭିନନ୍ଦନ ଜଣାଇଥିଲେ। ଏଥିସହିତ ବ୍ଲକ ଅଧୀନ ବିଭିନ୍ନ ପଞ୍ଚାୟତର ମହିଳା ଗୋଷ୍ଠୀଙ୍କୁ ପ୍ରଦାନ କରାଯାଇଥିବା ସହାୟତା ଓ ଆଗକୁ ମିଳିବାକୁ ଥିବା ବିଭିନ୍ନ ଯୋଜନା ଉପରେ ସୂଚନା ଦେଇଥିଲେ। ବ୍ଲକ ଅଧକ୍ଷା ଅନୁସୂୟା ନାଏକ, ଉପାଧକ୍ଷ ସଦାନନ୍ଦ ସ୍ୱାଇଁ, ବ୍ଲକ ବିଜେଡି ସଭାପତି ରବୀନ୍ଦ୍ର ସାହୁ, ବ୍ଲକ ବିଜୁ ଯୁବ ଜନତା ଦଳ ସଭାପତି ସଞ୍ଜୟ ସ୍ୱାଇଁ, କଟକ ଜିଲା ଉପସଭାପତି ରଘୁପତି ମହାନ୍ତି, ସମ୍ପାଦକ ପ୍ରଦୀପ ସ୍ୱାଇଁ ପ୍ରମୁଖ ଯୋଗଦେଇ ମହିଳାଙ୍କ ଉନ୍ନତି ପାଇଁ ରାଜ୍ୟ ସରକାର ସଦାସର୍ବଦା ଚେଷ୍ଟିତ ଅଛନ୍ତି ବୋଲି କହିଥିଲେ। ବ୍ଲକ ଓ ପଞ୍ଚାୟତସ୍ତରୀୟ ମହାସଂଘ କର୍ମକର୍ତ୍ତାଙ୍କ ସମେତ ୮୦୦ରୁ ଊର୍ଦ୍ଧ୍ୱ ମହିଳା ଏଥିରେ ସାମିଲ ହୋଇଥିଲେ।




## ପ୍ରଭାତ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ

# ହିନ୍ଦୁସ୍ଥାନ ସ୍ପୋର୍ଟିଂ ଚାମ୍ପିୟନ

**ବାଲିକୁଦା, ୨।୧ (ସ୍ୱ.ପ୍ର.)**


ଟୁର୍ନାମେଣ୍ଟ ଉଦ୍‌ଯାପନ ଉତ୍ସବରେ ଉପସ୍ଥିତ ଅତିଥି।

ବାଲିକୁଦା ବ୍ଲକ କୁଶୁପୁରଠାରେ ଏସଭିଏମ କ୍ରିକେଟ କ୍ଲବ ପକ୍ଷରୁ ଗତ ୨୫ ତାରିଖରୁ ଚାଲିଥିବା ପ୍ରଭାତ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ବୁଧବାର ଉଦ୍‌ଯାପିତ ହୋଇଛି। ଫାଇନାଲ ମ୍ୟାଚ୍‌ରେ ପୁରୀ ଜିଲା ମହାବୀର ସ୍ପୋର୍ଟିଂ କ୍ଲବକୁ ହରାଇ ଜଗତସିଂହପୁର ଜିଲାର ହିନ୍ଦୁସ୍ଥାନ ସ୍ପୋର୍ଟିଂ କପ୍ ଚାମ୍ପିୟନ ହୋଇଛି। ଟସ୍ ଜିତି ପ୍ରଥମେ ହିନ୍ଦୁସ୍ଥାନ ସ୍ପୋର୍ଟିଂ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ମହାବୀର ସ୍ପୋର୍ଟିଂ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୮ ଉଇକେଟ ହରାଇ ୯୭ ରନ ସଂଗ୍ରହ କରିଥିଲା। ଜବାବରେ ହିନ୍ଦୁସ୍ଥାନ ସ୍ପୋର୍ଟିଂ ୧୪ ଓଭରରେ ମାତ୍ର ୪ ଉଇକେଟ ହରାଇ ଆବଶ୍ୟକ ରନ ସଂଗ୍ରହ କରିନେଇଥିଲା। ଏହି ଅବସରରେ ବ୍ଲକ ଉପାଧକ୍ଷ ରାଖାଲ ଚନ୍ଦ୍ର ଦାସଙ୍କ ଅଧକ୍ଷତାରେ ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ବ୍ଲକ ଅଧକ୍ଷା ମଧୁସ୍ମିତା ସାହୁ ମୁଖ୍ୟଅତିଥି, ଜିଲ୍ଲାପରିଷଦ ସଦସ୍ୟା ବବିତା ସ୍ୱାଇଁ ମୁଖ୍ୟବକ୍ତା, ସରପଞ୍ଚ ମମତା ମଞ୍ଜରୀ ହାତୀ, ପୂର୍ବତନ ସରପଞ୍ଚ ପ୍ରଶାନ୍ତ ହାତୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଦଳକୁ ଟ୍ରଫି ସହ ୧୫ ହଜାର ଟଙ୍କା ପୁରସ୍କାର ଓ ରନର୍ସ ଅପ ଦଳଙ୍କୁ ଟ୍ରଫି ସହ ୧୦ ହଜାର ଟଙ୍କା ପୁରସ୍କାର ପ୍ରଦାନ କରିଥିଲେ। ଗୁରୁକୃଷ୍ଣ ବିଶ୍ୱାଳ ଓ ତ୍ରିନାଥ ବିଶ୍ୱାଳ ମ୍ୟାଚ୍‌ରେ ଅମ୍ପାୟାର ଦାୟିତ୍ୱ ବହନ କରିଥିଲେ। ଖବରଦାତା ତାପସ ସ୍ୱାଇଁ ହିନ୍ଦୁସ୍ଥାନ ସ୍ପୋର୍ଟିଂର ମିଲନ ଓଝାଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ୫୦୦ ଟଙ୍କାର ପୁରସ୍କାର ପ୍ରଦାନ କରିଥିଲେ। ପ୍ରଦୀପ୍ତ ବିଶୋଇଙ୍କୁ ମ୍ୟାନ ଅଫ ଦି ସିରିଜ୍, ଏସଏ ଖାଁଙ୍କୁ ବେଷ୍ଟ ବ୍ୟାଟ୍ସମ୍ୟାନ ଭାବେ ବିବେଚିତ କରାଯାଇଥିଲା। ମହାବୀର ସ୍ପୋର୍ଟିଂର ଦୀପକ ସାହୁଙ୍କୁ ବେଷ୍ଟ କିପର ଓ ସନତ୍ ସିଂ ଦେଓଙ୍କୁ ବେଷ୍ଟ ବୋଲର ବିବେଚିତ କରାଯାଇଥିଲା। ଉଦ୍‌ଘୋଷକ ଭାବେ ଗୋପୀନାଥ ବିଶ୍ୱାଳ, କୈଳାସ ବେହେରା ମ୍ୟାଚ୍‌ର ଧାରା ବିବରଣୀ ପ୍ରଦାନ କରିଥିଲେ। ବସନ୍ତ ମଲ୍ଲିକ, ଦେବାଶିଷ ମଲ୍ଲିକ, ଦେବେନ୍ଦ୍ର ହାତୀ, ପ୍ରଦୀପ୍ତ ହାତୀ, ଦିଲୀପ ହାତୀ, ପ୍ରତାପ ହାତୀ, ରାଜେଶ ବେହେରା, ରିଙ୍କୁ ବେହେରା, ସ୍ୱପ୍ନେଶ୍ୱର ବେହେରା, ଶିଶିର ବେହେରା, ସ୍ମୃତିରଞ୍ଜନ ଲେଙ୍କା, ଆଶୁତୋଷ ଖୁଣ୍ଟିଆ ପ୍ରମୁଖ କ୍ରୀଡ଼ା ପରିଚାଳନା କରିଥିଲେ।



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୩ ଜାନୁୟାରୀ, ୨୦୧୯



ଭଗବାନ କାହାକୁ ପୂର୍ଣ୍ଣ ନିର୍ଭରଶୀଳ କରିନାହାନ୍ତି। ଦରିଦ୍ର କେବଳ ଧନୀ ଉପରେ ନିର୍ଭର କରେ ନାହିଁ। ଧନୀ ମଧ୍ୟ ଦରିଦ୍ର ଉପରେ ନିର୍ଭର କରେ।
- ପଣ୍ଡିତ ନୀଳକଣ୍ଠ ଦାସ



# ଆଚରଣରେ ସୁଧାର ଆଣୁନାହାନ୍ତି ଆଇଆର୍‌ବି ଯବାନ

ପୁରୀ ଅଫିସ,୨।୧

ଶ୍ରୀମନ୍ଦିରରେ ଶାନ୍ତିଶୃଙ୍ଖଳା ରକ୍ଷା କରିବାରେ ଆଇଆର୍‌ବି ଏବଂ ଓଏସ୍‌ଏପି ଯବାନଙ୍କର ରହିଛି ଗୁରୁଦାୟିତ୍ୱ। ଏମାନେ ସିଂହଦ୍ୱାରଠୁ ଆରମ୍ଭ କରି ନାଟମଣ୍ଡପ ବିଭିନ୍ନ ସ୍ଥାନରେ ରହୁଛନ୍ତି। ଏଥିସହ ବେଢ଼ା ପରିସର ବିଭିନ୍ନ ପାର୍ଶ୍ୱ ଦେବଦେବୀ ମନ୍ଦିରରେ ମଧ୍ୟ ଡ୍ୟୁଟି କରୁଛନ୍ତି। ହେଲେ ନିକଟରେ କେତେକ ଘଟଣାକୁ ଦେଖିଲେ ବିବାଦରେ ରହିଛନ୍ତି ଏହି ଯବାନ। ସେମାନଙ୍କୁ ନେଇ ଗୋଟିଏ ପରେ ଗୋଟିଏ ଅପ୍ରୀତିକର ପରିସ୍ଥିତି ଉପୁଜୁଥିବା ଅଭିଯୋଗ ସତ୍ତ୍ୱେ ଅନେକ ସଚେତନ ହେଉନାହାନ୍ତି କି ଆଚରଣରେ ସୁଧାର ଆଣୁନାହାନ୍ତି। ଏମାନଙ୍କ ପାଇଁ ବିଭିନ୍ନ ସମୟରେ ପୁରୀ ପୋଲିସ ନିନ୍ଦିତ ହେଉଥିବା ବେଳେ ବଦ୍‌ନାମ ହେଉଛି ଶ୍ରୀମନ୍ଦିର।

ଶ୍ରୀମନ୍ଦିରରେ ଦୈନନ୍ଦିନ ସୁରକ୍ଷାରେ ଜେଟିପି, ଓଏସ୍‌ଏପି, ଆଇଆରବି ଏବଂ ଓଡ଼ିଶା ପୋଲିସ ରହୁଛନ୍ତି। ଜେଟିପିଙ୍କ ଉପରେ ଶ୍ରୀମନ୍ଦିର ପ୍ରଶାସନର କର୍ତ୍ତୃତ୍ୱ ରହିଥିବା ବେଳେ ଓଡ଼ିଶା ପୋଲିସ

## ବଦ୍‌ନାମ ହେଉଛି ଶ୍ରୀମନ୍ଦିର

ଉପରେ ଜିଲା ପୋଲିସର କର୍ତ୍ତୃତ୍ୱ ରହୁଛି। କିନ୍ତୁ ଓଏସ୍‌ଏପି ଏବଂ ଆଇଆରବି ଯବାନଙ୍କ ଉପରେ ପ୍ରତ୍ୟକ୍ଷ ଭାବେ କାହାର କର୍ତ୍ତୃତ୍ୱ ରହୁନାହିଁ। ଏଠାରେ ଜଣେ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟଙ୍କ ତତ୍ତ୍ୱାବଧାନରେ ଏମାନେ ଡ୍ୟୁଟି କରୁଛନ୍ତି। କିନ୍ତୁ ଏମାନଙ୍କ ମଧ୍ୟରୁ କାହା ବିରୋଧରେ କୌଣସି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ହେଲେ ସେମାନଙ୍କ କମାଣ୍ଡାଣ୍ଟଙ୍କୁ ଅବଗତ କରାଇବାକୁ ପଡେ। ନିକଟରେ ୪ଟି ଅପ୍ରୀତିକର ଘଟଣା ଏହି ଆଇଆର୍‌ବି ଯବାନଙ୍କୁ ନେଇ ଘଟିଛି।

ଗତ ୨୭ ତାରିଖରେ ଦର୍ଶନାର୍ଥୀଙ୍କ ପ୍ରବେଶକୁ ନେଇ ସିଂହଦ୍ୱାରରେ ଡ୍ୟୁଟିରେ ଥିବା ଆଇଆରବି କନଷ୍ଟେବଲ ବିଶ୍ୱଜିତ ପରିଜା ଏବଂ ଭିତରଚ୍ଛ ଭବାନୀ ଶଙ୍କର ମହାପାତ୍ରଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଉଭୟେ ପରସ୍ପରକୁ ମାଡ଼ ମାରିଥିବା ନେଇ ଥାନାରେ ଅଭିଯୋଗ ହେଲା। ଏହାପରେ ବିଶ୍ୱଜିତଙ୍କୁ ଶ୍ରୀମନ୍ଦିର ଡ୍ୟୁଟିରୁ କାଢ଼ି ନିଆଗଲା। ଏହାକୁ ନେଇ ୨୮ ତାରିଖରେ ସେବାୟତମାନେ ଧାରଣା ଦେଇଥିଲେ। ମହାପ୍ରଭୁ ୧୪ ଘଣ୍ଟା ଅଖିଆ, ଅପିଆ ରହିଲେ। ଭକ୍ତ ଦର୍ଶନ ନ ପାଇ ଫେରିଲେ। ଏହାକୁ ନେଇ ରାଜ୍ୟବ୍ୟାପୀ ଆଲୋଡ଼ନ ସୃଷ୍ଟି ହୋଇଥିଲା। ଏହାସତ୍ତ୍ୱେ କେତେଜଣ ଆଇଆରବି ଯବାନ ଚେତି ନ ଥିଲେ। ସେହିଦିନ ସନ୍ଧ୍ୟାରେ ଆଇଆରବି ହାବିଲଦାର ସୁବର୍ଣ୍ଣ କିଷାନ ମଦ୍ୟପାନ କରି ଜୟବିଜୟ ଦ୍ୱାର ନିକଟରେ ଡ୍ୟୁଟି କରୁଥିଲେ। ଜଣେ ବରିଷ୍ଠ ପୋଲିସ ଅଧିକାରୀଙ୍କ ନଜରରେ ଆସିବାରୁ ତାଙ୍କୁ ତୁରନ୍ତ ବାହାରକୁ ବାହାର କରାଯାଇଥିଲା। ଏ ନେଇ ସିଂହଦ୍ୱାର ଥାନାରେ ଅଭିଯୋଗ ମଧ୍ୟ ହୋଇଥିଲା। ଏହାର ପରଦିନ ତାଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଥିଲା। କେବଳ ସେତିକି ନୁହେଁ, ଗତ ୨୯ ତାରିଖ ଘଟଣାରେ କେବଳ ଆଇଆରବି ଯବାନ ନୁହନ୍ତି, ସମଗ୍ର ପୋଲିସ ବିଭାଗ ବଦ୍‌ନାମ ହୋଇଛି। ଆଇଆରବି କନଷ୍ଟେବଲ ସୁକେଶ ମେହେର ଶ୍ରୀମନ୍ଦିର ଭିତରେ ଜଣେ ନାବାଳିକାଙ୍କୁ ଅସଦାଚରଣ କରିବା ଘଟଣା ସବୁଠୁ ବଳିଯାଇଛି। ନାବାଳିକାଙ୍କ ପରିବାର ପକ୍ଷରୁ ସିଂହଦ୍ୱାର ଥାନାରେ ଅଭିଯୋଗ ହେବା ପରେ ଏସ୍‌ପି ସାର୍ଥକ ଷଡ଼ଙ୍ଗୀ ସିଂହଦ୍ୱାର ଥାନାରେ ପହଞ୍ଚି ଘଟଣାର ତଦନ୍ତ କରିଥିଲେ। ଅଭିଯୋଗର ସତ୍ୟତା ଥିବା ଜାଣିବା ପରେ ଅଭିଯୁକ୍ତ ସୁକେଶଙ୍କୁ ପ୍ରଥମେ ନିଲମ୍ବନ ଏବଂ ପରେ ଗିରଫ କରାଯାଇଥିଲା। ଏହାଛଡ଼ା ମଙ୍ଗଳବାର ୪ ଆଇଆରବି ଯବାନ ଶ୍ରୀମନ୍ଦିର ଭିତରେ ମୋବାଇଲରେ ସେଲ୍‌ଫି ନେବା ବେଳେ ଧରାପଡ଼ି ୪ ହଜାର ଟଙ୍କା ଜରିମାନା ଦେଇଥିବା ଜଣାପଡ଼ିଥିଲା।

ଏ ସମ୍ପର୍କରେ ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ର କହିଛନ୍ତି, ସନାତନ ପରମ୍ପରାର ମହାନ୍ ପବିତ୍ର ପୀଠ ଶ୍ରୀମନ୍ଦିର ସହ ସମ୍ପୃକ୍ତ ସମସ୍ତ ପ୍ରଶାସନିକ ଅଧିକାରୀ, ସେବାୟତ, କର୍ମଚାରୀ ଏବଂ ସୁରକ୍ଷା କର୍ମୀଙ୍କୁ ନିଜ ଆଚରଣ ଏବଂ ଉଚ୍ଚାରଣରେ ସଂଯମତା ରକ୍ଷା କରିବାକୁ ପଡ଼ିବ। ମହାପ୍ରଭୁଙ୍କ ପ୍ରତି ସମର୍ପଣ ଓ ସେବା ମନୋବୃତ୍ତି ନେଇ କାମ କରିବାକୁ ପଡ଼ିବ। ନଚେତ ସେମାନଙ୍କ ଛୋଟ ଛୋଟ ଭୁଲ୍ ପାଇଁ ବଦନାମ୍ ମୁଣ୍ଡାଇବ ବଡ଼ଦେଉଳ।

## ସଂକ୍ଷେପରେ

### ଆଜିଠୁ ଶ୍ରୀକ୍ଷେତ୍ର ପୁସ୍ତକ ମେଳାର ରଜତ ଉତ୍ସବ
### ଆକର୍ଷଣ ସାଜିବ ପିଲାଙ୍କ ପଠନ ଟୁର୍ଙ୍ଗି

**ପୁରୀ ଅଫିସ,୨।୧:** ଶ୍ରୀକ୍ଷେତ୍ର ପୁସ୍ତକ ମେଳା କମିଟି ଆନୁକୂଲ୍ୟରେ ଗୁରୁବାରଠାରୁ ଶ୍ରୀକ୍ଷେତ୍ର ପୁସ୍ତକ ମେଳା ଅନୁଷ୍ଠିତ ହେବ। ଚଳିତ ବର୍ଷ କମିଟି ତା'ର ରଜତ ଉତ୍ସବ ପାଳନ କରିବ। ଏହି ମେଳା ଆସନ୍ତା ୧୨ ତାରିଖରେ ସମାପ୍ତ ହେବ। ଶରଧାବାଲିରେ ଅନୁଷ୍ଠିତ ହେବାକୁ ଥିବା ଏହି ମେଳାରେ ରାଜ୍ୟ ତଥା ରାଜ୍ୟ ବାହାରୁ ଏକାଧିକ ପ୍ରକାଶକ ସଂସ୍ଥା ଅଂଶଗ୍ରହଣ କରିବେ। ଏଥିରେ ୧୫୦ଟି ଷ୍ଟଲ ହୋଇଛି। ଚଳିତ ବର୍ଷ ପୁସ୍ତକ ମେଳା ପକ୍ଷରୁ 'ଜୀବନୀ ପଢ଼ନ୍ତୁ ଓ ଜୀବନ ଗଢ଼ନ୍ତୁ' ବାର୍ତ୍ତା ରହିଛି। ଛାତ୍ରୀଛାତ୍ର ଏବଂ ଯୁବକମାନଙ୍କର ସାହିତ୍ୟ ପ୍ରତି ଆଗ୍ରହ ସୃଷ୍ଟି କରିବା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି। ମେଳା ପରିସରରେ ପିଲାଙ୍କ ମଧ୍ୟରେ ପଠନ ଟୁର୍ଙ୍ଗି ଆୟୋଜନ କରାଯାଇଛି। ଏଠାରେ ପିଲାଙ୍କ ମଧ୍ୟରେ ପଠନ ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି ବୁଧବାର ଓଡ଼ିଶା ସଙ୍ଗୀତ ପରିଷଦ ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ କମିଟିର ସମ୍ପାଦକ ଚକ୍ରଧର ମହାପାତ୍ର ସୂଚନା ଦେଇଛନ୍ତି। ସେ କହିଲେ ଯେ, ପ୍ରତିଦିନ ଅପରାହ୍ନ ୨ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ପୁସ୍ତକ ମେଳା ଖୋଲା ରହିବ। ସାରସ୍ୱତ ମଞ୍ଚ ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଚଳିତ ବର୍ଷ ଡ. ରାଜେନ୍ଦ୍ର ନାରାୟଣ ଦାସ, ସଂଘମିତ୍ରା ମିଶ୍ର ଓ ମୋହନ ଦାସ, ରତିକାନ୍ତ ରାଓଙ୍କୁ ସାରସ୍ୱତ, ଡ. ଦାଶରଥି ଦାଶଙ୍କୁ ଗବେଷକ ସମ୍ମାନ ଏବଂ କଟକ ପୁସ୍ତକ ପ୍ରକାଶନ ସଂସ୍ଥା ସାଇଯମୁନା ସମ୍ମାନିତ ହେବେ। ଖବରଦାତା ସମ୍ମିଳନୀରେ କମିଟି ସଭାପତି ଭାଷାବିତ୍ କୈଳାସ ଚନ୍ଦ୍ର ଟିକାୟତରାୟ, ଉପସଭାପତି ରାଜକିଶୋର ମିଶ୍ର, ଜଟାଧାରୀ ମିଶ୍ର, ରଘୁନାଥ ମହାପାତ୍ର, ପ୍ରତିମା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ଶ୍ରୀମନ୍ଦିରରେ ବିଶୃଙ୍ଖଳା ପ୍ରସଙ୍ଗ
### ସିସିଟିଭିରୁ ଚିହ୍ନଟ ହେବେ ବିଶୃଙ୍ଖଳାକାରୀ

**ପୁରୀ ଅଫିସ,୨।୧:** ଶ୍ରୀମନ୍ଦିରରେ ଗତ ୨୮ ତାରିଖରେ ହୋଇଥିବା ବିଶୃଙ୍ଖଳାକୁ ଗୁରୁତର ସହ ନେଇଛନ୍ତି ରାଜ୍ୟ ସରକାର ଏବଂ ଶ୍ରୀମନ୍ଦିର ପ୍ରଶାସନ। କାହିଁକି ଏବଂ କେଉଁ ପରିସ୍ଥିତିରେ ମହାପ୍ରଭୁଙ୍କ ନୀତିକାନ୍ତିରେ ବିଭ୍ରାଟ ହେଲା। ବିଶୃଙ୍ଖଳା ପାଇଁ କେଉଁମାନେ ଦାୟୀ ଏ ସବୁର ଖୋଲତାଡ଼ ହେବ। ସିସିଟିଭି ଫୁଟେଜରୁ ବିଶୃଙ୍ଖଳାକାରୀଙ୍କୁ ଚିହ୍ନଟ କରାଯିବ। ଏହି ଅପ୍ରୀତିକର ପରିସ୍ଥିତି ପାଇଁ ଯେଉଁମାନେ ଦାୟୀ ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିବା ଜଣାପଡିଛି। ଗତ ୨୭ ତାରିଖ ରାତିରେ ସିଂହଦ୍ୱାରରେ ପୋଲିସ ଏବଂ ଭିତରଚ୍ଛଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଉଭୟେ ସିଂହଦ୍ୱାର ଥାନାରେ ପରସ୍ପର ବିରୋଧରେ ମାଡ଼ ମରାଯାଇଥିବା ଅଭିଯୋଗ କରିଥିଲେ। ଭୁବନେଶ୍ୱରରେ ଥିବା ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ର ଟେଲିଫୋନ ଯୋଗେ ଘଟଣାର ସମାଧାନ ପାଇଁ ଯଥାସାଧ ଚେଷ୍ଟା କରିଥିଲେ। ୨୮ ତାରିଖରେ ମହାପ୍ରଭୁଙ୍କ ନୀତିକାନ୍ତିରେ କୌଣସି ପ୍ରକାର ବିଶୃଙ୍ଖଳା ହେବ ନାହିଁ ବୋଲି ତାଙ୍କୁ କୁହାଯାଇଥିଲା। ହେଲେ ସକାଳୁ ଘଟିଥିଲା ବିଶୃଙ୍ଖଳା। ମହାପ୍ରଭୁ ୧୪ ଘଣ୍ଟା ଅଖିଆଅପିଆ ରହିଲେ। ଏଥିପାଇଁ ଶ୍ରୀମନ୍ଦିରର ବିଭିନ୍ନ ସ୍ଥାନରେ ଲାଗିଥିବା ସେହି ଦିନର ସିସିଟିଭି ଫୁଟେଜ ଯାଞ୍ଚ ହେବ। ବର୍ତ୍ତମାନ ନୂଆବର୍ଷ ଯୋଗୁ ଶ୍ରୀମନ୍ଦିର ପ୍ରଶାସନ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ଏବଂ ମହାପ୍ରଭୁଙ୍କ ନୀତିକାନ୍ତି କିପରି ଠିକ୍ ସମୟରେ ହେବ ତାହା ଉପରେ ଧ୍ୟାନ କେନ୍ଦ୍ରୀଭୂତ କରିଛି ମନ୍ଦିର ପ୍ରଶାସନ। ମକର ସଂକ୍ରାନ୍ତି ପରେ ବିଶୃଙ୍ଖଳାର କାରଣ ଏବଂ ବିଶୃଙ୍ଖଳାକାରୀଙ୍କୁ ଶ୍ରୀମନ୍ଦିର ପ୍ରଶାସନ ଖୋଜିବ ବୋଲି ଜଣାପଡିଛି।

### ଖୋର୍ଦ୍ଧା ନାଟ୍ୟମଣ୍ଡପରେ ଆସାମ ନାଟକ

**ଖୋର୍ଦ୍ଧା ଅଫିସ,୨।୧:** ନବବର୍ଷରେ ନାଟ୍ୟ ଚେତନା ଅନୁଷ୍ଠାନ ପକ୍ଷରୁ ଖୋର୍ଦ୍ଧା ବାଜପୁର ରୋଡ ନାଟ୍ୟ ଗ୍ରାମର ନାଟ୍ୟମଣ୍ଡପରେ ନଟ ଦେବତାଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା। ପରେ ନାଟ୍ୟମଣ୍ଡପରେ ଜାତୀୟ ରାଷ୍ଟ୍ରୀୟ ବିଦ୍ୟାଳୟ ଦ୍ୱାରା ପ୍ରେରିତ ନାଟ୍ୟଦଳ ନାଟ୍ୟ ଗ୍ରାମରେ ପହଞ୍ଚି ନୂଆ ବର୍ଷରେ ଆସାମ ନାଟକ ବାଓ ଏରୁୱା ଚାଲୋନୀ ନାଟକ ମଞ୍ଚସ୍ଥ କରିଛନ୍ତି। ଝିଅମାନଙ୍କର ଅତ୍ୟାଚାର ଖବରକୁ ଅଧିକ ଗୁରୁତ୍ୱ ଦେଇ ସାଧାରଣ ମାନସିକତାକୁ ଗଠନମୂଳକ ନ କରି ଖବରକାଗଜ ବିକୃତ କରୁଛି ବୋଲି ନାଟକରେ ପ୍ରତିଫଳନ ହୋଇଥିଲା। ଏଥିପାଇଁ ଝିଅମାନଙ୍କୁ ବିପ୍ଳବ କରିବାକୁ ପଡିବ ବୋଲି ନାଟକ ମାଧ୍ୟମରେ ବାର୍ତ୍ତା ରହିଥିଲା। ଏହାର ଲେଖକ ଓ ନିର୍ଦ୍ଦେଶକ ରୂପଜ୍ୟୋତି ମହାନ୍ତ ଥିବାବେଳେ ଅରବିନ୍ଦ ବେହେରା କଳାକାରମାନଙ୍କୁ ସମ୍ମାନିତ କରିଥିଲେ। ନାଟ୍ୟଚେତନାର ନିର୍ଦ୍ଦେଶକ ସୁବୋଧ ପଟ୍ଟନାୟକ ଏହାକୁ ପରିଚାଳନା କରିଥିଲେ।

# ପୁରୀ ବନ୍ୟପ୍ରାଣୀ ବନଖଣ୍ଡରେ ପକ୍ଷୀ ଗଣତି ଆଜି



ପକ୍ଷୀ ଉପରେ ଆଧାରିତ କ୍ୟାଲେଣ୍ଡର ପ୍ରଦର୍ଶନ କରୁଛନ୍ତି ଅତିଥିମାନେ।

ପୁରୀ ଅଫିସ,୨।୧

ପୁରୀ ବନ୍ୟପ୍ରାଣୀ ବନଖଣ୍ଡରେ ଗୁରୁବାର ପକ୍ଷୀଗଣନା କରାଯିବ। ଏଥିପାଇଁ ବୁଧବାର ବାଲୁଖଣ୍ଡ ବନାଞ୍ଚଳ କାର୍ଯ୍ୟାଳୟ ପରିସରରେ ପକ୍ଷୀଗଣନା ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଗଣନାରେ ସାମିଲ ହେବାକୁ ଥିବା କର୍ମଚାରୀଙ୍କୁ ତାଲିମ ପ୍ରଦାନ କରାଯାଇଥିଲା। ପୁରୀ ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ହର୍ଷବର୍ଦ୍ଧନ ଉଦ୍‌ଗାତା, ସହକାରୀ ବନ ସଂରକ୍ଷକ ରବୀନ୍ଦ୍ର କୁମାର ମହାପାତ୍ର, ବିରଞ୍ଚି ସାମଲ, ପ୍ରଶାନ୍ତ ସ୍ୱାଇଁ, ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶୋଭାକର ବେହେରା, ପୂର୍ବତନ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଆକାଶ ରଥ ଯୋଗଦେଇ ତାଲିମ ପ୍ରଦାନ କରିଥିଲେ। ବାଲୁଖଣ୍ଡ, କୋଣାର୍କ, ଅସ୍ତରଙ୍ଗ, ଗୋପ, ବ୍ରହ୍ମଗିରି ରେଞ୍ଜ୍ ଅଫିସର ଏବଂ କର୍ମଚାରୀଙ୍କୁ ପକ୍ଷୀଗଣନା ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଥିଲା। ଏହି ଅବସରରେ ବନଖଣ୍ଡ ଅଧିକାରୀ ଉଦ୍‌ଗାତା ପୁରୀ ବନ୍ୟପ୍ରାଣୀ ବନଖଣ୍ଡ ଅଧୀନ ବନ୍ୟପ୍ରାଣୀ ଏବଂ ପକ୍ଷୀଙ୍କ ଉପରେ ଆଧାରିତ ବାର୍ଷିକ କ୍ୟାଲେଣ୍ଡର ଉନ୍ମୋଚନ କରିଥିଲେ।

ପୁରୀ ବନ୍ୟପ୍ରାଣୀ ବନଖଣ୍ଡରେ ପକ୍ଷୀଗଣନା ଲାଗି ୨୨ଟି ଟିମ୍ ଗଠନ କରାଯାଇଛି। ଏରିଆ ଏବଂ ପକ୍ଷୀଙ୍କ ସମାଗମକୁ ନଜରରେ ରଖି ପ୍ରତି ଟିମ୍‌ରେ ୨ରୁ ୪ ଜଣ ଲେଖାଏ ସଦସ୍ୟ ରହିଛନ୍ତି। ଗୁରୁବାର ସକାଳ ୬ଟାରୁ ପୂର୍ବାହ୍ନ ୧୦ଟା ମଧ୍ୟରେ ରତ୍ନଚିରା, ଗଙ୍ଗାଦେବୀ, କୁଶଭଦ୍ରା, ପ୍ରାଚୀ, କାଦୁଆ ପ୍ରଭୃତି ନଦୀ ଓ କେଲୁଣୀ ମୁହାଣ ଆଦି ୨୨ଟି ସ୍ଥାନରେ ଗଣତି ହେବ। ଏହି ଗଣତିରେ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ, ବନ୍ୟପ୍ରାଣୀପ୍ରେମୀ ଓ ବନ୍ୟପ୍ରାଣୀ ବିଶେଷଜ୍ଞ ସାମିଲ ଥିବା ଜଣାପଡିଛି।

### ସରକାରୀ ଡାଏରୀରେ ବରପୁତ୍ରଙ୍କୁ ଅପମାନ
# ପୂଜ୍ୟପୂଜା ସଂସଦର ସତ୍ୟାଗ୍ରହ



ଡାଏରୀରେ ତ୍ରୁଟି ଥିବା ବିରୋଧ କରୁଛନ୍ତି ସତ୍ୟାଗ୍ରହୀ।

ପୁରୀ ଅଫିସ,୨।୧

ସରକାରୀ ଡାଏରୀରେ ଓଡ଼ିଆ ଭାଷା ଏବଂ ବରପୁତ୍ରଙ୍କୁ ଅପମାନ କରାଯାଇଛି। ଏହାର ପ୍ରତିବାଦରେ ପୂଜ୍ୟପୂଜା ସଂସଦ ପକ୍ଷରୁ ବୁଧବାର ସିଂହଦ୍ୱାର ନିକଟ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତି ନିକଟରେ ସତ୍ୟାଗ୍ରହ କରାଯାଇଛି। ସଂସଦର ରାଜ୍ୟ ସଭାପତି କୃଷ୍ଣଚନ୍ଦ୍ର ଜଗଦ୍ଦେବଙ୍କ ନେତୃତ୍ୱରେ ଏହି ସତ୍ୟାଗ୍ରହ କରାଯାଇଥିଲା। ସଭାପତି ଜଗଦ୍ଦେବ କହିଛନ୍ତି, ଓଡ଼ିଶା ସରକାର ପ୍ରତିବର୍ଷ ଭଳି ଏ ବର୍ଷ ମଧ୍ୟ ସରକାରୀ ଡାଏରୀ ଛପାଇଛନ୍ତି। ଏହି ଡାଏରୀରେ ପୁଣ୍ୟାତ୍ମା ପଣ୍ଡିତ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ରଚିତ ଧର୍ମପଦ କାବ୍ୟର ଉଦ୍ଧୃତାଂଶ 'ମାନବ ଜୀବନ ନୁହଁଇ କେବଳ ବର୍ଷ ମାସ ଦିନ ଦଣ୍ଡ, କର୍ମେ ଜୀଏଁ ନର, କର୍ମ ଏକା ତା'ର ଜୀବନ ମାନଦଣ୍ଡ'କୁ କବିବର ରାଧାନାଥ ରାୟଙ୍କ ନାମରେ ଲେଖାଯାଇଛି। ଏଥିସହ କବିବରଙ୍କ ଫଟୋ ମଧ୍ୟ ସେଠାରେ ସ୍ଥାନିତ କରାଯାଇଛି। ଓଡ଼ିଆ ଭାଗବତକୁ ମଧ୍ୟ ତ୍ରୁଟିପୂର୍ଣ୍ଣ ଭାବରେ ଡାଏରୀରେ ଉଲ୍ଲେଖ କରାଯାଇଛି। ମୁଖ୍ୟମନ୍ତ୍ରୀ ଯେ ହେତୁ ଓଡ଼ିଆ କହିପାରୁ ନାହାନ୍ତି ତାଙ୍କର ଅଧସ୍ତନ କର୍ମଚାରୀମାନେ ମଧ୍ୟ ସେହି ଧାରାରେ ଯାଉଛନ୍ତି। ଏହା ଓଡ଼ିଆ ଜାତି ଓ ଓଡ଼ିଆ ଭାଷା ପ୍ରତି ଘୋର ଅପମାନ। ତେଣୁ ସେହି ତ୍ରୁଟିପୂର୍ଣ୍ଣ ଡାଏରୀକୁ ତୁରନ୍ତ ପ୍ରତ୍ୟାହାର କରିବା ସହ ମୁଖ୍ୟମନ୍ତ୍ରୀ ଓଡ଼ିଶାବାସୀଙ୍କ ନିକଟରେ କ୍ଷମା ପ୍ରାର୍ଥନା କରନ୍ତୁ ବୋଲି ପୂଜ୍ୟପୂଜା ସଂସଦ ଦାବି କରିଛି।

## ନିଖୋଜ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର

ଖୋର୍ଦ୍ଧା ଅଫିସ,୨।୧

ବାଣପୁର ଥାନା ପୋଲିସ ବୁଧବାର ମଧ୍ୟାହ୍ନରେ ଶାଳିଆ ନଦୀ କୃଷ୍ଣପଲ୍ଲୀ ଉଠାଣି ନିକଟରୁ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରିଛି। ମୃତ ଯୁବକ ହେଲେ ସୁରେନ୍ଦ୍ର ପ୍ରଧାନ (୪୫)। ଘର ଶାଳିଆ ଡ୍ୟାମ ନିକଟସ୍ଥ ପଣଶଡିହ ଗ୍ରାମରେ। ମଙ୍ଗଳବାର ମଧ୍ୟାହ୍ନରେ ସୁରେନ୍ଦ୍ର କୌଣସି କାମ ନେଇ କୋଷରଡା ଗ୍ରାମକୁ ଯାଇଥିଲେ। ହେଲେ ରାତି ସୁଦ୍ଧା ଘରକୁ ଫେରି ନ ଥିଲେ। ପରିବାର ଲୋକେ ଖୋଜା ଖୋଜି କରିଥିଲେ ମଧ୍ୟ ତାଙ୍କର ଟେର ମିଳି ନ ଥିଲା। ବୁଧବାର ଅପରାହ୍ନରେ ଶାଳିଆ ନଦୀରେ ଜଣେ ଯୁବକଙ୍କ ମୃତଦେହ ଭାସୁଥିବା ଖବରପାଇ ପରିବାର ଲୋକେ ସେଠାରେ ପହଞ୍ଚି ଚିହ୍ନଟ କରିଥିଲେ। ସୁରେନ୍ଦ୍ରଙ୍କ ପତ୍ନୀ ବାଣପୁର ଥାନାରେ ଅଭିଯୋଗ କରିବା ପରେ ପୋଲିସ (୧/୧୯)ରେ ଅପମୃତ୍ୟୁ ମାମଲା ରୁଜୁ କରି ସୁରେନ୍ଦ୍ରଙ୍କ ମୃତଦେହ ଉଦ୍ଧାର କରି ଘଟଣାର ତଦନ୍ତ ଚଳାଇଛି। ତେବେ ସୁରେନ୍ଦ୍ର ଆତ୍ମହତ୍ୟା କରିଛନ୍ତି ନାଁ ପାଣିରେ ଖସି ପଡିଛନ୍ତି ଅଥବା ପାଣିରେ ବୁଡାଇ କେହି ତାଙ୍କୁ ହତ୍ୟା କରିଛନ୍ତି ବ୍ୟବଚ୍ଛେଦ ରିପୋର୍ଟ ପରେ ତାହା ସ୍ପଷ୍ଟ ହେବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି।

# ନୀଳଗିରି ମୋଟର କର୍ମଚାରୀ ସଂଘର ବାର୍ଷିକ ଉତ୍ସବ

ପୁରୀ ଅଫିସ,୨।୧

ନୀଳଗିରି ମୋଟର କର୍ମଚାରୀ ସଂଘର ବାର୍ଷିକ ଉତ୍ସବ ବୁଧବାର ବସ୍‌ଷ୍ଟାଣ୍ଡ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରକାଶ ଚନ୍ଦ୍ର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ସାଧାରଣ ସମ୍ପାଦକ ହୃଷୀକେଶ ପାଣି ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ଏଆଇଟିୟୁସିର ସର୍ବଭାରତୀୟ ସମ୍ପାଦକ ରାମକୃଷ୍ଣ ପଣ୍ଡା ଯୋଗଦେଇ ମୋଦି ସରକାରଙ୍କ ଶ୍ରମିକ ବିରୋଧୀ ଏବଂ କୃଷକ ବିରୋଧୀ ନୀତିକୁ ଦୃଢ ସମାଲୋଚନା କରିଥିଲେ। ସର୍ବନିମ୍ନ ମଜୁରି ମାସିକ ୧୮ ହଜାର ଟଙ୍କା, ସର୍ବନିମ୍ନ ପେନ୍‌ସନ୍ ମାସିକ ୩ ହଜାର ଟଙ୍କା, ଶ୍ରମିକ ବିରୋଧୀ ଶ୍ରମ ଆଇନ ପ୍ରତ୍ୟାହାର ପ୍ରଭୃତି ଦାବିରେ ଭାରତର ସମସ୍ତ ଶ୍ରମିକ ସଙ୍ଗଠନ ଆସନ୍ତା ୮ ଓ ୯ ତାରିଖ ଦେଶବ୍ୟାପୀ ଧର୍ମଘଟକୁ ସଫଳ କରିବା ପାଇଁ ନିବେଦନ କରିଥିଲେ। ଟ୍ରାନ୍ସପୋର୍ଟ ଫେଡେରେଶନର ରାଜ୍ୟ ସମ୍ପାଦକ ରାଧାରମଣ ଷଡ଼ଙ୍ଗୀ କେନ୍ଦ୍ର ସରକାରଙ୍କ ଶ୍ରମିକ ବିରୋଧୀ ମୋଟରଯାନ ଆଇନକୁ ପ୍ରତ୍ୟାହାର ଦାବି କରିଥିଲେ। ସଂଘର ଉଲ୍ଲେଖନୀୟ ଅବଦାନ ପାଇଁ କିଶୋର ବଳବନ୍ତରାୟ ଓ ବିଶ୍ୱନାଥ ସ୍ୱାଇଁଙ୍କୁ ସମ୍ମାନିତ କରାଯାଇଥିଲା। ସଭାରେ ଏଆଇଟିୟୁସି ଜିଲା ସମ୍ପାଦକ ବ୍ରଜବନ୍ଧୁ ପ୍ରଧାନ, ଶ୍ରମିକ ନେତା ପ୍ରମୋଦ ମହାନ୍ତି, ଦିଲୀପ କୁମାର ବଳିୟାରସିଂହ ପ୍ରମୁଖ ଉପସ୍ଥିତ ଥିଲେ।


ବୈଠକରେ ଉପସ୍ଥିତ ଅତିଥି।

### ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ
# ସେମିରେ ଧର୍ମଶାଳା

ନିରାକାରପୁର,୨।୧(ଡି.ଏନ.ଏ.)

ନିରାକାରପୁର ପଞ୍ଚାୟତସ୍ଥ କ୍ଷେତ୍ରବାସୀ ଡିଏଭି କଲେଜ ଖେଳପଡିଆଠାରେ ଫ୍ରେଣ୍ଡସ କ୍ଲବ୍ ଆନୁକୂଲ୍ୟରେ ୨୭ତମ ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଛି। ବୁଧବାର ମ୍ୟାଚ୍‌ରେ ଧର୍ମଶାଳା ଫୁଟ୍‌ବଲ ଏକାଡେମୀ (ଯାଜପୁର) ଓ କିଶୋର କ୍ଲବ୍ (ଭୁବନେଶ୍ୱର) ମଧ୍ୟରେ ଖେଳ ହୋଇଥିଲା । ପ୍ରଥମାର୍ଦ୍ଧରେ କିଶୋର କ୍ଲବ୍ ଗୋଟିଏ ଓ ଧର୍ମଶାଳା ୨ଟି ଗୋଲ୍ କରିଥିଲା। ଦ୍ୱିତୀୟାର୍ଦ୍ଧରେ କିଶୋର କ୍ଲବ୍ ଗୋଲ୍ ଶୁଝି ନ ପାରି ହାରିଯାଇଥିଲା। ବିଜେତା ଧର୍ମଶାଳା ସେମି ଫାଇନାଲ୍‌ରେ ପ୍ରବେଶ କରିଛି । ଏମ୍‌ଏସ୍ ବାଗ୍, ସୁଶାନ୍ତ କୁମାର ମିଶ୍ର, ରମେଶ ଚନ୍ଦ୍ର ପାଇକରାୟ ଓ ଅକ୍ଷୟ ପଟ୍ଟନାୟକ ପ୍ରମୁଖ ଖେଳ ପରିଚାଳନା କରିଥିଲେ । ଧର୍ମଶାଳା ଗୋଲ୍‌କିପର ପ୍ରଶାନ୍ତ ନାୟକ ଓ କିଶୋର କ୍ଲବ୍‌ର ସୁନୀଲ ବାଗ୍ ପୁରସ୍କୃତ ହୋଇଥିଲେ । କୁହୁଡି ଜନତା କଲେଜ ଅଧ୍ୟକ୍ଷ ଡ. ସଞ୍ଜୟ କୁମାର ମହାପାତ୍ର ମୁଖ୍ୟଅତିଥି ଓ ସାମାଜିକ କର୍ମୀ ଦାଶରଥି ବିଶୋଇ, ପୂର୍ବତନ ସରପଞ୍ଚ ଘନଶ୍ୟାମ ପାଇକରାୟ ଏବଂ ଅଭୟ ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଗୁରୁବାର ସ୍ପୋର୍ଟସ୍ ହଷ୍ଟେଲ(କଟକ) ଓ ୟୁନାଇଟେଡ୍ ସ୍ପୋର୍ଟସ୍ କ୍ଲବ୍ (ଭଦ୍ରକ) ମଧ୍ୟରେ ଖେଳ ହେବ ବୋଲି ସମ୍ପାଦକ ଉମେଶ ଚନ୍ଦ୍ର ମିଶ୍ର, ସଭାପତି ବିପିନ୍ କୁମାର ଜୟସିଂହ ସୂଚନା ଦେଇଛନ୍ତି ।



ଅତିଥି ଖେଳାଳିଙ୍କୁ ପୁରସ୍କୃତ କରୁଛନ୍ତି।

# ବିପଜ୍ଜନକ ଅବସ୍ଥାରେ ମନ୍ଦାକିନୀ ବ୍ରିଜ୍

ନିରାକାରପୁର,୨।୧(ଡି.ଏନ.ଏ.)

ଖୋର୍ଦ୍ଧା ଜିଲା ରାମେଶ୍ୱର ଛକ ନିକଟସ୍ଥ ୧୬ନଂ ଜାତୀୟ ରାଜପଥ ଉପରେ ଥିବା ମନ୍ଦାକିନୀ ବ୍ରିଜ୍‌ଟି ସମ୍ପ୍ରତି ବିପଜ୍ଜନକ ଅବସ୍ଥାରେ ରହିଥିବା ଅଭିଯୋଗ ହୋଇଛି। ଏହା ଉପର ଦେଇ ଦୈନିକ ହଜାର ହଜାର ଗାଡ଼ି, ମୋଟର ଓ ଜନସାଧାରଣ ଯାତାୟାତ କରନ୍ତି । କିନ୍ତୁ ଉପଯୁକ୍ତ ଭାବେ ରକ୍ଷଣାବେକ୍ଷଣ ଅଭାବରୁ ବ୍ରିଜ୍ ମଝିରୁ ପିଚୁ ଉଠିଯାଇ ଛୋଟ ଛୋଟ ଖାଲଖମା ସୃଷ୍ଟି ହୋଇଛି। ଟିକେ ଅସାବଧାନତା ହେଲେ ଯାନବାହନ ନିୟନ୍ତ୍ରଣ ହରାଇ ନଦୀଗର୍ଭକୁ ପଡ଼ିଯିବାର ଆଶଙ୍କା ପ୍ରକାଶ ପାଉଛି। ତେବେ ସାଇଟ୍ ଗାର୍ଡୱାଲ୍ ଯୋଗୁ ଅନେକ ଗାଡ଼ିମୋଟର ଅଳ୍ପକେ ଦୁର୍ଘଟଣାରୁ ରକ୍ଷାପାଇଥିବା ସ୍ଥାନୀୟ ଲୋକେ କହନ୍ତି। ତେବେ ଗାର୍ଡୱାଲ୍‌ରୁ ମଧ୍ୟ ସିମେଣ୍ଟ ଖସି ଲୁହାରଡ୍ ଦେଖାଦେଲାଣି। ଏହାକୁ ମରାମତି କରିବାରେ ବିଳମ୍ବ କଲେ ତାହା ମଧ୍ୟ ନଷ୍ଟ ହୋଇ ଯାତାୟାତକାରୀଙ୍କୁ ଅଧିକ ବିପଦରେ ପକାଇବାର ଆଶଙ୍କା ସୃଷ୍ଟି କରିଛି। ଏ ସମସ୍ୟା ନେଇ ନିର୍ବାହୀ ଯନ୍ତ୍ରୀ ଏସ୍ କେ ନାୟକଙ୍କୁ ପଚାରିବାରୁ ସେ ଏଇଟା ମୋ ଏରିଆ ନୁହେଁ କହି ସନ୍ତୋଷଜନକ ଉତ୍ତର ଦେଇ ନ ଥିଲେ।


ବ୍ରିଜ ଉପରୁ ପିଚୁ ଉଠିଯାଇଛି।

## ବିଲ୍ ମଞ୍ଜୁର ପାଇଁ ବିଧାୟକଙ୍କ ସରପଞ୍ଚଙ୍କ ସ୍ୱାମୀଙ୍କୁ ଧମକ

ଖୋର୍ଦ୍ଧା ଅଫିସ,୨।୧

ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକର ରାଜୀବ ଭବନ ପରିସରରେ ବେଗୁନିଆ ସରପଞ୍ଚ କୁମୁଦିନି ସ୍ୱାଇଁଙ୍କ ସ୍ୱାମୀ ନବକିଶୋରଙ୍କୁ କଲ୍ୟାଣମଣ୍ଡପ ବିଲ୍ ମଞ୍ଜୁର କରାଇବା ଘଟଣାରେ ହତ୍ୟା ଧମକ ଦିଆଯାଇଛି। ଜଣେ ବିଧାୟକ ଏପରି ଧମକ ୩୧ ତାରିଖରେ କେତେଜଣ ସରକାରୀ ଅଧିକାରୀଙ୍କ ସମ୍ମୁଖରେ ଦେଇଥିବା ମୁଖ୍ୟମନ୍ତ୍ରୀ, ଖୋର୍ଦ୍ଧା ଏସ୍‌ପି, ଜିଲାପାଳ ଓ ବେଗୁନିଆ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ପରେ ବୁଧବାର ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ହେଲେ ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ମାମଲା ରୁଜୁ କରାଯାଇନାହିଁ। ଅନ୍ୟପକ୍ଷେ ଆଇଆଇସି ରଶ୍ମି ରଞ୍ଜନ ସାହୁ କୁହନ୍ତି, ଘଟଣାର ତଦନ୍ତ ଚାଲିଛି।

# ବିଦେଶାଗତ ପକ୍ଷୀଙ୍କ କଳରବରେ ମୁଖରିତ ପାରିକୁଦ

କୃଷ୍ଣପ୍ରସାଦ,୨।୧(ଡି.ଏନ.ଏ.)- ଶୀତଋତୁରେ ବିଦେଶାଗତ ପକ୍ଷୀଙ୍କ କଳରବରେ ମୁଖରିତ ହେଉଥିବା ଚିଲିକା ଏବେ ଆକର୍ଷିତ କରୁଛି ହଜାର ହଜାର ପର୍ଯ୍ୟଟକଙ୍କୁ । ପ୍ରବଳ ଶୀତ ଓ ପକ୍ଷୀ ଅଭୟାରଣ୍ୟ ନଳବଣରେ ଖାଦ୍ୟ ଅଭାବ ଯୋଗୁ ବିଦେଶାଗତ ପକ୍ଷୀ ଏବେ ପାରିକୁଦ ଅଞ୍ଚଳରେ ସମାଗମ ହୋଇ କଇଁଫୁଲ ଓ ଧାନ ଖାଉଥିବା ଦେଖାଯାଇଛି । ଚିଲିକାର ତଟଦେଶ ପାଞ୍ଚକୁଦି, ଜେଟି, ଚଟେଇକୋଣ, ସୋଲାକୁଦୀ, ପାଣ୍ଡା, ଚଟରା ଓ ବନମାଳ ଆଦି ଅଞ୍ଚଳରେ ହଜାର ହଜାର ସଂଖ୍ୟାରେ ପକ୍ଷୀଙ୍କ ସମାଗମ ଘଟିଛି । ଏହି ପକ୍ଷୀଙ୍କ ପାଇଁ ପାରିକୁଦ ବନପାଳ ପ୍ରମୋଦ କୁମାର ପଣ୍ଡା ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିଥିବା ସୂଚନା ମିଳିଛି।


ବିଦେଶାଗତ ପକ୍ଷୀଙ୍କ ସମାଗମ।



ଭକ୍ତି, ସତ୍‌କର୍ମ ଓ ବିଶ୍ୱାସ ସମସ୍ତ ସୁଖର ଖଣି। କିନ୍ତୁ ସତ୍‌ସଙ୍ଗ ବିନା କେହି ଏହା ପାଇପାରେ ନାହିଁ। ବହୁ ପୁଣ୍ୟ ଫଳରେ ସାଧୁସଙ୍ଗ ମିଳିଥାଏ।
- ତୁଳସୀ ଦାସ



## ସଂକ୍ଷେପରେ

### ବାଳିକା ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ



**ବୋଲଗଡ଼,୨।୧(ଡି.ଏନ.ଏ.):** ବୋଲଗଡ଼ ପରମାନନ୍ଦ ମହାବିଦ୍ୟାଳୟରେ ଆୟୋଜିତ ହେଉଥିବା ବାଳିକାମାନଙ୍କ ପାଇଁ ଆତ୍ମରକ୍ଷା କୌଶଳ ତାଲିମ ଶିବିର ବୁଧବାର ଉଦ୍‌ଯାପିତ ହୋଇଯାଇଛି । ରାଜ୍ୟ ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗ ସୌଜନ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ୧୨ ଦିନ ଧରି ଚାଲିଥିଲା । ଏ ଅବସରରେ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ସଭାରେ ନୋଡାଲ ଅଧିକାରୀ ଅଧାପକ ଗଣେଶ ପଣ୍ଡା ପୌରୋହିତ୍ୟ କରିଥିଲେ। ଅଧକ୍ଷ ଡ. ଅନିରୁଦ୍ଧ ପଣ୍ଡା ମୁଖ୍ୟଅତିଥି, ପ୍ରାଧାପକ ଡ. ବନଜ କୁମାର ବିଶ୍ୱାଳ, ସୁନିଲ କୁମାର ରଥ ଓ ଅଧାପକ ରଙ୍ଗନାଥ ମହାରଣା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଶିବିରରେ ୨୬୦ ଜଣ ଯୁକ୍ତ ଦୁଇ, ଯୁକ୍ତ ୩ ଛାତ୍ରୀଙ୍କୁ ଆତ୍ମରକ୍ଷା ପ୍ରଶିକ୍ଷଣ ଓ ପରାମର୍ଶ ପ୍ରଦାନ କରାଯାଇଥିବା ନୋଡାଲ ଅଧିକାରୀ ସୂଚନା ଦେଇଥିଲେ। ରୋଜାଲିନ ଜେନା, ଦୀପ୍ତିମୟୀ ଦେଓ ଓ ଗୀତାଞ୍ଜଳି ପ୍ରଧାନ ପ୍ରମୁଖ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଦେଇଥିଲେ। ଅଧାପକ ଡ.ରଞ୍ଜନ କୁମାର ଦାଶ ଧନ୍ୟବାଦ ଦେଇଥିଲେ।

### କଂଗ୍ରେସ ସାଂଗଠନିକ ବୈଠକ

ବୋଲଗଡ଼,୨।୧(ଡି.ଏନ.ଏ.)- ବୋଲଗଡ଼ଠାରେ ପିସିସ ପକ୍ଷରୁ ବୁଧବାର ଅପରାହ୍ନରେ ଏକ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି । ବେଗୁନିଆ ନିର୍ବାଚନ ମଣ୍ଡଳୀର ଯୁବ କଂଗ୍ରେସ ସଭାପତି ରମେଶ ଚନ୍ଦ୍ର ପଟ୍ଟନାୟକଙ୍କ ଆବାହକତ୍ୱରେ ଅନୁଷ୍ଠିତ ସଭାରେ ଗଦାଧର ଚମ୍ପତି ସଭାପତିତ୍ୱ କରିଥିଲେ। ଖୋର୍ଦ୍ଧା ଜିଲା କଂଗ୍ରେସ କମିଟିରେ ନୂତନ କର୍ମକର୍ତ୍ତା ଭାବେ ଯୋଗଦେଇଥିବା ଉପସଭାପତି ଆଡ଼ଭୋକେଟ ପ୍ରଶାନ୍ତ କୁମାର ପରିଡ଼ା, ସାଧାରଣ ସମ୍ପାଦକ ପ୍ୟାରୀ ମୋହନ ଦାସ, କାର୍ଯ୍ୟକାରୀ କମିଟି ସଦସ୍ୟ ଫକିର ମୋହନ ସାହୁ ଏବଂ ବରିଷ୍ଠ ନେତା ବିଜୟ ମହାନ୍ତି ପ୍ରମୁଖଙ୍କୁ ଉତ୍ତରୀୟ ଓ ଫୁଲତୋଡ଼ା ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରହ୍ଲାଦ ମହାପାତ୍ର, ପାଣ୍ଡବ ସାହୁ, ଲକ୍ଷ୍ମୀଧର ସାହୁ ଓ ମଣ୍ଟୁ ହୋତା ଆଲୋଚନାରେ ଯୋଗଦେଇଥିଲେ।

### ଧାନମଣ୍ଡି ଉଦ୍‌ଘାଟିତ



**ନୂଆଗାଁ,୨।୧ (ଡି.ଏନ.ଏ.):** ନୟାଗଡ଼ ଜିଲା ନୂଆଗାଁ ବ୍ଲକ ନୂଆଗାଁ ସେବା ସମବାୟ ସମିତି ତରଫରୁ ହାଟଗୃହଠାରେ ବୁଧବାର ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ସମିତି ସଭାପତି ଶିବ ଶଙ୍କର ପ୍ରଧାନ, ସମ୍ପାଦକ ପ୍ରଭାତ କୁମାର ମିଶ୍ର, ସମିତି ସଭ୍ୟ ରମେଶ କୁମାର ପ୍ରଧାନ, ସରପଞ୍ଚ ଗଜେନ୍ଦ୍ରନାଥ ପ୍ରଧାନ, ନରେନ୍ଦ୍ର କୁମାର ସାହୁ, କୃଷକ ଗଜେନ୍ଦ୍ର ପ୍ରଧାନ, ବିଦ୍ୟାଧର ସିଠ୍ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

## ନୟାଗଡ଼ ନିର୍ବାଚନମଣ୍ଡଳୀ ସମୀକ୍ଷା ବୈଠକ

# ଫେବୃୟାରୀ ସୁଦ୍ଧା କାମ ସାରିବାକୁ ନିର୍ଦ୍ଦେଶ

**ନୟାଗଡ଼ ଅଫିସ,୨।୧**

- ଦାୟିତ୍ୱକୁ ଅଣଦେଖା ନ କରି ପାଳନ କରିବାକୁ ପରାମର୍ଶ
- ଅଧିକାରୀମାନେ ଲୋକଙ୍କ ସହିତ ସୁସମ୍ପର୍କ ରଖନ୍ତୁ





ବୈଠକରେ ମଞ୍ଚାସୀନ ବିଧାୟକ ଓ ଅଧିକାରୀମାନେ।

ନୟାଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀର ସମୀକ୍ଷା ବୈଠକ ବୁଧବାର ବିଧାୟକ ଡ. ଅରୁଣ କୁମାର ସାହୁଙ୍କ ଅଧକ୍ଷତାରେ ଡିଆରଡିଏ ସମ୍ମିଳନୀ କକ୍ଷ ସୃଜନଠାରେ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ସାହୁ ବୈଠକରେ ନିର୍ବାଚନ ମଣ୍ଡଳୀରେ ହୋଇଥିବା ବିଭିନ୍ନ ବିଭାଗର କାର୍ଯ୍ୟ ଉପରେ ସମୀକ୍ଷା କରିଥିଲେ। ଓଡ଼ିଶାର ଉନ୍ନତିରେ ବାହକ ସାଜିଥିବା ସରକାରୀ ଅଧିକାରୀ ଓ କର୍ମଚାରୀମାନେ ନିଜର ଦାୟିତ୍ୱକୁ ଅଣଦେଖା ନ କରି ପାଳନ କରିବାକୁ ବିଧାୟକ ସାହୁ ପରାମର୍ଶ ଦେଇଥିଲେ। ସେହିଭଳି ସରକାରୀ ଅଧିକାରୀ ଓ କର୍ମଚାରୀମାନେ ଲୋକମାନଙ୍କ ସହିତ ସୁସମ୍ପର୍କ ରଖିଲେ ବିଭିନ୍ନ ଯୋଜନା ସୁଫଳ ହୋଇପାରିବ ବୋଲି ପ୍ରକାଶ କରିଥିଲେ। ପ୍ରଥମେ ରାସ୍ତା ଓ ଗୃହ ବିଭାଗ ସମୀକ୍ଷା କରି ନୂଆ ବସ୍‌ଷ୍ଟାଣ୍ଡ ଟେଣ୍ଡର କାର୍ଯ୍ୟ ଫେବୃୟାରୀରେ ଶେଷ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହାପରେ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ଉପରେ ଆଲୋଚନା କରାଯାଇଥିଲା। ନୟାଗଡ଼ ବ୍ଲକରେ ୨୯ ଓ ଓଡ଼ଗାଁ ବ୍ଲକର ନିର୍ବାଚନମଣ୍ଡଳୀ କ୍ଷେତ୍ରରେ ୧୭ ଓଭରହେଡ଼ ଟାଙ୍କି କରାଯାଇଥିବା ସୂଚନା ଦିଆଯାଇଥିଲା। ଏଗୁଡ଼ିକ ମଧ୍ୟରୁ ଯେଉଁ ପ୍ରକଳ୍ପଗୁଡ଼ିକ କାର୍ଯ୍ୟକ୍ଷମ ହୋଇନାହିଁ, ତୁରନ୍ତ ସେଗୁଡ଼ିକ କାର୍ଯ୍ୟକ୍ଷମ କରିବାକୁ କୁହାଯାଇଥିଲା। ପରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଆଡ଼ଚେର ରାସ୍ତା, ଓଡ଼ଗାଁର ବଙ୍ଗଳା କାର୍ଯ୍ୟ, ଜଳସେଚନ ବିଭାଗର କୁସୁମି ବ୍ୟାରେଜ ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଅଧିକାରୀମାନଙ୍କୁ ବିଧାୟକ ସାହୁ କହିଥିଲେ। କ୍ଷୁଦ୍ର ଜଳସେଚନ ବିଭାଗର ଅଧିକାରୀ ଓ ଡ୍ରେନେଜ୍ ବିଭାଗର ଅଧିକାରୀମାନେ ବିନା ପ୍ରସ୍ତୁତିରେ ଆସିଥିବାରୁ କୌଣସି ତଥ୍ୟ ଉପସ୍ଥାପନ କରିପାରି ନ ଥିଲେ। ଏହାପରେ ସେସୁ (ବିଦ୍ୟୁତ୍ ବିଭାଗ)ର ସମୀକ୍ଷା କରାଯାଇ ମାଛିପଡ଼ା, ନୂଆ ବସ୍‌ଷ୍ଟାଣ୍ଡ ଓ ବଲାଙ୍ଗୀ ବନ୍ଧଠାରେ ଏକ ସବ୍‌ଷ୍ଟେଶନ କରିବାକୁ ବିଧାୟକ ସାହୁ ବିଭାଗକୁ ପ୍ରସ୍ତାବ ଦେଇଥିଲେ। ସହରରେ ଥିବା ସମସ୍ତ ଅସୁରକ୍ଷିତ ସବ୍‌ଷ୍ଟେଶନରେ କିପରି ତାରଜାଲ ବାଡ଼ ଦିଆଯାଇ ସୁରକ୍ଷିତ ରଖାଯିବ ସେ ଦିଗରେ ବିଦ୍ୟୁତ୍ ବିଭାଗ ୧ ମାସ ଭିତରେ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ କୁହାଯାଇଥିଲା। ଏନ୍‌ଏଚ୍ (ଜାତୀୟ ରାଜପଥ) ବିଭାଗର ଏସ୍‌ଡିଓଙ୍କୁ ନୟାଗଡ଼ ବାଇପାସ୍ କାର୍ଯ୍ୟକ୍ରମର ତ୍ୱରାନ୍ୱିତ କରିବାକୁ କୁହାଯାଇଥିଲା। ନିର୍ବାଚନମଣ୍ଡଳୀରେ ବଳକା ରହିଥିବା କାର୍ଯ୍ୟଗୁଡ଼ିକୁ ଫେବୃୟାରୀ ସୁଦ୍ଧା ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଟଙ୍କାର ଅଭାବ ନ ଥିବାରୁ ଯେତେ ଟଙ୍କା ଯେଉଁ ପ୍ରକଳ୍ପ ପାଇଁ ମଞ୍ଜୁର ହୋଇଛି ଉକ୍ତ ଅର୍ଥ ଫେରି ନ ଯାଇ ପ୍ରକଳ୍ପ କିପରି ସମ୍ପୂର୍ଣ୍ଣ ହୋଇପାରିବ, ସେ ବିଷୟରେ ଆଲୋଚନା କରିଥିଲେ। ବିଗତ ୧୫ ବର୍ଷ ମଧ୍ୟରେ ନୟାଗଡ଼ ନିର୍ବାଚନମଣ୍ଡଳୀରେ ହୋଇଥିବା ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟକ୍ରମର ସୂଚନା ସମସ୍ତ ବିଭାଗ ସାତଦିନ ଭିତରେ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

ପ୍ରକାଶ ଯେ, ନୟାଗଡ଼ ବ୍ଲକର ସମସ୍ତ ୨୯ ପଞ୍ଚାୟତ, ଓଡ଼ଗାଁ ବ୍ଲକର ୧୬ ପଞ୍ଚାୟତ, ନୟାଗଡ଼ ଏନ୍‌ଏସି ଓ ଓଡ଼ଗାଁ ଏନ୍‌ଏସିକୁ ନେଇ ନୟାଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀ ଗଠିତ। ଅନ୍ୟମାନଙ୍କ ମଧ୍ୟରେ ଏହି ସମୀକ୍ଷା ବୈଠକରେ ଜିଲାପାଳ ଡା. ଏନ୍. ତିରୁମାଲା ନାୟକ କାର୍ଯ୍ୟକୁ ଆଗ୍ରହର ସହିତ କରିବାକୁ ଅଧିକାରୀ ଓ କର୍ମଚାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଏସ୍‌ପି ଶଶିଭୂଷଣ ଶତପଥୀ, ଅତିରିକ୍ତ ଜିଲାପାଳ ପ୍ରସନ୍ନ କୁମାର ଦାଶ, ଉପଜିଲାପାଳ ଜିତେନ୍ଦ୍ର କୁମାର ସାହୁ, ପିଡ଼ି ଅନାମ ଚରଣ ପାତ୍ର, ଏପିଡ଼ି ସନ୍ତୋଷୀ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ଅବକାରୀ, ନିୟୋଜନ, ଟେକ୍ସଟାଇଲ ଓ ବନ୍ୟପ୍ରାଣୀ ବିଭାଗର ଅଧିକାରୀ ଓ କର୍ମଚାରୀମାନଙ୍କ ବ୍ୟତୀତ ସମୀକ୍ଷା ବୈଠକରେ ଅନ୍ୟ ସମସ୍ତ ବିଭାଗର ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

## ନୂତନ ବର୍ଷକୁ ସ୍ୱାଗତ ଅବସରରେ ଭଜନ ସନ୍ଧ୍ୟା

**ଖଣ୍ଡପଡା,୨।୧(ସ୍ୱ.ପ୍ର.)**

ନୂତନ ବର୍ଷକୁ ସ୍ୱାଗତ ଜଣାଇବା ଅବସରରେ ମଙ୍ଗଳବାର କଣ୍ଟିଲୋ ପଞ୍ଚାୟତ ଅନ୍ତର୍ଗତ ଫକିରଅତବୁଦ୍ଧି ପାଟଣା ବରୁଣେଇ କ୍ଲବର ସଦସ୍ୟମାନଙ୍କ ଦ୍ୱାରା ଏକ ଭଜନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ପରିଚାଳକ ଶତ୍ରୁଘ୍ନ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଫାର୍ମାସିଷ୍ଟ ମାନସ ରଞ୍ଜନ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଗ୍ରାମାଞ୍ଚଳ ଲୋକକଳାକୁ ଉଜ୍ଜୀବିତ କରିବା ପାଇଁ କ୍ଲବ ସଦସ୍ୟଙ୍କ ଉଦ୍ୟମକୁ ସେ ପ୍ରଶଂସା କରିଥିଲେ। ସ୍ଥାନୀୟ ଅଞ୍ଚଳର ଯୁବ କଳାକାର ମମତା ବାରିକ, ପ୍ରଶାନ୍ତ ମହାପାତ୍ର, ବିଜୟ କୁମାର ଶିରୋମଣୀ ପ୍ରମୁଖଙ୍କ ଭଜନ ଦର୍ଶକମାନଙ୍କୁ ବେଶ୍ ଆକୃଷ୍ଟ କରିଥିଲା। ବିଳମ୍ବିତ ରାତି ପର୍ଯ୍ୟନ୍ତ ଦର୍ଶକମାନେ କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ। ବାଦ୍ୟଯନ୍ତ୍ରରେ ମାଷ୍ଟର ବୈକୁଣ୍ଠନାଥ ବେହେରା, ତବଲାରେ ସୂର୍ଯ୍ୟମଣି ମହାରଣା, ବାବୁଲା ବାରିକ ପ୍ରମୁଖ ସହଯୋଗ କରିଥିବା ବେଳେ କାବୁଲି ସାହୁ ସଂଯୋଜନା କରିଥିଲେ।

## ବରିଷ୍ଠ ନାଗରିକ ମଞ୍ଚର ବାର୍ଷିକ ଉତ୍ସବ



ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

**ଦଶପଲ୍ଲା,୨।୧(ଡି.ଏନ.ଏ.)**

ଦଶପଲ୍ଲା ସାତପାଟଣାସ୍ଥିତ ମାରୱାଡି ଧର୍ମଶାଳା ଠାରେ ବୁଧବାର ଜୟମହାବୀର ବରିଷ୍ଠ ନାଗରିକ ମଞ୍ଚର ପ୍ରଥମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ନାଗରିକ ମଞ୍ଚର ସଭାପତି ପ୍ରାଣକୃଷ୍ଣ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଜିଲା ସଭାପତି ଭଗବତୀ ପଟ୍ଟନାୟକ ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଭାବେ ସାମାଜିକ କର୍ମୀ ରମେଶ ଚନ୍ଦ୍ର ବେହେରା ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଦଶପଲ୍ଲା ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁନନ୍ଦା ସାହୁ, ତହସିଲଦାର ପ୍ରମୋଦ କୁମାର ଦଳବେହେରା, ଏନ୍‌ଏସି ନିର୍ବାହୀ ଅଧିକାରୀ ସଚ୍ଚିଦାନନ୍ଦ ଶତପଥୀ, କାଉନସିଲର୍ ସରସ୍ୱତୀ ସେନାପତି, ଡ. ରବିନାରାୟଣ ନନ୍ଦ, ଜିଲା କୋଅର୍ଡିନେଟର ଗୋଦାବରୀଶ ସାହୁ, ସମ୍ପାଦକ ସୀତାରାମ ଲାଲ୍ ପ୍ରମୁଖ ଯୋଗଦେଇଥିଲେ। ଜୟମହାବୀର ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଦୀର୍ଘଦିନ ଧରି କରାଯାଉଥିବା ବିଭିନ୍ନ ଦାବିକୁ ତୁରନ୍ତ କାର୍ଯ୍ୟକାରୀ କରିବା ପାଇଁ ମଞ୍ଚ ପକ୍ଷରୁ ଦାବି କରାଯାଇଛି। ଦାବି ମଧ୍ୟରେ ମୁଖ୍ୟତଃ ଦଶପଲ୍ଲାକୁ ସବ୍-ଡିଭିଜନ୍ ହେଡ୍‌କ୍ୱାର୍ଟର ମାନ୍ୟତା, ଦଶପଲ୍ଲା ପୌରାଞ୍ଚଳ ଅଧୀନ ୧୫ନମ୍ବର ୱାର୍ଡ ମୋଚିସାହି ଠାରୁ ଗଣିଆ ରାସ୍ତା ମଝିରେ କୁଆଁରିଆ ନଦୀ ଶଯ୍ୟାରେ ତୁରନ୍ତ ସେତୁ ନିର୍ମାଣ କରିବା, ୩ଶହ ଟଙ୍କାରୁ ୧୫ଶହ ଟଙ୍କାକୁ ଭତ୍ତା ବୃଦ୍ଧି କରିବା ସହ ଯୋଗ୍ୟ ବରିଷ୍ଠ ନାଗରିକ ଚିହ୍ନଟ କରି ମାସିକ ୧ହଜାର ଟଙ୍କା ଅନୁଦାନ ଦେବା ରହିଛି। ସେହିପରି ଦଶପଲ୍ଲା ବ୍ଲକର ସମସ୍ତ ସରକାରୀ ଏବଂ ସ୍ୱୀକୃତିପ୍ରାପ୍ତ ବେସରକାରୀ ଅନୁଷ୍ଠାନ ମାନଙ୍କରେ ବରିଷ୍ଠ ନାଗରିକମାନଙ୍କୁ ଯଥୋଚିତ ସମ୍ମାନ ଓ ଅଗ୍ରାଧିକାର ଭିତ୍ତିରେ ସମସ୍ତ କାର୍ଯ୍ୟର ସମାଧାନ ପୂର୍ବକ ବିହିତ ପଦକ୍ଷେପ ନେବାକୁ ପ୍ରମୁଖ ଦାବି କରାଯାଇଛି।

## ରାଜ୍ୟପାଳଙ୍କ ବେଗୁନିଆ ଗସ୍ତ ଆଜି

**ବେଗୁନିଆ,୨।୧ (ଡି.ଏନ.ଏ.)**

ବେଗୁନିଆ ସଦର ମହକୁମାରେ ଥିବା ଗୋପବନ୍ଧୁ ନୋଡାଲ ଉଚ୍ଚ ବିଦ୍ୟାଳୟକୁ ୭୫ ବର୍ଷ ପୂରିଛି। ଏହି ଅବସରରେ ଗୁରୁବାର ବିଦ୍ୟାଳୟ ପରିସରରେ ହୀରକ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହେବାକୁ ଯାଉଛି। ଉତ୍ସବକୁ ଓଡ଼ିଶାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଉଦ୍‌ଘାଟନ କରିବେ। ବିଭିନ୍ନ କାର୍ଯ୍ୟକ୍ରମ ସହ ପାଠଚକ୍ର ୩ ଦିନ ଧରି ଚାଲିବ। ଉକ୍ତ କାର୍ଯ୍ୟକ୍ରମରେ ମନ୍ତ୍ରୀ, ବିଧାୟକ ଓ ଶିକ୍ଷା ବିଭାଗ ଅଧିକାରୀମାନେ ଯୋଗ ଦେବେ। ପ୍ରତ୍ୟେକ ସନ୍ଧ୍ୟାରେ ଦର୍ଶକମାନଙ୍କର ମନୋରଞ୍ଜନ ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବାର ରହିଛି ବୋଲି ଜୟନ୍ତୀ କମିଟି ସଭାପତି ଡ. ହରିପ୍ରସାଦ ଦାଶ ସୂଚନା ଦେଇଛନ୍ତି।

## ବ୍ୟବସାୟୀଙ୍କ ପରଲୋକ

**ଭାପୁର,୨।୧(ଡି.ଏନ.ଏ.)**

ଭାପୁର ଅଞ୍ଚଳର ଜଣାଶୁଣା ବ୍ୟବସାୟୀ ଗୋବିନ୍ଦ ଚନ୍ଦ୍ର ସାହୁ (ବାଙ୍କ, ୬୮)ଙ୍କ ହୃଦ୍‌ଘାତରେ ମଙ୍ଗଳବାର ବିଳମ୍ବିତ ରାତିରେ ପରଲୋକ ହୋଇଯାଇଛି। ଭାପୁର ବଜାରରେ ଦୀର୍ଘ ୫୦ବର୍ଷ ହେବ ତାଙ୍କର ଡ୍ରେସ୍ ଓ ଲୁଗା ଦୋକାନ ରହିଛି। ତାଙ୍କ ଛାତିରେ ଯନ୍ତ୍ରଣା ହେବାରୁ ତାଙ୍କୁ ପ୍ରଥମେ ଭାପୁର ଓ ପରେ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ମାତ୍ର ମଙ୍ଗଳବାର ରାତି ୩ଟା ୧୫ ମିନିଟ୍‌ରେ ତାଙ୍କର ମୃତ୍ୟୁ ହୋଇଯାଇଛି। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ସ୍ତ୍ରୀ, ୨ ପୁଅ ଓ ୨ ଝିଅ ଉପସ୍ଥିତ ଥିଲେ। ବଡ଼ପୁଅ ପ୍ରଦୀପ ମୁଖାଗ୍ନି ଦେଇଥିଲେ।

## କଳାପାଟ ପୀଠ ସଫେଇ କଲା ରାଜସ୍ୱ ବିଭାଗ

**ଗଣିଆ,୨।୧(ଡି.ଏନ.ଏ.)**

**ଧରିତ୍ରୀ ପ୍ରଭାବ**

ରାଜ୍ୟ ପର୍ଯ୍ୟଟନ ଓ ସଂସ୍କୃତି ବିଭାଗ ଦ୍ୱାରା ପର୍ଯ୍ୟଟନସ୍ଥଳୀ ମାନ୍ୟତା ଲାଭ କରିଥିବା ଗଣିଆ ବ୍ଲକ ମଣିଭଦ୍ରା ପାଦଦେଶରେ ଥିବା ମା' କଳାପାଟଙ୍କ ପୀଠ ପରିସରକୁ ବୁଧବାର ଗଣିଆ ରାଜସ୍ୱ ବିଭାଗର କର୍ମଚାରୀମାନେ ସଫେଇ କରିଥିଲେ । ଏହା ଚାରିପାଖରେ ପଡିରହିଥିବା କାଗଜ, ପଲିଥିନ, ଅଇଁଠା ଖଲି, ଠୁଙ୍ଗା ଓ ଅଳିଆ ଆବର୍ଜନା ସଫେଇ ପରେ ପୋଡିଦିଆଯାଇଥିଲା। ଗଣିଆ ତହସିଲଦାର ସ୍ୱାତିଲେଖା ଦାସଙ୍କ ସମେତ ରାଜସ୍ୱ ବିଭାଗର ସମସ୍ତ କର୍ମଚାରୀ ସଫେଇରେ ନିୟୋଜିତ ହୋଇଥିଲେ। ଏଥିସହ ନୂଆବର୍ଷ ପାଇଁ ଏଠାକୁ ବଣଭୋଜି କରିବାକୁ ଆସିଥିବା ପର୍ଯ୍ୟଟକଙ୍କୁ ସ୍ୱଚ୍ଛତା ରକ୍ଷା କରିବା ପାଇଁ ତାଗିଦ କରିଥିଲେ। ସେହିପରି ପୀଠସ୍ଥଳୀରେ ସ୍ୱଚ୍ଛତା ସମ୍ପର୍କରେ ସଚେତନତା ଫଳକ ଲଗାଇବା ପାଇଁ ଗଣିଆ ରାଜସ୍ୱ ନିରୀକ୍ଷକଙ୍କୁ ତହସିଲଦାର ନିର୍ଦ୍ଦେଶ ଦେଇଥିଲେ।

ସୂଚନାଯୋଗ୍ୟ ଗତ ଡିସେମ୍ବର ୧୧ରୁ ୧୩ ତାରିଖ ୩ଦିନ ବ୍ୟାପୀ ଏହି ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଥିଲା। ଯଜ୍ଞସ୍ଥଳକୁ ଆସିଥିବା ଅସ୍ଥାୟୀ ଦୋକାନ ବଜାରର ଅଳିଆ ଆବର୍ଜନା ଓ ଆନନ୍ଦ ବଜାରର ପ୍ରସାଦସେବନରେ ବ୍ୟବହୃତ ଅଇଁଠା ଖଳିପତ୍ର ପୀଠ ପରିସରରେ ପଡିରହିଥିଲା। ବଳକା ଖାଦ୍ୟସାମଗ୍ରୀ ଓ ପଚାଶଢା ପରିବା ଚୋପା ଯୋଗୁ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହୋଇଥିଲା। ଏ ସମ୍ପର୍କରେ ଡିସେମ୍ବର ୨୩ ତାରିଖରେ ଧରିତ୍ରୀରେ 'ଅଳିଆ ଆବର୍ଜନାରେ ପରିପୂର୍ଣ୍ଣ କଳାପାଟ ପୀଠ' ଶୀର୍ଷକ ଖବର ପ୍ରକାଶ ପାଇଥିଲା। ଏହା ଜାଣିବା ପରେ ନୟାଗଡ଼ ଜିଲାପାଳ ଡ. ଏନ ଥିରୁମାଲା ନାୟକ ତୀବ୍ର ଅସନ୍ତୋଷ ପ୍ରକାଶ କରିବା ସହ ପୀଠ ପରିସରକୁ ତୁରନ୍ତ ସଫେଇ ପାଇଁ ଗଣିଆ ରାଜସ୍ୱ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ।



କଳାପାଟ ପୀଠରେ ଗଣିଆ ରାଜସ୍ୱ ବିଭାଗ କର୍ମଚାରୀମାନେ ସଫେଇ କରୁଛନ୍ତି।

## ରାଜ୍ୟସ୍ତରୀୟ ମେଧାବୃତ୍ତି ପରୀକ୍ଷାରେ ନୟାଗଡ଼ର ୨ ଜଣ ପ୍ରଥମ

**ନୟାଗଡ଼ ଅଫିସ,୨।୧**



ରୋହନ



ସୌମ୍ୟଶ୍ରୀ

ଶିକ୍ଷା ପରିଷଦ ଓଡ଼ିଶା ପକ୍ଷରୁ ୨୦୧୮ ବର୍ଷର ରାଜ୍ୟସ୍ତରୀୟ ପରୀକ୍ଷାଫଳ ପ୍ରକାଶ ପାଇଛି। ଏଥିରେ ନୟାଗଡ଼ ଜିଲା ଶରଣକୁଳର ଦୁଇଜଣ ଛାତ୍ରୀଛାତ୍ର ରାଜ୍ୟରେ ପ୍ରଥମ ହୋଇଛନ୍ତି। ସେମାନେ ହେଲେ ପଞ୍ଚମ ଶ୍ରେଣୀ ଛାତ୍ର ରୋହନ ନାୟକ ଓ ସପ୍ତମ ଶ୍ରେଣୀ ଛାତ୍ରୀ ସୌମ୍ୟଶ୍ରୀ ମହାପାତ୍ର । ଉଭୟ ସର୍ବାଧିକ ନମ୍ବର ରଖି ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ଉକ୍ତ ଦୁଇଜଣ ଶରଣକୁଳସ୍ଥିତ କେଏସ୍‌ବି ପବ୍ଲିକ୍ ସ୍କୁଲର ଛାତ୍ରୀଛାତ୍ର। ସେହିଭଳି ଉକ୍ତ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ତୃତୀୟ, ପଞ୍ଚମ ଓ ସପ୍ତମ ଶ୍ରେଣୀର ୧୪ ଛାତ୍ରୀଛାତ୍ର ବୃତ୍ତି ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଛାତ୍ରୀଛାତ୍ରଙ୍କ ଏହି ସଫଳତା ପାଇଁ ବିଦ୍ୟାଳୟ କର୍ତ୍ତୃପକ୍ଷ ଓ ଅଭିଭାବକଙ୍କ ମହଲରେ ଖୁସିର ଲହରି ଖେଳିଯାଇଛି।

### ଗ୍ରାମାଞ୍ଚଳ କ୍ରିକେଟ ଟୁର୍ନାମେଣ୍ଟ

## ଓଡଶିଙ୍ଗା-ଗଣିଆ ଫାଇନାଲ ଆଜି

**ଗଣିଆ,୨।୧(ଡି.ଏନ.ଏ.)**

ଗଣିଆ ବ୍ଲକ ଈଶ୍ୱରପୁର ଗ୍ରାମର ଆଦର୍ଶ ଜନକଲ୍ୟାଣ କିଶୋର ସଂଘ ଆନୁକୂଲ୍ୟରେ ୧୯ତମ ବ୍ରାହ୍ମଣୀଦେବୀ କ୍ରିକେଟ ଟୁର୍ନାମେଣ୍ଟ ଚାଲୁରହିଛି। ବୁଧବାର ଦ୍ୱିତୀୟ ସେମିଫାଇନାଲ ମ୍ୟାଚରେ କୁମ୍ଭୀରଖଣିକୁ ହରାଇ କଟକ ଜିଲା ନରସିଂହପୁର ବ୍ଲକ ଓଡଶିଙ୍ଗା କ୍ରିକେଟ ଟିମ୍ ଫାଇନାଲରେ ପ୍ରବେଶ କରିଛି । ଗୁରୁବାର ଓଡସିଙ୍ଗା ଓ ଗଣିଆ କ୍ରିକେଟ ଟିମ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ। ଟସ୍ ଜିଣି ଓଡସିଙ୍ଗା କ୍ରିକେଟ ଟିମ୍ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା । ଦଳ ନିର୍ଦ୍ଧାରିତ ୧୫ ଓଭରରେ ୬ଉଇକେଟ ହରାଇ ୧୫୦ ରନ୍ ସଂଗ୍ରହ କରିଥିଲା । ଜବାବରେ କୁମ୍ଭୀରଖଣି ଟିମ୍ ସମସ୍ତ ଉଇକେଟ ହରାଇ ୧୦୨ରନ୍ କରିବାକୁ ସକ୍ଷମ ହୋଇଥିଲା । ବ୍ୟକ୍ତିଗତ ୨୫ ରନ କରିବା ସହ ବୋଲିଂରେ ୨ ଉଇକେଟ ନେଇଥିବା ଓଡସିଙ୍ଗା ଟିମର ପ୍ରଶାନ୍ତଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଓ ହ୍ୟାଟ୍ରିକ ଚୌକା ମାରିଥିବା କୁମ୍ଭୀରଖଣି ଟିମ୍‌ର ଚନ୍ଦନ ଧଳଙ୍କୁ ମୁଖ୍ୟଅତିଥି ପୁରସ୍କୃତ କରିଥିଲେ। ଗଣିଆ ଆଡଭାନ୍ସ ଟ୍ୟୁଟୋରିଆଲର ପରିଚାଳନା ନିର୍ଦ୍ଦେଶକ ବିଶ୍ୱରଞ୍ଜନ ସେଠୀ ମୁଖ୍ୟ ଅତିଥି ଏବଂ ଗଣିଆ ଓ ଛାମୁଣ୍ଡିଆ ରାଜସ୍ୱ ନିରୀକ୍ଷକ ପ୍ରଶାନ୍ତ ନାୟକ, ସୁଶାନ୍ତ କୁମାର ବାରିକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଖେଳ ପରିଚାଳନା କରିଥିଲେ ଓମ୍‌ପ୍ରକାଶ କର ଓ ଆଲୋକ ଦଳେଇ।



ଅତିଥିଙ୍କ ସହ ଉଭୟ ଦଳର ଖେଳାଳିମାନେ।

### ଜିଲାସ୍ତରୀୟ ଦିବାରାତ୍ର ଭଲି ଟୁର୍ନାମେଣ୍ଟ

## ରଣପୁରକୁ ହରାଇ ସ୍ପୋର୍ଟ୍ସ ହଷ୍ଟେଲ ବିଜୟୀ

**ନୂଆଗାଁ,୨।୧ (ଡି.ଏନ.ଏ.)**



ଅତିଥିଙ୍କଠାରୁ ଟ୍ରଫି ଗ୍ରହଣ କରୁଛନ୍ତି ବିଜେତା ଦଳ।

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ନୂଆଗାଁ ହାଇସ୍କୁଲ ପଡିଆରେ ବୁଧବାର ୫ମ ଶହୀଦ କଷ୍ଟି ଡାକୁଆ ମେମୋରିଆଲ ଜିଲାସ୍ତରୀୟ ଦିବାରାତ୍ର ଭଲି ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛ। ଏଥିରେ ରଣପୁର ଟିମ୍‌କୁ ପରାସ୍ତ କରି ସ୍ପୋର୍ଟ୍ସ ହଷ୍ଟେଲ ବିଜୟ ଲାଭ କରିଛି। ନୂଆଗାଁ ଭଲିବଲ ଆସୋସିଏଶନ ତରଫରୁ ଆୟୋଜିତ ଟୁର୍ନାମେଣ୍ଟରେ ଇଟାମାଟି, ବାଉଁଶିଆପଡା, ରଣପୁର, ବାଇଗୁଣିଆ, ନରସିଂହପୁର, ସ୍ପୋର୍ଟ୍ସ ହଷ୍ଟେଲ, ନାଟୁଗାଁ ଓ ଘୋଡିଆଳ ଆଦି ସ୍ଥାନରୁ ୮ ଗୋଟି ଦଳ ଭାଗ ନେଇଥିଲେ। ସେମି ଫାଇନାଲ ମ୍ୟାଚ ରଣପୁର ଓ ବାଉଁଶିଆପଡା ଏବଂ ଇଟାମାଟି ଓ ସ୍ପୋର୍ଟ୍ସ ହଷ୍ଟେଲ ମଧ୍ୟରେ ହୋଇଥିଲା। ଫାଇନାଲରେ ରଣପୁର ଓ ସ୍ପୋର୍ଟ୍ସ ହଷ୍ଟେଲ ଦଳ ଅବତୀର୍ଣ୍ଣ ହୋଇଥିଲେ। ଏହି ଦିବାରାତ୍ର ଖେଳ ଦେଖିବା ପାଇଁ ଦର୍ଶକଙ୍କ ଭିଡ଼ ଜମିଥିଲା। ନୂଆଗାଁ ସରପଞ୍ଚ ମୁଖ୍ୟଅତିଥି ଓ ଭାରତ ଶକ୍ତି ଗ୍ୟାସର ମୁଖ୍ୟ ପରିଚାଳକ ଶକ୍ତି ପ୍ରସାଦ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ନୂଆଗାଁ ବ୍ଲକ ବିଜେଡି ସଭାପତି ତଥା ଆମ୍ବାର ଚେୟାରମ୍ୟାନ ରମେଶ ଚନ୍ଦ୍ର ପ୍ରଧାନ, ଜାକେଡା ସରପଞ୍ଚ ତ୍ରିଲୋଚନ ସାହୁ, ପୂର୍ବତନ ସରପଞ୍ଚ ଗୋଲକ ବିହାରି ଗୋଛାୟତ, ଖବରଦାତା ସୁନୀଲ କୁମାର ପଟ୍ଟନାୟକ ଅତିଥି ଭାବେ ଉପସ୍ଥିତ ଥିଲେ। ଆସୋସିଏଶନ୍ ସଭାପତି ବିଶ୍ୱଜିତ ଖଣ୍ଡୁଆଳ, ସମ୍ପାଦକ ବରୁଣ କୁମାର ସାହୁ, ଅଶୋକ କୁମାର ନାୟକ, ନୂତନ ପାତ୍ର ପ୍ରମୁଖ ଖେଳ ଆୟୋଜନ କରିଥିବାବେଳେ ଜଗନ୍ନାଥ ଲେଙ୍କା ଓ ମାନସ ରଞ୍ଜନ ମହାପାତ୍ର ଏହାକୁ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ଅତିରିକ୍ତ ଜିଲା ଜଜଙ୍କ ଯୋଗଦାନ

ଆସିକା,୨ା୧(ଡି.ଏନ୍.ଏ.) ଆସିକା ଅଦାଲତରେ ଅତିରିକ୍ତ ଜିଲା ଜଜ୍ ଭାବେ ଅଶୋକ କୁମାର ପଣ୍ଡା ଦାୟିତ୍ୱ ଗ୍ରହଣ କରିଛନ୍ତି। ବୁଧବାର ନୂତନ ବିଚାରପତି ପଣ୍ଡାଙ୍କୁ ଆସିକା ଓକଲି ସଂଘ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା । ଓକିଲ ସଂଘ ସଭାପତି ସୁରେନ୍ଦ୍ରନାଥ ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ବରିଷ୍ଠ ଆଇନଜୀବୀ ରବୀନ୍ଦ୍ରନାଥ ଶର୍ମା, ସୁଧାଂଶୁ ଶେଖର ପଣ୍ଡା, ନାରାୟଣ ମୁନି ଉପସ୍ଥିତ ଥିଲେ ।

### ବଜାର ବଣିକ ସଂଘ ବାର୍ଷିକୋତ୍ସବ



ସୋରଡ଼ା, ୨ା୧(ଡି.ଏନ୍.ଏ.): ବଜାର ବଣିକ ସଂଘର ବାର୍ଷିକ ଉତ୍ସବ ବୁଧବାର ସ୍ଥାନୀୟ ଖୁଣ୍ଟେଶ୍ୱରୀ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। କୁନି ଶିଶୁମାନଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମକୁ ସଂଘର ସଦସ୍ୟମାନେ ଉପସ୍ଥିତ ରହି ଉତ୍ସାହିତ କରିଥିଲେ। ଏହି ଅବସରରେ ସଂଘର ନିୟମାବଳି, ଗ୍ରାହକଙ୍କ ସହ ବ୍ୟବସାୟୀମାନେ ଉତ୍ତମ ସମ୍ପର୍କ ରକ୍ଷା କରିବା, ସରକାରୀ ନିୟମକୁ ସମସ୍ତେ ଗ୍ରହଣ କରିବା ଆଦି ସ୍ଥିର ହୋଇଥିଲା। ସଂଘର ନୂତନ କର୍ମକର୍ତ୍ତା ସାମୂହିକ ନିଷ୍ପତ୍ତି କ୍ରମେ ଚୟନ କରାଯାଇଥିଲା। ସଭାପତି ଶିବ ଶଙ୍କର ପଣ୍ଡା, ଉପସଭାପତି ଚନ୍ଦନ ପାତ୍ର, ସମ୍ପାଦକ ମନୋଜ ସୁଆର, କୋଷାଧକ୍ଷ କେ.ରବୀନ୍ଦ୍ର ପାତ୍ର ପ୍ରମୁଖ ମନୋନିତ ହୋଇଥିଲେ। ସଂଘର ସରୋଜ ପାତ୍ର, ନୀଳମାଧବପାତ୍ର, ମନୋରଞ୍ଜନ ପାତ୍ର ପ୍ରମୁଖ ପରିଚାଳନା କରିଥିଲେ।

### ଏନ୍‌ସିସି 'ଏ' ସାର୍ଟିଫିକେଟ୍ ପରୀକ୍ଷା

ହାତୀଓଟ,୨ା୧: ପୋଲସରା ବ୍ଲକ ହାତୀଓଟ ନୋଡାଲ୍ ହାଇସ୍କୁଲରେ ୨୦୧୮-୧୯ ଶିକ୍ଷା ବର୍ଷ ପାଇଁ ଏନ୍‌ସିସି 'ଏ' ସାର୍ଟିଫିକେଟ୍ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ୩ ଓଡ଼ିଶା ମେଡିକାଲ କମ୍ପାନୀର ଉକ୍ତ ବିଦ୍ୟାଳୟର ୨୫ ଜଣ କ୍ୟାଡେଟ୍ ଏହି ପରୀକ୍ଷାରେ ଅଂଶଗ୍ରହଣ କରିଥିଲେ। ଏହି ପରୀକ୍ଷାରେ କୃତକାର୍ଯ୍ୟ ହେବା ପରେ କ୍ୟାଡେଟ୍ ଉଚ୍ଚ ଶିକ୍ଷାରେ ପ୍ରବେଶ ସମୟରେ ଶତକଡ଼ା ୫ ନମ୍ବର ବୋନସ୍ ରୂପେ ପାଇବେ। ଭଲ କଲେଜରେ ସ୍ଥାନଟିଏ ପାଇବା ପାଇଁ ଏହି ପରୀକ୍ଷା ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଗ୍ରହଣ କରିଥାଏ। ପରୀକ୍ଷା ପରିଚାଳନା ପିଆଇ ଷ୍ଟାଫ୍ ଗୋପାଲ ରାଜ୍ କରିଥିବା ବେଳେ ବିଦ୍ୟାଳୟର ଏନ୍‌ସିସି ଅଫିସର ନିରାନନ୍ଦ ସାହୁ ସହଯୋଗ କରିଥିଲେ।

### ପୁରାତନ ଛାତ୍ରଙ୍କ ବନ୍ଧୁମିଳନ

ବୁଗୁଡ଼ା,୨ା୧(ଡି.ଏନ.ଏ.): ବୁଗୁଡ଼ା ନିକଟସ୍ଥ ବୁଦ୍ଧଖୋଲ ପାଦଦେଶରେ ପିପୁଲସ୍ ହାଇସ୍କୁଲ ୧୯୮୦ ମାଟ୍ରିକ ବ୍ୟାଚ ପୁରାତନ ଛାତ୍ରଙ୍କ ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି। ଏଥିରେ କିଶୋର ଚନ୍ଦ୍ର ପଣ୍ଡା ସଭାପତିତ୍ୱ କରିଥିଲେ। ଗୁରୁଜୀ ଅରୁଣ କୁମାର ରଥ, ଦେବରାଜ ପଣ୍ଡା, କୈଳାସ ଚନ୍ଦ୍ର ମିଶ୍ର, ଅନନ୍ତ ଚରଣ ସାହୁଙ୍କୁ ପୁରାତନ ଛାତ୍ରମାନେ ପୂଜା କରିବା ସହ ଉପଢ଼ୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ଉତ୍ତମ କର୍ମ କରି ସୁନାଗରିକ ହେବାକୁ ଗୁରୁଜୀମାନେ ପରାମର୍ଶ ଦେଇଥିଲେ। ଛାତ୍ରମାନେ ମଧ ନିଜ ନିଜର ଅଭିଜ୍ଞତା ବର୍ଣ୍ଣନା କରିଥିଲେ।

# କାଳିଆ ଯୋଜନା ପ୍ରତି ଆଗ୍ରହ ବଢ଼ୁଛି

## ନାମ ନ ଥିବା ଚାଷୀ ୧୦ ସୁଦ୍ଧା ଆବେଦନ କରିବେ

ଭଞ୍ଜନଗର, ୨ା୧(ଡି.ଏନ.ଏ.)

କାଳିଆ ଯୋଜନାରେ ଜଣେ ଚାଷୀଙ୍କୁ ୩ ବର୍ଷରେ ୩୦ ହଜାର ଟଙ୍କା ପ୍ରୋତ୍ସାହନ ରାଶି ଏବଂ ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ବିନା ସୁଧରେ ଋଣ ଦେବା ବ୍ୟବସ୍ଥା ହୋଇଛି। ତେଣୁ ଏହି ଯୋଜନା ପ୍ରତି ଚାଷୀଙ୍କ ଆଗ୍ରହ ବଢ଼ିଛି । ହେଲେ ଯୋଜନା ସମ୍ପର୍କରେ ତଳିଆ କର୍ମଚାରୀମାନେ ଠିକ୍ ଭାବେ ସଚେତନ କରାଇପାରୁ ନ ଥିବା ଦେଖାଯାଉଛି। ଯେଉଁ କ୍ଷୁଦ୍ରଚାଷୀ, ନାମମାତ୍ର ଚାଷୀ ଓ ଭାଗଚାଷୀଙ୍କ ନାମ ଅନଲାଇନରେ ପଞ୍ଜୀକରଣ ହୋଇନାହିଁ ସେମାନେ ୧୦ ତାରିଖ ସୁଦ୍ଧା ପଞ୍ଚାୟତ କାର୍ଯ୍ୟାଳୟରେ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ଫର୍ମରେ ଆବେଦନ କରିବା ପାଇଁ ସୁଯୋଗ ଦିଆଯାଇଛି। ଏ ନେଇ ଭଞ୍ଜନଗର ବ୍ଲକର ପ୍ରତ୍ୟେକ ପଞ୍ଚାୟତ କାର୍ଯ୍ୟାଳୟରେ ବୁଧବାରଠାରୁ ଆବେଦନ ଗ୍ରହଣ ପାଇଁ ଏକ ବକ୍ସ ରଖାଯାଇଛି । କିଛି ଆପତ୍ତି ଅଭିଯୋଗ କରିବା ପାଇଁ ଆଉ ଏକ ବକ୍ସ ରହିଛି। କେଉଁମାନଙ୍କ ନାମ ତାଲିକାରୁ ବାଦ୍ ପଡ଼ିବ ସେ ନେଇ ତଳିଆ କର୍ମଚାରୀମାନେ ଠିକ୍ ଭାବେ ଜାଣିପାରୁ ନ ଥିବା ଯୋଗୁ ନୀରବ ରହୁଛନ୍ତି। ଯାହାକୁ ନେଇ ଦ୍ୱନ୍ଦ୍ୱ ବଢ଼ିଛି । ବୁଧବାର ସନ୍ଧ୍ୟାରେ ଭିଡ଼ିଓ କନଫରେନସିଂରେ ଜିଲାପାଳ ଛତ୍ରପୁରରେ ରହି କାଳିଆ ଯୋଜନା ଉପରେ ସମୀକ୍ଷା କରିଥିଲେ। ଏହି ସମୟରେ ଭଞ୍ଜନଗର ବ୍ଲକରେ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ଯେଉଁ ଚାଷୀମାନଙ୍କ ନାମ ପୂର୍ବରୁ ପଞ୍ଜୀକରଣ ହୋଇଛି ସେମାନଙ୍କୁ ଶୀଘ୍ର ପ୍ରୋତ୍ସାହନ ରାଶି ଯୋଗାଇ ଦେବା ବ୍ୟବସ୍ଥା କରାଯାଉଛି । ଖରିଫ୍ ଋତୁରେ ୫ ହଜାର ଓ ରବି ଋତୁରେ ୫ ହଜାର ଟଙ୍କା ବିଭିନ୍ନ ଚାଷ କରିବା ପାଇଁ ପ୍ରୋତ୍ସାହନ ରାଶି ଯୋଗାଇ ଦିଆଯିବ। ତେଣୁ ଦୈନନ୍ଦିନ ସମବାୟ ବ୍ୟାଙ୍କ ଗୁଡ଼ିକରେ ଚାଷୀମାନେ ଭିଡ଼ ଜମାଇ ଯୋଜନା ସମ୍ପର୍କରେ ଜାଣିବାକୁ ଚାହୁଁଛନ୍ତି। ନୂତନ ଭାବେ ଆବେଦନ କରିବାକୁ ଚାହୁଁଥିବା ଚାଷୀମାନେ ମଧ୍ୟ ପଞ୍ଚାୟତ କାର୍ଯ୍ୟାଳୟରେ ଭିଡ଼ ଜମାଉଛନ୍ତି। ଭଞ୍ଜନଗର ବିଡ଼ିଓ ଅନିଲ କୁମାର ସେଠୀ କହିଛନ୍ତି, ବର୍ତ୍ତମାନ ୬୯୩୮ ଚାଷୀଙ୍କ ନାମ ପଞ୍ଜୀକରଣ ହୋଇଛି । ଯେଉଁମାନଙ୍କ ନାମ ନାହିଁ ସେମାନେ ୧୦ ତାରିଖ ସୁଦ୍ଧା ଆବେଦନ କରିପାରିବେ । ସରକାରୀ ଚାକିରିଆ, ପେନସନ୍‌ଧାରୀ ଏବଂ ଆୟକର ଦେଉଥିବା ବ୍ୟକ୍ତିଙ୍କ ନାମକୁ ଚାଷୀ ତାଲିକାରୁ ବାଦ ଦିଆଯିବ। ଯୋଜନା ସମ୍ପର୍କରେ ସମସ୍ତଙ୍କୁ ଅଧିକ ସଚେତନ କରାଇବା ପାଇଁ ଗୁରୁବାର ବ୍ଲକରେ ଏକ ସମୀକ୍ଷା ବୈଠକ ହେବ।



ଭଞ୍ଜନଗର ବ୍ଲକ ଦଦରାଲୁଣ୍ଡା ପଞ୍ଚାୟତ କାର୍ଯ୍ୟାଳୟରେ ଆବେଦନକାରୀଙ୍କ ଭିଡ଼ ।

## କନ୍ଧମାଳ କରାଟେ ପ୍ରତିଯୋଗୀଙ୍କ ସଫଳତା

ଫୁଲବାଣୀ ଅଫିସ, ୨ା୧

କନ୍ଧମାଳ ଜିଲାର କରାଟେ ପ୍ରତିଯୋଗୀ ମୁମ୍ବାଇଠାରେ ଚାଲିଥିବା ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଭାଗନେଇ ଜିଲାପାଇଁ ଗୌରବ ଆଣିଛନ୍ତି। ପ୍ରତିଯୋଗୀମାନେ ସ୍ୱର୍ଣ୍ଣ, ରୌପ୍ୟ ଏବଂ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଗତ ୨୭ ଓ ୨୮ ତାରିଖ ଦୁଇଦିନ ହୋଇଥିବା ଉକ୍ତ ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଜିଲାର ୧୨ ପ୍ରତିଯୋଗୀ ଭାଗ ନେଇଥିଲେ । ସେମାନଙ୍କ ମଧ୍ୟରେ ୨ ବାଳିକା ଓ ୧୦ ଜଣ ବାଳକ । କନ୍ଧମାଳ କରାଟେ ସଂଘର ମୁଖ୍ୟ ରାଜେଶ କୁମାର ବେହେରା ସ୍ୱର୍ଣ୍ଣ ପଦକ ପାଇଥିବା ବେଳେ ଛାତ୍ର ବିଷ୍ଣୁ ଚନ୍ଦ୍ର ଦିଗାଲ ରୌପ୍ୟ, ଦେବବ୍ରତ ବେହେରା ବ୍ରୋଞ୍ଜ, ଛାତ୍ରୀ ମଧୁସ୍ମିତା ସାହାଣି ରୌପ୍ୟ, ଆଦ୍ୟାଶା ବେହେରା ବ୍ରୋଞ୍ଜ, ଧବଳେଶ୍ୱର ଦିଗାଲ (୨ଟି ବ୍ରୋଞ୍ଜ), ଦେବାଶିଷ୍ ହରପାଲ୍ ରୌପ୍ୟ ଏବଂ ବ୍ରୋଞ୍ଜ, ପ୍ରିତମ କୁମାର ବ୍ରୋଞ୍ଜ, ଅମରଜିତ୍ ବେହେରା ସ୍ୱର୍ଣ୍ଣ ଏବଂ ବ୍ରୋଞ୍ଜ ପଦକ ପାଇଥିବା ସଂଘ ପକ୍ଷରୁ ସୂଚନା ଦିଆଯାଇଛି ।

## କାଳିଆ ଯୋଜନା ପାଇଁ ପଞ୍ଜୀକରଣ

ବେଗୁନିଆପଡ଼ା,୨ା୧(ଡି.ଏନ.ଏ.)

ରାଜ୍ୟ ସରକାର କୃଷକମାନଙ୍କ ପାଇଁ କାଳିଆ ଯୋଜନାର ଶୁଭାରମ୍ଭ କରିଛନ୍ତି। ବେଗୁନିଆପଡ଼ା ବ୍ଲକରେ ବୁଧବାରଠାରୁ ପ୍ରତ୍ୟେକ ପଞ୍ଚାୟତରେ ପଞ୍ଜୀକରଣ ଆରମ୍ଭ ହୋଇଛି । ପଞ୍ଚାୟତରେ ୨ ନାଲି ଓ ନୀଳ ବକ୍ସ ରଖାଯାଇଛି। ପ୍ରଶାସନ ପକ୍ଷରୁ ନାଲି ଓ ନୀଳ ଫର୍ମ ପ୍ରଦାନ କରାଯାଉଛି । ଚାଷୀ ପଞ୍ଜୀକରଣ ପାଇଁ ନୀଳ ଫର୍ମରେ ଆବେଦନ କରୁଥିବା ବେଳେ ବାଦ ପାଇଁ ନାଲି ଫର୍ମ ବ୍ୟବହାର କରାଯାଉଛି ।



ପଞ୍ଜୀକରଣ କେନ୍ଦ୍ର।

## ହିଞ୍ଜିଳିରେ ଗଡ଼ିଲା 'କାଳିଆ' ରଥ

ହିଞ୍ଜିଳିକାଟୁ,୨ା୧(ଡି.ଏନ୍.ଏ.)

ନିୟନ୍ତ୍ରିତ ବଜାର କମିଟି ହିଞ୍ଜିଳିକାଟୁ ତରଫରୁ ବୁଧବାର ଚାଷୀଙ୍କ ସଚେତନତା ପାଇଁ କାଳିଆ ରଥର ଶୁଭାରମ୍ଭ ହୋଇଛି। ହିଞ୍ଜିଳିକାଟୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରସନ୍ନ କୁମାର ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ କାଳିଆ ରଥର ଶୁଭାରମ୍ଭ କରିଥିଲେ। କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ୨୫ହଜାର ଟଙ୍କା ସହାୟତା, ଭୂମିହୀନ ଚାଷୀ ପରିବାରଙ୍କୁ ୧୨ହଜାର ୫ଶହ ଟଙ୍କାର ସହାୟତା ପ୍ରଦାନ ପାଇଁ ସରକାର ନିଷ୍ପତି ନେଇଛନ୍ତି। କୃଷକ ବୀମା ସହାୟତା, ଅସମର୍ଥ କୃଷକଙ୍କୁ ଏକକାଳୀନ ୧୦ହଜାର ଟଙ୍କା ସହାୟତା ପ୍ରଦାନ କରାଯିବ। କୃଷକର ଉନ୍ନତି ଓ ସଶକ୍ତିକରଣ ନିମନ୍ତେ ସରକାରଙ୍କ ତରଫରୁ ଘୋଷିତ କାଳିଆ ଯୋଜନାର ସଚେତନ ପାଇଁ ଏହି ରଥ ହିଞ୍ଜିଳିକାଟୁ ବ୍ଲକ ସମେତ ଛତ୍ରପୁର ଉପଖଣ୍ଡରେ ବୁଲିବ ବୋଲି ବିଡ଼ିଓ ପାତ୍ର କହିଥିଲେ। ଉଦ୍‌ଘାଟନ କାର୍ଯ୍ୟକ୍ରମକୁ ଆର୍‌ଏମ୍‌ସି ସମ୍ପାଦକ ବିନାୟକ ବିଶ୍ୱାଳ ସଂଯୋଜନା କରିଥିଲେ। ଏଥିରେ କମିଟି ସଭ୍ୟ ପ୍ରଦୀପ କୁମାର ପଣ୍ଡା, କୃଷି ଅଧିକାରୀ ଅମର ପ୍ରସାଦ ସାହୁ, ବଜାର କମିଟିର ସହକାରୀ ଯନ୍ତ୍ରୀ ଆଶୀର୍ବାଦ ମହାନ୍ତି, କନିଷ୍ଠ ଯନ୍ତ୍ରୀ ସରୋଜ କୁମାର ମଲ୍ଲିକ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ।



କାଳିଆ ରଥକୁ ଉଦ୍‌ଘାଟନ କରୁଛନ୍ତି ବିଡିଓ ଓ ଅନ୍ୟମାନେ।

## ଧାନ ଅମଳ ମେଶିନ ଓଲଟି ୩ ଶ୍ରମିକ ଗୁରୁତର

ପାରଳାଖେମୁଣ୍ଡି, ୨ା୧(ସ୍ୱ.ପ୍ର.)

ଗଜପତି ଜିଲା ପାରଳାଖେମୁଣ୍ଡି ସହର ଉପକଣ୍ଠ ରାଣୀପେଣ୍ଠ ଗ୍ରାମରେ ବୁଧବାର ଏକ ଧାନ ଅମଳ ମେଶିନ ଓଲଟି ପଡ଼ିବାରୁ ୩ଜଣ ମହିଳା ଶ୍ରମିକ ଚାପିହୋଇ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ରାଣୀପେଣ୍ଠ ଗ୍ରାମର ଏଲ୍.ଅନୁରାଧା (୩୬), କେ.କାଳା (୩୮) ଏବଂ କେ.ହେମଲତା (୩୪)। ସୂଚନା ଅନୁଯାୟୀ, ରାଣୀପେଣ୍ଠ ଗ୍ରାମରେ ଉକ୍ତ ୩ ମହିଳା ଶ୍ରମିକ କାମସାରି ଗୋଟିଏ ଧାନ ଅମଳ ମେଶିନ ଉପରେ ବସି ଫେରୁଥିବାବେଳେ ଏହା ଓଲଟି ପଡିବାରୁ ଶ୍ରମିକମାନେ ମେଶିନ ତଳେ ଚାପି ହୋଇଯାଇଥିଲେ। ସେମାନଙ୍କୁ ସ୍ଥାନୀୟ ବାସିନ୍ଦା ଉଦ୍ଧାର କରି ପାରଳାଖେମୁଣ୍ଡିସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଓ ପରେ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଥିଲା।

## ପାଇପ୍‌ଲାଇନ୍ ଗାତରେ ପଡ଼ି ଯୁବକ ମୃତ

ଧରାକୋଟ, ୨ା୧(ଡି.ଏନ୍.ଏ.)

ଧରାକୋଟ ନିକଟସ୍ଥ ମୁଣ୍ଡମରାଇ ଭଣ୍ଡାରିବସା ମଧ ଭାଗରେ ଚାଲିଥିବା ଜାନିବିଲି-ବ୍ରହ୍ମପୁର ପାନୀୟଜଳ ପ୍ରକଳ୍ପ ପାଇପ ବିଛାଇବା ପାଇଁ ଖୋଳାଯାଇଥିବା ଗାତରୁ ବୁଧବାର ସନ୍ଧ୍ୟାରେ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି। ସେ ହେଲେ ମୁଣ୍ଡମରାଇ ଗ୍ରାମର କୃଷ୍ଣ ସାହୁ (୪୦)। ପୋଲିସ ମୃତଦେହ ଜବତ କରି ନଂ.୧/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁକରି ବ୍ୟବଚ୍ଛେଦ ପାଇଁ ପଠାଇଥିବା ଧରାକୋଟ ଥାନା ଅଧିକାରୀ ଶୁଭଲକ୍ଷ୍ମୀ ପୂଜାରୀ କହିଛନ୍ତି। ପ୍ରକାଶ ଯେ, ଏହି ପ୍ରକଳ୍ପ କାମ ଏଲ୍ ଆଣ୍ଡ ଟି କମ୍ପାନୀ କରୁଛି। ଜାନବିଲିଠାରୁ ବ୍ରହ୍ମପୁର ପର୍ଯ୍ୟନ୍ତ ପ୍ରାୟ ୪୨ କି.ମି ପର୍ଯ୍ୟନ୍ତ ପାଇପ ବିଛା ହେଉଛି। ଏନ୍‌ଏଚ୍ ୫୯ ପାର୍ଶ୍ୱରେ ଏହି କାମ ଚାଲିଥିଲେ ମଧ କମ୍ପାନୀ ପକ୍ଷରୁ ଖୋଳା ଯାଇଥିବା ଗାତ ପାଖରେ ବ୍ୟାରିକେଟ କିମ୍ବା ସତର୍କ ସୂଚନା ରହୁନାହିଁ। ଫଳରେ କୃଷ୍ଣ ଗାତରେ ପଡି ମୃତ୍ୟୁ ବରଣ କରିଛନ୍ତି। ଧରାକୋଟ ପୋଲିସ ପହଞ୍ଚି ଦମକଳବାହିନୀ ସହାୟତାରେ ଗର୍ତ୍ତ ଭିତରୁ ଗଳିତ ମୃତଦେହ ଉଦ୍ଧାର କରିଥିଲା। କୃଷ୍ଣଙ୍କ ଘରେ ତାଙ୍କ ବୃଦ୍ଧ ବାପା ଏକାକୀ ଥିବାବେଳେ, ମଙ୍ଗଳବାର ସେ କୌଣସି କାମରେ ଆସି ଖାଲରେ ପଡିଯାଇଥିବା ଅନୁମାନ କରାଯାଉଛି। ମୃତକଙ୍କ ପରିବାରକୁ ସରକାର ଓ କମ୍ପାନୀ ପକ୍ଷରୁ ସହାୟତା ଯୋଗାଇ ଦେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଏଥିସହ ଖୋଳା ଯାଉଥିବା ଗାତ ନିକଟରେ ସତର୍କ ସୂଚନା ଓ ବ୍ୟାରିକେଟ ନିର୍ମାଣ ପାଇଁ ମଧ ଦାବି କରିଛନ୍ତି।

## ୨ ମନ୍ତ୍ରୀଙ୍କୁ ଭେଟିଲେ ପୂର୍ବତନ ବ୍ଲକ ବିଜେଡି ସଭାପତି

ଗଞ୍ଜାମ,୨ା୧(ଡି.ଏନ.ଏ.)

ଗଞ୍ଜାମ ବ୍ଲକ ଅଞ୍ଚଳର ଚାଷୀମାନଙ୍କ ବିଭିନ୍ନ ସମସ୍ୟା ନେଇ ବିଜେଡିର ପୂର୍ବତନ ବ୍ଲକ ସଭାପତି ତଥା ପୋଇରାଶି ପଞ୍ଚାୟତ ପୂର୍ବତନ ସମିତିସଭ୍ୟ ବନବାସୀ ଖୁଣ୍ଟିଆ ରାଜ୍ୟ କୃଷି ମନ୍ତ୍ରୀ ପ୍ରଦୀପ ମହାରଥୀ ଏବଂ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ସୂର୍ଯ୍ୟ ନାରାୟଣ ପାତ୍ରଙ୍କୁ ମଙ୍ଗଳବାର ଭେଟି ଆଲୋଚନା କରିଛନ୍ତି। ତିତ୍‌ଲି ବାତ୍ୟା ଓ ବନ୍ୟାରେ ବ୍ଲକ ଅଞ୍ଚଳର ବ୍ୟାପକ ଫସଲ ନଷ୍ଟ ହୋଇଥିବା ନେଇ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏଥିସହିତ ପଞ୍ଚାୟତରେ ବର୍ତ୍ତମାନ ପର୍ଯ୍ୟନ୍ତ ଧାନମଣ୍ଡି ଖୋଲା ଯାଇ ନ ଥିବା ଅବଗତ କରିଥିଲେ। ପୂର୍ବରୁ ଉଭୟ ମନ୍ତ୍ରୀଙ୍କୁ ନବବର୍ଷ ଉପଲକ୍ଷେ ପୁଷ୍ପଗୁଚ୍ଛ ପ୍ରଦାନ କରି ଅଭିନନ୍ଦନ ଜଣାଇଥିଲେ। ମନ୍ତ୍ରୀ ମହାରଥୀ ଏନେଇ ଜିଲାପାଳଙ୍କ ସହ ଆଲୋଚନା କରିବେ ବୋଲି ପ୍ରତିଶ୍ରୁତି ଦେଇଥିବା ଖୁଣ୍ଟିଆ ଗଣମାଧମକୁ ସୂଚନା ଦେଇଛନ୍ତି। ମନ୍ତ୍ରୀଙ୍କୁ ଭେଟିବା ସମୟରେ ପୂର୍ବତନ ପୋଇରାଶି ସରପଞ୍ଚ ବଂଶୀଧର ବେହେରା, କବିରାଜ ବେହେରା, ପ୍ରଫୁଲ୍ଲ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ବୁଧବାର ଉପରୋକ୍ତ ବ୍ୟକ୍ତିମାନ ଗଞ୍ଜାମ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜ୍ୟୋତି ଶଙ୍କର ରାଏଙ୍କୁ ଭେଟି ନବବର୍ଷ ଶୁଭେଚ୍ଛା ଜଣାଇ ଥିଲେ।



ଖାଦ୍ୟ ଯୋଗାଣ ମନ୍ତ୍ରୀଙ୍କୁ ଫୁଲତୋଡ଼ା ପ୍ରଦାନ।

### ଗୌତମ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ

## ଆସିକାକୁ ହରାଇ ବେଗୁନିଆପଡ଼ା ବିଜୟୀ

ହିଞ୍ଜିଳିକାଟୁ,୨ା୧(ଡି.ଏନ୍.ଏ.)

ରୟାଲ କ୍ରିକେଟ କ୍ଲବ ପକ୍ଷରୁ ସ୍ଥାନୀୟ କଲେଜ ଷ୍ଟାଡିୟମରେ ଚାଲିଥିବା ଗୌତମ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ୨ୟ ଲିଗ ମ୍ୟାଚରେ ବୁଧବାର ପାୟୋନିୟର କ୍ରିକେଟ କ୍ଲବ ବେଗୁନିଆପଡ଼ା ୧୭ ରନରେ ଋଷିକୁଲ୍ୟା କ୍ରିକେଟ କ୍ଲବ ଆସିକାକୁ ପରାସ୍ତ କରିଛି। ଟସ୍ ଜିତି ଆସିକା ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା। ବେଗୁନିଆପଡ଼ା ଦଳ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୮ ଉଇକେଟ ହରାଇ ୨୦୨ ରନ କରିଥିଲା। ଜବାବରେ ଆସିକା ଦଳ ୧୯.୨ ଓଭରରେ ୧୮୫ରନ କରି ଅଲଆଉଟ ହୋଇଯାଇଥିଲା। ବେଗୁନିଆପଡ଼ା ଟିମ୍‌ର ଶିବଶଙ୍କର ମାଝିଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ କରାଯାଇଥିଲା। ମ୍ୟାଚକୁ ବିଭୂତି ଜେନା ଓ ଦିନେଶ ପାଣିଗ୍ରାହୀ ପରିଚାଳନା କରିଥିଲେ। ରୁଦ୍ର ପାଣିଗ୍ରାହୀ, ରାଜା ସାମଲ, ପ୍ରଭାତ ମହାରଣା, ପ୍ରଶାନ୍ତ ନାୟକ, ବିନାୟକ ପଟ୍ଟନାୟକ, ଉମା ସାବତ, ପ୍ରତାପ ଡାକୁଆ, ରଶ୍ମି ସାହୁ, କେଶବ ମହାରଣା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

### କେଦାରନାଥ ସ୍ମାରକୀ ଭଲିବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ

## ପାୱାର ସିକ୍ସ, ପାଣ୍ଡିଆ ବିଜୟୀ

ବେଗୁନିଆପଡ଼ା, ୨ା୧(ଡି.ଏନ.ଏ.)

ବେଗୁନିଆପଡ଼ା ବ୍ଲକ ଷଣ୍ଢମୂଳ ପଞ୍ଚାୟତର କେ.ଶାଳବଣ ଠାରେ ଆୟୋଜିତ କେଦାରନାଥ ସ୍ମାରକୀ ଭଲିବଲ ଟୁର୍ନାମେଣ୍ଟ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ବ୍ରହ୍ମପୁର ପାୱାର ସିକ୍ସ ଓ କାରଗିଲ ଦଳ ମଧ୍ୟରେ ଖେଳା ଯାଇଥିଲା। ପାୱାର ସିକ୍ସ ୫-୨ ସେଟରେ ବିଜୟୀ ହୋଇଥିଲା। ସେହିପରି ଅନ୍ୟଏକ ଟୁର୍ନାମେଣ୍ଟରେ ବିକ୍ରମପୁର ଦଳକୁ ପାଣ୍ଡିଆ ଦଳ ୩-୧ ସେଟରେ ହରାଇଥିଲା। ମ୍ୟାଚକୁ ଅକ୍ଷୟ କୁମାର ଡ଼ାକୁଆ ପରିଚାଳନା କରିଥିବାବେଳେ କମଳ ଲୋଚନ ସ୍ୱାଇଁ, ଅନୁ ସ୍ୱାଇଁ, ସୁଶାନ୍ତ କୁମାର ସ୍ୱାଇଁଙ୍କ ସମେତ ଘରୋଇ ମା' ବାହୁଡି ଭଲିବଲ ଦଳର ସମସ୍ତ ସଦସ୍ୟ ଓ କେ.ଶାଳବଣ ଗ୍ରାମବାସୀ ସହଯୋଗ କରିଥିଲେ। ଉଦଯାପନୀ ଦିବସରେ ଜିଲା ପରିଷଦ ସଦସ୍ୟ ପ୍ରଫୁଲ୍ଲ କୁମାର ତିଆଡ଼ି ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ବ୍ଲକ ବିଜେଡି ସଭାପତି ବିଜୟ କୁମାର ଦୋରା, ସମ୍ପାଦକ ଶରତ ଚନ୍ଦ୍ର ପାଣ୍ଡି, ପୂର୍ବତନ ଜିଲା ପରିଷଦ ସଦସ୍ୟ ତ୍ରିନାଥ ଭୂୟାଁ, ଗଞ୍ଜାମ ଜିଲା ଭଲିବଲ ସଂଘ ସଭାପତି ହୃଷିକେଶ ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଓ ରନର୍ସଅପ ଦଳକୁ ଟ୍ରଫି ସହ ପୁରସ୍କାର ପ୍ରଦାନ କରିଥିଲେ। ଏହି ଟୁର୍ନାମେଣ୍ଟରେ ୧୬ଟି ଦଳ ଭାଗ ନେଇଥିବାବେଳେ ଡିସେମ୍ବର ୧୦ରୁ ଆରମ୍ଭ ହୋଇଥିଲା।



ଚାମ୍ପିୟନ ଦଳକୁ ଟ୍ରଫି ପ୍ରଦାନ କରାଯାଉଛି।

## ଦାରିଙ୍ଗବାଡ଼ିରେ ଶୀତ ଜାରି, ସର୍ବନିମ୍ନ ତାପମାତ୍ରା ୫ ଡିଗ୍ରୀ

ଦାରିଙ୍ଗବାଡ଼ି, ୨ା୧(ଡି.ଏନ.ଏ)

ଦାରିଙ୍ଗବାଡ଼ି ବ୍ଲକ ଅଞ୍ଚଳରେ ଶୀତ ଲହରି ଜାରି ରହିଛି। ବୁଧବାର ସକାଳ ୮ଟା ସୁଦ୍ଧା ତାପମାତ୍ରା ସର୍ବନିମ୍ନ ୫ଡିଗ୍ରୀ ରହିଥିବା ରେକର୍ଡ଼ ସଂଗ୍ରହ କରାଯାଇଛି । ତେବେ ଦିନରେ ଶୀତର ପ୍ରକୋପ ଧୀରେ ଧୀରେ କମୁଛି। ସେପଟେ ଡିସେମ୍ବର ଶେଷ ସପ୍ତାହଠାରୁ ବୁଧବାର ପର୍ଯ୍ୟନ୍ତ ବିଭିନ୍ନ ପର୍ଯ୍ୟଟନ କେନ୍ଦ୍ରରେ ପର୍ଯ୍ୟଟକଙ୍କ ଭିଡ଼ ଦେଖିବାକୁ ମିଳିଛି। ଡୁଲୁରୀ ପାଇନ ବଣ, ମିଡ଼ିୟୁବାନ୍ଧା ୱାଟରଫଲ, କଫି ବଗିଚା, ହିଲଭିୟୁ ପାର୍କ, ନେଚର ପାର୍କ, କିରିକୁଟି ଲଭର୍ସ ପଏଣ୍ଟ, ସାଇଲେଣ୍ଟ ଭ୍ୟାଲି ଆଦି ପର୍ଯ୍ୟଟକମାନେ ବୁଲିବା ସହ ବଣଭୋଜି କରି ଶୀତର ମଜା ନେଉଛନ୍ତି। ୩୧ ତାରିଖ ସୁଦ୍ଧା ଦାରିଙ୍ଗବାଡ଼ି ଅଞ୍ଚଳକୁ ଲକ୍ଷାଧିକ ପର୍ଯ୍ୟଟକ ଆସିଥିବା ଏକ ରେକର୍ଡ଼ରୁ ଜଣାପଡ଼ିଛି। କେବଳ ହିଲଭିୟୁ ପାର୍କରେ ୮୧, ୫୪୬ ପର୍ଯ୍ୟଟକ ବୁଲିଥିବା ବେଳେ ୭୮,୯୬୨ ଜଣ ନେଚର ପାର୍କ ଆସିଥିବା ଜଙ୍ଗଲ ଓ ପରିବେଶ ବିଭାଗ ସୂତ୍ରରୁ ଜଣାପଡ଼ିଛି ।



ହିଲଭିୟୁ ପାର୍କରେ ପର୍ଯ୍ୟଟକଙ୍କ ଭିଡ଼।

### ଗତବର୍ଷଠାରୁ ବଢ଼ିଲେ ପର୍ଯ୍ୟଟକ

ସେହିପରି କଫି ବଗିଚାକୁ ମଧ ହଜାର ହଜାର ପର୍ଯ୍ୟଟକ ଆସିଛନ୍ତି। ପ୍ରତିବର୍ଷ ପର୍ଯ୍ୟଟକ ସଂଖ୍ୟା ବୃଦ୍ଧି ପାଉଥିଲେ ସୁଦ୍ଧା ଜିଲା ପ୍ରଶାସନ ପକ୍ଷରୁ ମୌଳିକ ସୁବିଧା କରାଯାଉନାହିଁ। ପିଇବା ପାଣି ସହ ବଣ ଭୋଜି ପାଇଁ କୌଣସି ସୁବିଧା କରାଯାଉ ନ ଥିବାରୁ ପର୍ଯ୍ୟଟକଙ୍କ ମନରେ ଅସନ୍ତୋଷ ଦେଖାଦେଉଛି ।